ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ସେପ୍ଟେମ୍ବର ୪/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Sambalpur, Sunday, September 4/2022 | Page 14 | ₹ 7.00 | ★★
୧୮ଶ ଭାଗ ୨୫୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 258 | ମୂଲ୍ୟ ₹୭/-



**ବଲିଉଡ୍‌ରେ ରଶ୍ମିକା**
ଟଲିଉଡ୍ ଅଭିନେତ୍ରୀ ରଶ୍ମିକା ମନ୍ଦାନା 'ଗୁଡ୍ ବାଏ' ଫିଲ୍ମ ଜରିଆରେ ବଲିଉଡ୍‌ରେ ବିଗ୍ ବିଙ୍କ ସହ ସିନେମା ସ୍କ୍ରିନ୍ ଶେୟାର କରିବେ। ୧୦

୧୪ **ଲାରା ସନରାଇଜର୍ସର ମୁଖ୍ୟ କୋଚ୍**
ୱେଷ୍ଟଇଣ୍ଡିଜ କ୍ରିକେଟ କିମ୍ବଦନ୍ତୀ ବ୍ରାଏନ ଲାରା ସନରାଇଜର୍ସ ହାଇଦ୍ରାବାଦର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି।



# ଦିଲ୍ଲୀରେ ପୁରସ୍କାର, ବଲଣ୍ଡାରେ ତିରସ୍କାର

- ପ୍ରଥମ ଖଣି ବିସ୍ଥାପିତଙ୍କ ଦୁଃଖ ଦୂର କରିପାରିନାହିଁ ଏମ୍‌ସିଏଲ୍
- ତାଳଚେର ହାଣ୍ଡିଧୁଆ ପୁନର୍ବସତି କଲୋନୀରେ ନାହିଁ ମୌଳିକ ସୁବିଧା
- ୬୨ ବର୍ଷ ପରେ ବି ନ୍ୟାୟ ମିଳି ନ ଥିବା ଜମିହରାଙ୍କ ଅଭିଯୋଗ

ମନୋଜ ନନ୍ଦ
ତାଳଚେର, ୩।୯

୬୨ ବର୍ଷ ତଳେ ୪୧୧ ପରିବାରର ପୈତୃକ ଜମି ନିଆଗଲା। ପରେ ବାସଗୃହ ଅଧିଗ୍ରହଣ କରି ପ୍ରଥମ ଖଣି ଖୋଳାଗଲା। କୋଇଲା ଶେଷ ହୋଇଯିବାରୁ ୧୬ ବର୍ଷ ହେଲା ଖନନ ବନ୍ଦ ହେଲାଣି। ହେଲେ ଖଣି ପାଇଁ ବାସ ହରାଇଥିବା ବିସ୍ଥାପିତଙ୍କୁ ସମ୍ପୂର୍ଣ୍ଣ ନ୍ୟାୟ ଦେଇପାରି ନାହିଁ ମହାନଦୀ କୋଲ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)। ରେକର୍ଡ ପରିମାଣର କୋଇଲା ଉତ୍ପାଦନ ପାଇଁ ନିକଟରେ ଭାରତ ସରକାରଙ୍କ ପକ୍ଷରୁ ଏମ୍‌ସିଏଲ୍‌କୁ ପୁରସ୍କୃତ କରାଯିବା ପରେ ଏପରି ଗମ୍ଭୀର ଅଭିଯୋଗ ଆଣିଛନ୍ତି ଅନୁଗୋଳ ଜିଲା ତାଳଚେର ବଲଣ୍ଡା ଖଣି ଅଞ୍ଚଳର କେତେଜଣ ବିସ୍ଥାପିତ। ଥଇଥାନ ନାମରେ ଗଢ଼ାଯାଇଥିବା ପୁନର୍ବାସ କଲୋନୀରେ ବାସହରାଙ୍କ ପାଇଁ ସାମାନ୍ୟ ମୌଳିକ ସୁବିଧା କରିପାରି ନ ଥିବା କମ୍ପାନୀ ପୁରସ୍କାର ପାଇଁ ନୁହେଁ, ତିରସ୍କାର ଯୋଗ୍ୟ ବୋଲି ସମ୍ପୃକ୍ତ ବିସ୍ଥାପିତମାନେ କ୍ଷୋଭର ସହ କହିଛନ୍ତି।

କ୍ଷତିଗ୍ରସ୍ତମାନଙ୍କ କହିବା ଅନୁଯାୟୀ, ୧୯୬୦ ମସିହାରେ ତାଳଚେରରେ ପ୍ରଥମ କରି ସାଉଥ୍‌ବଲଣ୍ଡା ପୋଖରିଆ ଖାଦାନ ନିମନ୍ତେ ଏମ୍‌ସିଏଲ୍ ବଲଣ୍ଡା ଗ୍ରାମବାସୀଙ୍କ ୬୬୨ ଏକର ଜମି ଅଧିଗ୍ରହଣ କରିଥିଲା। ୧୯୬୨ରେ ଜଗନ୍ନାଥ ପୋଖରିଆ ଖାଦାନ ପାଇଁ ୨୩୮ ଏକର ଜମି କୋଲ ବିୟରିଂ ଆକ୍ଟ ଅନୁଯାୟୀ ଅକ୍ତିଆର କରିଥିଲା। ୧୯୮୫ ମସିହାରେ କମ୍ପାନୀ ସମ୍ପୂର୍ଣ୍ଣ ବାସଗୃହ ସହିତ ଆଉ ୨୭୩ ଏକର ହାତେଇ ନେଇଥିଲା। ଏହାପରେ ଜମି ଓ ବାସଗୃହ ହରାଇଥିବା ମୋଟ ୪୧୧ ପରିବାରକୁ ଥଇଥାନ କରିବାକୁ ଏମ୍‌ସିଏଲ୍ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ୧୯୯୨ ମସିହାରେ ହାଣ୍ଡିଧୂଆ ନିକଟରେ ୩୨୧ ପରିବାରଙ୍କ ରହଣି ଉଦ୍ଦେଶ୍ୟରେ ମାତ୍ର ୨୪ ଏକର ଜାଗାରେ ପୁନର୍ବସତି କଲୋନୀ ସ୍ଥାପନ କରାଗଲା। ବାକି ୯୦ ପରିବାରକୁ ବାଘମରାଠାରେ ପ୍ଲଟ ଦିଆଗଲା। କିନ୍ତୁ ବାଘମରାଠାରେ ବାସୋପଯୋଗୀ ସୁବିଧା ନ ଥିବାବେଳେ ହାଣ୍ଡିଧୂଆ କଲୋନୀରେ ମଧ୍ୟ ସରକାରୀ ନିୟମର ଅନୁପାଳନ କରାଗଲା ନାହିଁ। ରାଜ୍ୟ ସରକାରଙ୍କ ୨ ଜାନୁୟାରୀ ୧୯୮୯ ବିଜ୍ଞପ୍ତି ଅନୁଯାୟୀ ପ୍ରତ୍ୟେକ ବିସ୍ଥାପିତ ପରିବାର ପିଛା ୦.୧୦ ଡିସିମିଲ ଜମି, ବିସ୍ଥାପିତ କଲୋନୀରେ ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ସ୍କୁଲ ଗୃହ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ଚିତ୍ତବିନୋଦନ କେନ୍ଦ୍ର, ପୋଖରୀ, ଖେଳପଡ଼ିଆ, ଭେଟେରିନାରି ସେଣ୍ଟର, ଦୋକାନ ଗୃହ ଓ ବୃକ୍ଷରୋପଣ ସୁବିଧା ଯୋଗାଇ ଦିଆଯିବା କଥା। କିନ୍ତୁ ଏମ୍‌ସିଏଲ୍ ପକ୍ଷରୁ ବିସ୍ଥାପିତଙ୍କୁ ୦.୫ ଡିସିମିଲ ଲେଖାଏ ଜାଗା ଯୋଗାଇ ଦିଆଯାଇଛି। ଏଥିସହ ବାରମ୍ବାର ଅଭିଯୋଗ ପରେ ୨୬ ଜୁଲାଇ ୨୦୧୬ରେ ଅତି ସଂକୀର୍ଣ୍ଣ ରାସ୍ତା ନିର୍ମାଣ କରାଯାଇଛି। ଷ୍ଟ୍ରିଟ ଲାଇଟ୍ ବ୍ୟବସ୍ଥା ନ କରିବାରୁ ପୌର ପରିଷଦ ପକ୍ଷରୁ ଲାଇଟ୍ ଲଗାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିତ୍ତବିନୋଦନ କେନ୍ଦ୍ର, ଦୋକାନଗୃହ କାର୍ଯ୍ୟକାରୀ ନ ହେବାରୁ ☞ପୃଷ୍ଠା-୪



ହାଣ୍ଡିଧୁଆ ପୁନର୍ବସତି କଲୋନୀକୁ ନିର୍ମାଣ କରାଯାଇଥିବା ଅତି ସଂକୀର୍ଣ୍ଣ ରାସ୍ତା।

**ସବୁ ବ୍ୟବସ୍ଥା କରାଯାଇଥିବା ନେଇ ପ୍ରଧାନମନ୍ତ୍ରୀଙ୍କୁ ମିଛ କହିଛି ଏମ୍‌ସିଏଲ୍**

# ଓଡ଼ିଶାର ଆକ୍ସନ ପ୍ଲାନ୍‌କୁ କେନ୍ଦ୍ରର ମଞ୍ଜୁରୀ

*ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୨୦ରୁ ୨୦୩୦ ପର୍ଯ୍ୟନ୍ତ ଏକ ୧୦ ବର୍ଷିଆ ରାଜ୍ୟ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛି। ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି। ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇ ଜୀବନଜୀବିକାକୁ ସୁରକ୍ଷା ଯୋଗାଇବାରେ ଏହା ସହାୟକ ହେବ। ଏହାସହ ଆଗାମୀ ଦିନରେ ଖାଦ୍ୟ ସଙ୍କଟକୁ ପ୍ରତିହତ କରିବା ଲାଗି କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ରାଜ୍ୟ ସରକାର କେନ୍ଦ୍ର ସହଯୋଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ସକ୍ଷମ ହେବେ।*

ଭୁବନେଶ୍ୱର,୩।୯ (ବ୍ୟୁରୋ)

**ଜଳବାୟୁ ପରିବର୍ତ୍ତନ**
- କୃଷି, ଜୀବନଜୀବିକାକୁ ବିପଦ ଘନେଇଛି
- ୭୦ ଦିନକୁ ଖସିଲାଣି ମୌସୁମୀ ବର୍ଷା
- ପ୍ରସ୍ତୁତ ହେବ ବିଭିନ୍ନ ଯୋଜନା

ଓଡ଼ିଶାରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା ଏବଂ ପରିଚାଳନା କରିଆସୁଥିବା ରାଜ୍ୟ ସରକାର ୨୦୨୦ ଫେବୃୟାରୀରେ ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍‌କୁ ଅନୁମୋଦନ କରିବା ସକାଶେ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିଲେ। ଉକ୍ତ ପ୍ରସ୍ତାବରେ କିଛି ପରିବର୍ତ୍ତନ କରିବା ଲାଗି କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ଆବଶ୍ୟକ ସଂଶୋଧନ ପରେ ଉକ୍ତ ଆକ୍ସନ ପ୍ଲାନ୍‌କୁ ପୁନର୍ବାର ୨୦୨୧ ଜୁଲାଇରେ କେନ୍ଦ୍ର ନିକଟକୁ ପଠାଯାଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ଅଭିବୃଦ୍ଧି ଅପସରିଯାଉଛି**









ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବେଓଗାଁ ବ୍ଲକ ତଥା ଅର୍ଜୁନପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ନୂଆଁଖାଇ ଜୁହାର
ଶ୍ରୀମତୀ ଗୀତା ଜଗଦଲା
ସରପଞ୍ଚ
ବିରେନ୍ଦ୍ର ନାଗ
ନିର୍ବାହୀ ଅଧିକାରୀ

# ଆମ୍ବେଡକର କ୍ଲବର ନୂଆଁଖାଇ ଭେଟ୍‌ଘାଟ



ଲୋଇସିଂହା,୩।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ଗ୍ରାମର ଆମ୍ବେଡକର କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବନମାଳୀ କାଲସାଏ ଅଧ୍ୟକ୍ଷତା କରିଥିଲେ। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଦ୍ରୋଣ କୁମ୍ଭାର, ସମିତି ସଭ୍ୟା ପାର୍ବତୀ ତ୍ରିପାଠୀ, ପ୍ରଶାନ୍ତ ତ୍ରିପାଠୀ, ବେଦପତି ପଧାନ, ମହିମା ବାରିକ, ଫଗନୁ କୁମ୍ଭାର, ବାଳକୃଷ୍ଣ ମହାନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଦେଶରେ ଦଳିତଙ୍କ ଉପରେ ବଢୁଥିବା ଅତ୍ୟାଚାରକୁ ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆମ୍ବେଡକରଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନାଚଗୀତ ପ୍ରତିଯୋଗୀତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍ ଅଞ୍ଚଳର ସମସ୍ତ ଭାଇ ଓ ଭଉଣୀଙ୍କୁ ନୂଆଖାଇ ଜୁହାର ।
ସୂର୍ଯ୍ୟଭାନୁ ମେହେର
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ଭାନପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ମହନ ବେହେରା
କାର୍ଯ୍ୟନିର୍ବାହୀ ଅଧିକାରୀ, ଭାନପୁର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ । ସମସ୍ତଙ୍କୁ ନୂଆଖାଇ ଜୁହାର ।
ଅରବିନ୍ଦ ଧରୁଆ
ବନପାଳ, ହରିଶଙ୍କର

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ବାହୁବଳେନ୍ଦ୍ର ପୁରୋହିତ
କାର୍ଯ୍ୟ ନିର୍ବାହୀ ଅଧିକାରୀ, ଘୁନସର ପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ମାଁ ପାଟଣେଶ୍ୱରୀ ସୁଖ, ଶାନ୍ତି ଓ ସମୃଦ୍ଧି ଆଣି ଦିଅନ୍ତୁ ।
ବ୍ରଜବନ୍ଧୁ ଠାକୁର
ପାଟଣାଗଡ଼

ନୂଆଁଖାଇ ଜୁହାର
ଓଡ଼ିଆପାଲି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ତଥା ଗୁରୁଜନମାନଙ୍କୁ ନୂଆଖାଇ ଜୁହାର ।
ଶାନ୍ତି ଛୁରା
ସରପଞ୍ଚ, ଓଡ଼ିଆପାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।
ନିରୁପମା ପଟେଲ
ଅଧକ୍ଷା, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ବଳଭଦ୍ର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ପବିତ୍ର କାଲସାଏ
ସମ୍ପାଦକ, ଜିଆର୍‌ଏସ୍ ସଂଘ, ଖପ୍ରାଖୋଲ ବ୍ଲକ୍

ଲୁହାସିଂହା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ଡୋଳାମଣି ଦୀପ
କାର୍ଯ୍ୟନିର୍ବାହୀ ଅଧିକାରୀ, ଲୁହାସିଂହା

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ଦିଲ୍ଲୀପ କୁମାର ରାଉତ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ। ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର।
ଗିରିଧାରୀ ନାଗ
ବନାଞ୍ଚଳ ଅଧିକାରୀ, ହରିଶଙ୍କର, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଘୁନସରର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ହେମନ୍ତ କୁମାର ଭୋଇ
ଜି.ଆର୍.ଏସ୍., ଘୁନସର ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ତପନ ମେହେର
କାର୍ଯ୍ୟନିର୍ବାହୀ ଅଧିକାରୀ, ଓଡ଼ିଆପାଲି ଗ୍ରାମପଞ୍ଚାୟତ

ନୂଆଁଖାଇ ଜୁହାର
ଖପ୍ରାଖୋଲ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇର ଜୁହାର ।
ସତ୍ୟାନନ୍ଦ ସେଦ୍ରିଆ
ଭାଜପା ସାଧାରଣ ସମ୍ପାଦକ, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ ଅଞ୍ଚଳର ସମସ୍ତ ଚାଷୀଭାଇଙ୍କୁ ନୂଆଖାଇର ଜୁହାର। ମାଁ ସମଲେଇ ଓ ପଟଣେଶ୍ୱରୀ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ଦିଅନ୍ତୁ ।
କନ୍ଦର୍ପ ସୁଆର
ସଭାପତି, ଲୁହାସିଂହା ପେକ୍ସ

ନୂଆଁଖାଇ ଜୁହାର
ସମସ୍ତଙ୍କ ସୁଖ, ଶାନ୍ତି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି । ନୂଆଖାଇ ଜୁହାର ।
ଚିନ୍ମୟ ପ୍ରଧାନ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ଦୀପକ କୁମାର ବେହେରା
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ସୁଖିରାମ ଷଣ୍ଢ
ଉପାଧକ୍ଷ, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ଖପ୍ରାଖୋଲ ବ୍ଲକ୍ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ଦିନବନ୍ଧୁ କୁମ୍ଭାର
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ୍

ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି । ନୂଆଖାଇ ଜୁହାର ।
ରାଜକିଶୋର ନାଏକ
କନିଷ୍ଠ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ମହରାପଦର ଓ ନାନ୍ଦୁପଲା ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
କ୍ଷୀରଧର ବରିହା
କାର୍ଯ୍ୟନିର୍ବାହୀ ଅଧିକାରୀ, ନାନ୍ଦୁପଲା

ନୂଆଁଖାଇ ଜୁହାର
ତେଲେନପାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂଆଖାଇ ଜୁହାର ।
ଶକୁନ୍ତଳା ବେହେରା
ସରପଞ୍ଚ, ତେଲେନପାଲି ଗ୍ରାମପଞ୍ଚାୟତ

ଖପ୍ରାଖୋଲ ବ୍ଲକ୍‌ର ସମସ୍ତ ଜନସାଧାରଣ, ଶ୍ରମିକ, କୃଷକ, ଯୁବକମାନଙ୍କୁ ମୋର ନୂଆଖାଇ ଜୁହାର ।
ଇଂ. ସୌମ୍ୟକିଶୋର ଜଏପୁରିୟା
ସହକାରୀ ନିର୍ବାହୀ ଯନ୍ତ୍ରୀ, ଖପ୍ରାଖୋଲ ବ୍ଲକ୍

ନୂଆଁଖାଇ ଜୁହାର
ପବିତ୍ର ନୂଆଁଖାଇ ଅବସରରେ ସମସ୍ତ ଜନ ସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସନ୍ତୋଷିନୀ ମହାପାତ୍ର
ସରପଞ୍ଚ, ଗୁଡ଼ଭେଲା
ଗୋପାଳ ସେଠ
ପଞ୍ଚାୟତ ନିର୍ବାହୀ ଅଧିକାରୀ

ନୂଆଁଖାଇ ଜୁହାର
ପବିତ୍ର ନୂଆଁଖାଇ ଅବସରରେ ସମସ୍ତ ଜନ ସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଅମିତ କୁମାର ଜୈନ
ଅଧକ୍ଷ, ମାରୱାଡ଼ି ଯୁବା ମଞ୍ଚ, ତୁସ୍ରା ଶାଖା

ନୂଆଁଖାଇ ଜୁହାର
ପବିତ୍ର ନୂଆଁଖାଇ ଅବସରରେ ସମସ୍ତ ଜନ ସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
କବିତା ମହାନନ୍ଦ
ସରପଞ୍ଚ, ଘୁନା
ଗୋପାଳ ସେଠ
ପଞ୍ଚାୟତ ନିର୍ବାହୀ ଅଧିକାରୀ

ନୂଆଁଖାଇ ଜୁହାର
ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କୁ ନୂଆଁଖାଇ ଜୁହାର । ମାଁ ସମଲେଇ ସମସ୍ତଙ୍କୁ ସୁଖରେ ରଖନ୍ତୁ, ଏତିକି କାମନା ।
ସୁନ୍ଦରମଣି ବାରିକ
ଆନ୍ତର୍ଜାତୀୟ ମାଷ୍ଟର ଆଥଲେଟ, ଆଥଲେଟିକ ସମ୍ପାଦକ, ଜିଲ୍ଲା କ୍ରୀଡ଼ା ସଂଘ ସମ୍ବଲପୁର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୯୭,୧୪,୧୯୫ | ୬୫,୦୨,୦୪୩ | ୫୮,୭୦,୧୦,୭୦୨ |
| ଭାରତ | ୪,୪୪,୪୯,୭୨୬ | ୫,୨୭,୯୬୫ | ୪,୩୮,୬୫,୦୧୬ |
| ଓଡ଼ିଶା | ୧୩,୨୮,୨୪୪ | ୯୧୭୯(+୫୩) | ୧୩,୧୭,୨୭୮ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପୁଣି ବିଦ୍ୟୁତ୍ ଫାଶରେ ହାତୀ

- ୨ ମାସରେ ହିନ୍ଦୋଳ ରେଞ୍ଜରେ ତୃତୀୟ ଘଟଣା
- କେବୁଲିଂ ହେଉନି ୧୧ କେଭି କ୍ଷମତା ବିଶିଷ୍ଟ ତାର
- ୫ ବର୍ଷରେ ବିଦ୍ୟୁତ୍ ଆଘାତରେ ମଲେଣି ୨୦ ହାତୀ

ଢେଙ୍କାନାଳ ଅଫିସ୍/ସାତମାଇଲ(ଡି.ଏନ୍.ଏ.), ୩।୯





ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ପୁଣି ଏକ ମାଇ ହାତୀର ଜୀବନ ଯାଇଛି। ଏକ ବାର୍‌ହା ମଧ୍ୟ ମରିଛି। ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ବାଘଧରିଆ ଗ୍ରାମ ନିକଟ ଶାଳ ଜଙ୍ଗଲରେ ଶନିବାର ଘଟିଥିବା ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଗତ ୨ ମାସ ମଧ୍ୟରେ ହିନ୍ଦୋଳ ରେଞ୍ଜ୍‌ରେ ଏହା ହେଉଛି ତୃତୀୟ ଘଟଣା। ବନାଞ୍ଚଳ ଦେଇ ଯାଇଥିବା ୧୧ କେଭି କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ତାରକୁ ବିଦ୍ୟୁତ୍ ବିଭାଗ କେବୁଲିଂ କରୁ ନ ଥିବାରୁ ଶିକାରୀମାନେ ଏହାର ସୁଯୋଗ ନେଉଛନ୍ତି। ଅନେକ ସମୟରେ ଏଥିରେ ହାତୀ ଭଳି ବିଶାଳକାୟ ପ୍ରାଣୀ ଛନ୍ଦି ହୋଇ ମୃତ୍ୟୁମୁଖରେ ପଡୁଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଗ୍ରାମ ନିକଟ ଜଙ୍ଗଲରେ ହାତୀ ଓ ବାର୍‌ହା ମରି ପଡ଼ିଥିବା ସୂଚନା ମିଳିବା ପରେ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଏମ୍. ଯୋଗୟାନନ୍ଦ, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ମୃତହାତୀର ଆନୁମାନିକ ବୟସ ୧୦ ବର୍ଷ ହୋଇଥିବାବେଳେ ବ୍ୟବଚ୍ଛେଦ ପରେ ଜେସିବି ସହାୟତାରେ ଗାତଖୋଳି ପୋତି ଦିଆଯାଇଛି। ବାଘଧରିଆ ଜଙ୍ଗଲ ଦେଇ ଟଣାଯାଇଥିବା ମୁକୁଳା ୧୧ କେଭି ତାରରେ ହୁକିଂ କରି ଶିକାରୀମାନେ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ଶନିବାର ଘଟଣାରେ ମଧ୍ୟ ବୋତଲ, କାଠ ସହାୟତାରେ ଶିକାରୀମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ତେଣୁ ହାତୀ ଏବଂ ବାର୍‌ହାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ୫ବର୍ଷରେ ଜିଲାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଆଘାତରେ ୨୦ ହାତୀଙ୍କ ଜୀବନ ଗଲାଣି। ଗତ ମାସ ୨୮ ତାରିଖରେ ମହାବିରୋଡ ରେଞ୍ଜ୍ ଘାଗରାମୁଣ୍ଡା ଗ୍ରାମ ପାଖ ଖେସରା ଜଙ୍ଗଲରେ ଅନୁରୂପ ଭାବେ ଏକ ମାଇହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ୨ଜଣ ଶିକାରୀ ଗିରଫ ହୋଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ଗୋଗିନେନି କୁହନ୍ତି, ବାଘଧରିଆ ହାତୀମୃତ୍ୟୁ ଘଟଣାରେ ୩ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତ ଫେରାର ଅଛନ୍ତି। ଶୁକ୍ରବାର ରାତି ୧ଟା ଯାଏ ବନ କର୍ମଚାରୀମାନେ ପାଟ୍ରୋଲିଂ କରିଥିବାବେଳେ ଏଭଳି ଘଟଣା ନଜରକୁ ଆସି ନ ଥିଲା। ହଏତ ପାହାନ୍ତା ସମୟରେ ଏହି ଘଟଣା ଘଟିଛି। ହିନ୍ଦୋଳ ରେଞ୍ଜ୍ ଦେଇ ଯାଇଥିବା ୧୧ କେଭି ତାର କେବୁଲିଂ କାମ ସେପ୍ଟେମ୍ବର ସୁଦ୍ଧା ଶେଷ ହେବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ଅଦ୍ୟାବଧି କାମ ଆରମ୍ଭ ମଧ୍ୟ ହୋଇ ନ ଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ଆଜି ନବୀନ ପାଇବେ ଜୀବନବ୍ୟାପୀ ସାଧନା ସମ୍ମାନ

### ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦେବାକୁ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର,୩।୯(ବ୍ୟୁରୋ)



ଦୃଢ଼ ନେତୃତ୍ୱ ପାଇଁ ଶ୍ରେଷ୍ଠ ଶାସକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ଜୀବନବ୍ୟାପୀ ସାଧନା ସମ୍ମାନ ମିଳିବ। ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଡିଟୋରିୟମଠାରେ ରବିବାର ପୂର୍ବାହ୍ନ ୧୦ଟାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ.ଭି ରମଣାଙ୍କଠାରୁ ମୁଖ୍ୟମନ୍ତ୍ରୀ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବେ। ଏହି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସକାଶେ ବିଜେଡି ପକ୍ଷରୁ ଏକ ବଡ଼ଧରଣର ଯୋଜନା ପ୍ରସ୍ତୁତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ସବୁ ଜିଲାର ବିଜେଡି ଯୁବ ଏବଂ ଛାତ୍ର ସଭାପତିମାନଙ୍କୁ ନୂଆଦିଲ୍ଲୀ ନିଆଯାଇଛି। ସେଠାରେ ଦଳର କେତେଜଣ ବରିଷ୍ଠ ନେତା ମଧ୍ୟ ରହିଛନ୍ତି। ପାରମ୍ପରିକ ନାଚ, ଗୀତ ଆଦିର ବ୍ୟବସ୍ଥା କରାଯାଇଛି। ପ୍ରବାସୀ ଓଡ଼ିଆ ଏବଂ ବିଜେଡି ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେବେ। ଦିଲ୍ଲୀରେ ରହୁଥିବା ଓଡ଼ିଆଙ୍କ ଜରିଆରେ ସେଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାସହ ଏପିଜେ ଅବଦୁଲ୍ କାଲାମ୍ ରୋଡ୍‌ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଯୋଜନା ହୋଇଛି। ଗୋଟିଏ ଦିନ ସେଠାରେ ରହିବା ପରେ ମୁଖ୍ୟମନ୍ତ୍ରୀ ଆସନ୍ତା ୬ ତାରିଖରେ ଓଡ଼ିଶା ଫେରିବେ। ସେପ୍ଟେମ୍ବର ୬ରେ ମଧ୍ୟ ସମ୍ବର୍ଦ୍ଧନା ଦେବାକୁ ବ୍ୟାପକ ପ୍ରସ୍ତୁତି ସରିଛି। ଏଥିଲାଗି ସବୁ ନିର୍ବାଚନମଣ୍ଡଳୀରୁ ୩୦୦ ପାଖାପାଖି ସ୍ଥାନୀୟ ନେତା ଓ କର୍ମୀଙ୍କୁ ଆଣି ବିମାନବନ୍ଦରଠାରେ ଏକାଠି କରିବାକୁ କୁହାଯାଇଛି।

# ଘୁମୁସର ବନଖଣ୍ଡ: ୩ ମାସରେ ୩ ମୃତ

**୪ କର୍ମଚାରୀ ନିଲମ୍ବିତ, ୧୨ ବହିଷ୍କାର**

ଭଞ୍ଜନଗର/ଜଗନ୍ନାଥପ୍ରସାଦ, ୩।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ତାରସିଂ ରେଞ୍ଜ ଗାୟଗଣ୍ଡା ନିକଟସ୍ଥ ରାମ୍ପ ଜଙ୍ଗଲରେ ଶନିବାର ମଧ୍ୟାହ୍ନରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଅସୁସ୍ଥତା କାରଣରୁ ତା'ର ମୃତ୍ୟୁ ହୋଇଥିବା ଡିଏଫ୍‌ଓ ସୁଦର୍ଶନ ବେହେରା କହିଛନ୍ତି। ବ୍ୟବଚ୍ଛେଦ ପରେ ହାତୀଟିକୁ ସେଠାରେ ପୋତି ଦିଆଯାଇଛି।



ପାଣି ପିଇବାକୁ ଆସି ଟଳିପଡ଼ିଛି ଦନ୍ତାହାତୀ।

ସୂଚନା ମୁତାବକ, ଗତ କିଛିଦିନ ହେବ ଦନ୍ତାହାତୀଟି ଅସୁସ୍ଥ ହୋଇ ଜଙ୍ଗଲରେ ଘୂରି ବୁଲୁଥିବା ବନ ବିଭାଗ ସୂଚନା ପାଇଥିଲା। ଶୁକ୍ରବାର ସ୍ଥାନୀୟ ଲୋକେ ହାତୀଟି ଜଙ୍ଗଲରେ ନିଶ୍ଚେତ ହୋଇ ପଡିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର କିଛି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଖାଦ୍ୟ ଖାଇବାକୁ ଦେଇଥିଲେ ମଧ୍ୟ ସେ ଖାଇ ନ ଥିଲା। ଶନିବାର ହାତୀଟି ଏକ ଖାଲୁଆ ସ୍ଥାନକୁ ପାଣି ପିଇବାକୁ ଆସି ସେଠାରେ ଟଳି ପଡ଼ିଥିବା ଆଶଙ୍କା କରାଯାଉଛି। ବନ ବିଭାଗ ସହଯୋଗରେ ପ୍ରାଣୀ ଚିକିତ୍ସକ ହାତୀ ନିକଟକୁ ଯାଇ ଚିକିତ୍ସା କରୁଥିବା ସମୟରେ ହାତୀର ମୃତ୍ୟୁ ହୋଇଛି। ଚିକିତ୍ସା କରୁଥିବା ପ୍ରାଣୀ ଚିକିତ୍ସକ ଡା.ବିଜୟିନୀ ପଣ୍ଡା କହିଛନ୍ତି, ଦୁଇଦିନ ପୂର୍ବେ ହାତୀର ମଳ ପରୀକ୍ଷା କରାଯାଇଥିଲା। କୃମି ଅଧିକ ଥିବା ଜଣାପଡ଼ିବା ପରେ ତା'ର ଚିକିତ୍ସା ଚାଲିଥିଲା। ଶନିବାର ଚିକିତ୍ସା ଚାଲିଥିବା ସମୟରେ ହିଁ ହାତୀର ମୃତ୍ୟୁ ହୋଇଛି। ଡିଏଫ୍‌ଓ ସୁଦର୍ଶନ ବେହେରା କହିଛନ୍ତି, ହାତୀଟି ଅସୁସ୍ଥ ଥିବା ଜଣାପଡ଼ିବା ପରେ ତୁରନ୍ତ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ହାତୀଟି କେଉଁ ପରିସ୍ଥିତିରେ ଅସୁସ୍ଥ ହେଲା ତାହା ସ୍ପଷ୍ଟ ହୋଇନାହିଁ। ହାତୀର ଦାନ୍ତ ସୁରକ୍ଷିତ ଅଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ଗତ ୩ ମାସ ମଧ୍ୟରେ ଏହି ବନଖଣ୍ଡରେ ୩ଟି ଦନ୍ତାହାତୀଙ୍କ ମୃତ୍ୟୁ ହୋଇଛି। ମୁଜାଗଡ଼ ରେଞ୍ଜ ଦଦରାଲୁଣ୍ଡା ନିକଟରେ ଗତ ଜୁନ ୭ରେ ଗୋଟିଏ ହାତୀର ମୃତ୍ୟୁ ହୋଇଥିଲା। ଜଗନ୍ନାଥପ୍ରସାଦ ରେଞ୍ଜରେ ଗତ ଜୁଲାଇ ୨୦ରେ ଆଉ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ଏହି ଦୁଇଟି ଘଟଣାରେ ଏକାଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଦୁଇ ଜଣ ବନପାଳ, ୨ଜଣ ବନରକ୍ଷୀଙ୍କୁ ନିଲମ୍ବିତ କରାଯିବା ସହ ହାତୀ ସୁରକ୍ଷା ଦାୟିତ୍ୱରେ ଥିବା ୧୨ଜଣ ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଥିଲା।

# ଝାଡ଼ାବାନ୍ତିରେ ୨ ମୃତ, ୧୬ ଆକ୍ରାନ୍ତ



ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀ।

ଭବାନୀପାଟଣା,୩।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୁଲ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତ ସେମେଲପଦର ଗ୍ରାମର କେନ୍ଦୁପଡାରେ ଗତ ୨ଦିନ ହେଲା ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୬ଜଣ ଆକ୍ରାନ୍ତ ଥିବା ଜଣାପଡିଛି। ମୃତ ବ୍ୟକ୍ତି ହେଲେ ବୃଦ୍ଧ ଡମ୍ବୁ ମାଝୀ ଓ ବୃଦ୍ଧା ସୁନାଙ୍ଗି ଦେଈ। ଦୂଷିତ ଜଳ ପାନ ଯୋଗୁ ଝାଡାବାନ୍ତି ବ୍ୟାପୁଥିବା ଗ୍ରାମବାସୀ କହିଛନ୍ତି। ଆକ୍ରାନ୍ତ ବ୍ୟକ୍ତିଙ୍କୁ ଥୁଆମୁଲ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଅନ୍ୟ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହେଉଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜାଣିବାକୁ ମିଳିଛି। ଏହାମଧ୍ୟରେ ସ୍ୱାସ୍ଥ୍ୟବିଭାଗର ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଝାଡାବାନ୍ତି ଆକ୍ରାନ୍ତ ବ୍ୟକ୍ତିଙ୍କୁ ଔଷଧ ଦିଆଯିବା ସହ ଲୋକଙ୍କୁ ସଚେତନ କରାଯାଉଛି।

ସୂଚନାଯୋଗ୍ୟ ଯେ, ଥୁଆମୁଲ ରାମପୁର ଆଦିବାସୀ ଅଧ୍ୟୁଷିତ ଏକ ଦୁର୍ଗମ ଅଞ୍ଚଳ। ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଏହି ଅଞ୍ଚଳରେ ମାଓବାଦୀ ସକ୍ରିୟ ଥିବା ବେଳେ ରାସ୍ତାଘାଟର ସୁବିଧା ନାହିଁ। ପ୍ରଶାସନିକ ଅଧିକାରୀଙ୍କ ପାଦ ଏଠାରେ ପଡେନାହିଁ କହିଲେ ଚଳେ। ପାନୀୟ ଜଳର ସୁବିଧା ନ ଥିବାରୁ କେନ୍ଦୁପଡାର ଲୋକେ ମୁଖ୍ୟତଃ ଝରଣା ପାଣି ଉପରେ ନିର୍ଭର କରିଥାନ୍ତି। ଏପଟେ ରାସ୍ତାଘାଟର ସୁବିଧା ନ ଥିବା ବେଳେ ସଚେତନତା ଅଭାବ ଯୋଗୁ ଅନେକ ସମୟରେ ଲୋକେ ଭାଗ୍ୟକୁ ଆଦରି ପଡି ରହିଥାନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**୪ ଜଣଙ୍କୁ ପଦୋନ୍ନତି**

ଭୁବନେଶ୍ୱର,୩।୯(ବ୍ୟୁରୋ)

ରାଜ୍ୟ ସରକାର ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶନିବାର ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବ୍ରହ୍ମପୁର କନ୍‌ସୋଲିଡେଶନ ଆଣ୍ଡ ସେଟଲମେଣ୍ଟ ଅତିରିକ୍ତ କମିଶନର ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କୁ ଭୁବନେଶ୍ୱର କନ୍‌ସୋଲିଡେଶନ ଆଣ୍ଡ ସେଟଲମେଣ୍ଟ କମିଶନର ଭାବେ ବଦଳି କରାଯାଇଥିବା ବେଳେ ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସ୍‌ଆରଟିସି) ଜେନେରାଲ ମ୍ୟାନେଜର ବ୍ରଜଗୋପାଳ ଆଚାର୍ଯ୍ୟଙ୍କୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ସ୍ୱତନ୍ତ୍ର ସଚିବ, ଓଡ଼ିଶା ହାଉସିଂ ବୋର୍ଡ ଲ୍ୟାଣ୍ଡ ଅଫିସର ଆରାଧନା ଦାସଙ୍କୁ ଏସ୍‌ସି/ଏସ୍‌ଟି ବିଭାଗର ଅତିରିକ୍ତ ସଚିବ, ଭୁବନେଶ୍ୱର ଆଡିଶନାଲ ଡିଭିଜନାଲ କୋର୍ଟ ଭୁବନେଶ୍ୱର ଅତିରିକ୍ତ କମିଶନର ସ୍ମିତା ବିଶ୍ୱାଳଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ବିଶିକେଶନ ଦେହୁରୀଙ୍କୁ ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସ୍‌ଆରଟିସି) ଜେନେରାଲ ମ୍ୟାନେଜର ଭାବେ ବଦଳି କରାଯାଇଛି। ସେହିପରି ଖୋର୍ଦ୍ଧା ଅତିରିକ୍ତ ଉପଜିଲାପାଳ ଥିବା ରଶ୍ମିତା ରାଣୀ ତରସିଆଙ୍କୁ ଓଡ଼ିଶା ରାଜ୍ୟ ହାଉସିଂବୋର୍ଡ ସେକ୍ରେଟାରି ଭାବେ ବଦଳି କରାଯାଇଥିବା ବେଳେ ବଣାଇ ଆଇଟିଡିଏ ପି.ଏ. ଲଲାଟ କୁମାର ଲୁହାଙ୍କୁ ବରଗଡ଼ ଉପଜିଲାପାଳ, ନବରଙ୍ଗପୁର ଆଇଟିଡିଏ ପି.ଏ. ଅଭିମନ୍ୟୁ ମାଝିଙ୍କୁ ସୁନ୍ଦରଗଡ଼ ପାନପୋଷ ଉପଜିଲାପାଳ, ନୟାଗଡ଼ ଡିଆରଡିଏ ଆଡିଶନାଲ ପିଡି ଅକ୍ଷୟ କୁମାର ରାଉତଙ୍କୁ ଖୋର୍ଦ୍ଧା ଉପଜିଲାପାଳ, ସୋର ବିଡିଓ ସୁଶାନ୍ତ କୁମାର ବାରିକଙ୍କୁ ମୟୂରଭଞ୍ଜ ଡିଆରଡିଏ ଆଡିଶନାଲ ପିଡି ଏବଂ ରାୟଗଡ଼ା ଜିଲା ରାମନାଗୁଡ଼ା ବିଡିଓ ବେଣୁଧର ଶବରଙ୍କୁ ନବରଙ୍ଗପୁର ଆଇଟିଡିଏ ପି.ଏ. ଭାବେ ବଦଳି କରାଯାଇଛି। ସେହିପରି ୨ ଜଣ ବରିଷ୍ଠ ଓଏଏସ୍ ଅଧିକାରୀ ପୁଷ୍ପଲତା ସାହୁ ଏବଂ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ସୁପରିୟର ଆଡ୍‌ମିନିଷ୍ଟ୍ରେଟିଭ ଗ୍ରେଡ୍‌କୁ ପଦୋନ୍ନତି ଦିଆଯାଇଥିବା ବେଳେ ଭିଜିସିଏଣ୍ଟ ପୋନମକାନ୍ତ ଏକ୍କା ଓ ପ୍ରଦୀପ କୁମାର ମିଶ୍ରଙ୍କୁ ସ୍ପେଶାଲ ସେକ୍ରେଟାରି ର୍‍ୟାଙ୍କ୍‌କୁ ପଦୋନ୍ନତି ଦିଆଯାଇଛି।

# ଭୀମ ଭୋଇ ସରଳତା, ସମ୍ବେଦନାର ପ୍ରତୀକ




ସଭାରେ ମଞ୍ଚାସୀନ ଅତିଥି।

ରେଢ଼ାଖୋଲ,୩।୯(ଡି.ଏନ.ଏ.)

ସନ୍ଥକବି ଭୀମ ଭୋଇ ସରଳତା ଓ ସମ୍ବେଦନାର ପ୍ରତୀକ। ଶନିବାର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର ୫୩ତମ ପ୍ରତିଷ୍ଠା ଦିବସ ଓ ୨୯ତମ ଭୀମଭୋଇ ବକ୍ତୃତାମାଳାରେ ଅତିଥିମାନେ ଏହା କହିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗରାଜୁ ମୁଖ୍ୟଅତିଥି ଓ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଲେଖିକା ସୁଜାତା ପ୍ରହରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସନ୍ଥ ପରମ୍ପରାର ଭୀମଭୋଇ ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ବୋଲି ପ୍ରକାଶ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅବସରରେ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ କନ୍ଧରାସ୍ଥିତ ସନ୍ଥକବି ଭୀମଭୋଇଙ୍କ ସ୍ମୃତିପୀଠରେ ମହିମାଧର୍ମୀ ସାଧୁସନ୍ଥଙ୍କ ପୂଜାର୍ଚ୍ଚନା ପରେ ପବିତ୍ର ମସାଲ ଧରି ଶୋଭାଯାତ୍ରାରେ କଲେଜ ପରିସରକୁ ଆଣିଥିଲେ। ବିଭିନ୍ନ ପ୍ରତଯୋଗିତାରେ କୃତୀ ଛାତ୍ରୀଛାତ୍ର ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସୁବୋଧ ଦାଶ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା।

# ଓଡ଼ିଶାରେ ସୂର୍ଯ୍ୟକିରଣ ଶୋ' କରିବ ବାୟୁସେନା

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ଓଡ଼ିଶାରେ ସୂର୍ଯ୍ୟକିରଣ ଶୋ' ହେବ। ଭାରତୀୟ ବାୟୁସେନା ପକ୍ଷରୁ ଏହି ଶୋ' ଆୟୋଜନ କରାଯିବ ବୋଲି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱର ଓ ପୁରୀରେ ସୂର୍ଯ୍ୟକିରଣ ଶୋ କରାଯିବ। ଆସନ୍ତା ୧୬ ତାରିଖରେ ଭୁବନେଶ୍ୱର କୁଆଖାଇ ନଦୀ ଶଯ୍ୟାରେ ଓ ୧୮ ତାରିଖରେ ପୁରୀରେ ରାଜଭବନ ଉପରେ ଶୋ' କରାଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ଏଭଳି ଶୋ ଦେଶାତ୍ମବୋଧକ ମନୋଭାବ ବୃଦ୍ଧି କରିବା ସହ ଯୁବପିଢ଼ିଙ୍କୁ ଏୟାରଫୋର୍ସରେ ଯୋଗ ଦେବାକୁ ଅଧିକ ଉତ୍ସାହିତ କରିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ କହୁଛନ୍ତି। ଦେଶରେ ଏପରି ଶୋ' ୧୯୭୮-୭୯ରେ ଆରମ୍ଭ ହୋଇଥିଲା। ସେତେବେଳେ ଏହାକୁ ଥଣ୍ଡରବୋଲ୍ଟ କୁହାଯାଉଥିଲା। ୨୦୧୬ ଡିସେମ୍ବରରେ ଏହା କଟକରେ ମଧ୍ୟ ହୋଇଥିଲା।

## ଧାନ ବିଲରୁ ମୃତଦେହ ଉଦ୍ଧାର

ଦେବଗଡ଼,୩।୯(ଡି.ଏନ.ଏ)

**ଅଦାଲତକୁ ଆସିବା ବାଟରେ ନିଖୋଜ ଘଟଣା**

ଦେବଗଡ ଅଦାଲତକୁ ଆସିବା ବାଟରେ ନିଖୋଜ ହୋଇଯାଇଥିବା ବାରକୋଟ ବ୍ଲକ ବଳିତା ଗ୍ରାମର ଝସକେତନ ବେହେରା ଓରଫ ପୁଟୁ (୪୮)ଙ୍କର ଗଳିତ ମୃତଦେହ ଶନିବାର ଦେବଗଡ ଥାନା ବଣିଆଁକିଲିଣ୍ଡା ଗ୍ରାମର ଏକ ଧାନବିଲରୁ ଉଦ୍ଧାର ହୋଇଛି। ଖବର ମୁତାବକ ଝସକେତନ ଗତ ୨୬ ତାରିଖ ଦେବଗଡ ଅଦାଲତକୁ ଆସି ଆଉ ଫେରି ନ ଥିଲେ। ପରିବାର ଲୋକ ମଙ୍ଗଳବାର ପୁଟୁ ଦେବଗଡ ଥାନା ଅନ୍ତର୍ଗତ ବଣିଆଁକିଲିଣ୍ଡା ଗ୍ରାମକୁ ଯାଇଥିବା ଜାଣିବାକୁ ପାଇଥିଲେ। ତେବେ ସେଠାକୁ ଆସି ଖୋଜାଖୋଜି କରି ପାଇ ନ ଥିଲେ। ବଣିଆଁକିଲିଣ୍ଡା ଗ୍ରାମର ଏକ ଧାନବିଲରେ ମୃତଦେହ ପଡିଥିବା ସୂଚନା ପାଇ ପୁଟୁଙ୍କ ସ୍ତ୍ରୀ କମଳା ପହଞ୍ଚି ଏହା ତାଙ୍କ ସ୍ୱାମୀର ବୋଲି ଚିହ୍ନଟ କରିଥିଲେ। ପୁଟୁ ଜଣେ କିଡନୀ ରୋଗୀ ହୋଇଥିବାରୁ ଅସୁସ୍ଥତା ଯୋଗୁ ପୁଟୁଙ୍କର ମୃତ୍ୟୁ ଘଟିଥିବା ସ୍ତ୍ରୀ କମଳା ତାଙ୍କର ଏତଲାରେ ଦର୍ଶାଇଛନ୍ତି।

# ୬ରେ କଲେଜରେ ତାଲା ପକାଇବେ ଗ୍ରାମବାସୀ

**ଅଧକ୍ଷଙ୍କ ବଦଳି ଦାବି ତେଜିଲା**

କୁଚିଣ୍ଡା,୩।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ମଙ୍ଗଳ ଅଧିକାରୀଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ କୁଚିଣ୍ଡା ବ୍ଲକ ଅର୍ଦ୍ଧାବାହାଲଠାରେ ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ କଲେଜ (ଏସ୍‌ଏସ୍‌ଡି)ର ଭାରପ୍ରାପ୍ତ ଅଧକ୍ଷ ରଞ୍ଜନ କୁମାର ନାୟକଙ୍କ ବଦଳି ଦାବି ଜୋର ଧରିଛି। ଅଧକ୍ଷଙ୍କ ମନମୁଖି କାର୍ଯ୍ୟ ବିରୋଧରେ ଏସ୍‌ଏମ୍‌ସି କମିଟି, ଅଭିଭାବକ ଓ ଗ୍ରାମବାସୀ ମିଳିତ ଭାବେ ୬ମାସ ହେବ ବଦଳି ଦାବି କରିଆସୁଛନ୍ତି। ହେଲେ ପ୍ରଶାସନ କିମ୍ବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ୬ତାରିଖରେ କଲେଜ ଗେଟରେ ତାଲା ପକାଇବାକୁ ସମ୍ବଲପୁର ଜିଲାପାଳ, ଏସ୍‌ପି, କୁଚିଣ୍ଡା ଉପଜିଲାପାଳ ଓ ମହୁଲପାଲି ଥାନାକୁ ନୋଟିସ୍ କରିଥିବା ଜଣାଯାଇଛି। ପ୍ରକାଶଥାଉ କି, ଅଭିଭାବକ ଓ ଗ୍ରାମବାସୀ ଭୁବନେଶ୍ୱର ବିଭାଗୀୟ ଅଧକ୍ଷ ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ସାକ୍ଷାତ କରି ଅଧକ୍ଷଙ୍କ ବଦଳି ଦାବି କରିଥିଲେ। ସୁଫଳ ନ ମିଳିବାରୁ ଏଭଳି ପଦକ୍ଷେପ ନେଇଥିବା ଏସ୍‌ଏମ୍‌ସି ଚେୟାରମ୍ୟାନ ଜଗଦୀଶ ଭଇଁସା, ସରପଞ୍ଚ ଶୁଳେଶ୍ୱରୀ ମାଝି, ସମିତିସଭ୍ୟା ଚମ୍ପାବତୀ ବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ, ଅଭିଭାବକ ଓ ଏସ୍‌ଏମ୍‌ସି ସଭ୍ୟାସଭ୍ୟଙ୍କ ସ୍ୱାକ୍ଷରରେ ଏହି ତାଲାବନ୍ଦ ନୋଟିସ ଦେଇଥିବା ଜଣାଯାଇଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଭାଗୀରଥି ପଟେଲଙ୍କୁ ପଚାରିବାରେ ଆମ ବିଭାଗ ଓ ଜିଲାପାଳଙ୍କ ପକ୍ଷରୁ ଅଧକ୍ଷଙ୍କ ବଦଳି ପାଇଁ ଅଧକ୍ଷ ସଚିବଙ୍କୁ ଚିଠି କରାଯାଇଥିବା ଓ ତାଙ୍କ ଆଦେଶକୁ ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି।









**ଆଜିର ମନ୍ତବ୍ୟ**

"ଆଇଆଇଟିଗୁଡ଼ିକ ଦେଶର ଗର୍ବ। ଶିକ୍ଷାନୁଷ୍ଠାନଗୁଡ଼ିକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯିବା ଆବଶ୍ୟକ।"
-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାସନ୍ଦ ଜୀବନ କଟାଉଛନ୍ତି ୮୫ ପରିବାର

**ଝିଅ ବିବାହ ଉପରେ କଟକଣା**

**ଖଲ୍ଲିକୋଟ,୩।୯ (ଡି.ଏନ.ଏ.)**

ବହୁ ବର୍ଷ ହେଲା ବାସନ୍ଦ ଜୀବନ କଟାଉଛନ୍ତି ଗଞ୍ଜାମ ଜିଲା ଖଲ୍ଲିକୋଟ ଏନ୍ଏସି ଫାସୁଲା ଗ୍ରାମ ଧରମା ବିଶ୍ୱକର୍ମା ସମାଜର ୮୫ ପରିବାର। ଏହି ସମାଜର ଝିଅ ଅନ୍ୟ ଗାଁରେ ଥିବା ଖଲ୍ଲିକୋଟ ଧରମା ବିଶ୍ୱକର୍ମା ତାଲୁକା ସମାଜର ପରିବାରକୁ ବିବାହ କରିପାରିବେନି କି ଅନ୍ୟ ଗାଁର ଝିଅ ଏହି ଗାଁକୁ ବିବାହ କରି ଆସିପାରିବେନି। ଯଦି କୌଣସି ପରିବାର ଏହି ନିୟମକୁ ଅବମାନନା କରନ୍ତି ତେବେ ଜରିମାନା ଦେବାକୁ ପଡେ। ବହୁ ବର୍ଷ ତଳେ କୌଣସି ଏକ ଭୁଲ ପାଇଁ ଏହି ୮୫ ପରିବାରକୁ ଖଲ୍ଲିକୋଟ ଧରମା ବିଶ୍ୱକର୍ମା ତାଲୁକା ସମାଜ ବାସନ୍ଦ କରିଛନ୍ତି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହିଛି। ଏହି ବାସନ୍ଦକୁ ନେଇ ଫାସୁଲା ଗ୍ରାମ ଧରମା ବିଶ୍ୱକର୍ମା ସମାଜ ତରଫରୁ ଜିଲାପାଳଙ୍କୁ ପୂର୍ବରୁ ଲିଖିତ ଅଭିଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ଓ ଜିଲାସ୍ତରୀୟ ଧରମା ବିଶ୍ୱକର୍ମା ସମାଜ ବାସନ୍ଦ ପ୍ରଥା ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହାକୁ ଗ୍ରହଣ କରୁନି ଖଲ୍ଲିକୋଟ ଧରମା ବିଶ୍ୱକର୍ମା ତାଲୁକା ସମାଜ। ଫାସୁଲା ଗ୍ରାମ ଧରମା ବିଶ୍ୱକର୍ମା ସମାଜର ସଭାପତି ହର୍ଷ ମହାରଣା କହିଛନ୍ତି, ପୁଅ ଝିଅ ବଡ ହେବା ପରେ ସେମାନଙ୍କୁ ଅନ୍ୟତ୍ର ବିବାହ ଦେଇପାରୁ ନାହୁଁ। ଆଜି ବି ବାସନ୍ଦ ଭଳି ଏକ କଳୁଷିତ ପ୍ରଥାକୁ ନେଇ ଆମ୍ଭେମାନେ ଅଭିଶପ୍ତ ଜୀବନ ବିତାଉଛୁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ଦେଇଥିବ ଯାହାକୁ**
**ନଇଁ ପଡ଼ିଥିବ ତାହାକୁ।**

ଝିଅଟି ସମୟକ୍ରମେ ଘରଯୋଗ୍ୟା ହେଲେ ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି'ହାତ କରି ଦିଆଯାଇଥାଏ। ସାଧାରଣତଃ ଝିଅଟି ଯେଉଁ ଘରର ବୋହୂ ହୋଇଥାଏ ସେ ଘର ପରିବାର ପ୍ରତି ଝିଅ ଘର ଲୋକଙ୍କ ମନରେ ଏକପ୍ରକାର ସମ୍ମାନବୋଧ ରହିଥାଏ। ସେ ଘରର ଚଳଣି ତଥା ଆଭିଜାତ୍ୟ ପ୍ରତି ସତର୍କ ଦୃଷ୍ଟି ଦିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ବରଘର କନ୍ୟାଘରଠାରୁ ଆସନରେ ଉଚ୍ଚ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୋଟକୁ ନିଆଁ ଖରଖର,**
**ପୋଡ଼ି ଯାଉଥାଏ ଚରଚର।**

ଝୋଟକୁ ନିଆଁ ପାଖରେ ରଖିଲେ ତାହା ଅତିଶୀଘ୍ର ହୁତୁହୁତୁ ହୋଇ ଜଳିଯାଇଥାଏ। ପରୋକ୍ଷରେ ଯୁବକ ଯୁବତୀଙ୍କ ଏକତ୍ର ସହାବସ୍ଥାନ ପ୍ରତି ଲକ୍ଷ୍ୟକରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ


# classifieds

**Everyday**
**0674-2580101, 2549302**




**BRIDE WANTED**

Handsome khandayat boy 1992, 5'6" MS.c, Serving IFS- SUNASANSAR- 9937512659, 8249969649. D-74110

**GROOM WANTED**

39 ବୟସ୍କା Government Officer ଏକାକୀ ରହୁଥିବା ଖଣ୍ଡାୟତ Divorce ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 8327715036. D-1385

48 ବୟସ୍କା ଅନାଥ Divorce Government ଚାକିରିଆ ବଣିଆ ଝିଅଙ୍କୁ ସନ୍ତାନ/ନିଃସନ୍ତାନ ପୁଅ ଦରକାର। 7749076723. D-1386

Govt. ଚାକିରିଆ 33 ବର୍ଷୀୟା କରଣ divorce ଝିଅଙ୍କୁ anycaste ଘରଜ୍ୱାଇଁ ଆବଶ୍ୟକ। 8093583208. D-1413

ଏକାକୀ ରହୁଥିବା ୩୨ ବର୍ଷୀୟା Divorce Govt. ଚାକିରିଆ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7008080967. D-1422




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Investment plot for sale at Cuttack to Banki NH side. Very close to Sai International School and CISF. (Per sqft. only 249/-). 9937450545. D-1421

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ। 7008297827, 9692999455.** D-74105

Bhubaneswar କାଟେଣୀ-ପିତାପଲ୍ଲୀ ଏରିଆରେ 2000sqft. gharabari plot ୨୮ଟି ବିକ୍ରିହେବ। 9938016295. D-74104

**Duplex for sale:- Place near Baba Bhairabananda Mahavidyalaya, Chandikhol, Jajpur land area- 7.5 dec. construction area- 3000sqft. including compound wall @80lakh negotiable. Contact No.- 9938218526.** D-1384

Bhubaneswar gharabari land Mouza Taraboi near 100ft. road book @2lakhs. 9078263828. D-1410

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73963

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366




**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297

Do you want to construct buildings on your own plot. Contact: 7008268129, 9439143273. D-71352

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420




1 BHK flat for Rent near Laxmitalkies Ramchandi Sahi, Puri. Mob: 7204256982. D-1411

**3BHK 1200 sft. house for rent with 2 toilets, car parking at Mahadev Nagar mainroad, Jharpada, Bhubaneswar. Contact: 9668644665.** D-1396

"2 BHK, 2nd Floor, Bharat Villa, Hanspal Near Metro Satellite 9437241031". D-1416

House having 2 rooms, toilet & kitchen. Opposite Hotel Presidency, Nayapalli, Bhubaneswar- 7077754377. D-74107

ଭୁବନେଶ୍ୱର ଖଣ୍ଡଗିରି ଜୟଦେବ ବାଟିକା ନିକଟରେ Restaurant ଭଡ଼ାରେ ନେବାପାଇଁ ଯୋଗାଯୋଗ କରନ୍ତୁ। Mob: 7008555042. D-73639

Semifurnished airconditioned room near Lingraj Temple, Bhubaneswar 5000/-. Contact: 9437388990. D-73718




Full body massage in homely atmosphere. All therapy. Mob.- 8114881641. D-73411

New open full body massage ladies & gents available. 8093726714. D-73638

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**One hour any therapy by expert therapist @999 only. 9078484455.** D-73637

**AFFIDAVIT**

By virtue of an affidavit before Executive Magistrate Cuttack on 24.08.22 stated that I have changed my name DEEPAK PRADHAN to LAXMIKANTA PRADHAN Chauliaganj, Cuttack. Deepak Pradhan and Laxmikanta Pradhan is one and same person for all purpose. D-1412

By virtue of affidavit CF No-826/08/2022 before the Executive Magistrate, Bhubaneswar I Urmila Kumari Rout will be henceforth known as Urmila Lenka for all purpose. D-1423

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶାର ଆକ୍ସନ ...

ସେଥିରେ କେନ୍ଦ୍ର ମୋହର ମାରିବା ଯୋଗୁ ରାଜ୍ୟରେ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ ନେଇ ବାଧା ଦୂର ହୋଇଛି। ଜଳବାୟୁ ପରିବର୍ତ୍ତନର ମହାବିପଦକୁ ମୁକାବିଲା ପାଇଁ ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି। ଏଥିରେ ୧୧ଟି ବିଭାଗକୁ ସାମିଲ କରାଯାଇଛି। ସେଗୁଡ଼ିକ ହେଲା ଜଙ୍ଗଲ ଓ ପରିବେଶ, କୃଷି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଜଳ ସମ୍ପଦ, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଶିଳ୍ପ, ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ, ପଞ୍ଚାୟତ ଓ ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ। ବିଭାଗଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ଦେଖି ଯୋଜନା ପ୍ରସ୍ତୁତ କରିବେ। ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ବାଷ୍ପର ହାର କମାଇବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସମୁଦ୍ରର ଗତିବିଧି ଉପରେ ନିୟମିତ ଅଧ୍ୟୟନ କରାଯିବ। ଉପକୂଳ ଅଞ୍ଚଳରେ ଜୈବବିବିଧତା ବଜାୟ ରଖିବାକୁ ଆବଶ୍ୟକ ପଦକ୍ଷେପ ନିଆଯିବ। ସ୍ୱଳ୍ପ ମିଆଦୀ ଓ କମ୍ ଜଳରେ ହୋଇପାରୁଥିବା ଫସଲ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯିବ। ଜୀବନଜୀବିକା, ଜଳ ସଂରକ୍ଷଣ, ଗ୍ରୀନ୍ ହାଉସ ଗ୍ୟାସ୍ କମାଇବା, ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଭଳି ଅନେକ ପଦକ୍ଷେପ ନିଆଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଉପକୂଳ ଜିଲାଗୁଡ଼ିକ ବିଶେଷ ଭାବେ କ୍ଷତିଗ୍ରସ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଇଣ୍ଡିଆନ ନ୍ୟାଶନାଲ ସେଣ୍ଟର ଫର୍ ଓସନ ଇନ୍‌ଫରମେଶନ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ଦ୍ୱାରା ଓଡ଼ିଶାର କୋଷ୍ଟାଲ ଭଲନେରେବିଲିଟି ଇଣ୍ଡେକ୍ସ (ସିଭିଆଇ) ପ୍ରସ୍ତୁତ କରାଯାଇଛି। ସମୁଦ୍ର ନିକଟରୁ ୧ କିଲୋମିଟର ବ୍ୟାପୀ ଅଞ୍ଚଳକୁ ନେଇ ରିପୋର୍ଟ ପ୍ରସ୍ତୁତ ହୋଇଛି। ସମଗ୍ର ଅଞ୍ଚଳକୁ ନିମ୍ନ, ମଧ୍ୟମ ଓ ଅତି ବିପଦପୂର୍ଣ୍ଣ ଅଞ୍ଚଳରେ ବିଭକ୍ତ କରାଯାଇଛି। ସେହି ଅନୁଯାୟୀ ଓଡ଼ିଶା ଉପକୂଳର ୬ ଜିଲା ଗଞ୍ଜାମ, କେନ୍ଦ୍ରାପଡ଼ା, ପୁରୀ, ଜଗତ୍‌ସିଂହପୁର, ଭଦ୍ରକ ଏବଂ ବାଲେଶ୍ୱରକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସମୁଦ୍ର ଉପକୂଳକୁ ଲାଗି ରହିଥିବା ଗଞ୍ଜାମ ଜିଲାର କିଛି ଅଞ୍ଚଳ, ଚିଲିକା, ପୁରୀର ଦକ୍ଷିଣ ଭାଗ ଏବଂ କେନ୍ଦ୍ରାପଡ଼ା ଜିଲାର ୭୬ କିଲୋମିଟର ଅଞ୍ଚଳକୁ କମ୍, ସେହି ଜିଲାଗୁଡ଼ିକର ୨୦୯ କିଲୋମିଟର ବ୍ୟାପ୍ତ ଅଞ୍ଚଳକୁ ମଧ୍ୟମ ଓ ୧୦୭ କିଲୋମିଟର ଅଞ୍ଚଳକୁ ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲାର ଉତ୍ତର ଭାଗ, ଜଗତ୍‌ସିଂହପୁର ଜିଲାର କେତେକ ଅଞ୍ଚଳ, କେନ୍ଦ୍ରାପଡ଼ା, ଭଦ୍ରକ ଜିଲାର ଉତ୍ତର ଓ ଦକ୍ଷିଣ ଭାଗ ଏବଂ ଦକ୍ଷିଣ ବାଲେଶ୍ୱର ଅତ୍ୟନ୍ତ ବିପଦପୂର୍ଣ୍ଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଦେଶର ତଟୀୟ ଅଞ୍ଚଳଗୁଡ଼ିକ ପ୍ରତି ବିପଦ ମାଡ଼ି ଆସୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ନ୍ୟାଶନାଲ ଡିଟରମାଇନ କଣ୍ଟ୍ରିବ୍ୟୁଶନସ୍(ଏନ୍‌ଡିସି) ଯୋଜନାରେ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରିବା ସହ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକୁ କୁହାଯାଇଛି। କେନ୍ଦ୍ର ସରକାର ଆକ୍ସନ ପ୍ଲାନ୍‌କୁ ଅନୁମୋଦନ କରିଥିବାରୁ ଏ ନେଇ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ମୌସୁମୀ ଆଗମନରେ ଅସ୍ୱାଭାବିକତା ଦେଖାଦେଇଛି। ୧୨୦ ଦିନରୁ ମୌସୁମୀ ବର୍ଷା ଏବେ ୬୦ରୁ ୭୦ ଦିନକୁ ଖସି ଆସିଛି। ଏଥିଯୋଗୁ କୃଷି, ବିଦ୍ୟୁତ୍ ଉତ୍ପାଦନ, ଜୀବନଜୀବିକା ଉପରେ ଗଭୀର ପ୍ରଭାବ ପାଇବା ଆଶଙ୍କା ବଢ଼ିବାରେ ଲାଗିଛି। କେବଳ ସେତିକି ନୁହେଁ, ଅସ୍ୱାଭାବିକ ବର୍ଷା ମଧ୍ୟ ଅଦିନିଆ ବନ୍ୟା ସୃଷ୍ଟି କରି ରାଜ୍ୟ ପାଇଁ ବିପର୍ଯ୍ୟୟ ଆଣୁଛି। ଲଗାତର ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ମଧ୍ୟ ରାଜ୍ୟ ପାଇଁ ସତର୍କଘଣ୍ଟି ହୋଇଛି। ଚଳିତ ବର୍ଷ ମଧ୍ୟ ଦୁର୍ବଳ ମୌସୁମୀ କୃଷି ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୃଷି ବିଶେଷଜ୍ଞ ଆଶଙ୍କା କଲେଣି। ତେଣୁ ରାଜ୍ୟ ସରକାର ଆକ୍ସନ ପ୍ଲାନ୍ 'ସମୟର ଆହ୍ୱାନ' ଭାବେ ବିବେଚନା କରାଯାଉଛି।

## ଦିଲ୍ଲୀରେ ପୁରସ୍କାର, ...

ଭାଙ୍ଗିରୁଜି ଗଲାଣି। କଲୋନୀ ସମ୍ମୁଖରେ ଥିବା ଖଣି ଅଧିକାରୀ ଓ କର୍ମଚାରୀଙ୍କ କ୍ୱାର୍ଟର୍ସକୁ ବିଶୁଦ୍ଧ ଜଳ ଯୋଗାଣ ହେଉଥିବା ବେଳେ ପୁନର୍ବାସ କଲୋନୀକୁ ଭୂତଳ କୋଇଲା ଖଣିର ଦୂଷିତ ଜଳ ଯୋଗାଇ ଦିଆଯାଉଛି। ଏଯାଏ ପୋଖରୀ, ଶ୍ମଶାନ ବ୍ୟବସ୍ଥା ହୋଇ ନ ଥିବାବେଳେ ଗ୍ରାମ ଦେବତୀଙ୍କୁ କଲୋନୀକୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଇ ନାହିଁ। ଅନେକ ମୌଳିକ ସୁବିଧା ମିଳୁ ନ ଥିବାରୁ ପୁନର୍ବାସ କଲୋନୀରେ ମାତ୍ର ଶହେରୁ ଊର୍ଦ୍ଧ୍ୱ ବିସ୍ଥାପିତ ପରିବାର ରହୁଛନ୍ତି। ଅନ୍ୟମାନେ ନିଜ ଅସୁବିଧା ଅନୁଯାୟୀ ଅନ୍ୟତ୍ର ବସବାସ କରୁଛନ୍ତି। ଏ ନେଇ ଅନେକ ବିସ୍ଥାପିତ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ପଠାଇଥିଲେ। ହେଲେ ପୁନର୍ବାସ କଲୋନୀରେ ଥିବା ସମସ୍ୟାର ସମାଧାନ କରାଯାଇ ନ ଥିଲେ ମଧ୍ୟ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ୨୨ ଜୁନ ୨୦୨୨ରେ ପ୍ରଧାନମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ସବୁ ବ୍ୟବସ୍ଥା କରାଯାଇଛି ବୋଲି ଜଣାଇଥିବା ଅତ୍ୟନ୍ତ କ୍ଷୋଭ ଓ ପରିତାପର ବିଷୟ ବୋଲି ବଲଣ୍ଡା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ନବୀନ ପ୍ରଧାନ କହିଛନ୍ତି, ପୁନର୍ବାସ କଲୋନୀରେ ପୋଖରୀ ଓ ଶ୍ମଶାନ ବ୍ୟବସ୍ଥା ହୋଇ ନ ଥିବାରୁ ହିନ୍ଦୁ ନୀତିନିୟମ ଅନୁଯାୟୀ ଶବ ସତ୍କାର କରିପାରୁ ନାହୁଁ। କର୍ପୂର ପ୍ରଧାନ କହିଛନ୍ତି, ଆଜିପର୍ଯ୍ୟନ୍ତ କଲୋନୀର ସମସ୍ତ ପରିବାରକୁ ବିଜୁଳି, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇନାହିଁ। ୪୦ ପରିବାରକୁ ଜମି ପଟ୍ଟା ମିଳିନାହିଁ। ଧ୍ରୁବ ପ୍ରଧାନ କହିଛନ୍ତି, କଲୋନୀରେ ମଣିଷ ରହିବା ଭଳି ସୁବିଧା ଉପଲବ୍ଧ କରାଯାଇନାହିଁ। ତ୍ରିପୁର ଦେହୁରୀ କହିଛନ୍ତି, ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ସମସ୍ୟାର ସମାଧାନ କରାଯାଇ ନାହିଁ। ପ୍ରତିବାଦରେ ୨୦୨୨ ପୌର ଭୋଟ ବର୍ଜନ କରିଥିଲୁ। ହେଲେ ବିସ୍ଥାପିତଙ୍କ ଦୁଃଖ ଦୂର ଦିଗରେ କେହି ଦୃଷ୍ଟି ଦେଉନାହାନ୍ତି। ଅଭିଯୋଗ ସମ୍ପର୍କରେ ଏମ୍‌ସିଏଲ୍‌ର ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ଅଶୋକ କୁମାର ଧଳଙ୍କ ମତାମତ ପାଇଁ ଉଦ୍ୟମ କରାଯାଇଥିଲା। ହେଲେ ଫୋନ ରିସିଭ କରୁ ନ ଥିବାରୁ ମତାମତ ମିଳିପାରି ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଷ୍ଟମ ଚନ୍ଦ୍ର ହେତୁ ଗୃହ, ଭୂମି, ଗାଡ଼ି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ସ୍ୱାସ୍ଥ୍ୟ ଓ ପିଲାମାନଙ୍କ ବିବାହ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି।

**ବୃଷ**
ହଠାତ୍ ବାହାରକୁ ଯିବା ବେଳକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହେବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ମାନସିକ ଅସ୍ଥିରତା କାରଣରୁ ଦ୍ୱନ୍ଦ୍ୱରେ ପଡ଼ି କିଛି ବି କରିପାରିବେ ନାହିଁ। ମୃଗଶିରା ନକ୍ଷତ୍ରଜାତ ବ୍ୟକ୍ତିମାନେ କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ ହେବେ।

**ମିଥୁନ**
ପାରିବାରିକ ଅସ୍ଥିରତା ଓ ଅଶାନ୍ତି ସକାଶରୁ ମନ ଭଲ ରହିବ ନାହିଁ। ପୁନର୍ବସୁ ନକ୍ଷତ୍ର ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବ୍ୟବସାୟ କ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ**
ଆଜି କାମର ଚାପ ବୃଦ୍ଧି କାରଣରୁ ଘର କଥା ବୁଝିବାକୁ ସମୟ ପାଇବେ ନାହିଁ। ଅଶ୍ଳେଷା ନକ୍ଷତ୍ର ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରନ୍ତି। ବହୁଦିନରୁ ଅପମାନିତ ବନ୍ଧୁ ସମ୍ପର୍କ ଯୋଡ଼ିବେ।

**ସିଂହ**
ସକାଳୁ ସକାଳୁ କିଛି ଶୁଭଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇ ଯାଇପାରେ। ଈର୍ଷାପରାୟଣ ମନୋଭାବ ପୋଷଣ କରି ନିକଟସ୍ଥ ବ୍ୟକ୍ତିବିଶେଷମାନେ ପରୋକ୍ଷରେ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରୁ ଦୂରେଇ ରହିଲେ ଭଲ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ।

**କନ୍ୟା**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ।

**ତୁଳା**
ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଭୋଗ ବିଳାସରେ ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ଅଫିସ ଭିତରେ କିମ୍ବା ଆଜିର ଫେରନ୍ତା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହୋଇ ମାନସିକ ଚାପ ବଢ଼ିବ।

**ବିଛା**
ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତି କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇ ପଡ଼ିବ।

**ଧନୁ**
ପାରିପାର୍ଶ୍ୱିକ ପରିସ୍ଥିତି ଆପଣଙ୍କ ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘ ଦିନରୁ ପ୍ରତୀକ୍ଷିତ କାର୍ଯ୍ୟ ସକାଶେ ଆତ୍ମୀୟଙ୍କ ଉପସ୍ଥିତି ଯୋଗୁ ଖୁସି ହେବେ। ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର**
କର୍ମକ୍ଷେତ୍ରରେ ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ**
ବିଭିନ୍ନ ସମସ୍ୟା ବିଜଡ଼ିତ ହୋଇ ଶେଷ ମୁହୂର୍ତ୍ତରେ କାର୍ଯ୍ୟ ହାସଲରେ ସମର୍ଥ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ସନ୍ତାନଙ୍କ ହେତୁକ ସୁଖବର ମିଳିବ।

**ମୀନ**
ଆଜିର ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନତୁବା ହଇରାଣ ହେବାକୁ ପଡ଼ିପାରେ। ଆପଣ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିବୁଲିବେ। ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେଲେ ମଧ୍ୟ ତାହାକୁ ଚଳାଇନେବେ।

# ହତ୍ୟା ଅଭିଯୋଗ ଆଣିଲେ ମା' ତୁଳସୀ

## ପୋକ୍ସୋ କୋର୍ଟ ବିଚାରପତିଙ୍କ ମୃତ୍ୟୁ ମାମଲା

କାର୍ତ୍ତିକ ସାହୁ
କଟକ ଅଫିସ,୩।୯

କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ସୁବାସ କୁମାର ବିହାରୀ (୪୯)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାର ଶନିବାର ନୂଆ ମୋଡ଼ ନେଇଛି। ସୁବାସ ଆତ୍ମହତ୍ୟା କରିନାହାନ୍ତି, ବରଂ ତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ମା' ତୁଳସୀ ବିହାରୀ(୭୦) ମର୍କତନଗର ଥାନାରେ ଅଭିଯୋଗ କରିଛନ୍ତି। ସୁବାସଙ୍କୁ ତାଙ୍କ ସ୍ତ୍ରୀ ଏବଂ ଶଳା ମିଶି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ମା' ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତିକରି ସ୍ତ୍ରୀ ଓ ଶଳାଙ୍କ ନାମରେ ଆଇପିସି ଦଫା ୩୦୨, ୩୨୩, ୨୯୪, ୩୪ରେ ଏକ ମାମଲା (୧୬୦/୨୦୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ବିଚ୍ଛୁଟି ମହାନ୍ତି କହିଛନ୍ତି।

ତୁଳସୀଙ୍କ ଅଭିଯୋଗ ମୁତାବକ, ତାଙ୍କ ବଡ଼ ପୁଅ ସୁବାସ କୁମାର ବିହାରୀ କଟକର ଅତିରିକ୍ତ ଜିଲା ଜଜ୍‌ଭାବେ କାର୍ଯ୍ୟରତ ଥିଲେ। ସେ ୧୫ବର୍ଷ ତଳେ ଯାଜପୁର ଥାନା ଅନ୍ତର୍ଗତ କଳସଡିଅ ଗ୍ରାମର ଅପରିଜିତାଙ୍କୁ ଭଲ ପାଇ ବିବାହ କରିଥିଲେ। ତାଙ୍କର ୨ଝିଅ ଅଛନ୍ତି। ସୁବାସଙ୍କ ମଝିଆ ଶ୍ୱଶୁରଙ୍କ ପୁଅ ସର୍ବଜିତ ରାୟ(୨୫) ତାଙ୍କ ନିକଟରେ ରହୁଥିଲେ। ବୋହୂ ଅପରିଜିତା ଓ ସର୍ବଜିତ ମିଶି ସୁବାସଙ୍କୁ ନିର୍ଯାତନା ଦିଅନ୍ତି ବୋଲି ସୁବାସ ମା' ତୁଳସୀଙ୍କୁ ମଝିରେ ମଝିରେ ଜଣାଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଶୁକ୍ରବାର ଅପରାହ୍ନ ୧ଟା ୪୭ ମିନିଟରେ ସୁବାସ ରଶି ଲଗାଇ ଦେଇଛନ୍ତି ବୋଲି ଭାଇ ସୁବୋଧ କୁମାର ବିହାରୀଙ୍କ ପାଖକୁ ଫୋନ ଆସିଥିଲା। ଖବର ପାଇବା ପରେ ତୁରନ୍ତ ମା' ତୁଳସୀ, ସାନ ପୁଅ, ଜ୍ୱାଇଁ ଓ କେତେକ ପଡ଼ୋଶୀ ଲୋକ ଆସି ଅଶ୍ୱିନୀ ହସ୍ପିଟାଲରେ ପହଞ୍ଚିଲା ବେଳକୁ ଡାକ୍ତର ମୃତ ଘୋଷଣା କରିଥିବା ଶୁଣିବାକୁ ପାଇଥିଲେ। ସୁବାସଙ୍କ ଗଳା, ଛାତି ଓ ପେଟରେ ଦାଗ ଚିହ୍ନ ରହିଛି। ଏସବୁ ଚିହ୍ନ ଦେଖିବା ପରେ ତାଙ୍କ ସ୍ତ୍ରୀ ଓ ଶଳା ଉଭୟ ମିଶି ମାରିଦେଇ ଟାଙ୍ଗି ଦେଇଛନ୍ତି। ଏପରି କି ବ୍ୟବଚ୍ଛେଦ ପରେ ଗାଁରୁ ଆସିଥିବା ପରିବାର ଓ ପଡ଼ୋଶୀ ଲୋକେ ଶେଷକୃତ୍ୟ ପାଇଁ ଗାଁକୁ ନେବାକୁ ଦାବି କରିବାରୁ ସୁବାସଙ୍କ ସ୍ତ୍ରୀ, ଶଳା ଏବଂ ତାଙ୍କ ସମ୍ପର୍କୀୟମାନେ ଅଶ୍ଲୀଳ ଗାଳି ଗୁଲଜ କରି ଧକ୍କା, ତଣ୍ଟିଆ ମାରି ଶବକୁ ଜୋର ଜବରଦସ୍ତ ସଂସ୍କାର କରିବାକୁ ନେଇଗଲେ। ଏଣୁ ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ନେବା ନିମନ୍ତେ ତୁଳସୀ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ବିଚାରପତି ସୁବାସଙ୍କ ଶେଷକୃତ୍ୟ ପୁରୀରେ ସମ୍ପନ୍ନ ହୋଇଥିବାବେଳେ ତାଙ୍କ ବଡ଼ ଝିଅ ମୁଖାଗ୍ନି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରପତି ସୁବାସ ୨ ଦିନ ଧରି ଛୁଟିରେ ରହିବା ପରେ ଶୁକ୍ରବାର କାର୍ଯ୍ୟରେ ଯୋଗଦେବା ବଦଳରେ ତାଙ୍କ ବାପାଙ୍କ ଶ୍ରାଦ୍ଧ ଦିବସ ଥିବାରୁ ପୁଣି ଛୁଟି ନେଇଥିଲେ। ହେଲେ ସେ ସିଡିଏ ସେକ୍ଟର-୯ସ୍ଥିତ ସରକାରୀ କ୍ୱାର୍ଟର୍ସରେ ରହିଥିବା ବେଳେ ପ୍ରାୟ ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହୋଇଥିଲା। ତାଙ୍କ ସ୍ତ୍ରୀ ଓ ଅର୍ଦ୍ଦଳିଙ୍କ ସହଯୋଗରେ ତାଙ୍କର ଝୁଲନ୍ତା ମୃତଦେହ ରଶି କାଟି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଟିମ ତଦନ୍ତ କରିଥିବା ବେଳେ ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପୋଲିସ ଆତ୍ମହତ୍ୟାରେ ବ୍ୟବହୃତ ରଶିକୁ ଜବତ କରିଥିଲା। ବିଚାରପତିଙ୍କ ମୃତ୍ୟୁ ଖବର ପାଇବା ପରେ ଯାଜପୁର ଜିଲା ଅନ୍ତର୍ଗତ ତାଙ୍କ ପୈତୃକ ଗାଁ ଭୁବନେଶ୍ୱରପୁରରେ ଶୋକର ଛାୟା ଖେଳିଯାଇଛି। ସୁବାସଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତାଙ୍କ ସମ୍ପର୍କୀୟମାନେ ସିବିଆଇ ତଦନ୍ତ ଦାବି କରିଛନ୍ତି।


ପରିବାର ଲୋକଙ୍କ ସହ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ମା' ତୁଳସୀ।

**ଦଫା ୩୦୨ରେ ମାମଲା ରୁଜୁ କଲା ପୋଲିସ**


ସୁବାସ କୁମାର ବିହାରୀ

# ପ୍ରେମିକାଙ୍କୁ ହତ୍ୟାକରି ଆତ୍ମହତ୍ୟା ଉଦ୍ୟମ

**ଏକତରଫା ପ୍ରେମ**

ରାୟଗଡ଼ା ଅଫିସ/ଟିକିରି,୩।୯(ଡି.ଏନ୍.ଏ.)

ଏକତରଫା ପ୍ରେମକୁ ନେଇ ରାୟଗଡ଼ା ଜିଲା ଟିକିରି ଥାନା ଅଧୀନ ଉଷାପଡ଼ା ଗ୍ରାମରେ ଶନିବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାରମ୍ବାର ପ୍ରେମ ନିବେଦନ କରି ବିଫଳ ପ୍ରେମିକ ନାବାଳିକା ପ୍ରେମିକାଙ୍କ ଗଳାକାଟି ହତ୍ୟା କରିବା ସହ ନିଜେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ମୃତ ନାବାଳିକା ହେଲେ ଟିକିରି ଥାନା ଅଧୀନ ସାନମାଟିକଣା ଗ୍ରାମର ଦୁର୍ଯ୍ୟ ମାଝିଙ୍କ ଝିଅ ରିମା(୧୭) ଏବଂ ଗୁରୁତର ଯୁବକ ମୁଣ୍ଡାଗାଁର ରସିକ ପ୍ରଧାନ(୩୫)। ରସିକଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରିମା ଉଷାପଡ଼ାଠାରେ ଶ୍ରମିକ ଭାବେ ଏକ ବେସରକାରୀ ନିର୍ମାଣ କାମରେ ନିୟୋଜିତ ଥିଲେ। ଦିନ ଗୋଟାଏ ବେଳେ ମଧ୍ୟାହ୍ନଭୋଜନ ସାରି ନିର୍ମାଣସ୍ଥଳ ନିକଟରେ ବିଶ୍ରାମ ନେଉଥିବା ବେଳେ ରସିକ ସେଠାରେ ପହଞ୍ଚି ପୁଣି ପ୍ରେମ ନିବେଦନ କରିଥିଲେ। ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ଉତ୍ତ୍ୟକ୍ତ ହୋଇ ରସିକ ରିମାଙ୍କୁ ଛୁରିରେ ତଣ୍ଟିକୁ ଆକ୍ରମଣ କରିଥିଲେ। ଏହାପରେ ନିଜେ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନିକଟରେ ଥିବା ରିମାଙ୍କ ସାଙ୍ଗ ଅଟକାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ରିମାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ରିମାଙ୍କ ସାଙ୍ଗଙ୍କ ହାତରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଟିକିରି ପୋଲିସ ପହଞ୍ଚି ରିମାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ୧୨୦/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଟିକିରି ଥାନା ଇନ୍ସପେକ୍ଟର ଦେବ୍ ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରସିକ ବିବାହିତ ଏବଂ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କର ୩ ସନ୍ତାନ ରହିଥିବା ଜଣାପଡ଼ିଛି। ମୁଣ୍ଡାଗାଁ ଗ୍ରାମ ଲୋକଙ୍କ କହିବା ହେଲା, ନାବାଳିକା ଏବଂ ଯୁବକ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ତେବେ ହଠାତ ଏଭଳି ଘଟଣା କାହିଁକି ଘଟିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ସ୍ତ୍ରୀଙ୍କ ଅଜାଣତରେ କିଡ୍‌ନୀ ବିକ୍ରି ଘଟଣା | ଅଭିଯୁକ୍ତ ସ୍ୱାମୀ ଗିରଫ

ମାଲକାନଗିରି,୩।୯(ଡି.ଏନ.ଏ.)

ସ୍ତ୍ରୀଙ୍କ ଅଜାଣତରେ ତାଙ୍କ ସ୍ୱାମୀ ତାଙ୍କ କିଡ୍‌ନୀ ବିକିଦେବା ଘଟଣାରେ ସମ୍ପୃକ୍ତ ସ୍ୱାମୀଙ୍କୁ ମାଲକାନଗିରି ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ତାଙ୍କ ନାମ ପ୍ରଶାନ୍ତ କୁଣ୍ଡୁ। ଏହି ଘଟଣାରେ ଅଭିଯୋଗ ହେବା ପରେ ପୋଲିସ ଖୋଳତାଡ କରି ପ୍ରଶାନ୍ତ ସ୍ତ୍ରୀଙ୍କୁ ଛାଡି ବେଙ୍ଗାଲୁରୁରେ ରହୁଥିବା ଜାଣିବାକୁ ପାଇଥିଲା। ପରେ ମାଲକାନଗିରି ପୋଲିସର ଏକ ଟିମ୍ ବେଙ୍ଗାଲୁରୁ ଯାଇ ସେଠାରୁ ତାଙ୍କୁ ଗିରଫ କରି ଆଣିଥିଲା। ୧୨ ବର୍ଷ ତଳେ ଏମ୍.ଭି.-୩୮ ଗ୍ରାମର ପ୍ରଶାନ୍ତଙ୍କୁ ରଞ୍ଜିତା ପ୍ରେମ ବିବାହ କରିଥିଲେ। ବିବାହ ପରେ ପ୍ରଶାନ୍ତ ସ୍ତ୍ରୀଙ୍କୁ ଉତ୍ତରାଖଣ୍ଡ ନେଇ ଯାଇଥିଲେ। ସେଠାରେ ସବୁ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ପ୍ରଶାନ୍ତ ଓ ତାଙ୍କ ଭଉଣୀ ରଞ୍ଜିତାଙ୍କୁ ମଧ୍ୟ ଅନେକ ସମୟରେ ମାରପିଟ କରିବା, ଗାଳିଗୁଲଜ କରିବା ସହ ମାନସିକ ଓ ଶାରୀରିକ କଷ୍ଟ ଦେଉଥିଲେ। ୨୦୧୮ରେ ରଞ୍ଜିତାଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପ୍ରଶାନ୍ତ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଆଣିଥିଲେ। ସେ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ। ମାତ୍ର ପରେ ରଞ୍ଜିତା ତାଙ୍କ ଅଜାଣତରେ ପ୍ରଶାନ୍ତ ତାଙ୍କର ଏକ କିଡ୍‌ନୀ ବିକି ଦେଇଥିବା ଜାଣିବାକୁ ପାଇଥିଲେ। ଏ ବାବଦକୁ ସେ ପାଇଥିବା ଟଙ୍କା ପ୍ରଶାନ୍ତ ଏବଂ ତାଙ୍କ ନଣନ୍ଦ ଆତ୍ମସାତ କରିଥିବା ରଞ୍ଜିତା ଜାଣିଥିଲେ। ପରେ ସେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୭୧/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ପରେ ବେଙ୍ଗାଲୁରୁରୁ ପ୍ରଶାନ୍ତଙ୍କୁ ଗିରଫ କରିଛି।

# ସ୍ତ୍ରୀ, ପୁଅଙ୍କୁ ଗୁଳି ଉଦ୍ୟମ

**ଅଭିଯୁକ୍ତ ବାପା ଗିରଫ**

ଛେଣ୍ଡିପଦା,୩।୯(ସ୍ୱ.ପ୍ର.)

ପ୍ରଥମ ସ୍ତ୍ରୀ ଓ ପୁଅଙ୍କୁ ଆକ୍ରମଣ ଅଭିଯୋଗରେ ଜେଲ୍ ଯାଇ କିଛିଦିନ ତଳେ ବେଲ୍‌ରେ ଆସିଥିବା ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମର ନଗେନ ନାଏକ ପୁଣି ସେମାନଙ୍କୁ ମାରିବାକୁ ଉଦ୍ୟମ କରିଛନ୍ତି। ଶନିବାର ସେ ପ୍ରଥମ ସ୍ତ୍ରୀ ଓ ପୁଅଙ୍କୁ ଗୁଳି କରିବାକୁ ଗୋଡ଼ାଇବା ବେଳେ ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ସହ ୫ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଛି।

ପୋଲିସ କହିଛି, ବାଗଡିଆ ବିଟ୍ ହାଉସ ଅନ୍ତର୍ଗତ ପାତ୍ରପଡା ହରିଜନ ସାହିର ନଗେନ କିଛିଦିନ ତଳେ ପ୍ରଥମ ସ୍ତ୍ରୀ ଅଞ୍ଜନା ନାଏକ ଓ ପୁଅ ମାନସ ନାଏକଙ୍କୁ ମାଡ଼ ମାରିଥିଲେ। ଏପରି କି ପୁଅଙ୍କ ହାତ ଭାଙ୍ଗିଦେଇଥିଲେ। ଏ ନେଇ ଅଭିଯୋଗ ପରେ ନଗେନଙ୍କୁ ଗିରଫ କରାଯାଇଥିଲା। କିଛି ଦିନ ହେବ ସେ ବେଲ୍‌ରେ ଆସି ଦ୍ୱିତୀୟ ସ୍ତ୍ରୀଙ୍କ ନିକଟରେ ରହୁଥିଲେ। ତେବେ ପୂର୍ବ ରାଗ ଶୁଝାଇବାକୁ ସେ ଏକ ବାଇକ୍‌ରେ ଆସି ପ୍ରଥମ ସ୍ତ୍ରୀ ଅଞ୍ଜନା ଓ ପୁଅ ମାନସଙ୍କ ନିକଟରେ ପହଞ୍ଚି ଗାଳିଗୁଲଜ କରିଥିଲେ। ପରେ ବାଇକ୍ ସିଟ ତଳେ ଲୁଚାଇ ରଖିଥିବା ବନ୍ଧୁକ ବାହାର କରି ଗୁଳି କରିବାକୁ ଗୋଡ଼ାଇଥିଲେ। ଭୟରେ ଉଭୟ ଦୌଡ଼ି ପଳାଇଯାଇ ଲୁଚି ରହିବା ସହ ସାହି ଲୋକଙ୍କୁ ଡାକ ପକାଇଥିଲେ। ଖବରପାଇ ପୋଲିସ ପହଞ୍ଚି ନଗେନଙ୍କୁ କାବୁ କରିବା ସହିତ ବନ୍ଧୁକ ଓ ୫ଟି ଜୀବନ୍ତ ଗୁଳି ଜବତ କରିଥିଲେ। ପୁଅ ମାନସ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୨୩/୨୨ରେ ମାମଲା ରୁଜୁ କରି ନଗେନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି।


ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବନ୍ଧୁକ ଓ ଗୁଳି ଜବତ କରିଛି।

## ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ମାମଲା | ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ପୀଡ଼ିତାଙ୍କୁ ୬ ଲକ୍ଷ ସହାୟତା ଲାଗି ଡିଏଲ୍‌ଏସ୍‌ଓଙ୍କୁ ନିର୍ଦ୍ଦେଶ**

ବ୍ରହ୍ମପୁର ଅଫିସ,୩।୯

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ବିକ୍ରମ ପଟ୍ଟନାୟକ ଶନିବାର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ସୀମାଞ୍ଚଳ ପ୍ରଧାନଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ଏହାସହିତ ଅଭିଯୁକ୍ତ ଜଣଙ୍କ ୫୫ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟେ ଅତିରିକ୍ତ ୨ ବର୍ଷ ଜେଲଦଣ୍ଡ ପାଇଁ ମଧ୍ୟ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ଥଇଥାନ ପାଇଁ ୬ ଲକ୍ଷର ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୧୮ ସେପ୍ଟେମ୍ବର ୨୬ରେ ଗୋପାଳପୁର ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ସୀମାଞ୍ଚଳ ଅପହରଣ କରି ନେଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୨୧/୧୮ ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ୨ ମାସ ପରେ ଗୋପାଳପୁର ପୋଲିସର ଏକ ଟିମ୍ ହାଇଦ୍ରାବାଦର ଏକ ଘର ଭିତରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ସେହିପରି ଅଭିଯୁକ୍ତ ସୀମାଞ୍ଚଳଙ୍କୁ ମଧ୍ୟ ପୋଲିସ ସେଠାରୁ ଗିରଫ କରିଥିଲା। ଶନିବାର ତାଙ୍କୁ ଉକ୍ତ ମାମଲାର ବିଚାର ବେଳେ କୋର୍ଟରେ ହାଜର କରାଯାଇଥିଲା। ୧୪ ଜଣ ସାକ୍ଷୀ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟକୁ ଭିତ୍ତି କରି ପ୍ରମାଣ ମିଳିଥିବାରୁ ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ଅଭିଯୁକ୍ତଙ୍କ ସିନ୍ ରିକ୍ରିଏଶନ୍ କଲା ପୋଲିସ

### ଶୁଭଶ୍ରୀ ଆତ୍ମହତ୍ୟା ମାମଲା

ଭୁବନେଶ୍ୱର,୩।୯(ବ୍ୟୁରୋ): ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ନୟାଗଡ଼ ଜିଲା ଇଟାମାଟି ଥାନା ମାଣପୁର ଗ୍ରାମର ଶୁଭଶ୍ରୀ ମହାପାତ୍ରଙ୍କ ଆତ୍ମହତ୍ୟା ମାମଲାରେ ଶନିବାର କମିଶନରେଟ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ପ୍ରେମିକ ଚିତ୍ତରଞ୍ଜନ ଜେନାଙ୍କ ସିନ୍ ରିକ୍ରିଏଶନ୍ କରିଛି। ଖାରବେଳନଗର ପୋଲିସ ଅପରାହ୍ନ ୨ଟାରେ ତାଙ୍କୁ ଶୁଭଶ୍ରୀ ରହୁଥିବା ଶାସ୍ତ୍ରୀନଗରସ୍ଥିତ ଉକ୍ତ ଭଡ଼ା ଘରକୁ ନେଇଥିଲା। ଚିତ୍ତଙ୍କ ମୁହଁକୁ କଳା କପଡ଼ାରେ ପୋଲିସ ଘୋଡ଼ାଇ ଦେଇଥିଲା। ପୋଲିସ ଚିତ୍ତଙ୍କୁ ନେଇ ଘର ଭିତରକୁ ଗଲାପରେ ସବୁକଥା କହିବାକୁ ତାଙ୍କୁ କହିଥିଲା। ପ୍ରାୟ ୪୫ ମିନିଟ୍ ଧରି ଚିତ୍ତଙ୍କ ସିନ୍ ରିକ୍ରିଏଶନ୍ କରିଥିଲା ପୋଲିସ। ଅପରାହ୍ନ ପ୍ରାୟ ୨ଟା ୪୫ରେ ପୋଲିସ ଚିତ୍ତଙ୍କୁ ସେଠାରୁ ଆଣି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର କରିବାରୁ ଚିତ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଧିକ ତଦନ୍ତ ପାଇଁ ଚିତ୍ତଙ୍କୁ ରିମାଣ୍ଡରେ ଆଣିବାକୁ କୋର୍ଟଙ୍କ ନିକଟରେ ଆବେଦନ କରାଯିବ ବୋଲି ଖାରବେଳନଗର ଥାନାଧିକାରୀ ରଜନୀକାନ୍ତ ମିଶ୍ର କହିଛନ୍ତି। ସ୍ୱାମୀ ଅନନ୍ତ ନାରାୟଣ ନାଥଙ୍କ ବାରଣ ସତ୍ତ୍ୱେ ଶୁଭଶ୍ରୀ ଚିତ୍ତଙ୍କ ସହ ସମ୍ପର୍କ ରଖୁଥିଲେ। ତେବେ ଶୁଭଶ୍ରୀ ଘଟଣା ପୂର୍ବଦିନ ଅନ୍ୟଜଣେ ବ୍ୟକ୍ତିଙ୍କ ସହ ହସ୍ପିଟାଲ ଯିବାକୁ ନେଇ ଚିତ୍ତ ସନ୍ଦେହ କରି ତାଙ୍କୁ ନିର୍ଯାତନା ଦେଇଥିଲେ। ଚିତ୍ତଙ୍କ ନିର୍ଯାତନା ସହ୍ୟ କରି ନ ପାରି ସ୍ୱାମୀ ଘରେ ନ ଥିବାବେଳେ ମଙ୍ଗଳବାର ସନ୍ଧ୍ୟାରେ ଶୁଭଶ୍ରୀ ଆତ୍ମହତ୍ୟା କରିଥିଲେ। ଏହାପରେ ଶୁଭଶ୍ରୀଙ୍କୁ ଚିତ୍ତ ଝୁଲନ୍ତା ଅବସ୍ଥାରୁ ତଳକୁ ଓହ୍ଲାଇ ବେକରେ ବନ୍ଧା ହୋଇଥିବା ଓଢ଼ଣୀ କାଢ଼ିଥିଲେ। ଏଥିସହ ପ୍ରମାଣ ଲୁଚାଇବାକୁ ଉକ୍ତ ଓଢ଼ଣୀକୁ ଖୋର୍ଦ୍ଧା ବରୁଣେଇ ପାହାଡ଼ ନିକଟ ରାସ୍ତାରେ ଫୋପାଡ଼ି ନିଜ ଗ୍ରାମକୁ ଚିତ୍ତ ପଳାଇ ଯାଇଥିଲେ।

# ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା: ୨ କୋର୍ଟ ଚାଲାଣ

ଜୁନାଗଡ଼,୩।୯(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଗୁରୁବାର ନୂଆଁଖାଇ ପାଇଁ ଚାରିଆଡ଼େ ଆନନ୍ଦ,ଉଲ୍ଲାସ ଲାଗି ରହିଥିବା ବେଳେ ଉକ୍ତ ରାତିରେ ଜିଲାର ଜୁନାଗଡ଼ ଥାନା ଅଞ୍ଚଳରୁ ଏକ ଦୁଃଖଦ ଘଟଣା ସାମନାକୁ ଆସିଥିଲା। ସହରର ନୂଆ ବସଷ୍ଟାଣ୍ଡ ନିକଟରେ ବଳଦିଆମାଲ ଗ୍ରାମର ମାନସ ମେହେର ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଫଳରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୃତ ଯୁବକଙ୍କ ପରିବାର ପକ୍ଷରୁ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଏହାପରେ ପୋଲିସ ଏକ ମାମଲା (ନଂ ୩୭୦/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏଥିରେ ଜଣେ ନାବାଳକ ରହିଛନ୍ତି। ଗିରଫ ଯୁବକ ନକଟିଗୁଡା ଗ୍ରାମର ରଞ୍ଜନ ଗୁରୁ (୨୨) ହୋଇଥିବା ବେଳେ ନାବାଳକ ଜୁନାଗଡ଼ ସହର ପାଖ ଏକ ଗ୍ରାମର ବୋଲି ଜଣାପଡିଛି। ଶବିବାର ଗିରଫ ଯୁବକଙ୍କୁ ସ୍ଥାନୀୟ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ଭବାନୀପାଟଣାସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ପୋଲିସ ଠାରୁ ସୂଚନା ମିଳିଛି। ପ୍ରକାଶ ଯେ, ଗୁରୁବାର ରାତିରେ ମାନସ ଓ ତାଙ୍କର ୨ସାଙ୍ଗ ବାଇକ୍‌ରେ ଜୁନାଗଡ଼ ସହରରୁ ଘରକୁ ଫେରୁଥିବା ବେଳେ ନୂଆ ବସଷ୍ଟାଣ୍ଡ ନିକଟରେ ଅନ୍ୟ ଏକ ବାଇକ୍ ସହ ଧକ୍କା ଦେଇଥିଲା। ଏହି ସମୟରେ ଅନ୍ୟ ବାଇକ୍‌ରେ ବସିଥିବା ଯୁବକମାନେ ଉତ୍ତ୍ୟକ୍ତ ହୋଇ ମାନସଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

## ଗାର୍ଗୀ ଶତପଥୀଙ୍କ ଡକ୍ଟରେଟ ଲାଭ



ଗବେଷିକା ଗାର୍ଗୀ ଶତପଥୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର, ତକତପୁର, ବାରିପଦା Education Facultyରେ ଡକ୍ଟରେଟ୍ ଉପାଧି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। Nischikantakalli P.P. College (Utkal University) ସହକାରୀ ଅଧ୍ୟାପକ Dr. Brajakishore Jenaଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "A Study of Effectiveness of Social Inquiry in the Development of Moral Judgement and Values of Secondary School Students of Mayurbhanj District of Odisha" ଶୀର୍ଷକ ଉପରେ ଗବେଷଣା କରି ବିଶ୍ୱବିଦ୍ୟାଳୟର ଚିଠି ସଂଖ୍ୟା Arts/ EDN/18/Ph.D/2017 (Wef-15.09.2017) ଅନୁସାରେ Ph.D. Degree ଲାଭ କରିଛନ୍ତି। ଡ. ଶତପଥୀଙ୍କ ଏହି ଗବେଷଣାତ୍ମକ ସନ୍ଦର୍ଭଟି ଭାରତର ଉତ୍ତରପୂର୍ବ ବିଶ୍ୱବିଦ୍ୟାଳୟର (NEHU) ମେଘାଳୟର, ଏସୋସିଏଟ ପ୍ରଫେସର ଡ. ଶିବଚରଣ ସୁବୁଦ୍ଧିଙ୍କ ଦ୍ୱାରା ମୂଲ୍ୟାୟନ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଶତପଥୀ ରାଞ୍ଚି ବିଶ୍ୱବିଦ୍ୟାଳୟ, ରାଞ୍ଚି ଭୂଗୋଳ ବିଷୟର ଭୂତପୂର୍ବ ବିଭାଗାଧ୍ୟକ୍ଷ ଡ. ଦେବୀଦତ୍ତ ପ୍ରସନ୍ନ କୁମାର ଶତପଥୀଙ୍କ (ଗୋଲ୍ଡ ମେଡାଲିଷ୍ଟ)ଙ୍କ ସୁପୁତ୍ରୀ ତଥା ବାରିପଦା ନିବାସୀ ମୟୂରଭଞ୍ଜ ଜିଲାର ଯୋଗାଣ ନିଗମରେ କାର୍ଯ୍ୟରତ ଅଚିନ୍ତ୍ୟ କୁମାର ପଣ୍ଡାଙ୍କ ସହଧର୍ମିଣୀ। ଡ. ଶତପଥୀ କୁଳିଅଣା (ବାରିପଦା)ରେ ଉଚ୍ଚ ପ୍ରାଥମିକ ଶିକ୍ଷକ ପଦରେ କାର୍ଯ୍ୟରତ ଅଛନ୍ତି। ଡ. ଶତପଥୀ ଏହି ସଫଳତା ପାଇଁ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଏଜୁକେସନ ବିଭାଗର ଏସୋସିଏଟ୍ ପ୍ରଫେସର ଡ. ରମେଶ ପରୁଆ, ବାୟୋଟେକ୍ନୋଲଜି ବିଭାଗର ଡ. ବିଶ୍ୱଜିତ ରଥ ତଥା ଉତ୍କଳମଣି ଗୋପବନ୍ଧୁ ବିଏଡ୍ କଲେଜ ବାରିପଦାର ଅବସରପ୍ରାପ୍ତ ପ୍ରିନ୍ସିପାଲ ଡ.ଶୈଳେନ୍ଦ୍ର କୁମାର ପାଇକରାୟଙ୍କ ସମେତ ତାଙ୍କ ପରିବାରବର୍ଗ, ମାର୍ଗଦର୍ଶକ, ଶୁଭେଚ୍ଛୁ ଏବଂ ସର୍ବୋପରି ମା' ଅମ୍ବିକାଙ୍କୁ କୃତଜ୍ଞତା ଜ୍ଞାପନ କରୁଛନ୍ତି।

ଧ-୧୪୧୫

**PANCHAYAT SAMITI DEGREE MAHAVIDYALAYA**
At/P.O.: Deogaon, Dist.: Balangir, PIN - 767029
degreecollegedeogaon@gmail.com, Mob.: 7894057303

**WALK-IN-INTERVIEW**

A Walk-in-Interview for engagement of Guest Faculty in the Subject of **BOTANY - 2 Posts, PHYSICS - 1 Post, ZOOLOGY - 1 Post, EDUCATION - 1 Post & SANSKRIT - 1 Post** will be held in the Office of the Principal on Dt.07.09.2022 (Wednesday) at 11 A.M. Interested candidates having good academic career and securing at least 55% marks in P.G. Level may attend the Interview with complete Bio-Data along with all Original and Xerox copies of Certificate and Mark Sheets from HSC onwards and two colour passport size photographs.

Sd./- Principal

भारतीय खाद्य निगम | FOOD CORPORATION OF INDIA
୧୬-୨୦, ବାରାଖମ୍ବା ଲେନ୍, ନୂଆଦିଲ୍ଲୀ - ୧୧୦୦୦୧
Azadi Ka Amrit Mahotsav

**ନିଯୁକ୍ତି ସୂଚନା**

ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ), ରାଷ୍ଟ୍ରର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରୁଥିବା ଅନ୍ୟତମ ସର୍ବବୃହତ୍ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ସାରା ଦେଶରେ ବ୍ୟାପ୍ତ ଏହାର ଡିପୋ ଓ କାର୍ଯ୍ୟାଳୟଗୁଡ଼ିକରେ **ଅଣ-କାର୍ଯ୍ୟନିର୍ବାହୀ**ଙ୍କ କ୍ଷେତ୍ର-ୱାରି ନିଯୁକ୍ତି ପାଇଁ ନିର୍ଦ୍ଧାରିତ ଶିକ୍ଷାଗତ ଯୋଗ୍ୟତା, ବୟସ, ଅଭିଜ୍ଞତା ଆଦି ମାନଦଣ୍ଡ ପୂରଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ କେବଳ **ଅନ୍‌ଲାଇନ୍ ଦରଖାସ୍ତ** ଆହ୍ୱାନ କରୁଛି।

୧. ପ୍ରାର୍ଥୀମାନେ ଏଫ୍‌ସିଆଇ ୱେବ୍‌ସାଇଟ୍ https://fci.gov.in ମାଧ୍ୟମରେ ଅନ୍‌ଲାଇନ୍‌ରେ ଏଫ୍‌ସିଆଇ ୱେବ୍‌ସାଇଟ୍‌ର ମୁଖ୍ୟ ପୃଷ୍ଠାର ''ଚଳିତ ନିଯୁକ୍ତି'' ଶୀର୍ଷକ ଅଧୀନରେ ଆବେଦନ କରିପାରନ୍ତି।
୨. ଯୋଗ୍ୟତା ମାନଦଣ୍ଡ, ସଂରକ୍ଷଣ, ବୟସ ଇତ୍ୟାଦି ସମ୍ବନ୍ଧୀୟ ବିବରଣୀ ପାଇଁ ପ୍ରାର୍ଥୀମାନେ ଦୟାକରି 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍/ରୋଜଗାର ସମାଚାର'ରେ ତା୦୩।୦୯।୨୦୨୨ରିଖରେ ପ୍ରକାଶିତ ସବିଶେଷ ବିଜ୍ଞାପନ ଅଥବା ଏଫ୍‌ସିଆଇ ୱେବ୍‌ସାଇଟ୍ https://fci.gov.in ଦେଖିପାରନ୍ତି।
୩. ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲ ତା୦୬।୦୯।୨୦୨୨ରିଖ, ୧୦.୦୦ ଘଣ୍ଟିକାରୁ ଆରମ୍ଭ ହେବ। ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ହେଉଛି ତା୦୫।୧୦।୨୦୨୨ରିଖ, ୧୬.୦୦ ଘଣ୍ଟିକା।

राष्ट्र के खाद्य सुरक्षा प्रहरी

GOVERNMENT OF ODISHA No. O-924
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR**
At/P.O.- Nayabazar, Cuttack - 753004, Tel. No. 0671-2444488, Email: serw_kpd@yahoo.com
Letter No. 2219 **1st Corrigendum Notice** Date: 29.08.2022
1st Corrigendum to Bid Identification No. Tender Online RCK-24/22 invited this office Letter No. 2163, Dt.23.08.2022
The changes as detailed below are hereby made in the above N.I.T.:
1. Clause No. 06 of NIT Modified below :

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-24/22 | 12.09.2022 at 11.00 A.M. | 27.09.2022 to 5.00 P.M. | 26.09.2022 upto 5.00 P.M. | 28.09.2022 at 11.30 A.M. | To be intimated later |

OIPR-25129/11/0026/2223 Sd./- Chief Construction Engineer, Rural Works Circle, Kendrapara-Jajpur

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
No. O-925 No. 3492/WE Dt.02.08.2022
**e-Procurement Notice**

1. Name of the Work : "Building Work"
2. Estimated Cost : Rs.126.04 lakhs to 139.57 lakh (Approximate)
3. Time for Completion : 09 (Nine) Calendar Months including rainy season
4. No. of Work : 16 (Sixteen) Nos.
6. Summary for key dates is provided below :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 353 | Dt.08.09.2022 at 11.00 A.M. | Dt.23.09.2022 upto 5.00 P.M. | Dt.22.09.2022 upto 5.00 P.M. | Dt.26.09.2022 at 11.00 A.M. | Will be intimated later |

Further details can be seen from the website: www.tendersodisha.gov.in.
Any other changes/corrigendums may be seen only in website www.tendersodisha.gov.in.
OIPR-25105/11/0032/2223 Sd./- Er. S.K. Mishra, Chief Construction Engineer, Rural Works Circle, Balasore

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ରଘୁନାଥପୁର ଶାଖାର** ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ରଘୁନାଥପୁର ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| ଋଣଗ୍ରହୀତାମାନେ : ୧) ମେସର୍ସ ଉପ୍ପଲ୍ଲା ଟ୍ରେଡିଙ୍ଗ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରସ୍ତାଟୁଳ ବୀର ଭେଙ୍କଟ ସେସାଦ୍ରୀ, ସା: ସପ୍ ନଂ.: ୪ ଏବଂ ୫, ନୟାବଜାର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ଼, ପିନ୍ - ୭୬୯୦୦୧, ୨) ଶ୍ରୀ ରସ୍ତାଟୁଳ ବୀର ଭେଙ୍କଟ ସେସାଦ୍ରୀ, ସା: ପ୍ଲଟ୍ ନଂ.: ୧୦୦୮, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ୩) ଶ୍ରୀ ରସ୍ତାଟୁଳ ବୀର ଭେଙ୍କଟ ସେସାଦ୍ରୀ, ସା: ରୁଦ୍ର ବିହାର, ହଂସପାଳ, ଭୁବନେଶ୍ୱର | ସିସି / ଟ.୩୦,୦୦,୦୦୦/- ଏଫ୍‌ଆଇଟିଏଲ୍ / ଟ.୬,୧୮,୦୦୦/- ସମୁଦାୟ: ଟ.୩୬,୧୮,୦୦୦/- | ୧୮.୦୫.୨୦୨୨ / ୨୧.୦୬.୨୦୨୨ | ଟ.୩୬,୭୩,୮୬୧.୬୪ + ସେବାବଦ ସୁଧ ଏବଂ ଖର୍ଚ୍ଚ | ଶ୍ରୀ ରସ୍ତାଟୁଳ ବୀର ଭେଙ୍କଟ ସେସାଦ୍ରୀଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭୧/୫୫୭, ପ୍ଲଟ୍ ନଂ.: ୪୯୫/୩୦୫୨, କ୍ଷେତ୍ର: ଏକର୦.୦୮୦ ଡିସିମିଲି ଯାହା ୩୪୮୪.୮୦ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଚାନ୍ଦମା, ଥାନା: କୋରେଇ, ଏସ୍‌ଆର୍‌ଓ/ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ବିକ୍ରେତା ଏବଂ କ୍ରେତାଙ୍କ ନିମନ୍ତେ ୨୫ ଲିଙ୍କସ୍ ଚଉଡ଼ା ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୪୯୫, ପଶ୍ଚିମ: ବିକ୍ରେତା ଏବଂ କ୍ରେତାଙ୍କ ନିମନ୍ତେ ୨୫ ଲିଙ୍କସ୍ ଚଉଡ଼ା ରାସ୍ତା |

ଉପରଦର୍ଶିତ **ରଘୁନାଥପୁର ଶାଖାର** ଋଣଗ୍ରହୀତାମାନେ ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡ଼ିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସମସ୍ତ କିମ୍ବା ଯେ କୌଣସି ଏକ କିମ୍ବା ଅଧିକ ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍ ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି। ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍‌କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଅଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୪.୦୯.୨୦୨୨ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର- କାରଣ ସତ୍ୟ ହିଁ ପଥପ୍ରଦର୍ଶକ। -ଶ୍ରୀମା

# ଅଭିବୃଦ୍ଧି ଅପସରିଯାଇଛି



ଆକାର ପଟେଲ

ବ୍ରିଟେନ୍‌କୁ ଟପି ଭାରତ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ହୋଇପାରିଛି। କିଛି ବର୍ଷ ପୂର୍ବେ ଆମେ ବ୍ରିଟେନ୍ ଆଗରେ ରହିଥିଲୁ ଓ ଏବେ ଦ୍ୱିତୀୟ ଥର ଲାଗି ତାକୁ ଟପିଗଲୁ। କଥା ହେଉଛି ଆମ ଅଭିବୃଦ୍ଧି ମାନ୍ଦା ଥିବାରୁ ଆମେ ତା'ପଛରେ ରହିଯାଇଥିଲୁ। ଏବେ ଆମ ଆଗରେ ରହିଛନ୍ତି ଜର୍ମାନୀ, ଜାପାନ, ଚାଇନା ଏବଂ ଆମେରିକା। ଆମେ ବିକଶିତ ତଥା ଧନୀ ଦେଶ ହୋଇପାରିବୁ ବୋଲି ଏମାନଙ୍କ ମଧ୍ୟରେ ଥିବା ଦୁଇ ଏସୀୟ ରାଷ୍ଟ୍ର ଆମ ମନରେ ଆଶା ଭରି ଦେଇଛନ୍ତି।

ଏକ ରାଷ୍ଟ୍ରର ସାମଗ୍ରିକ ଅର୍ଥ ବ୍ୟବସ୍ଥା ଆକାରରେ ମୋଟ ଘରୋଇ ଉତ୍ପାଦ(ଜିଡିପି) ଏବଂ ମୁଣ୍ଡ ପିଛା ଜିଡିପିକୁ ଦେଖାଯାଏ। ଆମେ ସଫଳତାରେ ଆନନ୍ଦିତ ହେଉଥିବାବେଳେ ମନେରଖିବା ଉଚିତ ଯେ, ଭାରତର ଲୋକସଂଖ୍ୟା ଇଂଲଣ୍ଡଠାରୁ ୨୦ ଗୁଣ ଅଧିକ। ଆମର ମୁଣ୍ଡ ପିଛା ଜିଡିପି ୨୨୦୦ ଆମେରିକୀୟ ଡଲାର; ଯାହା ବାର୍ଷିକ ପାଖାପାଖି ୧.୭୫ ଲକ୍ଷ ଟଙ୍କା ଏବଂ ମାସିକ ୧୪,୫୦୦ ଟଙ୍କା। ଇଂଲଣ୍ଡର ହାରାହାରି ଆୟ ୪୭,୦୦୦ ଡଲାର କିମ୍ବା ବାର୍ଷିକ ୩୭ ଲକ୍ଷ ଟଙ୍କା। ପ୍ରଶ୍ନ ହେଉଛି, ଆମେ ସେହି ସ୍ତରରେ କେମିତି ପହଞ୍ଚିବା। ନିକଟ ଅତୀତରେ ଦକ୍ଷିଣ କୋରିଆ(୩୪,୦୦୦ ଡଲାର), ଜାପାନ(୩୯,୦୦୦ ଡଲାର) ଏବଂ ଚାଇନା(୧୨୫୦୦ ଡଲାର) ସେହି ସ୍ତରକୁ ଯାଇଥିବାରୁ ଆମ ପାଇଁ ନିଶ୍ଚିତ ଭାବେ ଏକ ସମ୍ଭାବନା ରହିଛି। ମୁଣ୍ଡ ପିଛା ଜିଡିପି ୧,୦୩୬ ଏବଂ ୪,୦୪୫ ଡଲାର ମଧ୍ୟରେ ରହିଥିବା ଦେଶଗୁଡ଼ିକୁ ବିଶ୍ୱ ବ୍ୟାଙ୍କ ନିମ୍ନ ଆୟ ବର୍ଗରେ ବର୍ଗୀଭୁକ୍ତ କରିଛି। ଏଣୁ ଆମ ମୁଣ୍ଡ ପିଛା ଜିଡିପି ୨୨୦୦ ଡଲାର ଥିବାରୁ ଆମେ ନିମ୍ନ ମଧ୍ୟମ ଆୟ ବର୍ଗରେ ରହିଛୁ। ଉଚ୍ଚ ମଧ୍ୟମ ଆୟ ବର୍ଗର ଅର୍ଥ ବ୍ୟବସ୍ଥାଗୁଡ଼ିକର ମୁଣ୍ଡ ପିଛା ଜାତୀୟ ଆୟକୁ ୪,୦୪୬ ଏବଂ ୧୨,୫୩୫ ଡଲାର ମଧ୍ୟରେ ରଖାଯାଇଛି। ଏହାଠାରୁ ଅଧିକ ହେଉଛନ୍ତି ଉଚ୍ଚ ଆୟ ବା ଧନୀ ବର୍ଗର ଦେଶ। ଆଶ୍ଚର୍ଯ୍ୟର ବିଷୟ, ଏବେ ଯେଉଁଠି ଆମେ ରହିଛୁ ସେହିଠାରୁ ଆର୍ଥିକ କ୍ଷେତ୍ରରେ ସଫଳ ତିନୋଟି ଏସୀୟ ଦେଶର ସର୍ବାଧିକ ଅଭିବୃଦ୍ଧି ହାର ପର୍ଯ୍ୟାୟ ଆରମ୍ଭ ହୋଇଥିଲା। ୧୯୭୦ରେ ଜାପାନ ଆମ ମୁଣ୍ଡପିଛା ଜିଡିପି ସ୍ତରରେ ରହିଥିଲା। ଏକ ଦଶନ୍ଧିରେ , ଅର୍ଥାତ୍ ୧୯୮୦ସୁଦ୍ଧା ଏହାର ଅର୍ଥ ବ୍ୟବସ୍ଥାକୁ ବାର୍ଷିକ ୧୬% ହାରରେ ବୃଦ୍ଧି କରି ୯୪୬୩ ଡଲାରରେ ପହଞ୍ଚିଥିଲା। ୪ ଦଶନ୍ଧି ମଧ୍ୟରେ ଏହା ହାରାହାରି ୩.୫% ଅଭିବୃଦ୍ଧି ହାରରେ ୩୯,୦୦୦ ଡଲାର ଉପରେ ପହଞ୍ଚିଛି। ୧୯୮୩ରେ ଦକ୍ଷିଣ କୋରିଆର ଥିଲା ୨୧୯୮ ଡଲାର। ୧୦ ବର୍ଷ ମଧ୍ୟରେ ୧୯୯୩ ସୁଦ୍ଧା ଏହା ବାର୍ଷିକ ୧୫% ହାରରେ ଜିଡିପିରେ ଅଭିବୃଦ୍ଧି ଆଣି ୮୮୮୪ ଡଲାରରେ ପହଞ୍ଚିଥିଲା। ତା'ପର ତିନି ଦଶନ୍ଧିରେ ଜିଡିପି ଅଭିବୃଦ୍ଧି ୫% ହାରରେ ହୋଇଥିଲା। ଚାଇନା ଦିନେ ଆମ ଭଳି ଗରିବ ଥିଲା। ବିଶ୍ୱ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ିଛି ଯେ,୧୯୬୦ରେ ଚାଇନାର ମୁଣ୍ଡପିଛା ଆୟ ୮୯ ଡଲାର ଥିଲାବେଳେ ଭାରତର ଥିଲା ୮୨ ଡଲାର। ୧୯୭୦ରେ ଆମର ୧୧୨ ଡଲାର ଓ ଚାଇନାର ୧୧୩ ଡଲାର ରହିଥିଲା। ୧୯୮୦ରେ ଭାରତର ୨୨୬ ଡଲାର ଓ ଚାଇନାର ଥିଲା ୧୯୪ ଡଲାର। ୧୯୯୦ରେ, ଅର୍ଥାତ୍ ୩୨ ବର୍ଷ ପୂର୍ବେ ଭାରତର ଏହା ୩୬୭ ଡଲାର ରହିଥିଲା ବେଳେ ଚାଇନାର ଥିଲା ୩୧୭ ଡଲାର। ସେତେବେଳେ ଶେଷ ଥର ଲାଗି ଆମେ ଚାଇନା ଆଗରେ ରହିଥିଲୁ। ୨୦୦୦ରେ ଆମେ ୧୩୫୭ ଡଲାରରେ ଓ ଚାଇନା ୪୪୫୦ ଡଲାରରେ ପହଞ୍ଚିଥିଲା। କିନ୍ତୁ ଏବେ ଆମେ ୨୨୭୭ ଡଲାରରେ ଥିଲାବେଳେ ଚାଇନା ପହଞ୍ଚିଯାଇଛି ୧୨,୫୫୬ ଡଲାରରେ। ସେମାନେ ଏହା କେମିତି କଲେ। ୧୯୯୦ ଏବଂ ୨୦୦୦ ମଧ୍ୟରେ ୧୧% ଅଭିବୃଦ୍ଧି ହାସଲ କରି ଏବଂ ପରେ୨୦୦୦ରୁ ୨୦୧୦ ମଧ୍ୟରେ ୧୬% ଅଭିବୃଦ୍ଧିରେ ଏବଂ ତା'ପରେ ଶେଷ ଦଶନ୍ଧିରେ ୧୦% ହାରରେ ଆଗକୁ ବଢ଼ିଛନ୍ତି। ଅନ୍ୟପକ୍ଷରେ ଏହି ଅବଧିରେ ଆମେ ମାତ୍ର ୬% ଅଭିବୃଦ୍ଧି ହାସଲ କରିଥିଲୁ। ବାର୍ଷିକ ୧୫% ଅଭିବୃଦ୍ଧି ହାସଲ କରିବା ଏକ ଅଦ୍ଭୁତ କାର୍ଯ୍ୟ ; ଯାହା ଆମେ କେବେ ବି ହାସଲ କରିନାହୁଁ। କିନ୍ତୁ ଏହି ତିନି ଏସୀୟ ଦେଶ ବହୁବର୍ଷ ଧରି ଏକ ନିରନ୍ତର ଧାରାରେ ତାହା ହାସଲ କରିଛନ୍ତି। ଏହାର ରହସ୍ୟ କ'ଣ ? ଜାପାନ ଟୟୋଟା, ସୋନି, ହୋଣ୍ଡା, ପାନାସୋନିକ, ୟାମା ଆଦି ବୈଶ୍ୱିକ ଉଚ୍ଚଗୁଣବତ୍ତାସମ୍ପନ୍ନ କଞ୍ଜ୍ୟୁମର ବ୍ରାଣ୍ଡ୍ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଛି। ସେହିପରି ଦକ୍ଷିଣ କୋରିଆ ପାଖରେ ଅଛି ହୁଣ୍ଡାଇ ଏବଂ ସାମ୍‌ସଙ୍ଗ ଓ ଏଲ୍‌ଜି ଭଳି କଞ୍ଜ୍ୟୁମର ବ୍ରାଣ୍ଡ୍। ଚାଇନା ସମାନ ପ୍ରକାର ବାଟ ଆପଣାଇ ନ ଥିଲେ ମଧ୍ୟ ବିଶ୍ୱର ଏକ ମାନୁଫାକଚରିଂ ହବ୍ ହୋଇପାରିଛି। ସେମାନେ ଯାହା କଲେ ତାହା ଆମେ କିପରି କରିବୁ ସେଥିପାଇଁ ନକ୍ସା ପ୍ରସ୍ତୁତ କରିବାକୁ ପଡ଼ିବ। କିନ୍ତୁ ସେମାନଙ୍କ ସ୍ତରରେ ପହଞ୍ଚିବାକୁ ଏହା ଏକ ମାତ୍ର ଉପାୟ ନୁହେଁ।

ଆଧୁନିକ ଯୁଗରେ ବିକଶିତ ଦେଶଗୁଡ଼ିକ ଯେଭଳି ସମୃଦ୍ଧି ହାସଲ କରିଛନ୍ତି ତାହା ଆଉ ଏକ ବାଟ ଦର୍ଶାଏ। ଏହା ସ୍ୱାଧୀନ ନ୍ୟାୟିକ ଓ ଅପରାଧ ନ୍ୟାୟ ବ୍ୟବସ୍ଥା ଥିବା ସ୍ୱଚ୍ଛ ଓ କ୍ରିୟାଶୀଳ ଗଣତନ୍ତ୍ରଗୁଡ଼ିକ ଦ୍ୱାରା ସମ୍ଭବ ହୋଇଛି। ଏହି ସବୁ ବିଷୟ କେବଳ ଗଣତନ୍ତ୍ରଗୁଡ଼ିକ ଯୋଗାଇ ପାରିବେ, ଉତ୍ପୀଡକ ଶାସନ ନୁହେଁ। ଜାପାନ, ଦକ୍ଷିଣ କୋରିଆ ଏବଂ ଚାଇନାର ମୁଣ୍ଡପଛା ଜିଡିପି ୨୦୦୦ ଥିଲାବେଳେ ସେମାନେ ଯେମିତି ଆଗଉଥିଲେ ଏବେ ଭାରତ ସେମିତି ବଢୁଛି। ତେବେ ଆମେ ସେମାନଙ୍କ ଭଳି ଡେଇଁପାରିବୁ କି? ଏଭଳି ଚାହିଁବା ତ ସ୍ୱାଭାବିକ ଓ ଏହା ମଧ୍ୟ ବିଶ୍ୱରେ ଆମ ପାଇଁ ବଡ଼ ସଫଳତା ହେବ। କିନ୍ତୁ ଏହା ପାଇଁ କିଛି ପରିବର୍ତ୍ତନ କରିବାକୁ ପଡ଼ିବ। ୨୦୦୪ରୁ ୨୦୧୪ ମଧ୍ୟରେ ଆମେ ସାଥୀ ଏସୀୟ ରାଷ୍ଟ୍ରଗୁଡ଼ିକ ହାସଲ କରିଥିବା ଅଭିବୃଦ୍ଧିର ପାଖାପାଖି ହୋଇଥିଲୁ। ସେତେବେଳେ ଅଭିବୃଦ୍ଧି ହାର ୯% ଥିଲା। କେବଳ ବୈଶ୍ୱିକ ବାଣିଜ୍ୟରେ ଦ୍ରୁତ ବୃଦ୍ଧି ଓ ଆମ ରପ୍ତାନି ଅତ୍ୟଧିକ ବଢ଼ିବା ଯୋଗୁ ଏହା ଘଟିଥିଲା। ଏହି ଦ୍ରୁତ ଅଭିବୃଦ୍ଧି ଏବେ ଅପସରି ଯାଇଛି ଓ ଆମେ ଏଥିରୁ ଏବେ ଲାଭ ଉଠାଇପାରିବା ନାହିଁ। ୨୦୧୪ ପରେ ଆମ ହାରାହାରି ଅଭିବୃଦ୍ଧି ପାଖାପାଖି ୫% ରହିଛି। ଏହା ଯଦି ଜାରି ରହେ ଆମେ ଇଜିପ୍ଟ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଏବଂ ବାଂଲାଦେଶ ଭଳି ରହିଯିବା।

Email:aakar.patel@gmail.com

# ଭାତହାଣ୍ଡିରୁ ଭାତଟିଏ



ଅକ୍ଷୟ କୁମାର ମିଶ୍ର

ଅଳ୍ପ ଦିନ ତଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଦ୍ୟାଳୟରେ ଫି ଆଦାୟକୁ ନେଇ କେମିତି ଏକ ଅମାନବୀୟ ଘଟଣା ଘଟିଲା ତାହା ରାଜ୍ୟବାସୀ ଦେଖିଛନ୍ତି। ଚଉତିରିଶ ଜଣ କୋମଳମତି ଛାତ୍ରୀଛାତ୍ରଙ୍କ ଅଭିଭାବକ ବିଦ୍ୟାଳୟର ଦେୟ ପଇଠ କରିନଥିବା ଯୋଗୁ ଅକଥନୀୟ ମାନସିକ ଯନ୍ତ୍ରଣା ସହିଲେ। ପାଠାଗାର ଭିତରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ପିଲାମାନଙ୍କୁ ବସାଇ ରଖିଲେ। ଅର୍ଥ ଆଦାୟ ସକାଶେ ମୁଣ୍ଡଜାମିନ କହିଲେ ଭୁଲ ହେବ ନାହିଁ। ଆଉ କିଛି ଦିନ ପୂର୍ବେ ଜୁଲାଇ ୨୦ ଦିନ ଏକ ନାରକୀୟ ଘଟଣା ସାମ୍ନାକୁ ଆସିଥିଲା। ରାଜସ୍ଥାନ ଝଲୌର ଜିଲାର ଏକ ସରସ୍ୱତୀ ବିଦ୍ୟା ମନ୍ଦିରରେ ଜଣେ ନଅ ବର୍ଷର ଶିଶୁ ଉଚ୍ଚ ଜାତି ପାଇଁ ଉଦ୍ଦିଷ୍ଟ ଥିବା ପାଣି ପାତ୍ରରୁ ପାଣି ପିଇ ଦେଇଥିଲା ବୋଲି ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ଏମିତି ଶିଶୁଟିକୁ ପିଟିଲେ ଯେ, ସେ ଚିକିତ୍ସାଧୀନ ଅବସ୍ଥାରେ ୨୩ ଦିନ ପରେ ଚିରଦିନ ପାଇଁ ଆଖି ବୁଜିଲା।

ଅଭିଯୋଗ ହେଉଛି ଇଏତ ଭାତହାଣ୍ଡିରୁ ଭାତଟିଏ। ଗ୍ୟାରେଣ୍ଟି ଦେଇ କହିହେବ ନାହିଁ ଆଉ ସବୁ ସ୍ଥାନରେ ଠିକ୍‌ଠାକ୍ ଚାଲିଛି ବୋଲି। ଘରୋଇ ଶିକ୍ଷାନୁଷ୍ଠାନ ତ ଆଉ ସେବା ପାଇଁ ଗଢ଼ି ଉଠିନାହିଁ? ବ୍ୟବସାୟ ଯେଉଁଠି ମୁଖ୍ୟ ଉଦ୍ଦେଶ୍ୟ, ସେଠାରେ ଲାଭ କ୍ଷତିର ହିସାବକୁ ବାଦ୍ ଦେଲେ ସଂସ୍ଥା ଚାଲିବ କେମିତି? ଶିକ୍ଷାକୁ ଯେତେବେଳେ ଏକ ପଣ୍ୟ ରୂପେ ଗ୍ରହଣ କରାଗଲା ଏବଂ ବଡ଼ ବଡ଼ ବ୍ୟବସାୟୀ ତଥା କର୍ପୋରେଟରମାନଙ୍କ ହାତରେ ଏହାକୁ ବିକ୍ରି କରିବାର ହଲପ୍‌ନାମା ପ୍ରଦାନ କରାଗଲା, ସେତେବେଳେ ସେଠାରୁ ସେବା ଆଶା କରିବା ନିରର୍ଥକ। ଏହାର ନିଚ୍ଛକ ଉଦାହରଣ ହେଉଛି ଭୁବନେଶ୍ୱରରେ ଘଟିଥିବା ଘଟଣା। ଦ୍ୱିତୀୟ ଘଟଣାଟି ଜାତି ପ୍ରଥାର ବୀଭତ୍ସ ରୂପ। ଜଣେ ତୃଷାର୍ତ୍ତ ଶିଶୁ ପାଣି ପିଇଦେଲା ବୋଲି ତାକୁ ପିଟିପିଟି ମାରିଦେବା କାନ ଶୁଣିନଥିଲା। ଅସଭ୍ୟ ବର୍ବରତାର ବୋଧହୁଏ ଶେଷ ସୋପାନ। ପରବର୍ତ୍ତୀ ସମୟରେ ଶିକ୍ଷା ଅଧିକାର ଆଇନ ୨୦୦୯ ଆସିବା ପରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗରୁ ୨୫ ପ୍ରତିଶତ ପିଲାଙ୍କ ପାଇଁ ସଂରକ୍ଷିତ ହେଲା। ଫଳରେ ସ୍ୱୀକୃତି ପ୍ରତ୍ୟାହାର ହୋଇଯିବା ଭୟରେ ଅନିଚ୍ଛା ସତ୍ତ୍ୱେ ଏମାନେ ଏହି ବର୍ଗର କିଛି ପିଲାଙ୍କୁ ଭର୍ତ୍ତି କରିବାକୁ ବାଧ ହେଉଛନ୍ତି ସତ, କିନ୍ତୁ ଏମାନଙ୍କ ପ୍ରତି ଅସୂୟା ଭାବନାରେ ଅନ୍ତ ଘଟିନାହିଁ।

ଦେଖାଯାଉଛି ଏହିସବୁ ବିଦ୍ୟାଳୟରେ କୌଣସି ଏକ ଅଭାବନୀୟ ଘଟଣା ଘଟିବା ପରେ ପ୍ରଶାସନ ବେଶ୍ ସକ୍ରିୟ ହୋଇଉଠୁଛି ଏବଂ ସରକାର ମଧ୍ୟ ତତ୍ପରତା ପ୍ରକାଶ କରୁଛନ୍ତି ଏହି ଶିକ୍ଷାନୁଷ୍ଠାନଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ। କିନ୍ତୁ ଚାଲୁଥିବା ବେନିୟମ କାର୍ଯ୍ୟ ବିରୋଧରେ ଯେତେବେଳେ ବିଭିନ୍ନ ମହଲରୁ ଅଭିଯୋଗ ହେଉଛି ତାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ପରନ୍ତୁ ଅଭିଯୋଗଗୁଡ଼ିକୁ ହାଲୁକା ଭାବେ ଗ୍ରହଣ କରିବା ଅଭ୍ୟାସରେ ପରିଣତ ହୋଇଗଲାଣି। ବିଡ଼ମ୍ବନା ହେଉଛି ଘରୋଇ ଶିକ୍ଷା ବ୍ୟବସ୍ଥାର କ୍ଷତିକାରକ ଦିଗଗୁଡ଼ିକ ସମ୍ପର୍କରେ ଯେତେବେଳେ କୁହାଯାଉଛି ଏହାକୁ କର୍ଣ୍ଣପାତ କରାଯାଉ ନାହିଁ। ଅଧିକନ୍ତୁ ଘରୋଇ ଶିକ୍ଷା ସପକ୍ଷରେ ଓକିଲାତି କରି କୁହାଯାଉଛି ଆଜିର ସମାଜରେ ଏହା ଅନିବାର୍ଯ୍ୟ।



ଘରୋଇ ବିଦ୍ୟାଳୟରେ ପଢ଼ିଲେ ପିଲା ଟାଇ, କୋଟ୍, ବୁଟ୍ ପିନ୍ଧି ସ୍କୁଲ ଯିବ। ସ୍ମାର୍ଟ ହେବ। ଇଂଲିଶ୍‌ରେ ଦକ୍ଷତା ବଢ଼ିବ। ବହୁତଳ ବିଶିଷ୍ଟ ପ୍ରାସାଦରେ ବସି ପାଠ ପଢ଼ିବ। ପୁଣି ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହର ବ୍ୟବସ୍ଥା ଅଛି। ଯେମିତି ପଇସା, ସେମିତି ପାଠ। ସହରଠାରୁ ଗାଁ ଡିଟରଜେଣ୍ଟ ପାଉଡର ପାଇଁ ଯେମିତି ବଡ଼ ବଡ଼ ହୋର୍ଡିଂ ଲାଗିଛି, ସମାନ ଭାବେ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରଚାର ଅଭିଭାବକମାନଙ୍କୁ ଆଜି ବାଉଳା କରିଦେଉଛି। ଖାଉଟିଙ୍କୁ ଆକୃଷ୍ଟ କରିବା ପାଇଁ କମ୍ପାନୀଗୁଡ଼ିକ ବେଳେବେଳେ ଘୋଷଣା କରନ୍ତି 'ଦୁଇକିଲିଆ ପାକେଟ୍ କିଣିଲେ ଗୋଟିଏ ବାଲ୍‌ଟି ଫ୍ରି'। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ସମାନ କୌଶଳ ଆପଣେଇବାକୁ ଭୁଲୁନାହାନ୍ତି। କିଏ କହୁଛି ପାଠ ସାଙ୍ଗକୁ ସ୍ପିକିଂ ଇଂଲିଶ୍ ଫ୍ରି ତ କିଏ କହୁଛି କମ୍ପ୍ୟୁଟର ଶିକ୍ଷା ଫ୍ରି। ଆଉ କେଉଁଠି ପାଠ ସାଙ୍ଗରେ ଜେଇ, ଆଇଆଇଟି, ମେଡିକାଲ କୋଚିଂ ମାଗଣାରେ ଦିଆଯାଏ ବୋଲି ବଡ଼ ବଡ଼ ଅକ୍ଷରରେ ଲେଖାଯାଉଛି। ଏସବୁ ଦେଖି ବିଶେଷକରି ମଧ୍ୟବିତ୍ତ ଶ୍ରେଣୀ ଏହି ବଜାରରେ ଅଧିକ ସାମିଲ ହେଉଛନ୍ତି। ହେବା ସ୍ୱାଭାବିକ ମଧ୍ୟ। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଯେମିତି ଅଣଦେଖା କରାଗଲା ଏବଂ ଘରୋଇ ଶିକ୍ଷାକୁ ଯେମିତି ପରୋକ୍ଷ ପ୍ରୋତ୍ସାହନ ଦିଆଗଲା ତା'ର ଫଳ ସ୍ୱରୂପ ପାଖାପାଖି ୩୦% ପିଲା ଆଜି ଘରୋଇ ବିଦ୍ୟାଳୟ ଆଡ଼କୁ ଆକର୍ଷିତ ହୋଇ ଯାଇଛନ୍ତି।

ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ପାଇଁ ଶିକ୍ଷା ଯେମିତି ଅପରିହାର୍ଯ୍ୟ, ସେମିତି ଶିକ୍ଷା ମଧ୍ୟ ଦେଶର ଅର୍ଥନୀତି ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ। ଆମ ଦେଶ ବିଂଶ ଶତାବ୍ଦୀର ଶେଷ ଦଶକରେ ମିଶ୍ର ଅର୍ଥନୀତିକୁ ବିଦାୟ ଜଣାଇ ଜଗତୀକରଣକୁ ସ୍ୱାଗତ କଲା। ଏହାର ମୂଳ ପିଣ୍ଡ ହେଉଛି ଉଦାରୀକରଣ ଓ ଘରୋଇକରଣ। ସେହି ଦିନଠାରୁ ଘରୋଇ ମାଲିକାନା ପାଇଁ ମୌସୁମୀ ପ୍ରବାହିତ ହେବାକୁ ଲାଗିଲା। ଆଉ ଏକ ଲଘୁଚାପ ସୃଷ୍ଟି ହେଲା ୨୦୦୦ ମସିହା ଏପ୍ରିଲ ୨୪ ଦିନ, ଯେତେବେଳେ ମୁକେଶ ଅମ୍ବାନୀ ଓ କୁମାରମଙ୍ଗଳମ୍ ବିର୍ଲା ଶିକ୍ଷା ଉପରେ ଏକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କଲେ। ରିପୋର୍ଟରେ କୁହାଗଲା, ରାଷ୍ଟ୍ରର ବିକାଶକୁ ତ୍ୱରାନ୍ୱିତ କରିବାକୁ ହେଲେ ଶିକ୍ଷା ବଜେଟକୁ ହ୍ରାସ କରିବା ଆବଶ୍ୟକ। ନ ହେଲେ ଏମିତି ସମୟ ଆସିବ, ଏହା ସମଗ୍ର ବଜେଟକୁ ଗିଳିଦେବ। ଶିକ୍ଷା ହେଉଛି ଏକ ଅଣଉତ୍ପାଦିତ କ୍ଷେତ୍ର ଏବଂ ଏହା ଏକ ନନ୍‌ମେରିଟ ଗୁଡ୍‌ସ(non-merit goods)। ଏହା ବାବଦରେ ସରକାର ଅଧିକ ସମ୍ବେଦନଶୀଳ ନ ହୋଇ ବୋଝକୁ ହାଲୁକା କରିବା ପାଇଁ ଘରୋଇ ମାଲିକାନାକୁ ହସ୍ତାନ୍ତରିତ କରିବା ଜରୁରୀ। ଯଦ୍ୱାରା ଯାହାର ଅର୍ଥ ଅଛି ସେ ତା' ପିଲା ପାଇଁ ବଜାରରୁ ଶିକ୍ଷାକୁ କିଣିପାରିବା ସହିତ ଦେଶ 'ଜ୍ଞାନ ବିପ୍ଳବ'ରେ ସାମିଲ ହୋଇପାରିବ। ଏହି ରିପୋର୍ଟକୁ ନୀରବ ସମର୍ଥନ ଫଳରେ ଆଜି ଦେଶରେ ଛତୁ ଫୁଟିଲା ପରି ଘରୋଇ ବିଦ୍ୟାଳୟ, ମହାବିଦ୍ୟାଳୟ ଗଢ଼ିଉଠିଛି। ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ସରକାରୀ ବିଶ୍ୱବିଦ୍ୟାଳୟ ସଂଖ୍ୟାକୁ ମଧ୍ୟ ଟପିଗଲାଣି। ଦେଶରେ ପ୍ରଚଳିତ ଦୁଇଟି ସମାନ୍ତରାଳ ଶିକ୍ଷା ବ୍ୟବସ୍ଥା ଯୋଗୁ ଲୋକଙ୍କ ଭିତରେ ସାମାଜିକ ତଥା ଅର୍ଥନୈତିକ ବୈଷମ୍ୟ କ୍ରମଶଃ ବଢ଼ିବାରେ ଲାଗିଛି।

କେନ୍ଦ୍ର ତଥା ରାଜ୍ୟ ସରକାରଗୁଡ଼ିକ ଶିକ୍ଷାକୁ ଏକ ନିଷିଦ୍ଧ ସାମଗ୍ରୀ ଭାବରେ ବିଚାର କରି ବଜାରରେ ଖୁଲମ୍‌ଖୁଲା ବିକ୍ରି ପାଇଁ ଛାଡ଼ିଦେବା ଉଚିତ ହେବ ନାହିଁ। ଅବଶ୍ୟ କେରଳ ଓ ଦିଲ୍ଲୀ ସରକାର ବିପଦକୁ ହୃଦୟଙ୍ଗମ କରି ସରକାରୀ ସାର୍ବଜନୀନ ଶିକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହା ଏକ ଶୁଭ ସଂକେତ। ଭିତ୍ତିଭୂମିର ବିକାଶ ପାଇଁ ବିଦ୍ୟାଳୟ ରୂପାନ୍ତରଣ ଆମ ରାଜ୍ୟ ସରକାରଙ୍କର ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ବୋଲି କୁହାଯାଇପାରିବ, ଯଦି ମାଧ୍ୟମିକରେ ସୀମିତ ନରହି ଏଥିରେ ସମସ୍ତ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସାମିଲ କରନ୍ତି। ପୁଣି ଭିତ୍ତିଭୂମିର ବିକାଶ କେବଳ ଯଥେଷ୍ଟ ନୁହେଁ। ପ୍ରାଥମିକଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶୂନ୍ୟ ପଡ଼ିଥିବା ଶିକ୍ଷକ ପଦବୀ ପୂରଣ ନ କଲେ ପୋଖରୀରେ ଲୋଟାଏ କ୍ଷୀର ଢାଳି କ୍ଷୀର ପୋଖରୀ ତିଆରି କରିବା ଭଳି କଥା ହେବ। ଆଶା କରିବା ସମସ୍ତ ସରକାର ଶିକ୍ଷାକୁ ନେଇ ସେମାନଙ୍କର ବିଚାରବୋଧର ପରିବର୍ତ୍ତନ ଆଣିବେ।

ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୯

# ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞ

ବ୍ୟକ୍ତିତ୍ୱ



ଦେବୀ ପ୍ରସନ୍ନ କାନୁନ୍‌ଗୋ

ନଅବର୍ଷ ଧରି ଆଇନଗତ ଲଢ଼େଇର ସମ୍ମୁଖୀନ ହେବା ପରେ ଉତ୍ତରପ୍ରଦେଶ ନୋଏଡାର ସେକ୍ଟର ୯୩ଏରେ ଥିବା ଟ୍ୱିନ୍ ଟାୱାର ୨୮ ଅଗଷ୍ଟ ୨୦୨୨ରେ ଧ୍ୱଂସ ପାଇବା ଲାଗି ଲାଗିଥିଲା ମାତ୍ର ୯ ସେକେଣ୍ଡ। ସୁପରଟେକ୍ ସଂସ୍ଥା ଦ୍ୱାରା ବେଆଇନ ଭାବେ ନିର୍ମାଣ କରାଯାଇଥିବା ୩୨ ଓ ୨୯ ମହଲା ବିଶିଷ୍ଟ ଦୁଇଟି ବୃହତ୍ ଅଟ୍ଟାଳିକା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ମାଟିରେ ମିଶାଇ ଦିଆଯାଇଛି। ଗଣମାଧ୍ୟମରେ ଏହି ଧ୍ୱଂସର ଦୃଶ୍ୟ ଦେଖିବା ଲାଗି ସମସ୍ତେ ଅନାଇ ରହିଥିଲେ। ଉଲ୍ଲେଖଯୋଗ୍ୟ ଯେ, କେରଳର ମାରାଡୁ ମ୍ୟୁନିସିପାଲିଟିରେ ବେଆଇନ ଆପାର୍ଟମେଣ୍ଟକୁ ଭଙ୍ଗାଯିବା ପରେ ନୋଏଡା ଟ୍ୱିନ୍ ଟାୱାର ଧ୍ୱଂସ ଦେଶର ଦ୍ୱିତୀୟ ଘଟଣା, ଯେଉଁଥିରେ ଯୋଜନାବଦ୍ଧ ଭାବେ ଅଟ୍ଟାଳିକାକୁ ଭାଙ୍ଗିଦିଆଯାଇଛି। ତେବେ ନୋଏଡାର ସେହି ୧୦୩ ମିଟର ଉଚ୍ଚ ଦ୍ୱୈତ ଅଟ୍ଟାଳିକାର ଆକାର ଅଧିକ ହୋଇଥିବାରୁ ତାହାର ଧ୍ୱଂସ ଦୃଶ୍ୟ ବେଶି ଦୃଷ୍ଟି ଆକର୍ଷଣ କରିଥିଲା।

୨୮ ଅଗଷ୍ଟ ଅପରାହ୍ନ ୨ଟା ୩୦ରେ ଟ୍ୱିନ୍‌ଟାୱାରକୁ ବୈଜ୍ଞାନିକ ପଦ୍ଧତି ଇମ୍ପ୍ଲୋଜନ (ସିକ୍ୟୁଏନ୍‌ସିଆଲ୍ କଣ୍ଟ୍ରୋଲ୍‌ଡ ବ୍ଲାଷ୍ଟିଂ ବା ଅନୁକ୍ରମଣୀୟ ଆୟତ୍ତାଧୀନ ବିସ୍ଫୋରଣ) ମାଧ୍ୟମରେ ସମାପନ କରାଯାଇଥିଲା। ଏହା ବାହ୍ୟ କ୍ଷତି ନ ଘଟାଇ ଟ୍ୱିନ୍ ଟାୱାରକୁ ସେହି ସ୍ଥାନରେ ଭୁଶୁଡ଼ାଇ ଦେଇଥିଲା। ଏଥିଲାଗି ୩,୭୦୦ କିଲୋଗ୍ରାମ୍‌ର ବିସ୍ଫୋରକ ବ୍ୟବହାର କରାଯାଇଥିଲା। ଟ୍ୱିନ୍ ଟାୱାରର ପ୍ରତି ଟାୱାରରୁ ୧୮ ମହଲାକୁ ଚୟନ କରାଯାଇଥିଲା। ସେଥିରୁ ୧୧ଟିକୁ ପ୍ରାଇମେରି ବ୍ଲାଷ୍ଟ ଫ୍ଲୋର ଓ ୭ଟିକୁ ସେକେଣ୍ଡାରି ବ୍ଲାଷ୍ଟ ଫ୍ଲୋର ଭାବେ ଭାଗ କରାଯାଇଥିଲା। ସମୁଦାୟ ୧୮ଟି ମହଲାରେ ୯,୬୪୨ଟି ଗର୍ତ୍ତ କରାଯାଇ ସେଥିରେ ବାରୁଦ ଭର୍ତ୍ତି କରାଯାଇଥିଲା। ସେଗୁଡ଼ିକର ସମୁଦାୟ ମାପ କରାଯାଇଥିଲା, ଯାହାର ଲମ୍ବ ଥିଲା ପ୍ରାୟ ୧୯ କିଲୋମିଟର। ସେହିଭଳି ଅନ୍ୟ ୭ଟି ଫ୍ଲୋରରେ ବ୍ଲାଷ୍ଟିଂ ଡିଜାଇନ୍ ଫାୟାରିଂ କରାଯାଇଥିଲା। ଧ୍ୱଂସର ତରିକା ଏଭଳି ଥିବା ବେଳେ ନିକଟସ୍ଥ ଅଟ୍ଟାଳିକା, ସ୍ଥାନୀୟ ଅଞ୍ଚଳରେ ସୃଷ୍ଟି ହେବାକୁ ଥିବା ପ୍ରଚୁର ଧୂଳିକଣା, ଶବ୍ଦ ପ୍ରଦୂଷଣ ଏବଂ ମାଟିରେ କମ୍ପନ ଆଦିକୁ ନିୟନ୍ତ୍ରଣରେ ଆଣିବା ସକାଶେ ଅତ୍ୟାଧୁନିକ ବୈଜ୍ଞାନିକ ଓ ଇଞ୍ଜିନିୟରିଂ କୌଶଳ ଆପଣାଯାଇଥିଲା। ତେଣୁ ସେହି ଅଟ୍ଟାଳିକା ଦୁଇଟିରେ ପାଞ୍ଚ ପରସ୍ତ ଷ୍ଟିଲ୍ ଜାଲି ଓ ୫ ପରସ୍ତ କନା (ଜିଓ ଟେକ୍ସଟାଇଲ୍ ଫେବ୍ରିକ୍ସ) ଗୁଡ଼ାଇ ଦିଆଯାଇଥିଲା। ଫଳରେ ବାହାରକୁ ଅଧିକ ଧୂଳିକଣା ଯାଇପାରି ନ ଥିଲା ଓ ଶବ୍ଦ ପ୍ରଦୂଷଣ କମିଯାଇଥିଲା। ସେହିପରି ୮୦ ହଜାର ଟନ୍ ଡେବ୍ରିସ୍ ବା କଂକ୍ରିଟ ପଡ଼ିଲେ ମାଟିରେ କମ୍ପନ ସୃଷ୍ଟି ହେବାକୁ ଥିବାରୁ ତାହାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ତଳେ ମାଟିର ବନ୍ଧ କରାଯାଇଥିଲା। ଏଥିସହିତ ଟ୍ୱିନ୍ ଟାୱାରଠାରୁ ମାତ୍ର ୧୫ ମିଟର ଦୂରରେ ଗେଲ୍ (ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍)ର ପାଇପ୍‌ଲାଇନ ଯାଇଥିଲା। ଏହି ଆହ୍ୱାନକୁ ମୁକାବିଲା କରିବା ଲାଗି ଷ୍ଟିଲ୍ ଚଦର ବିଛାଯିବା ସହ ୫ରୁ ୫ ଚଉଡ଼ା ଓ ଉଚ୍ଚତାର ବନ୍ଧ ବନ୍ଧାଯାଇଥିଲା। ତାହା ଉପରେ ଟାୟାର ମଧ୍ୟ ପକାଯାଇଥିଲ। ଏପରିକି ନିକଟସ୍ଥ କୋଠାଗୁଡ଼ିକୁ ନିରାପଦରେ ରଖିବା ଲାଗି ଆଗୁଆ ବିବିଧ ପଦକ୍ଷେପ ନିଆଯିବା ପରେ ଟ୍ୱିନ୍ ଟାୱାର ଧ୍ୱଂସ କରାଯାଇଥିଲା ବୋଲି କଥାବାର୍ତ୍ତା ବେଳେ ଏହା ପ୍ରକାଶ କରିଛନ୍ତି ରୁରକିର ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିବିଆର୍‌ଆଇ)ର ବରିଷ୍ଠ ପ୍ରଧାନ ବୈଜ୍ଞାନିକ ତଥା ଓଡ଼ିଆ ଜିଓସାଇଣ୍ଟିଷ୍ଟ ଡକ୍ଟର ଦେବୀ ପ୍ରସନ୍ନ କାନୁନ୍‌ଗୋ। ଟିମ୍ ଲିଡର ଭାବେ ତାଙ୍କ ସହ ଅନ୍ୟ ୬ ଜଣ କାର୍ଯ୍ୟ କରୁଥିଲେ। ରୁର୍‌କିର ୪ ଜଣ ଯୁବ ବୈଜ୍ଞାନିକ ଓ ଧାନବାଦସ୍ଥିତ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଇନିଂ ଆଣ୍ଡ ଫୁଏଲ ରିସର୍ଚ୍ଚର ଦୁଇ ଜଣ ବୈଜ୍ଞାନିକ ଥିଲେ। ରୁର୍‌କିର ସେହି ୪ ବୈଜ୍ଞାନିକଙ୍କ ମଧ୍ୟରେ ଅନ୍ୟତମ ଓଡ଼ିଆ ମିକି ମେକନ ଦଳବେହେରା ମଧ୍ୟ ଥିଲେ। ତେବେ ବିପର୍ଯ୍ୟୟ ପ୍ରଶମନ ବିଶେଷଜ୍ଞ ଭାବେ ପରିଚିତ ଡକ୍ଟର କାନୁନ୍‌ଗୋ ବ୍ଲାଷ୍ଟ ଡିଜାଇନ୍ ଉପରେ ସୁପ୍ରିମକୋର୍ଟରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରି ବିଚାରପତିଙ୍କ ଦ୍ୱାରା ପ୍ରଶଂସିତ ହେବା ଓ ନିରାପଦରେ ଟ୍ୱିନ୍ ଟାୱାରକୁ ଧରାଶାୟୀ କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ଦେବୀ ପ୍ରସନ୍ନ ୧୬ ଜୁନ୍ ୧୯୬୭ରେ କେନ୍ଦ୍ରାପଡ଼ା ଜିଲା ଚାନ୍ଦୋଳରେ ଜନ୍ମଗ୍ରହଣ କରିଥିଲେ। ପିତା କୃଷ୍ଣଚନ୍ଦ୍ର କାନୁନ୍‌ଗୋ ଓ ମାତା ପ୍ରେମଲତା କାନୁନ୍‌ଗୋ। ପିତା ଫୁଲନଖରାସ୍ଥିତ ପ୍ରାଣୀଧନ କାର୍ଯ୍ୟାଳୟରେ ଚାକିରି କରୁଥିଲେ। ଚାରି ପୁଅ ଓ ଗୋଟିଏ ଝିଅକୁ ସହରରେ ରଖି ପାଠ ପଢ଼ାଇବା ଆର୍ଥିକ ଦୃଷ୍ଟିରୁ କଷ୍ଟକର ହୋଇଥିଲା। ସେଥିପାଇଁ ପିଲାମାନେ ଗାଁ ସ୍କୁଲରୁ ପଢ଼ା ଆରମ୍ଭ କରିଥିଲେ। ଦେବୀ ପ୍ରସନ୍ନ ଦୋହଳି ମଡେଲ ହାଇସ୍କୁଲରୁ ମାଟ୍ରିକ ପାସ୍ କରିଥିଲେ। ଭୁବନେଶ୍ୱର ବିଜେବି କଲେଜରୁ ଆଇ.ଏସ୍‌ସି, କେନ୍ଦୁଝରର ଧରଣୀଧର ମହାବିଦ୍ୟାଳୟରୁ ଭୂତତ୍ତ୍ୱ ବିଜ୍ଞାନ (ଜିଓଲୋଜି)ରେ ସ୍ନାତକ କରିବା ପରେ ୟୁନିଭର୍ସିଟି ଅଫ୍ ରୁର୍‌କିରୁ ମାଷ୍ଟର ଅଫ୍ ଟେକ୍ନୋଲଜି (ଏମ୍‌ଟେକ୍) ଡିଗ୍ରୀ ଅର୍ଜନ କରିଥିଲେ। ପଢ଼ା ଶେଷ ପରେ ସେ ରୁର୍‌କିସ୍ଥିତ ସିବିଆର୍‌ଆଇରେ ଚାକିରି ଜୀବନ ଆରମ୍ଭ କରିଥିଲେ। ସେ ୟୁନିଭର୍ସିଟି ଅଫ୍ ରୁର୍‌କି(ଏବେ ଆଇଆଇଟି ରୁର୍‌କି)ରୁ ପିଏଚ୍.ଡି କରିବା ପରେ ମୁଖ୍ୟ ବୈଜ୍ଞାନିକ ପଦକୁ ଉନ୍ନୀତ ହୋଇଥିଲେ। ଜୀବନରେ ସଂଘର୍ଷ କରି ଉପରକୁ ଉଠିଥିବା ଡକ୍ଟର କାନୁନ୍‌ଗୋ ଟ୍ୱିନ୍ ଟାୱାର ଧ୍ୱଂସ ସଂକ୍ରାନ୍ତ ବ୍ଲାଷ୍ଟ ଡିଜାଇନ୍ ବିଷୟରେ ସର୍ବୋଚ୍ଚ ନ୍ୟାୟାଳୟରେ ଯେଉଁ ତଥ୍ୟ ଉପସ୍ଥାପନ କରିଥିଲେ ବିଚାରପତିମାନେ ଆଗ୍ରହର ସହ ଶୁଣି ତାହାକୁ ମଞ୍ଜୁରୀ ଦେବା ପରେ ତାଙ୍କୁ ଖୁସି ଲାଗିଥିଲା। ସେ କହନ୍ତି, ସୁପରଟେକ୍ ଅଟ୍ଟାଳିକା ନିର୍ମାଣର ନିୟମ ଉଲ୍ଲଂଘନ କରି ଏବେ ଦଣ୍ଡିତ ହେବା ଦ୍ୱାରା ଦେଶରେ ବେଆଇନ ନିର୍ମାଣ କରୁଥିବା ସଂସ୍ଥା ବା ବ୍ୟକ୍ତିଙ୍କୁ ଏହି ଘଟଣା ସତର୍କ କରାଇ ଦେଲା। ସୁପରଟେକ୍ ସଂସ୍ଥା ଟ୍ୱିନ୍ ଟାୱାର ଭାଙ୍ଗିବା ଲାଗି ନିଯୁକ୍ତ ଡିମୋଲିଶନ ଏଜେନ୍ସି ଦକ୍ଷିଣ ଆଫ୍ରିକାର 'ଜେଟ୍ ଡିମୋଲିଶନ' ଓ ବମ୍ବେର 'ଏଡିଫିସ୍ ଇଞ୍ଜିନିୟରିଂ'କୁ ୨୦ କୋଟି ଟଙ୍କା ଦେଇଥିବା ବେଳେ ବ୍ଲାଷ୍ଟ ଡିଜାଇନିଂ ଓ ବିଶେଷଜ୍ଞ କାର୍ଯ୍ୟ ଲାଗି ସିବିଆର୍‌ଆଇକୁ ୭୦ ଲକ୍ଷ ଟଙ୍କା ପରାମର୍ଶ ଖର୍ଚ୍ଚ ବାବଦକୁ ପ୍ରଦାନ କରିଛି। ତେବେ ଷ୍ଟ୍ରକ୍ଚରାଲ ଇଞ୍ଜିନିୟରିଂ, ଜିଓଟେକ୍ନିକାଲ ଇଞ୍ଜିନିୟରିଂ, ମାଇନିଂ ଇଞ୍ଜିନିୟରିଂ, ଜିଓସାଇଣ୍ଟିଷ୍ଟ, ବ୍ଲାଷ୍ଟିଂ ଏକ୍ସପର୍ଟ, ଏକ୍ସପ୍ଲୋସିଭ୍ ଏକ୍ସପର୍ଟ ଏବଂ ଭାଇବ୍ରେଶନ ଆନାଲିସିସ୍ ଏକ୍ସପର୍ଟଙ୍କ ସହଯୋଗରେ ଯେଉଁଭଳି ଭାବେ ଡିମୋଲିଶନ କାର୍ଯ୍ୟ ସମ୍ପାଦନ କରାଗଲା ତାହାକୁ ଡକ୍ଟର କାନୁନ୍‌ଗୋ ଏକ ସଫଳ କାହାଣୀ ବୋଲି ବର୍ଣ୍ଣନା କରିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦିବ୍ୟାଙ୍ଗ ପିଲାଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି ଜବଲପୁରର ଶ୍ରଦ୍ଧା ସୋପରକାର। ସେ ମଧୁରମ ଚାରିଟେବୁଲ ଟ୍ରଷ୍ଟ ଗଠନ କରି ତା' ମାଧ୍ୟମରେ ୮୦୦ ଦିବ୍ୟାଙ୍ଗ ପିଲାଙ୍କୁ ବିଭିନ୍ନ ଥେରାପି ମାଗଣାରେ ଯୋଗାଇ ଦେଉଛନ୍ତି। ବ୍ୟବସାୟିକ ପରିବାରରୁ ଆସିଥିବା ଶ୍ରଦ୍ଧାଙ୍କ ଝିଅ ସେରିବ୍ରାଲ ପ୍ଲାଜି (ଏକପ୍ରକାର ମାନସିକ ସମସ୍ୟା) ପୀଡ଼ିତ ହେବା ପରେ ସେ ତାହାର ଚିକିତ୍ସା କରିବା ସମୟରେ ଏଭଳି ପିଲାମାନଙ୍କ ସମ୍ପର୍କରେ ଚିନ୍ତା କରିଥିଲେ। ଏହି ରୋଗର ଚିକିତ୍ସା ବ୍ୟୟବହୁଳ। ଏଣୁ ସେ ନିଜ ଝିଅର ଚିକିତ୍ସା କରିବା ସମୟରେ ଯଦି ଏଭଳି ପିଲାଙ୍କୁ ଦେଖୁଥିଲେ ସେମାନଙ୍କ ମାତାପିତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଥିଲେ। ଧୀରେ ଧୀରେ ୧୦ ଜଣ ପିଲାଙ୍କୁ ଚିକିତ୍ସା ଖର୍ଚ୍ଚ ଯୋଗାଇ ପରେ ଆଉ ଅଧିକଙ୍କ ସେବା ଲାଗି ସେ ୨୦୧୮ରେ ମଧୁରମ ଖୋଲିଥିଲେ। ଏବେ ମଧୁରମ୍‌ରେ ପିଲାମାନଙ୍କୁ ଫିଜିଓଥେରାପି, ଅକୁପେଶନାଲ ଥେରାପି, ସ୍ପିଚ୍ ଥେରାପି ଆଦି ଯୋଗାଇ ଦିଆଯାଉଛି। ଯେଉଁ ପିଲା ପଢ଼ିବା ଯୋଗ୍ୟ ହେଉଛନ୍ତି ଶ୍ରଦ୍ଧା ସେମାନଙ୍କୁ ପଢ଼ାଉଛନ୍ତି। ସେ ମଧ୍ୟ ଷ୍ଟେପାଥନ ପ୍ରୋଜେକ୍ଟ ଆରମ୍ଭକରି ପ୍ରୋଥେଷ୍ଟିକ ଗୋଡ଼ ଯୋଗାଇଦେଉଛନ୍ତି। ଏହାକୁ ସେ ଜର୍ମାନୀରୁ ମଗାଉଛନ୍ତି। ଏବେ ସୁଦ୍ଧା ୧୦୦ ପ୍ରୋଥେଷ୍ଟିକ ଗୋଡ଼ ଯୋଗାଇ ଦେଇସାରିଲେଣି ଓ ୨୦୨୩ ସୁଦ୍ଧା ୪୦୦ରୁ ଅଧିକ ଯୋଗାଇ ଦେବାର ଯୋଜନା କରିଛନ୍ତି। ଏହା ବ୍ୟତୀତ ପ୍ରତିଦିନ ମଗଣାରେ ୧୦୦ ପିଲାଙ୍କୁ ଆକ୍ୱା ଥେରାପି ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୭

- ଶ୍ରୀଲଙ୍କାର ପୂର୍ବ ବାଟିକାଲୋଆ ସହରରେ ବିଷାକ୍ତ ଦେଶୀମଦ ପିଇ ୬୦ ମୃତ।
- କାମ୍ବୋଡିଆର ରାଜଧାନୀ ନାମପେନ ବିମାନ ବନ୍ଦରରେ ଭିଏତ୍‌ନାମୀ ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୬୩ ଯାତ୍ରୀଙ୍କ ମୃତ୍ୟୁ।
- ବର୍ଷୀୟାନ କମ୍ୟୁନିଷ୍ଟ ନେତା ତଥା ସି.ପି.ଆଇ. ଜାତୀୟ ପରିଷଦର ସମ୍ପାଦକ ଏମ୍. ଫାରୁକୀଙ୍କ ୭୭ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସେହି ଗିରି କୋଳେ ଲାଖିଲା ମନର ଦରଜ
ସେହି ଝରଣାରେ ଲୁଚିଲା ରାଗିଣୀ-ମୁରୁଜ।
କେତେ ବିଲବନେ ରହିଗଲା ଆଖି
ବିପୁଳ ଜୋଛନା ପରଶ ମୁଁ ଚାଖି
କେତେ ସକାଳେ ମୋ ଉଇଁଥିଲା ଶୁଭ ସୁରୁଜ
ସେହି ଘାଟି ପଥେ ଲୁଚିଲା ରାଗିଣୀ ମୁରୁଜ।
(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | 8 | 2 | 4 |
| | | | 7 | 8 | 3 | | | |
| | | | | | | | 1 | |
| | | | 3 | | 1 | | 4 | 6 |
| | 6 | | | | | 5 | | 8 |
| | | 5 | | | | | | |
| 7 | | | | | | | | |
| 4 | | | | 3 | 9 | | | 5 |
| 8 | | 9 | 4 | | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 8 | 4 | 3 | 9 | 5 | 6 |
| 3 | 8 | 9 | 5 | 7 | 6 | 2 | 4 | 1 |
| 5 | 6 | 4 | 1 | 9 | 2 | 3 | 8 | 7 |
| 9 | 4 | 8 | 6 | 3 | 1 | 7 | 2 | 5 |
| 2 | 5 | 7 | 9 | 8 | 4 | 6 | 1 | 3 |
| 6 | 1 | 3 | 7 | 2 | 5 | 8 | 9 | 4 |
| 8 | 3 | 5 | 2 | 1 | 7 | 4 | 6 | 9 |
| 7 | 2 | 6 | 4 | 5 | 9 | 1 | 3 | 8 |
| 4 | 9 | 1 | 3 | 6 | 8 | 5 | 7 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାକୁ ଫୋକସ୍ ଷ୍ଟେଟର ମାନ୍ୟତା ମିଳୁ

ମହାଶୟ,

ଗତ କିଛି ଦିନ ତଳେ ଦିଲ୍ଲୀଠାରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଯୋଗଦେଇ ଓଡ଼ିଶାକୁ ଫୋକସ ଷ୍ଟେଟ୍‌ର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି। ଓଡ଼ିଶା ଏକ ଅନଗ୍ରସର ରାଜ୍ୟ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ହୋଇଥିବାରୁ ଏହି ଦାବି ସମ୍ପୂର୍ଣ୍ଣ ଯଥାର୍ଥ। ଏହା ଓଡ଼ିଶାର ଗତ ଦୁଇ ଦଶନ୍ଧିର ନ୍ୟାଯ୍ୟ ଦାବି। କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ। ଗତ ୧୦୦ ବର୍ଷ ମଧ୍ୟରେ ବହୁ ଥର ବାତ୍ୟା, ବନ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ଘଟି ଅଶେଷ ଧନଜୀବନର କ୍ଷୟକ୍ଷତି ହୋଇଛି। ୧୯୯୯ ମହାବାତ୍ୟାରେ ୧୦,୦୦୦ ଲୋକ ମରିଥିଲେ । ୨୦୧୯ରେ ଫନୀ ବାତ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆର୍ଥିକ ମେରୁଦଣ୍ଡ ବାରମ୍ବାର ଭାଙ୍ଗିଦେଉଛି। ଏହି ଦାବି ପୂରଣ ହେବା ଦରକାର।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରାଉରକେଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ରାଉରକେଲା ଅଫିସ : ରାଉରକେଲାରେ ଗଣେଶପୂଜା ଭସାଣିକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଶନିବାର ସନ୍ଧ୍ୟାରେ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ରାଉରକେଲା ପୋଲିସର ହୋମ୍‌ଗାର୍ଡ, ସିଆଇଏସ୍‌ଏଫ ଯବାନ ବନ୍ଧମୁଣ୍ଡା ମେନ୍ ରୋଡ ଓ ବିଶ୍ରା ଛକ ଦେଇ ଫ୍ଲାଗମାର୍ଚ୍ଚ ପଦଯାତ୍ରା କରିଥିଲେ। ରବିବାର ଗଣେଶପୂଜା ଭସାଣିକୁ ସଦ୍‌ଭାବନା ସହ ପାଳନ କରିବା ଓ ଟ୍ରାଫିକ ସମସ୍ୟା ନ ଉପୁଜାଇବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

## ସଂକ୍ଷେପରେ

### ବଡ଼କୁ ହତ୍ୟା ଘଟଣାରେ ସାନଭାଇ ଗିରଫ

**ବ୍ରଜରାଜନଗର,୩।୯(ଡି.ଏନ.ଏ.):** ଓରିଏଣ୍ଟ ଥାନା ଅନ୍ତର୍ଗତ ବାବାମଥିଆ ପଡାରେ ଶୁକ୍ରବାର ସନ୍ଧ୍ୟାରେ ସାମାନ୍ୟ କଥାକୁ ନେଇ ସାନ ଭାଇ ଉମେଶ ଚୌହାନ ବଡଭାଇ ସୋମେଶ ଚୌହାନ (୨୨)ଙ୍କୁ ଛୁରାମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବା ବାଟରେ ସୋମେଶଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବାପା ଗଣେଶ ଚୌହାନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୨୮/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣା ପରେ ଫେରାର ଥିବା ଅଭିଯୁକ୍ତ ଉମେଶଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

### ପ୍ରେସ୍ କ୍ଲବରେ ରକ୍ତଦାନ ଶିବିର

**ସମ୍ବଲପୁର,୩।୯(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲିସ୍ଥିତ ପ୍ରେସ୍ କ୍ଲବରେ ଶନିବାର ସିଦ୍ଧି ବିନାୟକ ପୂଜା କମିଟି ଓ ପ୍ରେସକ୍ଲବ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଏହାକୁ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ, ସମ୍ପାଦକ ଭବାନୀ ଭୋଇ, ସଞ୍ଜୟ ଜେନା, ବ୍ୟୋମକେଶ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ଅମଲେନ୍ଦୁ ନାୟକ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଡାକ୍ତର କଳ୍ପେଶ କକ୍କଡ, କେଦାର ନାଥ ପଟେଲ, ଦୀପିକା ହୋତା, ତାପସ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସମ୍ବଲ ଅନୁଷ୍ଠାନ ସମ୍ପାଦକ ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ସିଦ୍ଧି ବିନାୟକ ପୂଜା କମିଟିର ସୁବ୍ରତ ସାହୁ, ଆଲୋକ ଦାସ, ଜୟ ଗୋପାଳ ସୁଆର, ସୁନିଲ ବେହେରା ସହଯୋଗ କରିଥିଲେ।

### ଏଲ୍ଆଇସି ମଣ୍ଡଳ କାର୍ଯ୍ୟାଳୟରେ ବୀମା ସପ୍ତାହ




**ସମ୍ବଲପୁର,୩।୯(ବ୍ୟୁରୋ):** ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟରେ ବୀମା ସପ୍ତାହ ପାଳିତ ହୋଇଯାଇଛି। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବି.ଏଲ୍. ଦାଶ, ଏଲ୍ଆଇସିର କର୍ପୋରେଟ ପତାକା ଉତ୍ତୋଳନ କରିବା ସହ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଲ୍ଆଇସିର ୬୬ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସେପ୍ଟେମ୍ବର ୧ରୁ ୭ତାରିଖ ପର୍ଯ୍ୟନ୍ତ ବିବିଧ ପ୍ରତିଯୋଗିତା କରାଯାଉଛି। ଶନିବାର ମାଇଁ ଇଣ୍ଡିଆ ଶୀର୍ଷକ ଫାଇନଆର୍ଟ କର୍ମଶାଳା ହୋଇଥିଲା। ୪ତାରିଖରେ କୃତୀ ଛାତ୍ରୀଛାତ୍ରଙ୍କୁ ଏଲ୍ଆଇସି ଷ୍ଟୁଡେଣ୍ଟ ଅଫ ଦି ଇୟର ଟ୍ରଫି ପ୍ରଦାନ କରାଯିବ। ୬ରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂଗୀତ ପ୍ରତିଯୋଗିତା, ବୃକ୍ଷରୋପଣ କରାଯିବ ବୋଲି ମଣ୍ଡଳ ପ୍ରବନ୍ଧକ ଦାଶ ସୂଚୀତ କରିଛନ୍ତି।

### ଥାନା କର୍ମଚାରୀଙ୍କୁ ଗାଳିକରି ଯୁବକ ଅଟକ

**ବ୍ରଜରାଜନଗର,୩।୯(ଡି.ଏନ.ଏ.):** ଶନିବାର ସନ୍ଧ୍ୟାରେ ମଦ୍ୟପାନ କରିଥିବା ଜଣେ ଯୁବକ ଓରିଏଣ୍ଟ ଥାନାରେ ଭିତରେ ପଶି ଥାନା କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ଏସ୍ଆଇ ଆଶୁତୋଷ ମହାନ୍ତି କ'ଣ ସମସ୍ୟା ଅଛି ପଚାରିଥିଲେ ମଧ ଯୁବକ ଜଣକ କିଛି ଶୁଣି ନ ଥିଲେ। କର୍ମଚାରୀମାନେ ମେଶିନରେ ଯାଞ୍ଚ କରିବା ପରେ ସେ ମଦ ପିଇଥିବା ଜଣାପଡିଥିଲା। ପରେ ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ କରୁଛି।

# ବର୍ଷ ଶେଷସୁଦ୍ଧା ୫୦% ପରିବାରକୁ ପାନୀୟଜଳ

**ମୁଖ୍ୟ ଶାସନ ସଚିବଙ୍କ ଝାରସୁଗୁଡ଼ା ଗସ୍ତ**

■ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା ଅଫିସ,୩।୯

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ଝାରସୁଗୁଡ଼ା ଜିଲା ଗସ୍ତରେ ଆସି ଜିଲାପାଳଙ୍କ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ପ୍ରଶାସନିକ ଅଧିକାରୀଙ୍କୁ ନେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ଜିଲାର ସହର ଓ ଗ୍ରାମାଞ୍ଚଳର ସମସ୍ତ ଘରକୁ ଯେମିତି ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କରାଯିବ ସେ ନେଇ ସରକାରଙ୍କ ତରଫରୁ ପ୍ରୟାସ ଆରମ୍ଭ ହୋଇଛି। ଜିଲାରେ ଥିବା ୯୧ହଜାର ପରିବାର ମଧ୍ୟରୁ ଚଳିତବର୍ଷ ଶେଷସୁଦ୍ଧା ୫୦ପ୍ରତିଶତ ପରିବାରଙ୍କୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କରାଯିବ। ଜିଲାରେ ଚାଷଜମିକୁ ଅଧିକ ଜଳସେଚିତ କରିବା ପାଇଁ ସରକାର କେତେକ ପଦକ୍ଷେପ ଗ୍ରହଣ କରିଛନ୍ତି। ୧୧ ବୃହତ୍ ଜଳସେଚନ ପ୍ରକଳ୍ପ ରହିଥିବାବେଳେ ଏହାର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଜିଲାର ଅଧିକାଂଶ ଚାଷୀ ଉପକୃତ ହେବେ ବୋଲି ସେ କହିଛନ୍ତି।



ବୈଠକରେ ଉପସ୍ଥିତ ଥିବା ମୁଖ୍ୟ ଶାସନ ସଚିବଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

ଝାରସୁଗୁଡା ଜିଲାରେ କାର୍ଡିଓ କେୟାର ହସ୍‌ପିଟାଲ୍ ନିର୍ମାଣ ଚାଲିଥିବାବେଳେ ଏହାର କାର୍ଯ୍ୟ ତଦାରଖ କରିବା ସହ ଶୀଘ୍ର କାର୍ଯ୍ୟକ୍ଷମ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମହାପାତ୍ର, ଜିଲାପାଳ ସରୋଜ କୁମାର ସାମଲ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ପ୍ରମୁଖ ବୃହତ ଜଳସେଚନ ପ୍ରକଳ୍ପ, ପାନୀୟଜଳ ବିଶୋଧନାଗାର, ଓପିଜିସିର ମନୋହରପୁର କୋଲ୍‌ବ୍ଲକ୍, ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଇବ୍ ଥର୍ମାଲ ପ୍ରକଳ୍ପର ୧ମ ଓ ୨ୟ ୟୁନିଟ୍‌ର ଫ୍ଲୁଗ୍ୟାସ୍ ଡି ସଲ୍ଫୁରିଜେଶନ ସିଷ୍ଟମର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପ୍ରକଳ୍ପ ପରିଦର୍ଶନ କରିଥିଲେ। ପରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଓପିଜିସି ରିସର୍ଚ୍ଚ ସେଣ୍ଟର ସମ୍ମିଳନୀ କକ୍ଷରେ ନିଗମର ବରିଷ୍ଠ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରି ଭିସି ମାଧ୍ୟମରେ ପ୍ରକଳ୍ପ ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଓପିଜିସି ଏମ୍ପ୍ଲଇଜ ୟୁନିୟନ ତରଫରୁ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ସମୀକ୍ଷା କଲେ ବରିଷ୍ଠ ଅଧିକାରୀ

ଝାରସୁଗୁଡ଼ା ଅଫିସ, ୩।୯

କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଝାରସୁଗୁଡ଼ା ଜିଲା ଗସ୍ତକରି ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସଚିବ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହ ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲି ସତର୍କ କରାଇଥିଲେ। ଚାଷୀମାନେ କିପରି ଉପକୃତ ହେବେ ସେ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇ କୃଷି କ୍ଷେତ୍ରରେ ଜିଲା କିପରି ଆତ୍ମନିର୍ଭରଶୀଳ ହେବ ସେ ଦିଗରେ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। କୃଷି, ଉଦ୍ୟାନ କୃଷି, କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଦିଗରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ତଥା ଜିଲାରେ କୃଷି ଉଦ୍ୟୋଗୀ ସୃଷ୍ଟି ପାଇଁ ସଚିବ ପରାମର୍ଶ ଦେଇଥିଲେ। ଜିଲାପାଳ ସରୋଜ କୁମାର ସାମଲ କୃଷି କ୍ଷେତ୍ରରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିବାହୀ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ବିରେନ୍ଦ୍ର କୁମାର ବେହେରାଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ଗରିବଙ୍କୁ ନ୍ୟାୟ ପାଇଁ ମାନବାଧିକାର ରକ୍ଷକ କାମ କରନ୍ତୁ'



ମାନବାଧିକାର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ରାଉରକେଲା ଅଫିସ,୩।୯

ରାଉରକେଲା ଉଦିତନଗର ସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ କାର୍ଯ୍ୟାଳୟ ପରିସରରେ ସୁନ୍ଦରଗଡ ଜିଲା ସଭାପତି ବିଶ୍ୱଜିତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ସାମାଜିକ କର୍ମୀ ବିଶ୍ୱଜିତ ରାଉତ, ଅମ୍ରିତା ପ୍ରିୟଦର୍ଶନୀ ବେଉରା, ବିଜୁ ଦାସ, ବନ୍ଦନା ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଗରିବ ଓ ଅସହାୟଙ୍କୁ କିଭଳି ଉଚିତ ନ୍ୟାୟ ମିଳିପାରିବ ସେ ନେଇ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ କାର୍ଯ୍ୟ କରନ୍ତୁ ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ରାଉରକେଲାରେ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ କାର୍ଯ୍ୟାଳୟ ଜୁଲାଇ ୧୨ରୁ କାର୍ଯ୍ୟ କରି ବର୍ତ୍ତମାନ ସୁଦ୍ଧା ୧୦ଟି ପ୍ରମୁଖ ମାମଲାରୁ ୪ଟି ମାମଲାର ସମାଧାନ କରି ସାରିଥିବା ଜିଲା ମହିଳା ସଭାପତି ସାବିତ୍ରୀ ସାହୁ ସୂଚନା ଦେଇଥିଲେ। ସୁନ୍ଦରଗଡ ଜିଲା ସଭାପତି ବିଶ୍ୱଜିତ ମଲ୍ଲିକଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ, ବିଜୟାନନ୍ଦ ସୁନ୍ଦରରାୟଙ୍କୁ ସୁନ୍ଦରଗଡ ଜିଲା ସଭାପତି ଓ ମନୋଜ କୁମାର ବେହେରାଙ୍କୁ ଜିଲା ଉପସଭାପତି ଭାବେ ପଦୋନ୍ନତି ପାଇଥିବାରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଦୀପକ କୁମାର ସାହୁ, ଜିଲା ଛାତ୍ରୀ ମହିଳା ସଭାପତି ଶ୍ୱାତୀ ଶାଶ୍ୱତି, ଜିଲା ବୋର୍ଡର ସମ୍ପାଦକ ଧରିତ୍ରୀ ଦକ୍ଷିଣରାୟ, ଶୁଭସ୍ମିତା ମହାନ୍ତି, ଶୁଶାନ୍ତ ପଣ୍ଡା ଉପସ୍ଥିତ ଥିଲେ। ସତ୍ୟ ଓ ନ୍ୟାୟ ପାଇଁ ସବାସର୍ବଦା ତତ୍ପର ହୋଇ କାର୍ଯ୍ୟ କରିବାକୁ ରାଜ୍ୟ ସାଧାରଣ ସମ୍ପାଦକ ମଲ୍ଲିକ ଆହ୍ୱାନ ଦେଇଥିଲେ।

## ଟବଲକଟା ଗ୍ରାମରେ ଶିଶୁସଂଘ ସଭା

ଜମନକିରା,୩।୯(ଡି.ଏନ.ଏ.)

ଜମନକିରା ବ୍ଲକ ଡିମିରିମୁଣ୍ଡା ପଞ୍ଚାୟତର ଟବଲାକଟା ଗ୍ରାମରେ ଚାଇଲ୍ଡଲାଇନ ତରଫରୁ ସ୍ୱାମୀ ବିବେକାନନ୍ଦ ଶିଶୁ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଙ୍ଗନୱାଡି କର୍ମୀ ବିମଳା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଇଲ୍ଡଲାଇନ କର୍ମୀ ଶ୍ୱେତାଙ୍ଗିନୀ ବାରିକ ବିବରଣୀ ଦେଇଥିଲେ। ଅସହାୟ ଶିଶୁଙ୍କୁ ସୁରକ୍ଷା ଭିତ୍ତିକ ଯୋଜନାରେ ସାମିଲ କରିବା, ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଏବଂ ତାର ନିରାକରଣ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶିଶୁମାନଙ୍କୁ ଆଶା କର୍ମୀ ପୋଷଣ ସମ୍ବନ୍ଧରେ ସଚେତନତା କରିଥିଲେ। ଉପସ୍ଥିତ ସଦସ୍ୟସଦସ୍ୟ ବୈଠକରେ ନିଜର ବକ୍ତବ୍ୟ ରଖିଥିଲେ। ସଂଘର ୧୦ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସଦସ୍ୟା ପ୍ରତିଭା କୁସୁମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଓଲଟିଲା ବୋଲେରୋ, ବର୍ତ୍ତିଲେ ଯାତ୍ରୀ

ସମ୍ବଲପୁର,୩।୯(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ ଯୁଯୁମୁରା ଥାନା ତହସିଲ ଅଫିସ ନିକଟରେ ଶନିବାର ଏକ ବୋଲେରେ ଭାରସାମ୍ୟ ହରାଇ ଓଲଟିପଡିଛି। ହେଲେ ସୌଭାଗ୍ୟବଶତଃ ଏଥିରେ ଥିବା ୬ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣାରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ବରଗଡ଼ ଜିଲା ଜହ୍ନାପଡ଼ା ଗ୍ରାମର ଗ୍ରୀନ ପ୍ରଧାନ ଓ ରେଣୁକା ପ୍ରଧାନ। ସୂଚନା ଅନୁସାରେ, ଓଡି୦୨ବି୯୮୮୧ନଂ. ବିଶିଷ୍ଟ ବୋଲେରୋ ଜହ୍ନାପଡ଼ାରୁ ୬ଜଣ ମହିଳାଙ୍କୁ ଧରି ଯୁଯୁମୁରାସ୍ଥିତ ଦେବଝରଣ ପର୍ଯ୍ୟଟନ ସ୍ଥଳକୁ ବୁଲିବାକୁ ଆସୁଥିଲେ। ଆଉ ୫କି.ମି. ଯାଇଥିଲେ ସେମାନେ ଗନ୍ତବ୍ୟସ୍ଥଳରେ ପହଞ୍ଚିଥାନ୍ତେ। ହେଲେ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାସ୍ତାକଡ଼ରେ ଥିବା ମାଟି ଗଦାକୁ ଚଢ଼ି ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଥିଲା। ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି ଯେ, ବୋଲେରୋର ଷ୍ଟିୟରିଂ ଜାମ ହେବା ଫଳରେ ରାସ୍ତାକଡ଼ରେ ଥିବା ମାଟି ଗଦାରେ ଧକ୍କା ଦେଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ବିଶେଷ କ୍ଷୟକ୍ଷତି ହୋଇ ନ ଥିବା ବେଳେ ପୋଲିସ ବୋଲେରେକୁ ଜବତ କରିଛି।

## ପିସି ରୋକିବାକୁ ବିଧାୟିକାଙ୍କ ତାଗିଦ


ବୈଠକରେ ଉପସ୍ଥିତ ଥିବା ଜନପ୍ରତିନିଧି ଓ ଅଧିକାରୀମାନେ।

**ଲଖନପୁର ପଞ୍ଚାୟତ ସମିତି ପ୍ରଥମ ବୈଠକ**

ଝାରସୁଗୁଡ଼ା ଅଫିସ,୩।୯

ଲଖନପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଶନିବାର ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆଙ୍କ ଅଧ୍ୟକ୍ଷତାରେ ପ୍ରଥମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟିକା ଅଳକା ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ଅରୁଣ ପ୍ରଧାନ, ତହସିଲଦାର ବିଶ୍ୱକେଶନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ବିଡିଓ ଜୟନ୍ତ ସାହୁ ପରିଚାଳନା କରିଥିଲେ। ସମସ୍ତ ଜିଲା ପରିଷଦ, ସରପଞ୍ଚ, ସମିତସଭ୍ୟ ଯୋଗଦେଇ ମତାମତ ରଖିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ବାର୍ଦ୍ଧକ୍ୟଭତ୍ତା, ଲଖନପୁର ବ୍ଲକ୍ ବିଭାଜନ, ସବ୍‌ଡିଭିଜନ ମାନ୍ୟତା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ବୈଠକରେ କେତେଜଣ ବିଭାଗୀୟ ଅଧିକାରୀ ଯୋଗଦେଇ ନ ଥିବାରୁ ପିଆର୍ଆଇ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଧାୟିକା ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୁର୍ନୀତିଗ୍ରସ୍ତଙ୍କୁ ସାବାଡ କରିବାପାଇଁ ଜିରୋ ଟଲରେନ୍ସ ନୀତି ଆପଣେଇ ବ୍ଲକ୍‌ରେ ପିସି କାରବାର ବନ୍ଦ କରିବାକୁ ତାଗିଦ କରିଥିଲେ। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମାନ ଉନ୍ନତଧରଣର ହେଉ। ଯଦି ପିସି କାରବାର ଚାଲିବ ତା'ହେଲେ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇବେ ବୋଲି କହିଛନ୍ତି। ଏହାକୁ ନେଇ ବ୍ଲକ୍‌ରେ ଚର୍ଚ୍ଚା ଜୋର ଧରିଛି। ବିଧାୟିକାଙ୍କ ଏଭଳି ଚେତାବନୀ କେତେଦୂର ଦୁର୍ନୀତିଗ୍ରସ୍ତଙ୍କୁ ଲଗାମ ଦେବ ତାହା ସମୟ କହିବ ବୋଲି କୁହାଯାଉଛି।

## ରଙ୍ଗବତୀ ବିଲୁଙ୍ଗରେ ନୂଆଁଖାଇ ଭେଟ

କୁଚିଣ୍ଡା,୩।୯(ଡି.ଏନ.ଏ.)

ବାମରା ବ୍ଲକ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗ ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍ ପାଳିତ ହୋଇଯାଇଛି। ରଙ୍ଗବତୀ କ୍ରୀଡା ସଂସ୍କୃତି ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଁଖାଇ ପର୍ବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରି ପରିବାର ମଧରେ ସ୍ନେହ ଶ୍ରଦ୍ଧା ଭାଇଚାରା ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ରୂପାନନ୍ଦ ପଟେଲ, ବିହାରି ଲାଲ ଚୌହାନ, ଗଗନ ପଟେଲ, ଲତାବନ ନାଏକ, ମିତ୍ରଭାନୁ ସେନାପତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ଏକାଡେମୀ ସଦସ୍ୟ ମୁକେଶ ସେଠ ପରିଚାଳନା କରିଥିଲେ। ଅରୁଣ କୁମାର ପଟେଲ, ଗଜାନନ ନାଏକ, ଅନନ୍ତ କୁମାର ପଟେଲ, ବ୍ରଜ ମୋହନ ନାଏକ, ଆଶିଷ ପଟେଲ, ସଞ୍ଜୟ ସେନାପତି, ସୁରଜ ପଟେଲ, ଶୈଳେଶ ପଟେଲ ପ୍ରମୁଖ ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଆର୍‌ଏସ୍‌ପି କର୍ମଚାରୀ ସଂଘର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା ଅଫିସ,୩।୯

ଭାରତୀୟ ମଜଦୁର ସଂଘ ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ପକ୍ଷରୁ ଶନିବାର ରାଉରକେଲା ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ସଂଘର ଶତାଧିକ କର୍ମକର୍ତ୍ତା ଯୋଗଦେଇ ୩୯ ମାସର ବକେୟା ଏରିୟର ପ୍ରଦାନ ସହ ଦୁର୍ଗାପୂଜା ପୂର୍ବରୁ ବୋନସ୍ ପ୍ରଦାନ ପାଇଁ ଦାବି କରିଥିଲେ। ରାଉରକେଲା ଇସ୍ପାତ କାରଖାନା ଚଳିତ ବର୍ଷ ୨୦୨୨-୨୩ର ପ୍ରଥମ କ୍ୱାର୍ଟର୍ସରେ ୭୭୬ କୋଟି ଟଙ୍କାର ଲାଭ କରିଛି। ଏହାସତ୍ତ୍ୱେ କାରଖାନା ଏତେ ଲାଭ କଲା ପରେ ଯଦି ଶ୍ରମିକଙ୍କୁ ତାଙ୍କ ପାଉଣା ମିଳୁନାହିଁ। ତେଣୁ ପୂଜା ପୂର୍ବରୁ କାରଖାନା କର୍ତ୍ତୃପକ୍ଷ ପୂଜାର ଯଥେଷ୍ଟ ପୂର୍ବରୁ ବୋନସ୍ ପ୍ରଦାନ କରିବାକୁ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ଦାବି କରିଛି। ହିମାଂଶୁ ବଳ, ପ୍ରଦୋଷ ପଣ୍ଡା, ରାଜେନ୍ଦ୍ର ନାଥ ମହାନ୍ତ, ତ୍ରିଲୋଚନ ନାୟକ, ସମିତା ମିଶ୍ର, ମାନସ ଦାସ, ମିହିର ମହାପାତ୍ର, ସତ୍ୟାନନ୍ଦ ଦାସ, କଲ୍ୟାଣ ବିଶ୍ୱାଳ, ସୁରେନ୍ଦ୍ର କଂସାରୀ, ପ୍ରଦୀପ ସାହୁଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ନୂଆଁଖାଇ ପରଦିନ ଛାଡ଼ଖାଇ ଦର୍ଶାଇ ଭାଜପା ସମାଲୋଚିତ

ସମ୍ବଲପୁର,୩।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ପର୍ବ ନୂଆଁଖାଇ ପୁରପଲ୍ଲିରେ ବେଶ୍ ଉତ୍ସାହର ସହ ପାଳିତ ହୋଇଛି। ବିଭିନ୍ନ ସ୍ଥାନରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାଜପା ନେତାମାନେ ମଧ ଯୋଗଦାନ କରୁଛନ୍ତି। ହେଲେ ନୂଆଁଖାଇ ପରଦିନକୁ ଭାଜପା ଛାଡଖାଇ ଦର୍ଶାଇ ସମାଲୋଚିତ ହୋଇଛି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ତାଙ୍କ ସାମାଜିକ ଗଣମାଧ୍ୟମ ଫେସ୍‌ବୁକରେ ନୂଆଁଖାଇ ପରଦିନକୁ ଛାଡ଼ଖାଇ କହି ଶୁଭେଚ୍ଛା ଜଣାଇଛନ୍ତି। ଏହାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଥିବା ସାଙ୍ଗମାନେ ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ଏବେ ସମ୍ବଲପୁର ଜିଲା ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ଏକ ବ୍ୟାନର ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। କେତେକ ସ୍ଥାନରେ ଏହି ବ୍ୟାନର ଲଗାଯାଇଛି। ଏଥିରେ ନୂଆଁଖାଇ ଶୁଭେଚ୍ଛା ସହ ପରଦିନକୁ ଛାଡ଼ଖାଇ ଭାବେ ଦର୍ଶାଯାଇ ଶୁଭେଚ୍ଛା ଦିଆଯାଇଛି। ଉକ୍ତ ବ୍ୟାନରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ ଆରମ୍ଭ କରି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକଙ୍କ ସମେତ ସ୍ଥାନୀୟ ନେତା ଅଜୟ ମହାପାତ୍ର ଓ ତାଙ୍କ ସମର୍ଥକ ରହିଛନ୍ତି। ହେଲେ ଉକ୍ତ ବ୍ୟାନରରେ ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ଫଟୋ ନ ଥିବାରୁ ସମାଲୋଚନା କରାଯାଉଛି। ଏଭଳି ବ୍ୟାନରକୁ ବିରୋଧୀ ଦଳ ଓ ବୁଦ୍ଧିଜୀବୀମାନେ ନିନ୍ଦା କରୁଛନ୍ତି। ଭାଜପା ଭଳି ଏକ ଜାତୀୟ ଦଳର ନେତୃତ୍ୱ ନେଉଥିବା ନେତା ଓ କର୍ମୀମାନଙ୍କୁ ନିଜ ଅଞ୍ଚଳର ପର୍ବପର୍ବାଣୀ ସମ୍ପର୍କରେ ଜ୍ଞାନ ନ ଥିବା କହୁଛନ୍ତି। ଏ ସମ୍ପର୍କରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ କୁମାର ଗୁରୁ କହିଛନ୍ତି, ଭାଜପାକୁ ନୂଆଁଖାଇ ଭଳି ଆମର ଗଣପର୍ବ ସମ୍ପର୍କରେ କୌଣସି ଜ୍ଞାନ ନାହିଁ। ଏମାନେ ନୂଆଁଖାଇ ପରଦିନକୁ ଛାଡ଼ଖାଇ କହି ଆମର ମହାନ ପର୍ବକୁ ତାଚ୍ଛଲ୍ୟ କରୁଛନ୍ତି। ରେଙ୍ଗାଲି ଏମ୍‌ପିଙ୍କ ପ୍ରତିନିଧି ଯୁଗଳ କିଶୋର ଅଗ୍ରୱାଲ କହିଛନ୍ତି, କୌଣସି ବ୍ୟକ୍ତିଙ୍କୁ ଆଘାତ ଦେବାର ଲକ୍ଷ୍ୟ ନାହିଁ। ବ୍ୟାନର ଛପାଇବା ସମୟରେ ପ୍ରିଣ୍ଟିଂରେ ତ୍ରୁଟି ଥିବା ସଫେଇ ଦେଇଛନ୍ତି। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରେଙ୍ଗାଲି ନିବାସୀ ସୁବାସ ବିଶ୍ୱାଳ କହିଛନ୍ତି, ସମ୍ବଲପୁର ଏମ୍‌ପି, ବିଧାୟକ ତଥା ଭାଜପା ନେତାଙ୍କୁ ନିଜର ପର୍ବପର୍ବାଣୀ ବିଷୟରେ ଜଣା ନାହିଁ। ସେମାନେ ପ୍ରଥମେ ଶିକ୍ଷାଗ୍ରହଣ କରି ପରେ ରାଜନୀତିକୁ ପ୍ରବେଶ କରିବା ଉଚିତ ବୋଲି ସେ କହିଛନ୍ତି।



ନୂଆଁଖାଇ ଓ ଛାଡ଼ଖାଇ ଲେଖାଯାଇଥିବା ବ୍ୟାନର ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ୨ ଛାତ୍ର ମୃତ

**ରାଉରକେଲା ଅଫିସ,୩।୯:** ରାଉରକେଲା ଏନ୍‌ଏଚ୍-୧୪୩ରେ ଶନିବାର ଏକ ଟ୍ରକ୍ ଧକ୍କାରେ ୨ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ଦ୍ୱୟ ହେଲେ ରାଣା ଅଂଶୁମାନ ସିଂ ଓ ସାଇଲି ମୁଣ୍ଡା । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଛି। ରଘୁନାଥପାଲି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫୫।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ରଙ୍ଗିଲା ଛକ ଅଞ୍ଚଳର ଅଂଶୁମାନ ଶୁକ୍ରବାର ରାତି ୯ଟାରେ ଏକ ବୁଲେଟ୍ (ନଂ.ଓଡି୧୪କେ/୦୬୭୦) ଯୋଗେ ସାଇଲିଙ୍କୁ ଧରି ବୁଲିବାକୁ ଯାଇଥିଲେ। ୧୪୩ ନଂ. ଜାତୀୟ ରାଜପଥର ପୂରଣ ବସ୍ତି ନିକଟରେ ପଥଚାରୀ ପ୍ରଦୀପ ରଣାଙ୍କୁ ବୁଲେଟ ଧକ୍କା ଦେଇ ପଳାଇ ଯାଉଥିବା ବେଳେ ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଅଂଶୁମାନ ଓ ସାଇଲି ବୁଲେଟରୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ବୁଲେଟ ଧକ୍କାରେ ପ୍ରଦୀପଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

### ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା

**ରାଉରକେଲା ଅଫିସ,୩।୯:** ଟାଙ୍ଗରପାଲି ଥାନା ଅନ୍ତର୍ଗତ ଫର୍ଟିଲାଇଜର ଅଞ୍ଚଳରେ ଜଣେ ଯୁବତୀ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତା ଯୁବତୀ ହେଲେ ସ୍ୱର୍ଣ୍ଣଲତା ମହାପାତ୍ର(୧୬)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୬।୨୨) ରୁଜୁ କରି ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜଣାପଡିନାହିଁ। ସୂଚନା ଅନୁସାରେ, ସ୍ୱର୍ଣ୍ଣଲତା ଶୁକ୍ରବାର ରାତି ସାଢ଼େ ୯ଟାରେ ଘର ଭିତର ପଟୁ କବାଟ ଦେଇ ଆଜବେଷ୍ଟସ୍ ଲୁହା ପାଇପ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏହା ତାଙ୍କ ବାପା ପ୍ରକାଶ ମହାପାତ୍ର ଦେଖି ପଡୋଶୀଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସ୍ୱର୍ଣ୍ଣଲତାଙ୍କୁ ମୃତ ଘୋଷଣା କରିଥିଲେ।

### ରାସ୍ତାପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

**ବଡ଼ଗାଁ, ୩।୯(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗାଁ ନିକଟ ରାଜ୍ୟ ରାଜପଥ ୧୦ ପାର୍ଶ୍ୱରେ ନିର୍ମାଣାଧିନ ଘର ପାଇଁ ଗଦା କରାଯାଇଥିବା ବାଲି ଉପରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଶନିବାର ସକାଳେ ଜବତ କରିଛି। ମୃତଦେହ ପଡ଼ିଥିବା ଦେଖି ହତ୍ୟା ସନ୍ଦେହ କରି ଲୋକେ ପୋଲିସକୁ ଜଣାଇଥିଲେ। ସୁନ୍ଦରଗଡ଼ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଦୁର୍ଘଟଣା ଜନିତ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ହୋଇଥିବା ସାଇଣ୍ଟିଫିକ ଟିମ୍‌ଙ୍କ ଠାରୁ ଜଣାପଡ଼ିଥିବା ତଦନ୍ତକାରୀ ପୋଲିସ ଏଏସ୍‌ଆଇ ଗୋପୀନାଥ ଓଝାଙ୍କ ଠାରୁ ସୂଚନା ମିଳିଛି। ମୃତ ବ୍ୟକ୍ତିଙ୍କ ନାମ ବେଚୁ ମହାରଣା। ବୟସ ୬୦ରୁ ୬୫ ବର୍ଷ ହେବ। ସେ ଝାଡ଼ଖଣ୍ଡ ରାଜ୍ୟ ଖୁଣ୍ଟି ଜିଲା ଜରିଆଗଡ ଗ୍ରାମର ବୋଲି ଜଣାପଡିଛି।

### ଗଣେଶ ଭସାଣି ପାଇଁ ବୈଠକ

**ରାଉରକେଲା ଅଫିସ,୩।୯:** ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚଳିତବର୍ଷ ଗଣେଶ ଭସାଣିକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏସ୍‌ପି ମୁକେଶ କୁମାର ଭାମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ଥାନାର ଅଧିକାରୀ, ପୂଜା କମିଟି ସଭାପତି ଓ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ୪ ତାରିଖରେ ଭସାଣିକୁ କିପରି ସୁରକ୍ଷିତ ଭାବେ ସମାପନ କରାଯିବ ସେ ନେଇ ବୈଠକରେ ଏସ୍‌ପି ଭାମୁ ଆଲୋଚନା କରିଥିଲେ। ଭସାଣି ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ଭିତରେ ସାରିବାକୁ କମିଟିର କର୍ମକର୍ତ୍ତାମାନଙ୍କୁ ଅବଗତ କରାଯାଇଥିଲା। ଭସାଣି ସମୟରେ କୌଣସି ଡିଜେ, ମାଇକ ଓ ଆତସବାଜି ବ୍ୟବହାର ନ କରିବାକୁ ଏସ୍‌ପି ଆହ୍ୱାନ ଦେଇଥିଲେ। ଭସାଣିରେ ଶାନ୍ତି ଶୃଙ୍ଖଳା ପାଇଁ ୧୫ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ଏସ୍‌ପି ଭାମୁ ସୂଚନା ଦେଇଛନ୍ତି। ଭସାଣି ପୂର୍ବରୁ ରାଉରକେଲା ମେନ୍ ରୋଡ୍ କଡରେ ପାର୍କିଂ ବ୍ୟବସ୍ଥା ଖାଲି କରିବା ପାଇଁ ଟ୍ରାଫିକ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ୪ ତାରିଖ ପରେ କୌଣସି କମିଟି ଭସାଣି ଶୋଭାଯାତ୍ରା କଲେ ରାଉରକେଲା ମେନ୍ ରୋଡରେ ଶୋଭାଯାତ୍ରା ନ କରି ରିଂରୋଡ୍‌ରେ କରିବେ ବୋଲି ଏସ୍‌ପି ଅବଗତ କରିଥିଲେ। ବୈଠକରେ ପୂଜା କମିଟିର ଘନଶ୍ୟାମ ସୁନା, କୈବଲ୍ୟ ପଣ୍ଡା, ସୁରେଶ ରାଉତ, ସତ୍ୟାନନ୍ଦ ମହାନ୍ତି, ପୁଫି ବିଶ୍ୱାଳ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କବି ବିନୋଦ ଓଡ଼ିଆ କାବ୍ୟଜଗତର ଭାସ୍କର

**ସୁନ୍ଦରଗଡ଼, ୩।୯ (ଡି.ଏନ୍.ଏ)**




କବି ବିନୋଦ ନାଏକଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

**ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ବିନୋଦଙ୍କ ଜୟନ୍ତୀ**

କବି ବିନୋଦ ଚନ୍ଦ୍ର ନାଏକ ଓଡ଼ିଆ କାବ୍ୟଜଗତର ଜାଜ୍ଜଲ୍ୟମାନ ଭାସ୍କର। ତାଙ୍କ କାବ୍ୟଧାରା କୌଣସି ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ। ତାଙ୍କ ସୃଜନସମ୍ଭାରରେ ଫୁଟିଉଠିଛି ପ୍ରକୃତିର ସୌନ୍ଦର୍ଯ୍ୟର ବର୍ଣ୍ଣବିଭା, ବୈଜ୍ଞାନିକ ଦୃଷ୍ଟି ଭଙ୍ଗୀ, ରୋମାଣ୍ଟିକ୍ ଚେତନା, ବାସ୍ତବବାଦୀ ଦୃଷ୍ଟିକୋଣ। ତାଙ୍କ ରଚିତ ପ୍ରସିଦ୍ଧ କବିତା ଗ୍ରାମପଥ ହେଉଛି ଜୀବନର ବେଦ। ଏହା ତାଙ୍କୁ କାବ୍ୟ ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିଛି ବୋଲି ଶୁକ୍ରବାର କବି ବିନୋଦ ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସୁନ୍ଦରଗଡ଼ ସାହିତ୍ୟ ଅନୁଷ୍ଠାନ ଅରଣ୍ୟର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିକାଶ ଭବନରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନା ଯୋଗଦେଇ ପଶ୍ଚିମ ଓଡ଼ିଶାର ବରେଣ୍ୟ କବି ଭାବେ ବିନୋଦ ସମସ୍ତଙ୍କ ସ୍ମୃତିପଟରେ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସରୋଜ କୁମାର ମିଶ୍ର, ସାହିତ୍ୟ ଅନୁଷ୍ଠାନ ଅରଣ୍ୟର ସମ୍ପାଦକ ତଥା ଗାଳ୍ପିକ ରାଜକିଶୋର ଷଡଙ୍ଗୀ, ଅଧ୍ୟାପକ ହେମନ୍ତ ପଟେଲ, ଅଧ୍ୟାପିକା ପ୍ରଣତୀ ବେହେରା, ଅଧ୍ୟାପକ ଗଣେଶ ତ୍ରିପାଠୀ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ବ୍ୟଙ୍ଗ କବି ଦୁର୍ଗାମାଧବ ପଣ୍ଡାଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ଆସର ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ର କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା କବି ବିନୋଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ସୁନ୍ଦରଗଡ଼ ଜିଲା ସଦସ୍ୟା ଡ. ସୁପ୍ରିୟା ପାଲ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ମିନତି ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ ଧନ୍ୟବାଦ ଅର୍ପଣ କରିଥିଲେ।

# କୁତ୍ରାରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**କୁତ୍ରା, ୩।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ଅହିଂସା ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଥମେ ଦିନ ୧ ଟାରେ ଖୁଟମୁଣ୍ଡାରେ ଅହିଂସା ରଥକୁ ସ୍ୱାଗତ କରିଥିଲେ ପରେ ଗଙ୍ଗାଜଳ, ବିରିଙ୍ଗାଟୋଲି, ତେଲିଘଣା ଠାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ କୁତ୍ରା ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ନେଇ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ, ବ୍ଲକ ଚେୟାରମ୍ୟାନ ଶାନ୍ତିଲତା ଲାକଡା, କୁତ୍ରା ତହସିଲଦାର ମାନସୀ ନାଏକ, ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡ଼ା, ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୁଷଣ ହୋତା, ଅତିରିକ୍ତ ତହସିଲଦାର ହାବିଲ ଖାଖା, ଜେଏସଡବ୍ଲ୍ୟୁ ସିଏସଆର ମୁଖ୍ୟ ସଂଗ୍ରାମ ରାଉତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରି, ସନ୍ତୋଷ ବେହେରା ପ୍ରମୁଖ ଅହିଂସା ରଥକୁ କୁତ୍ରାକୁ ପାଛୋଟି ଆଣିଥିଲେ। ୧୬ଟି ଯାକ ପଞ୍ଚାୟତର ସାଂସ୍କୃତିକ ଦଳସହ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଭାରତ ମାତାକି ଜୟ ଧ୍ୱନି ନାରାବାଜି ଦେଇ ଥିଲେ। ପରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ୧୩ ଜଣ ସେନା କର୍ମଚାରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିଗଣ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ଅବସରରେ ୫ ଜଣ ହିତାଧିକାରୀଙ୍କୁ ଚରଖା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ବିଭୀଷଣ ବାରିକ ସଂଯୋଜନା କରିଥିବା ସହ ପ୍ରଶାନ୍ତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁତ୍ରା ବ୍ଲକ ଉପାଧ୍ୟକ୍ଷ କୌସ୍ତୁଭ ଭୁଷଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କୁ ଜଣାଇଲେ ଜିଲାପାଳ

**ଦେବଗଡ଼,୩।୯(ଡି.ଏନ.ଏ.)**

**ଅସମ୍ପୂର୍ଣ୍ଣ ପୋଖରୀର ସବ୍‌ସିଡି ନ ମିଳିବାରୁ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ଧମକ**

ମତ୍ସ୍ୟ ବିଭାଗ ଅଧିନରେ ପୋଖରୀ ଖୋଳିଥିବା ଦେବଗଡ ଥାନା ଲଇମୁରା ଫାଣ୍ଡି ଅନ୍ତର୍ଗତ ରୁକୁଡା ଗ୍ରାମର ଜଣେ ହିତାଧିକାରୀ ପୋଖରୀ ଖୋଳା ସମ୍ପୂର୍ଣ୍ଣ ନ କରି ସବସିଡି ଦାବି କରିବା ସହ ଜିଲା ମତ୍ସ୍ୟ ଅଧିକାରୀଙ୍କୁ ଫୋନ ଯୋଗେ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ମତ୍ସ୍ୟ ଅଧିକାରୀ ଭାବଗ୍ରାହୀ କିଷାନ ଦେବଗଡ଼ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ପରେ ଜିଲାପାଳ ଉପାଧ୍ୟାୟ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦେବଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇଛନ୍ତି। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ ଆଦର୍ଶ ଥାନା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ୨ ତାରିଖ ପୂର୍ବାହ୍ନ ପ୍ରାୟ ୧୧ଟା ୫୪ ମିନିଟରେ କେହି ଜଣେ ଯୁବକ ନିଜକୁ ପାରପୋଶି ଗ୍ରାମ ପଞ୍ଚାୟତ ରୁକୁଡା ଗ୍ରାମର ଜଣେ ହିତାଧିକାରୀଙ୍କ ପୁଅ ବୋଲି ପରିଚୟ ଦେଇ ଚଡା ଗଳା ଏବଂ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାସହ ଅସମ୍ପୂର୍ଣ୍ଣ ପୋଖରୀ ବାବଦରେ କାହିଁକି ସବସିଡି ଦେଉନାହଁ ବୋଲି ପ୍ରଶ୍ନ ପଚାରିଥିଲେ। ପୋଖରୀ ଅସମ୍ପୂର୍ଣ୍ଣ ଥିବାରୁ ସବ୍‌ସିଡି ପ୍ରଦାନ କରାଯାଇ ନ ଥିବା ଜିଲା ମତ୍ସ୍ୟ ଅଧିକାରୀ କିଷାନ ଉତ୍ତର ଦେବା ସହ ଏମ୍.ପି.ୱାଇ. ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ଏହାର ଖୋଳାକାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ଯୁବକ ଜଣକ ତାଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ଗଲେ ମାଡ ମାରିବାକୁ ଧମକ ଦେଇଥିଲେ। ଏହି କଥାବାର୍ତ୍ତାର ରେକର୍ଡିଂ ତାଙ୍କ ନିକଟରେ ସଂରକ୍ଷିତ ଥିବା ଜିଲା ମତ୍ସ୍ୟ ଅଧିକାରୀ କିଷାନ ଜିଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# ଦନ୍ତାହାତୀର ଉପଦ୍ରବ: ଘର ଭାଙ୍ଗି ଖାଇଲା ଧାନ ଚାଉଳ

**ଲହୁଣୀପଡା,୩।୯(ଡି.ଏନ.ଏ.)**

ଦନ୍ତାହାତୀ ଆତଙ୍କରେ ଗ୍ରାମବାସୀ ଆତଙ୍କିତ ହୋଇଥିବା ଜଣାପଡ଼ିଛି। ଘଉଡେଇବା ପାଇଁ ଗ୍ରାମର ଲୋକମାନେ ରାତିରେ ଏକାଠି ହୋଇ ନିଆଁ ଜାଳିବା ଓ ମିଳିତ ଭାବେ ଘଉଡ଼ାଇ ଥିଲେ ମଧ୍ୟ ଦୁଇଟି ଘରକୁ ଭାଙ୍ଗିଦେଇ ଧାନ ଚାଉଳ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଗୋଠ ଛଡା ଦନ୍ତାହାତୀ ଶୁକ୍ରବାର ସନ୍ଧ୍ୟାରେ ବଣେଇ ଅଞ୍ଚଳରେ ଥିଲେ ମଧ୍ୟ ରାତି ଭିତରେ ବ୍ରହ୍ମଣୀ ନଦୀ ପାରିହୋଇ ଆସିଥିଲା। ଲହୁଣୀପଡା ବ୍ଲକ ଅନ୍ତର୍ଗତ କଲେଇପୋଷ ପଞ୍ଚାୟତର ଯୋଗୀବନ୍ଧ ଗ୍ରାମର ବିରସା ଓରାମ ଓ ଧମଣା ଦରହ ଗ୍ରାମର ସେବିଆନ କୁଜୁଙ୍କ ଘରକୁ ଭାଙ୍ଗି ଧାନ ଚାଉଳ ଖାଇବା ସହିତ ବହୁ ସାମଗ୍ରୀ ଭାଙ୍ଗିରୁଜି ନଷ୍ଟ କରି ଦେଇଛି। ଖବରପାଇ ବାଙ୍କି ରେଞ୍ଜ ବନ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡେଇବା ପାଇଁ ପ୍ରୟାସ କରିଥିଲେ ବୋଲି ଜଣାପଡିଛି। ଶନିବାର ଦିନ ଉକ୍ତ ଦନ୍ତାହାତୀ ସନ୍ଧ୍ୟା ସମୟରେ କେବଲାଙ୍ଗ ଅଞ୍ଚଳରେ ବୁଲାବୁଲି କରୁଛି ବୋଲି ସୂଚନା ମିଳିଛି। ଏହି ଖବରପାଇ ବନ ବିଭାଗ କର୍ମଚାରୀମାନେ କେବଲାଙ୍ଗ ଅଞ୍ଚଳରେ ପହଞ୍ଚି ହାତୀକୁ ଘଉଡ଼ାଉ ଥିବା ଜଣାପଡିଛି।

# ଅରବିନ୍ଦ ସିଂ ସେଲ୍ ନିର୍ଦ୍ଦେଶକ



**ରାଉରକେଲା ଅଫିସ,୩।୯**

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ନିର୍ଦ୍ଦେଶକ ଭାବେ ଅରବିନ୍ଦ ସିଂ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ମେଟାଲୋଜିକାଲ ଇଞ୍ଜିନିୟର ବିଟ୍ ସିନ୍ଦ୍ରିରେ କାର୍ଯ୍ୟରତ ଥିଲେ। ୧୯୮୭ରେ ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ଅରବିନ୍ଦ ସିଂ ମ୍ୟାନେଜମେଣ୍ଟ ଟ୍ରେନି ଟେକ୍ନିକାଲ ଭାବେ କାର୍ଯ୍ୟ ଆରମ୍ଭ କରିଥଲେ। ସେ ଭିଲାଇ ଷ୍ଟିଲ ପ୍ଲାଣ୍ଟରେ ଏକ୍‌ଜିକ୍ୟୁଟିଭ ନିର୍ଦ୍ଦେଶକ ପଦୋନ୍ନତି ପାଇବା ପରେ ବିଭିନ୍ନ କାରଖାନାରେ କାର୍ଯ୍ୟ କରିଛନ୍ତି। କୋକଭୋନ, ଷ୍ଟିଲ ମେକିଙ୍ଗ୍, କାସ୍‌ଟିଙ୍ଗ ଏଣ୍ଡ ରୋଲିଂ ଭଳି କାର୍ଯ୍ୟରେ ତାଙ୍କର ଦକ୍ଷତା ରହିଛି।

# ଦେବଗଡ଼ କ୍ରିକେଟ୍ ଟିମ୍‌ର କଟକ ଗସ୍ତ



୧୯ ବର୍ଷରୁ କମ ଦେବଗଡ଼ କ୍ରିକେଟ ଦଳ।

**ଦେବଗଡ଼ ୩।୯(ଡି.ଏନ୍.ଏ.)**

**୧୯ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟରେ ଭାଗ ନେବେ**

ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆସନ୍ତା ୪ରୁ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୯ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଦେବଗଡ଼ ଜିଲାର କ୍ରିକେଟ ଦଳ ଗସ୍ତ କରିଛନ୍ତି। ସେଠାରେ ୪ତାରିଖରେ ଦେବଗଡ଼ ଦଳ ରାୟଗଡା ସହିତ ପ୍ରଥମ ମ୍ୟାଚ ଖେଳିବ। ସେହିପରି ୫ତାରିଖରେ ବଲାଙ୍ଗୀର ଜିଲା ଟିମ୍, ୬ରେ କେନ୍ଦୁଝର ଟିମ୍, ୮ରେ ରାଉରକେଲାର ଆର୍‌ଏସ୍‌ପି ସହିତ ଏବଂ ୯ରେ କୋରାପୁଟ ଜିଲା ଟିମ୍ ସହିତ ଖେଳିବାର କାର୍ଯ୍ୟକ୍ରମ ଥିବା ନେଇ ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଶନିବାର ଦେବଗଡ଼ ଜିଲା ୧୯ ବର୍ଷରୁ କମ କ୍ରିକେଟ ଦଳ କଟକ ଅଭିମୁଖେ ଯିବା ପୂର୍ବରୁ ସେମାନଙ୍କୁ ସ୍ଥାନୀୟ ଷ୍ଟାଡିୟମରେ ଜିଲା କ୍ରିକେଟ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇ ଥିଲା।

# ରୁଙ୍ଗ୍‌ଟା ସନ୍ସ ଓଡାଘାଟ ଖଣିକୁ ଫିମି ପୁରସ୍କାର

**ଟେନସା, ୩।୯(ଡି.ଏନ.ଏ.)**

ନୂଆଦିଲ୍ଲୀ ଫିମି ହାଉସ ଠାରେ ଶୁକ୍ରବାର ଆୟୋଜିତ ଖଣି ପୁରସ୍କାର ବିତରଣ ଉତ୍ସବରେ, ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଖଣି ପୁରସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫେଡେରେସନ ଅଫ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜର ସୁବକରଣ ସ୍ୱରାର୍ଗୀ ପରିବେଶ ପୁରସ୍କାର ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ ଅନ୍ତର୍ଗତ ଅଡାଘାଟ ଲୌହ ଖଣିକୁ ପ୍ରଦାନ କରାଯାଇଥିଲା । କମ୍ପାନୀ ପକ୍ଷରୁ ଖଣି ପ୍ରବନ୍ଧକ ସୁଭାଷ ଚନ୍ଦ୍ର ପ୍ରଧାନ ଏବଂ ଏଚଆର୍ ତଥା ସିଏସଆର୍ ବରିଷ୍ଠ ଅଧିକାରୀ ଲଳିତ ନାରାୟଣ ରାଉତ ଏହି ପୁରସ୍କାର କେନ୍ଦ୍ର ଖଣି ମନ୍ତ୍ରଣାଳୟ ସଚିବ ଆଲୋକ ଟଣ୍ଡନଙ୍କ ସହ ଫିମି ସଭାପତି ଆର୍ ଏଲ ମହାନ୍ତି , ଉପ ସଭାପତି ସୁମିତ ଦେୱ ଏବଂ ସମ୍ପାଦକ ଆର.କେ ଶର୍ମାଙ୍କ ଉପସ୍ଥିତିରେ ଗ୍ରହଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଏବଂ ସ୍ଥାୟୀ ଖଣି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ନିର୍ଦ୍ଦେଶକ ହୀରକ ମଜୁମଦାରଙ୍କ ନାମରେ କୃତଜ୍ଞତା ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ସଫଳତା ଦିଗରେ ଅବଦାନ ପାଇଁ କମ୍ପାନୀ ମ୍ୟାନେଜମେଣ୍ଟ ଖଣି ସ୍ତର, ବିଭାଗୀୟ ସ୍ତର ଏବଂ ମୁଖ୍ୟ କାର୍ଯ୍ୟାଳୟ ସ୍ତରରେ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ନୂତନ ତହସିଲଦାରଙ୍କ ଯୋଗଦାନ



**କୁତ୍ରା, ୩।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟରେ ଶନିବାର ନୂତନ ତହସିଲଦାର ଯୋଗ ଦେଇଛନ୍ତି। କୁତ୍ରା ତହସିଲ କାର୍ଯ୍ୟାଳୟରେ ଦୀର୍ଘ ମାସ ହେବ ତହସିଲଦାର ପଦବୀ ଖାଲିପଡିଥିବା ବେଳେ କୁତ୍ରା ବିଡିଓ ରବିନ୍ଦ୍ର କୁମାର ସେଠୀ ଦୁଇଟି ଦାୟିତ୍ୱ ବିଡିଓ ଓ ତହସିଲଦାର ଭାବରେ ଦାୟିତ୍ୱ ତୁଲାଇ ଆସିଥିଲେ। ଯେଉଁଥି ପାଇଁ ତହସିଲରେ ଥିଲେ ବ୍ଲକ ଫାଙ୍କା ଓ ବ୍ଲକରେ ଥିଲେ ତହସିଲ ଫାଙ୍କା ରହୁଥିଲା। ତେବେ ଦୀଘ ବର୍ଷ ପରେ ଶନିବାର ନୂତନ ହସିଲଦାର ଭାବେ ମାନସି ନାଏକ ଯୋଗ ଦେଇଛନ୍ତି। ତାଙ୍କୁ ତହସିଲ କାର୍ଯ୍ୟାଳୟ ତରଫରୁ ସ୍ୱାଗତ କରାଯାଇଛି।

# ୧୫୮ ବିଦ୍ୟାର୍ଥୀଙ୍କ ଚକ୍ଷୁ ପରୀକ୍ଷଣ, ଚଷମା ପ୍ରଦାନ

**ରାଉରକେଲା ଅଫିସ,୩।୯**

ରାଉରକେଲା ଲାଲ ବିଲ୍ଡିଂ ସ୍ଥିତ କଲ୍ୟାଣୀ ଦେବୀ ହାଇସ୍କୁଲ ପରିସରରେ ଲାୟନ୍ସ କ୍ଲବ ଓ ଲିୟୋ କ୍ଲବ ଅଫ୍ କୁଲୁଙ୍ଗାର ମିଳିତ ଆନୁକୂଲ୍ୟରେ ଚକ୍ଷୁ ପରୀକ୍ଷଣ ଶିବିର ହୋଇଛି। ଶିବିରରେ ବିଦ୍ୟାଳୟର ୧୫୮ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୪ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲା। ଅନ୍ୟ ୯ ଜଣ ବିଦ୍ୟାର୍ଥୀଙ୍କ ଚକ୍ଷୁରେ ବିଶେଷ ଅସୁବିଧା ଥିବାର ତାଙ୍କୁ ଆଗାମୀ ଦିନରେ ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଯିବ।

# ଅହିଂସା ରଥକୁ ଲେଫ୍ରିପଡ଼ାରେ ସମ୍ବର୍ଦ୍ଧନା

**ଲେଫ୍ରିପଡ଼ା,୩।୯(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକରେ ଅହିଂସା ରଥକୁ ଶୁକ୍ରବାର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ବ୍ଲକର ପ୍ରଥମେ ସର୍ଗିପାଲିଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଅହିଂସା ରଥଟି ଲେଫ୍ରିପଡ଼ାକୁ ପହଞ୍ଚି ଥିଲା। ଲେଫ୍ରିପଡ଼ା ବ୍ଲକ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କ ନେତୃତ୍ୱରେ ରଥକୁ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନିଆଯାଇଥିଲା। ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଗାନ୍ଧିଜୀଙ୍କ ଅହିଂସା ପରମ ଧର୍ମ ନେଇ ସମଗ୍ର ରାଜ୍ୟରେ ରଥଟି ସଚେତନତାର ବାର୍ତ୍ତା ପ୍ରଦାନ କରୁଥିବା ଏହାର ଲକ୍ଷ୍ୟ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଣାଇଥିଲେ। ପରେ ଏହି କାର୍ଯ୍ୟକ୍ରମରେ ଏଲଇଡ଼ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲେଫ୍ରିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏସ. ଜେନା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନ୍ଦର ଲାକ୍ରା, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲିଟୁନ ମହାନନ୍ଦିଆ, ଲେଫ୍ରିପଡ଼ା ସମିତିସଭ୍ୟ ବିଜୟାନନ୍ଦ ସା, କଳାପରିଷଦର ବରିଷ୍ଠ କଳାକାର ରଜନୀକାନ୍ତ ଆଚାର୍ଯ୍ୟ, ବିଭିନ୍ନ ପଞ୍ଚାୟତର ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ କଳାପରିଷଦର ସଦସ୍ୟ ଭାଗ ନେଇଥିଲେ।



ଲେଫ୍ରିପଡ଼ା ବ୍ଲକରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

# ଖଣି ଖୋଳିବା ପାଇଁ ଜନଶୁଣାଣି ସଭା

**ଟେନ୍‌ସା,୩।୯(ଡି.ଏନ.ଏ)**

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ଯୁମକା ପଥରପୋଷି ଲୌହଖଣିଜ ବ୍ଲକର ସମୁଦାୟ ଉତ୍ତୋଳନ ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲା ଲହୁଣୀପଡା ତହସିଲ ଅନ୍ତର୍ଗତ ବଟଗାଁ ,କେନସରା ଗ୍ରାମ ଏବଂ କେନ୍ଦୁଝର ଜିଲା ବାଂଶପାଳ ତହସିଲ ଅନ୍ତର୍ଗତ କାଦକଳା ଗ୍ରାମରେ ଅବସ୍ଥିତ ଯୁମକା ପଥରପୋଶି ପାହାଡ଼ ଆଇରନ ଓର ବ୍ଲକର ୧୫୮.୫୦୯ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ପଥରପୋଷି ଲୌହଖଣିଜ ବାର୍ଷିକ ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ହୋଇଥିଲା । ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ ଶିବଶଙ୍କର ଟପ୍ପୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ଇଂ ବିନୋଦ ବିହାରୀ ଦାସ, ଲହୁଣୀପଡା ତହସିଲଦାର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ରୁଙ୍ଗଟା ମାଇନ୍ସ ଖଣିର ସିନିୟର ଏଜିଏମ ଦିଲ୍ଲୀପ କୁମାର ପରିଡା ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ




ଜନଶୁଣାଣିରେ ଉପସ୍ଥିତ ଅଧିକାରୀ, ଜନସାଧାରଣ।

ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରାଇବା ପରେ ଜନ ସାଧାରଣଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା । ପାରିପାର୍ଶ୍ୱିକ ଗ୍ରାମର ପକ୍ଷରୁ ୪୦ରୁ ଉର୍ଦ୍ଧ୍ୱ ଜନସାଧାରଣ ରୁଙ୍ଗଟା ଖଣି ଖୋଲିବା ସମ୍ପର୍କରେ ମତାମତ ଦେଇଥିଲେ। ଖଣି ଉତ୍ତୋଳନ ହେଲେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ,ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତା ଘାଟର ଉନ୍ନତି କରଣ, ଖେଳ ପଡ଼ିଆର ଉନ୍ନତି କରଣ, ଅଧିକ ବୃକ୍ଷରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦିକୁ ଗ୍ରାମବାସୀ ଦାବି କରିଥିଲେ। ଲୁହାପଥର ଉତ୍ପାଦନ ବୃଦ୍ଧି ହେଲେ ଗ୍ରାମର ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ରୁଙ୍ଗଟା ମାଇନ୍ସ ଖଣିର ଯୁଗ୍ମ ସଭାପତି ଅନନ୍ତ ଶଙ୍କର ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ରୁଙ୍ଗଟା ମାଇନ୍ସ ଲିମିଟେଡ଼ ଖଣି ପ୍ରଶାସନ ବିଭାଗର ସଭାପତି ରାମୁ ଅଗ୍ରୱାଲ, ଲୋଜଷ୍ଟିକ ମୁଖ୍ୟ ରାମପାଲ ଚୌଦୁରୀ, ସିଏସଆରର ମୁଖ୍ୟ ଏଲ.ଏନ ରାଉତ, ବି.ଆର ମିଶ୍ର , ଆନନ୍ଦ ଶୁକ୍ଳା, ବିଷ୍ଣୁପଦ ସଡ଼ଙ୍ଗୀଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସ୍କାନ୍‌ଷ୍ଟିଲ କର୍ମଚାରୀଙ୍କୁ ବୁଷ୍ଟରଡୋଜ ପ୍ରଦାନ

**କୁତ୍ରା, ୩।୯(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳସ୍ଥିତ ସ୍କାନଷ୍ଟିଲ କର୍ମଚାରୀମାନଙ୍କୁ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶନିବାର ମାଗଣା ବୁଷ୍ଟରଡୋଜ ପ୍ରଦାନ କରାଯାଇଛି। କରୋନାର ପ୍ରଥମ ଓ ଦ୍ୱିତୀୟ ଡୋଜ ପରେ ବର୍ତ୍ତମାନ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ପକ୍ଷରୁ ମାଗଣାରେ ସମସ୍ତଙ୍କୁ ବୁଷ୍ଟରଡୋଜ ପ୍ରଦାନ କରାଯାଉଛି। କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରତ୍ୟେକ ଦିନ ଟିକା ପ୍ରଦାନ କରାଯାଉଥିବା ବେଳେ ଶନିବାର ସ୍କାନଷ୍ଟିଲ ପରିସରରେ ଏକ କ୍ୟାମ୍ପ କରି ତାଙ୍କର ୨୦୪ କର୍ମଚାରୀଙ୍କୁ ଟିକା ପ୍ରଦାନ କରାଯାଇଛି। ସରକାରଙ୍କ ଗାଇଡ଼ଲାଇନ ଅନୁସାରେ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ମାଗଣାରେ ବୁଷ୍ଟରଡୋଜ ପ୍ରଦାନ କରାଯିବ।

## ହାଜତ ମୃତ୍ୟୁ ମାମଲାରେ ୫ ପୋଲିସ ନିଲମ୍ବିତ

ମଧ୍ୟପ୍ରଦେଶର ଇନ୍ଦୋର ଜିଲାରେ ପୋଲିସ ହାଜତରେ ଥିବା ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣାରେ ଜଣେ ପୋଲିସ ସବ୍‌ଇନ୍ସପେକ୍ଟର, ୨ ଜଣ ଏଏସ୍‌ଆଇ ଓ ୨ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ଡକାୟତି ଅଭିଯୋଗରେ ଅର୍ଜୁନ ସିଙ୍ଗାରେ(୧୯)ଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା। ମାନପୁର ଥାନାରେ ଥିବାବେଳେ ସେ ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେହିଦିନ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ହାଜତ ମୃତ୍ୟୁ ପାଇଁ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଯୁବକଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ବିକ୍ଷୋଭ କରିଥିଲେ।

## ସଂକ୍ଷେପରେ

### ପାକିସ୍ତାନ ବନ୍ୟା: ମୃତ୍ୟୁସଂଖ୍ୟା ୧,୨୬୫

**ଇସ୍‌ଲାମାବାଦ,୩।୯(ଆଇଏଏନ୍‌ଏସ୍‌):** ପାକିସ୍ତାନରେ ପ୍ରଳୟଙ୍କରୀ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୧,୨୬୫ରେ ପହଞ୍ଚିଛି। ଲକ୍ଷ ଲକ୍ଷ ଲୋକ ପାଣିଘେରରେ ରହିଥିବାବେଳେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ପ୍ରବଳ ବର୍ଷା ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ୫୭ ଜଣଙ୍କ ମୃତ୍ୟୁ ହେବା ସହ ୭,୬୮୩ ଜଣ ଆହତ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆହତଙ୍କ ସଂଖ୍ୟା ୧୨,୫୭୭ରେ ପହଞ୍ଚିଛି। ଜୁନ୍ ମଧ୍ୟଭାଗରୁ ଲାଗିରହିଥିବା ଭୀଷଣ ବର୍ଷା ଓ ବନ୍ୟାରେ ୩,୨୦,୬୮୦ ଘର ଭାଙ୍ଗିଥିବାବେଳେ ୩,୭୬୬ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ୧,୬୯,୬୭୬ ଲୋକଙ୍କୁ ଉଦ୍ଧାର କରାଯାଇଥିବାବେଳେ ୬,୨୭,୭୯୩ ଜଣ ବିଭିନ୍ନ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି।

### ପଶ୍ଚିମବଙ୍ଗ ସରକାର ଉପରେ ୩,୫୦୦ କୋଟି ଜରିମାନା ଲଗାଇଲା ଏନ୍‌ଜିଟି

**ନୂଆଦିଲ୍ଲୀ,୩।୯:** ବର୍ଜ୍ୟ ପରିଚାଳନାରେ ପଶ୍ଚିମବଙ୍ଗ ସରକାରଙ୍କ ବିଫଳତା ଯୋଗୁ ପରିବେଶ କ୍ଷତିଗ୍ରସ୍ତ ହେଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ରାଜ୍ୟ ସରକାରଙ୍କ ଉପରେ ୩,୫୦୦ କୋଟି ଟଙ୍କାର ପରିବେଶ କ୍ଷତିପୂରଣ ଜରିମାନା ଲଗାଇଛନ୍ତି। କଠିନ ଓ ତରଳ ବର୍ଜ୍ୟ ପରିଚାଳନାରେ ବିଫଳତା ଲାଗି ଅଲଗା ଅଲଗା ଜରିମାନା ଏଥିପାଇଁ ଉଦ୍ଦିଷ୍ଟ ଆକାଉଣ୍ଟରେ ଦୁଇମାସ ମଧ୍ୟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିବେଶ ସୁରକ୍ଷା ଦିଗରେ ଏହି ଅର୍ଥ ବିନିଯୋଗ କରାଯିବ ବୋଲି ଜଷ୍ଟିସ ଆଦର୍ଶ କୁମାର ଗୋଏଲଙ୍କ ଅଧ୍ୟକ୍ଷତାରେ ଗଠିତ ଏନ୍‌ଜିଟି ବେଞ୍ଚ୍ କହିଛନ୍ତି।

### ପାକ୍ ଆତଙ୍କବାଦୀଙ୍କୁ ତଥ୍ୟ ଯୋଗାଉଥିବା ମଦ୍ରାସା ଶିକ୍ଷକ ଗିରଫ

**ଜମ୍ମୁ,୩।୯(ପି.ଟି.):** ପାକିସ୍ତାନୀ ଆତଙ୍କବାଦୀମାନଙ୍କୁ ସମ୍ବେଦନଶୀଳ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଜମ୍ମୁ-କଶ୍ମୀର କିଶ୍‌ତୱାର ଜିଲାର ଜଣେ ମଦ୍ରାସା ଶିକ୍ଷକଙ୍କୁ ଗିରଫ କରାଯାଇଛି। କ୍ୱାରି ଅବଦୁଲ ୱାହିଦ (୨୫) ନାମକ ଏହି ଶିକ୍ଷକ ମୌଲବୀ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ ଏବଂ ଆଇପିସିର ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ୱାହିଦ ଡାଡପେଥ ଗ୍ରାମର ମଦ୍ରାସାରେ ନିଜ ପରିବାର ସହ ରହୁଥିଲେ। ତଦନ୍ତ ବେଳେ ୱାହିଦ ବିଭିନ୍ନ ସୁରକ୍ଷା ସଂସ୍ଥାର ରାଡାରକୁ ଆସିଥିଲେ। ଗତ ସପ୍ତାହରେ ତାଙ୍କୁ ଜେରା ପାଇଁ ଡକାଯାଇଥିଲା। ପୋଲିସ, ସାମରିକ ଗୋଇନ୍ଦା ଅଧିକାରୀ ଓ ରାଜ୍ୟ ତଦନ୍ତକାରୀ ସଂସ୍ଥା ମିଳିତ ଭାବେ ଜେରା କରିବା ପରେ ତାଙ୍କୁ ଗିରଫ କରାଯାଇଛି। ସେ ୨୦୨୦ ଡିସେମ୍ବରରୁ କଶ୍ମୀର ଜନବାଜ ଫୋର୍ସ (କେଜେଏଫ୍) ନାମକ ଏକ ଆତଙ୍କବାଦୀ ସଂଗଠନ ପାଇଁ କାର୍ଯ୍ୟ କରୁଥିବା ସ୍ୱୀକାର କରିଛନ୍ତି। ସେ ସୋସିଆଲ ମିଡିଆ ଜରିଆରେ କେଜେଏଫ୍ କମାଣ୍ଡର ତୟାବ ଫାରୁକି ଓରଫ ଉମର ଖତାବଙ୍କ ସଂସ୍ପର୍ଶରେ ଆସି ଅନ୍‌ଲାଇନରେ ଏହାର ସକ୍ରିୟ ସଦସ୍ୟ ହୋଇଥିଲେ। ପାକିସ୍ତାନୀ ଗୋଇନ୍ଦା ସଂସ୍ଥାର ସନ୍ଦିଗ୍ଧ ବ୍ୟକ୍ତିମାନେ ନିୟମିତ ତାଙ୍କ ସହ ଯୋଗାଯୋଗ କରୁଥିଲେ ଓ ତାଙ୍କୁ ଟଙ୍କା ଦେଇ ବିଭିନ୍ନ ତଥ୍ୟ ହାସଲ କରୁଥିଲେ। ଯୁବକମାନଙ୍କୁ ଆତଙ୍କବାଦୀ ସଂଗଠନରେ ସାମିଲ ହେବା ପାଇଁ ପ୍ରଲୋଭିତ କରିବା ନିମନ୍ତେ ତାଙ୍କୁ ଟଙ୍କା ଓ ନୂଆ ମୋବାଇଲ ଫୋନ୍ ମିଳୁଥିଲା।

# ତୁମେ ପରଜୀବୀ,ଭାରତ ଫେରିଯାଅ

### ପୋଲାଣ୍ଡରେ ଭାରତୀୟ ବର୍ଣ୍ଣବୈଷମ୍ୟର ଶିକାର

ପୋଲାଣ୍ଡରେ ଜଣେ ଭାରତୀୟ ବର୍ଣ୍ଣବୈଷମ୍ୟର ଶିକାର ହୋଇଛନ୍ତି। ସେଠାରେ ଜଣେ ଆମେରିକୀୟ ତାଙ୍କୁ ପରଜୀବୀ ଏବଂ ଅନୁପ୍ରବେଶକାରୀ କରିବା ସହ ନିଜ ଦେଶକୁ ଫେରିଯିବା ଲାଗି ଆହ୍ୱାନ ଦେଇଥିଲେ। ଭାରତୀୟଙ୍କ ପରିଚୟ ସ୍ପଷ୍ଟ ହୋଇ ନ ଥିବାବେଳେ ତାଙ୍କ ପ୍ରତି ହୋଇଥିବା ଜାତିଆଣ ଭେଦଭାବର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡିଓଟି କେଉଁ ସହରର ତାହା ସ୍ପଷ୍ଟ ଜଣାପଡ଼ିନାହିଁ। ତେବେ ଟୁଇଟର ବ୍ୟବହାରକାରୀମାନେ ଏଥିରେ ୱାର୍ସା ପୋଲିସଙ୍କୁ ଟ୍ୟାଗ୍ କରିଛନ୍ତି। ଭିଡିଓରେ ଦେଖାଯାଇଛି, ଭାରତୀୟ ଜଣକ ଏକ ମଲ୍ ନିକଟରେ ଚାଲୁଥିବାବେଳେ ସେ କାହିଁକି ପୋଲାଣ୍ଡରେ ରହିଛନ୍ତି ଓ ନିଜ ଦେଶକୁ ଚାଲିଯାଉ ନାହାନ୍ତି କାହିଁକି ବୋଲି ଆମେରିକୀୟ ଜଣକ ବାରମ୍ବାର ପ୍ରଶ୍ନ କରୁଛନ୍ତି। ସପ୍ତାହେ ପୂର୍ବରୁ ଆମେରିକାର ଟେକ୍ସାସରେ କେତେଜଣ ଭାରତୀୟ ଆମେରିକୀୟ ମହିଳାଙ୍କୁ ବର୍ଣ୍ଣବୈଷମ୍ୟର ଶିକାର ହେବାକୁ ପଡ଼ିଥିଲା।


ବର୍ଣ୍ଣବୈଷମ୍ୟର ଶିକାର ହୋଇଥିବା ଯୁବକ।

# ନୋରା ଫତେହିଙ୍କୁ ଜେରା



ଜେଲ୍‌ରେ ଥିବା କନ୍‌ମ୍ୟାନ ସୁକେଶ ଚନ୍ଦ୍ରଶେଖର ସମ୍ପୃକ୍ତ ଥିବା ୨୦୦ କୋଟି ଟଙ୍କା ବଟି ଆଦାୟ ମାମଲାରେ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କୁ ଶୁକ୍ରବାର ୪ ଘଣ୍ଟା ଜେରା କରାଯାଇଥିଲା। ପୂର୍ବରୁ ମନିଲଣ୍ଡରିଂ ସନ୍ଦେହରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁକେଶ ଏବଂ ଫତେହିଙ୍କୁ ଏକାଠି ଜେରା କରିଥିଲା। କନ୍‌ମ୍ୟାନ ସୁକେଶ ବଲିଉଡ୍‌ର କେତେଜଣ ଅଭିନେତ୍ରୀଙ୍କୁ ବହୁ ଦାମୀ ଉପହାର ଦେଇଛନ୍ତି। ତାହା ଉପରେ ତଦନ୍ତ ଚାଲିଛି। ପୂର୍ବରୁ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡେଜ୍‌ଙ୍କୁ ଜେରା କରାଯାଇଥିଲା ବୋଲି ଦିଲ୍ଲୀ ପୋଲିସର କ୍ରାଇମ୍ ବ୍ରାଞ୍ଚ ସ୍ୱତନ୍ତ୍ର କମିଶନର ରବୀନ୍ଦ୍ର ସିଂ ଯାଦବ କହିଛନ୍ତି।

# ତାଇୱାନ ଆଣିବ ଘାତକ କ୍ଷେପଣାସ୍ତ୍ର

**ୱାଶିଂଟନ୍, ୩।୯**



- ୧ ବିଲିୟନ ଡଲାର ଡିଲ୍‌କୁ ଆମେରିକାର ମଞ୍ଜୁରୀ
- ଏହାର ଜବାବ ଦିଆଯିବ କହିଲା ଚାଇନା

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତକୁ ମାସେ ପୁରିଥିଲେ ହେଁ ବେଜିଂ ଓ ତାଇୱାନ ମଧ୍ୟରେ ଉତ୍ତେଜନା ଥମିବାର ନାଁ ଧରୁନି। ଏହାଭିତରେ ଆମେରିକା-ତାଇୱାନ ଯୁଦ୍ଧାସ୍ତ୍ର ଡିଲ୍ ଯୋଗୁ ଡ୍ରାଗନ୍ ଆହୁରି ଉତ୍ତେଜିତ ହୋଇଛି। ଶକ୍ତିଶାଳୀ ଚାଇନାର ମୁକାବିଲା ପାଇଁ ତାଇୱାନ ପ୍ରସ୍ତୁତି ଚଳାଇଥିବାବେଳେ ୱାଶିଂଟନ୍‌ଠାରୁ ପ୍ରାୟ ୧ ବିଲିୟନ ଡଲାର ମୂଲ୍ୟର ଘାତକ ଓ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର ଆଣିବାକୁ ଯାଉଛି। ଏଥିପାଇଁ ଆମେରିକା ଶୁକ୍ରବାର ୧.୦୯ ବିଲିୟନ ଡଲାର ଚୁକ୍ତିକୁ ମଞ୍ଜୁରୀ ଦେଇଛି। ଏଥିରେ ୩୫୫ ନିୟୁତ ଡଲାରର ବାୟୁରୁ ଜଳକୁ ନିକ୍ଷେପ କରିହେଉଥିବା ଘାତକ ହାର୍ପୁନ ମିଶାଇଲ, ୮୫ ନିୟୁତ ଡଲାର ମୂଲ୍ୟର ସାଇଡ୍‌ୱିଣ୍ଡର, ୬୦ ଆଣ୍ଟିଶିପ୍ ମିଶାଇଲ ଆଦି ରହିଛି। ୱାଶିଂଟନ୍ ଓ ତାଇୱାନ ମଧ୍ୟରେ ସମ୍ଭାବ୍ୟ ଅସ୍ତ୍ର ବିକ୍ରି ଚୁକ୍ତି ଚାଇନା ଓ ଆମେରିକା ସମ୍ପର୍କ ଖରାପ କରିବା ସହ ତାଇୱାନ ପ୍ରଣାଳୀରେ ଶାନ୍ତି, ସ୍ଥିରତା ଉପରେ ଗୁରୁତର ବିପଦ ସୃଷ୍ଟି କରୁଛି ବୋଲି ବେଜିଂ କହିଛି। ଏହାର ଜବାବ ଦିଆଯିବ ବୋଲି ୱାଶିଂଟନ୍‌ରେ ଥିବା ଚାଇନା ଦୂତାବାସ ପକ୍ଷରୁ କୁହାଯାଇଛି।

ଆତ୍ମରକ୍ଷା ପାଇଁ ତାଇୱାନ ସବୁପ୍ରକାର ପଦକ୍ଷେପ ନେବ। ନିଜ ସାର୍ବଭୌମତ୍ୱ ଓ ଗଣତନ୍ତ୍ର ଉପରେ ବିପଦ ଆସିଲେ ତାଇପେଇ ଏହାର ଠିକ୍ ଜବାବ ଦେବ। ଏହି ପ୍ରତିରକ୍ଷା ସାମଗ୍ରୀ ଦେଶପାଇଁ ଜରୁରୀ ବୋଲି ତାଇୱାନ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ୱାନ ଚାଇନା ନୀତିର ଉଲ୍ଲଂଘନ କରା ନ ଯାଇ ଉପରୋକ୍ତ ଡିଲ୍ ହୋଇଥିବା ଆମେରିକା ପ୍ରଶାସନ କଂଗ୍ରେସକୁ ଜଣାଇଛି। ଏଥିସହ ତାଇୱାନ ସୀମା ନିକଟରେ ଚାଇନା ସାମରିକ କାର୍ଯ୍ୟକଳାପ ଏବଂ ଏହା ଉପରେ କୂଟନୈତିକ ଓ ଆର୍ଥିକ ଚାପ ପକାଇବା ବନ୍ଦ କରି ଆଲୋଚନା ମାଧ୍ୟମରେ ବିବାଦ ସମାଧାନ କରିବାକୁ ଆମେରିକା ଅନୁରୋଧ କରିଛି। ପ୍ରକାଶଥାଉ କି, ୧୯୪୯ ଗୃହଯୁଦ୍ଧ ପରଠାରୁ ଚାଇନା ତାଇୱାନକୁ ନିଜ ଭୂଖଣ୍ଡ ବୋଲି ଦାବି କରିଆସୁଛି। ତାଇପେଇ ସହ ଚାଇନା ସରକାର କୌଣସି ଔପଚାରିକ ସମ୍ପର୍କ ରଖି ନ ଥିବାବେଳେ ୨୦୧୬ରେ ସାଇ ଇଙ୍ଗ୍-ୱେନ୍ ତାଇୱାନ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସମସ୍ତ ପ୍ରକାର ଅନୌପଚାରିକ ସମ୍ପର୍କ ମଧ୍ୟ କାଟିଦେଇଛି।

### ଚାଇନାର ଲୋନ୍ ଆପ୍ ଦୁର୍ନୀତି

# ପେଟିଏମ୍ କାର୍ଯ୍ୟାଳୟ ଉପରେ ଇଡି ଚଢ଼ାଉ

**ନୂଆଦିଲ୍ଲୀ,୩।୯**

ଚାଇନାର ବେଆଇନ ଲୋନ୍ ଆପ୍ ବିରୋଧରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ପେଟିଏମ୍, ରେଜରପେ ଏବଂ କ୍ୟାଶଫ୍ରି କମ୍ପାନୀ କାର୍ଯ୍ୟାଳୟ ଉପରେ ଚଢ଼ାଉ କରିଛି। ଉପରୋକ୍ତ ୩ ଫିନ୍‌ଟେକ କମ୍ପାନୀର କାର୍ଯ୍ୟାଳୟ ସମେତ ବେଙ୍ଗାଲୁରୁର ୬ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଚାଇନିଜ୍‌ଙ୍କ ନିୟନ୍ତ୍ରଣରେ ଥିବା ସଂସ୍ଥାଗୁଡ଼ିକର ମର୍ଚ୍ଚାଣ୍ଟ ଆଇଡି ଏବଂ ବ୍ୟାଙ୍କ ଆକାଉଣ୍ଟରୁ ୧୭ କୋଟି ଟଙ୍କା ଜବତ ହୋଇଛି। ସେମାନେ ଭାରତୀୟମାନଙ୍କ ଜାଲ୍ ଦସ୍ତାବିଜ ବ୍ୟବହାର କରି ସେମାନଙ୍କ ବିଭିନ୍ନ ସଂସ୍ଥାର ଡମି ଡାଇରେକ୍ଟର ରଖି ଆପରାଧିକ କାର୍ଯ୍ୟ ଚଳାଇଥିଲେ। ବିଭିନ୍ନ ମର୍ଚ୍ଚାଣ୍ଟ ଆଇଡି ଏବଂ ପେମେଣ୍ଟ ଗେଟ୍‌ୱେ ତଥା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ସନ୍ଦିଗ୍ଧ/ବେଆଇନ ବ୍ୟବସାୟ ଚାଲିଥିଲା। ବେଙ୍ଗାଲୁରୁ ପୋଲିସର ସାଇବର କ୍ରାଇମ ଥାନା ପକ୍ଷରୁ ଠକେଇରେ ସମ୍ପୃକ୍ତ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ୧୮ଟି ଏତଲା ଦାଏର ହୋଇଥିଲା। ଏହାର ମନିଲଣ୍ଡରିଂ ଦିଗ ଉପରେ ଇଡି ତଦନ୍ତ ଚଳାଇଛି।

# ହାଇଜାକ୍ ବିମାନ ଧକ୍କା ଲାଗି ଧମକ

**ୱାଶିଂଟନ,୩।୯**

### ଖାଲି ହେଲା ଆମେରିକା ସୁପରମାର୍କେଟ



ଜଣେ ପାଇଲଟ ହାଇଜାକ୍ କରିନେଇଥିବା ଏକ ବିମାନକୁ ଆମେରିକାର ୱାଲମାର୍ଟ ସୁପରମାର୍କେଟରେ ଧକ୍କା କରାଇବାର ଧମକ ଦେବା ପରେ ଆତଙ୍କ ଖେଳିଯାଇଛି। ମିସିସିପିର ଉତ୍ତରପୂର୍ବ ଭାଗରେ ଥିବା ଟୁପେଲୋସ୍ଥିତ ଉକ୍ତ ସୁପରମାର୍କେଟ ଓ ଏହାର ଆଖପାଖ ଅଞ୍ଚଳକୁ ପ୍ରଶାସନ ଖାଲି କରିଦେଇଛି। ସୁପରମାର୍କେଟରୁ ସମସ୍ତ ଜିନିଷ କାଢ଼ିନେବାରେ ପୋଲିସ ୱାଲମାର୍ଟ ଓ ଡୋଜେସ୍ କାର୍ ଡିଲରଶିପ୍‌କୁ ସହାୟତା କରୁଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଲୋକମାନଙ୍କୁ ଉକ୍ତ ଅଞ୍ଚଳକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

ପୋଲିସ କହିବା ଅନୁଯାୟୀ, ପାଇଲଟ ଜଣକ ୯୧୧କୁ ଫୋନ୍ କରି ୱାଲମାର୍ଟର ସୁପରମାର୍କେଟରେ ଉଦ୍ଦେଶ୍ୟମୂଳକ ଭାବେ ବିମାନ ଧକ୍କା ଦେବା ଲାଗି ଧମକ ଦେଇଥିଲେ। ଡେଲି ମେଲ୍ ରିପୋର୍ଟ ଅନୁଯାୟୀ ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟା ସମୟରେ ଟୁପେଲୋ ବିମାନବନ୍ଦରରୁ ୯ ସିଟ୍ ବିଶିଷ୍ଟ ବିଚ୍‌କ୍ରାଫ୍ଟ କିଙ୍ଗ୍ ଏୟାର୯୦ ନାମକ ବିମାନକୁ ଅପହରଣ କରିନିଆଯାଇଛି। ପାଇଲଟ ଜଣକ ଏହି ବିମାନକୁ ନେଇ ସହର ଉପରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଚକ୍କର କାଟିଥିଲେ। ୨୯ ବର୍ଷୀୟ ପାଇଲଟ ଜଣକ ଉକ୍ତ ବିମାନକୁ ଧକ୍କା ଦେବା ଲାଗି ଧମକ ଦେବା ପରେ ପୋଲିସ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ସଜାଗ ହୋଇ ରହିଛି। ସୁପରମାର୍କେଟ ସମେତ ଏହାର ଆଖପାଖ ଅଞ୍ଚଳକୁ ଡେଞ୍ଜର ଜୋନ୍ ଘୋଷଣା କରାଯାଇଛି।

ଟୁପେଲୋ ପୋଲିସ ବିଭାଗ ପକ୍ଷରୁ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଦିଆଯାଇଥିବା ବିବୃତିରେ କୁହାଯାଇଛି, ବିମାନ ଧକ୍କା କରାଇବାକୁ ଧମକ ଦେଇଥିବା ଯୁବକଙ୍କ ସହ ସେମାନେ ଯୋଗାଯୋଗ କରିଛନ୍ତି। ଲୋକେ ସତର୍କ ରହିବାକୁ ମିସିସିପି ଗଭର୍ନର ଟାଟେ ରିଭେସ୍ ପରାମର୍ଶ ଦେଇଛନ୍ତି।

# ଅଙ୍ଗଦାନ ଜାତୀୟ ଅଭିଯାନରେ ସାମିଲ ହେବେ ୬୦ ଏନ୍‌ଜିଓ

**ନୂଆଦିଲ୍ଲୀ,୩।୯(ପି.ଟି.)**

ଦେଶରେ ଅଙ୍ଗଦାନ ଉପରେ ଜାତୀୟ ସଚେତନତା ଅଭିଯାନ ଆରମ୍ଭ କରିବା ଲାଗି ୬୦ରୁ ଊର୍ଦ୍ଧ୍ୱ ଏନ୍‌ଜିଓ ଶନିବାର ସଂକଳ୍ପ ନେଇଛନ୍ତି। ଦଧିଚୀ ଦେହଦାନ ସମିତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଏହି ପ୍ରସ୍ତାବ ଦିଆଯାଇଛି। ଜଣେ ବ୍ୟକ୍ତି ଅଙ୍ଗଦାନ କରି ଅନେକଙ୍କ ଜୀବନ ବଞ୍ଚାଇପାରିବ। ଏହି ବାର୍ତ୍ତା ଜନସାଧାରଣଙ୍କ ପାଖରେ ପହଞ୍ଚାଇ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଏହି କ୍ୟାମ୍ପେନ୍‌ର ଲକ୍ଷ୍ୟ। ନ୍ୟାଶନାଲ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ୨୦୨୦ରେ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଅଙ୍ଗଦାନ ହ୍ରାସ ପାଇଛି। ୨୦୧୯ରେ ବ୍ରେନ୍‌ଡେଡ୍ ଅଙ୍ଗଦାନକାରୀଙ୍କ ସଂଖ୍ୟା ୭୧୫ ଥିବାବେଳେ ୨୦୨୦ରେ ତାହା ୩୧୫କୁ ହ୍ରାସ ପାଇଥିଲା। ୨୦୨୧ରେ ତାହା ୫୫୨କୁ ବୃଦ୍ଧି ପାଇଥିଲା।

# ଗୋର୍ବାଚେଭ୍‌ଙ୍କ ଶେଷକୃତ୍ୟ: ଯୋଗଦେଲେନି ପୁଟିନ୍

**ମସ୍କୋ, ୩।୯**

ସୋଭିଏଟ୍ ସଂଘର ଶେଷ ରାଷ୍ଟ୍ରପତି ତଥା ଶୀତଳ ଯୁଦ୍ଧ ଶେଷ କରିବାରେ ପ୍ରମୁଖ ଭୂମିକା ତୁଲାଇଥିବା ମିଖାଇଲ ଗୋର୍ବାଚେଭ୍‌ଙ୍କ ଶନିବାର ଅନ୍ତିମ ସତ୍କାର ହୋଇଛି। ଶତାଧିକ ଦେଶବାସୀ ଏବଂ ସୋଭିଏଟ ରୁଷିଆ ଅମଳର ନେତାମାନେ ଏଥିରେ ସାମିଲ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତେବେ ଗୋର୍ବାଚେଭ୍‌ଙ୍କ ସମାଲୋଚକ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସତ୍କାର କାର୍ଯ୍ୟକ୍ରମରେ ଯୋଗଦେଇନାହାନ୍ତି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ପୁଟିନ୍ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ସେ ଏଥିରେ ସାମିଲ ହୋଇ ନ ଥିବା କ୍ରେମଲିନ ପକ୍ଷରୁ କୁହାଯାଇଛି। ଗତ ମଙ୍ଗଳବାର ୯୧ ବର୍ଷ ବୟସରେ ଗୋର୍ବାଚେଭ୍‌ଙ୍କ ପରଲୋକ ହୋଇଥିଲା। ପୁଟିନ୍ ଗୁରୁବାର ତାଙ୍କ ମୃତଦେହ ଥିବା ହସ୍ପିଟାଲକୁ ବ୍ୟକ୍ତିଗତ ଭାବେ ଯାଇ ଶେଷଦର୍ଶନ କରିଥିଲେ। ତେବେ ଗୋର୍ବାଚେଭ୍‌ଙ୍କ ମୃତ୍ୟୁରେ ଜାତୀୟ ଶୋକପାଳନ କରାଯିବନାହିଁ ବୋଲି କ୍ରେମ୍‌ଲିନ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରକାଶ ଥାଉ କି, ବିଂଶତମ ଶତାବ୍ଦୀରେ ଗୋର୍ବାଚେଭ୍ ସବୁଠୁ ପ୍ରଭାବଶାଳୀଙ୍କ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ ଥିଲେ। ୧୯୮୫ରୁ ୧୯୯୧ ପର୍ଯ୍ୟନ୍ତ ସେ ସୋଭିଏଟ୍ ସଂଘର ରାଷ୍ଟ୍ରପତି ରହିଥିଲେ। ତାଙ୍କ ଶାସନ କାଳରେ ହିଁ ୧୯୯୧ ଡିସେମ୍ବର ୨୫ରେ ସୋଭିଏଟ୍ ୟୁନିୟନର ବିଲୟ ଘଟି ୧୫ ଦେଶରେ ବିଭକ୍ତହୋଇଯାଇଥିଲା। ୧୯୯୦ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।


ମିଖାଇଲ ଗୋର୍ବାଚେଭ୍‌ଙ୍କ ଝିଅ ଇରିନା ଭିର୍ଗାନ୍‌ସ୍କାୟା ପିତାଙ୍କୁ ଅଶ୍ରୁଳ ବିଦାୟ ଜଣାଉଛନ୍ତି।

# ନାସାର ଚନ୍ଦ୍ର ମିଶନ ପୁଣି ସ୍ଥଗିତ

**ୱାଶିଂଟନ୍, ୩।୯**

### ଇଞ୍ଜିନ୍‌ରେ ଲିକ୍, ଉତ୍‌କ୍ଷେପଣ ହୋଇପାରିଲାନି ଆର୍ଟେମିସ୍ ରକେଟ୍



ଆମେରିକାର ସ୍ପେସ୍ ଏଜେନ୍ସି ନାସାର ମହାତ୍ତ୍ୱାକାଂକ୍ଷୀ ଚନ୍ଦ୍ର ମିଶନ ଶନିବାର ପୁଣି ଥରେ ସ୍ଥଗିତ ହୋଇଛି। ଇଞ୍ଜିନ୍‌ରେ ଇନ୍ଧନ ଲିକ୍ ସମସ୍ୟା ହେବାରୁ ଆର୍ଟେମିସ୍-୧ ମୁନ୍ ରକେଟ୍ ଉତ୍‌କ୍ଷେପଣ ହୋଇପାରିନାହିଁ। ନାସା ଦ୍ୱାରା ପ୍ରସ୍ତୁତ ସବୁଠାରୁ ଶକ୍ତିଶାଳୀ ରକେଟ୍ ଲଞ୍ଚ୍ ପାଇଁ ସମସ୍ତ ପ୍ରସ୍ତୁତି ସରିବା ପରେ ସ୍ପେସ୍ ଲଞ୍ଚ୍ ସିଷ୍ଟମ୍ (ଏସ୍‌ଏଲ୍‌ଏସ୍) ଇଞ୍ଜିନରେ ହାଇଡ୍ରୋଜେନ୍ ଲିକ୍ ରୋକିବାରେ ନିୟନ୍ତ୍ରକ ବିଫଳ ହୋଇଥିଲେ। ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ନାସା ପୁଣି ଥରେ ରକେଟ୍ ଉତ୍‌କ୍ଷେପଣ ଉଦ୍ୟମ କରିବ ବୋଲି ଜଣାଯାଇଛି।

ଚନ୍ଦ୍ରକୁ ୩୨୨ ଫୁଟର ଏହି ରକେଟ୍ ପ୍ରେରଣ ନାସାର ଆର୍ଟେମିସ୍ ମିଶନର ଏକ ଅଂଶ। ଆପୋଲୋ ମିଶନର ୫୦ ବର୍ଷ ପରେ ପୁଣି ଥରେ ମନୁଷ୍ୟଙ୍କୁ ଚନ୍ଦ୍ରକୁ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି। ପ୍ରାୟ ୬ ସପ୍ତାହ ଏହା ଚନ୍ଦ୍ର ଚାରିପଟେ ଘୂରିବା ପରେ ପୃଥିବୀକୁ ଫେରିବ। ଏହି ରକେଟର ପ୍ରଥମ ମିଶନ ମାନବରହିତ ହେବ। ଗତ ସୋମବାର ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଏହି ରକେଟ୍ ଉତ୍‌କ୍ଷେପଣ କରାଯିବାର କାର୍ଯ୍ୟକ୍ରମ ଥିଲେ ହେଁ ଯାନ୍ତ୍ରିକ ତ୍ରୁଟି ଯୋଗୁ ତାହାକୁ ଶନିବାର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା।

# ସାମାଜିକ ସୁରକ୍ଷାରୁ ବଞ୍ଚିତ ୭୫% ଭାରତୀୟ

**ନୂଆଦିଲ୍ଲୀ, ୩।୯**

### ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ରିପୋର୍ଟ

କୌଣସି ରୋଗରେ ପୀଡ଼ିତ, ଦିବ୍ୟାଙ୍ଗ, ବୃଦ୍ଧାବସ୍ଥା, ବେରୋଜଗାର ସମେତ ମୃତ୍ୟୁ ଆଦି ପରିସ୍ଥିତିବେଳେ ସମ୍ପୃକ୍ତ ବ୍ୟକ୍ତି ଏବଂ ପରିବାରର ସୁରକ୍ଷା ଜରୁରୀ ହୋଇପଡ଼ିଥାଏ। ଲୋକଙ୍କ ଦାରିଦ୍ର୍ୟ ଏବଂ ଦୁର୍ବଳତା ହ୍ରାସ ନିମନ୍ତେ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ଆର୍ଥିକ, ସାମାଜିକ ବିପଦରୁ ସୁରକ୍ଷା ଯୋଗାଯାଇଥାଏ। କିନ୍ତୁ ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ମୋଟ ଜନସଂଖ୍ୟାର ସିଂହଭାଗ ଲୋକଙ୍କ ନିକଟରେ ଏହି ସୁବିଧା ଉପଲବ୍ଧ ନାହିଁ। ମାତ୍ର ୨୪.୪% ଭାରତୀୟଙ୍କ ପାଖରେ ହିଁ କୌଣସି ପ୍ରକାର ସୋସିଆଲ ପ୍ରୋଟେକ୍ସନ ବା ସାମାଜିକ ସୁରକ୍ଷା ରହିଛି, ଯାହା କି ପଡ଼ୋଶୀ ବାଂଲାଦେଶ (୨୮.୪%)ଠାରୁ ମଧ୍ୟ କମ୍। ଅର୍ଥାତ ୭୫%ରୁ ଅଧିକ ଭାରତୀୟଙ୍କ ପାଖରେ ସାମାଜିକ ସୁରକ୍ଷା ନାହିଁ। ଶୁକ୍ରବାର ଆଇଏଲ୍‌ଓ ଜାରି କରିଥିବା ୱାର୍ଲ୍ଡ ସୋସିଆଲ ପ୍ରୋଟେକ୍ସନ ରିପୋର୍ଟ ୨୦୨୦-୨୨ ଅନୁଯାୟୀ ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ମଙ୍ଗୋଲିଆ, ନ୍ୟୁଜିଲାଣ୍ଡ, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆରେ ଶତପ୍ରତିଶତ ଲୋକଙ୍କ ନିକଟରେ ସାମାଜିକ ସୁରକ୍ଷା ଥିବାବେଳେ ମ୍ୟାନ୍‌ମାର ଏବଂ କାମ୍ବୋଡିଆରେ ଏହି ସଂଖ୍ୟା ମାତ୍ର ୧୦ ପ୍ରତିଶତ।

ରିପୋର୍ଟରେ ଦର୍ଶାଯାଇଛି, ସାମାଜିକ ସୁରକ୍ଷା କ୍ଷେତ୍ରରେ କମ୍ ନିବେଶ, ଅବଦାନ ନ ଥିବା ଯୋଜନା ଅଧୀନରେ ଖର୍ଚ୍ଚ ହେଉଥିବା ଅର୍ଥ ଲୋକଙ୍କୁ ଏହି ନିରାପତ୍ତା ପ୍ରଦାନ ପାଇଁ ଯଥେଷ୍ଟ ନୁହେଁ। ଅବଦାନ ଥିବା ସୁବିଧା ଅଧୀନରେ କେବଳ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତି ଆସୁଥିବାବେଳେ ଅବଦାନ ନ ଥିବା ଯୋଜନାରେ ଗରିବ ଲୋକଙ୍କୁ ରଖାଯାଉଛି। ଭାରତର ସାମାଜିକ ସୁରକ୍ଷା ସୁବିଧା ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୫%ରୁ ବି କମ୍। ତେବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଭଳି କାର୍ଯ୍ୟକ୍ରମରେ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କୁ ଶହେ ଦିନ ପର୍ଯ୍ୟନ୍ତ କାମ ପ୍ରଦାନ ବ୍ୟବସ୍ଥାକୁ ଏହି ରିପୋର୍ଟରେ ପ୍ରଶଂସା କରାଯାଇଛି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପ୍ରତି ୪ରେ ୩ ଜଣ ଅସୁସ୍ଥ କିମ୍ବା କାର୍ଯ୍ୟକ୍ଷେତ୍ରରେ ଆହତ ହେଲେ ସେମାନେ ସାମାଜିକ ସୁରକ୍ଷା ପାଇପାରି ନ ଥାନ୍ତି ବୋଲି ଏଥିରେ କୁହାଯାଇଛି। ମୁଣ୍ଡ ପିଛା ଆୟ କମ୍ ଥିବା ଦେଶଗୁଡ଼ିକ ଯଥା ଭାରତ, ପାକିସ୍ତାନ, ନେପାଳ, ଆଫଗାନିସ୍ତାନ ଆଦିରେ ୫%ରୁ ବି କମ୍ ଶ୍ରମିକଙ୍କ ପାଇଁ ଆଘାତଜନିତ ସ୍ୱାସ୍ଥ୍ୟ ସମସ୍ୟାବେଳେ ସାମାଜିକ ସୁରକ୍ଷା ଉପଲବ୍ଧ ବୋଲି ଆଇଏଲ୍‌ଓର ଏହି ରିପୋର୍ଟରେ ଦର୍ଶାଯାଇଛି।

ଏଥିରେ ଆହୁରି କୁହାଯାଇଛି ଯେ, ୨୦୨୦ ସୁଦ୍ଧା ବିଶ୍ୱର ମୋଟ ଜନସଂଖ୍ୟାର କେବଳ ୪୬.୯% ଅନ୍ୟୂନ ଗୋଟିଏ ସାମାଜିକ ସୁରକ୍ଷା ଅଧୀନରେ ଥିଲେ। ବଳକା ୫୩.୧% ଅର୍ଥାତ ପ୍ରାୟ ୪.୧ ବିଲିୟନ ଲୋକ ସୋସିଆଲ ପ୍ରୋଟେକ୍ସନରୁ ବଞ୍ଚିତ ଥିଲେ। ଏହାବାଦ୍ ଲିଙ୍ଗଗତ ଦୃଷ୍ଟିରୁ ଦେଖିଲେ ସାମାଜିକ ସୁରକ୍ଷା ପାଉଥିବା ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ପ୍ରାୟ ୮% କମ୍। କାର୍ଯ୍ୟ କରିବା ବୟସ ବର୍ଗରେ ଆସୁଥିବା ବୈଶ୍ୱିକ ଜନସଂଖ୍ୟାର ୬୯.୪% ବା ୪ ବିଲିୟନ ଲୋକ ଆଂଶିକ ଭାବେ ସୁରକ୍ଷିତ କିମ୍ବା ସେମାନଙ୍କ ନିକଟରେ ଆଦୌ ସାମାଜିକ ସୁରକ୍ଷା ନ ଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**୩ୟ ବୃହତ୍ ଅର୍ଥନୀତି ପାଲଟିବ ଭାରତ: ରିପୋର୍ଟ**

ଭାରତୀୟ ଅର୍ଥନୀତି ଏକ ବଡ଼ ସଂରଚାନାତ୍ମକ ପରିବର୍ତ୍ତନ ଦେଇ ଗତି କରିଛି। ଦେଶର ମୋଟ ଘରୋଇ ଆୟ ଅଧିକ ରହିଛି। ବର୍ତ୍ତମାନ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥନୀତି ସମ୍ପନ୍ନ ରାଷ୍ଟ୍ର ହୋଇପାରିଛି। ତେବେ ବର୍ତ୍ତମାନର ଅଭିବୃଦ୍ଧି ହାରକୁ ଦେଖିଲେ ଭାରତ ୨୦୨୭ ବେଳକୁ ଜର୍ମାନୀ ଓ ୨୦୨୯ ସୁଦ୍ଧା ଜାପାନକୁ ପଛରେ ପକାଇ ତୃତୀୟ ବୃହତ୍ ଅର୍ଥନୀତିର ଦେଶ ହେବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ଆକଳନ ରିପୋର୍ଟରେ ଏଭଳି କିଛି ତଥ୍ୟ ପ୍ରକାଶ କରିଛି।

# ୧.୧୪ ଟ୍ରିଲିୟନରୁ ଅଧିକ ଟଙ୍କା ଫେରସ୍ତ କରିଛି ସିବିଡିଟି

**ନୂଆଦିଲ୍ଲୀ,୩।୯**

ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ମାସ (୧ଏପ୍ରିଲରୁ ଅଗଷ୍ଟ ୩୧) ମଧ୍ୟରେ ୧.୧୪ ଟ୍ରିଲିୟନରୁ ଅଧିକ ଟଙ୍କା ୧୯.୭ ମିଲିୟନରୁ ଅଧିକ ଟିକସଦାତାଙ୍କୁ ଫେରସ୍ତ କରାଯାଇଥିବା ଶନିବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ କୁହାଯାଇଛି। ସେହିଭଳି ୧୯,୬୦୦,୯୯୮ ମାମଲାରେ ୬୧,୨୫୨ କୋଟି ଟଙ୍କାର ଆୟକର ଫେରସ୍ତ ଏବଂ ୧,୪୬,୮୭୧ ମାମଲାରେ ୫୩,୧୫୮ କୋଟି ଟଙ୍କାର କର୍ପୋରେଟ୍ ଟ୍ୟାକ୍ସ ରିଫଣ୍ଡ ଜାରି କରାଯାଇଥିବା ଜଣାପଡିଛି। ଏପରିକି ସିବିଡିଟିର ସୂଚନା ଅନୁଯାୟୀ ୨୦୨୨ ଏପ୍ରିଲ ୧ ରୁ ଅଗଷ୍ଟ ୩୧ ମଧ୍ୟରେ ୧.୯୭ କୋଟିରୁ ଅଧିକ ଟିକସଦାତାଙ୍କୁ ୧.୧୪ ଲକ୍ଷ କୋଟିରୁ ଅଧିକ ଟଙ୍କା ରିଫଣ୍ଡ ପ୍ରଦାନ କରାଯାଇଛି। ସେହିଭଳି ୧୯,୬୦୦,୯୯୮ ମାମଲାରେ ୬୧,୨୫୨ କୋଟି ଟଙ୍କା ଆୟକର ଫେରସ୍ତ ଏବଂ ୧୪୬,୮୭୧ ମାମଲାରେ ୫୩,୧୫୮ କୋଟି ଟଙ୍କା କର୍ପୋରେଟ ଟ୍ୟାକ୍ସ ଫେରସ୍ତ ପ୍ରଦାନ କରାଯାଇଛି ବୋଲି ସିବିଡିଟି କହିଛି।

ଅପରପକ୍ଷରେ ଆୟକର ବିଭାଗ କହିଛି, ୨୦୨୧-୨୨ରେ ସମାନ ଅବଧି ମଧ୍ୟରେ କର୍ପୋରେଟ ସଂସ୍ଥାଙ୍କଠାରୁ ଟିକସ ସଂଗ୍ରହ ୩୪% ବୃଦ୍ଧି ପାଇଛି। ଯାହା ସୂଚାଇ ଦେଇଛି ଯେ ସ୍ୱଳ୍ପ ହାରରେ ସରଳୀକୃତ ଟିକସ ବ୍ୟବସ୍ଥା ଯୋଗୁ ପରିସ୍ଥିତିର ସୁଧାର ଆସିଛି। ଏପ୍ରିଲ୍‌ରୁ ଜୁଲାଇ ମାସ ମଧ୍ୟରେ କର୍ପୋରେଟ୍ ଟିକସ ସଂଗ୍ରହ ୭.୨୩ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି, ଯାହା ୨୦୨୦-୨୧ ଆର୍ଥିକ ଟିକସ ସଂଗ୍ରହ ତୁଳନାରେ ୫୮% ରୁ ଅଧିକ ଅଭିବୃଦ୍ଧି ପଞ୍ଜୀକୃତ ହୋଇଛି ବୋଲି ବିଭାଗ ମତବ୍ୟକ୍ତ କରିଛି।

- ୧୯.୬ ମିଲିୟନ ମାମଲାରେ ୬୧,୨୫୨ କୋଟି ଟଙ୍କା ଆୟକର ଫେରସ୍ତ
- ୧୪୬,୮୭୧ ମାମଲାରେ ୫୩,୧୫୮ କୋଟି ଟଙ୍କାର କର୍ପୋରେଟ୍ ଟ୍ୟାକ୍ସ ରିଟର୍ନ
- ଏପ୍ରିଲ, ଜୁଲାଇରେ କର୍ପୋରେଟ୍ ଟ୍ୟାକ୍ସ ସଂଗ୍ରହ ୭.୨୩ ଲକ୍ଷ କୋଟିରେ ପହଞ୍ଚିଛି

## ଟିନ୍ ୨.୦ରେ ବିଓଆଇ ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ଭୁବନେଶ୍ୱର,୩।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର କାର୍ଯ୍ୟଦକ୍ଷତା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ଜରିଆରେ ପ୍ରଦାନ କରୁଥିବା ସେବା ଯୋଗୁ ଏହା ଆୟକର ବିଭାଗର ନୂତନ ପ୍ରତ୍ୟକ୍ଷ କର ସଂଗ୍ରହ ପ୍ରଣାଳୀ ଟିନ୍ ୨.୦ରେ ଲାଇଭ ହେବାକୁ ଥିବା ପ୍ରଥମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରୂପେ ପରିଗଣିତ ହୋଇଛି। ଟିନ୍ ୨.୦ ପ୍ଲାଟ୍‌ଫର୍ମରେ ବିଓଆଇର ଏହି ନୂତନ ଟେକ୍ନୋଲୋଜି ସହ ଟିକସଦାତାମାନେ ନିଜର ଟିକସ ଦାଖଲ ଓ ରିଟର୍ନ ଫାଇଲ ଗୋଟିଏ ପୋର୍ଟାଲରେ କରିପାରିବେ। ଫଳରେ ସେମାନେ ମଧ୍ୟ ଦେଶ ମଧ୍ୟରେ ବିଓଆଇର ଯେ କୌଣସି ଶାଖାରେ ପ୍ରତ୍ୟକ୍ଷ ଭାବେ ଟିକସ ଦାଖଲ କରିପାରିବେ। କାରଣ ବିଓଆଇର ୫,୦୦୦ ରୁ ଉର୍ଦ୍ଧ୍ୱ ଶାଖା ଓଟିସି (ଓଭର କାଉଣ୍ଟର ମୋଡ୍) ମାଧ୍ୟମରେ ପ୍ରତ୍ୟକ୍ଷ କର ସଂଗ୍ରହ କରୁଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଡି.ଏସ୍. ଶେଖାୱତ୍ କହିଛନ୍ତି, ବ୍ୟାଙ୍କ ନିଜର ଗ୍ରାହକମାନଙ୍କ ପାଇଁ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ସେବାଗୁଡ଼ିକୁ ସୁନିଶ୍ଚିତ କରିବାକୁ ସକ୍ରିୟ ରୂପେ ଡିଜିଟାଲ ପ୍ଲାଟ୍‌ଫର୍ମରେ ଅନୁକୂଳ ସେବା ପ୍ରଦାନ କରିବାକୁ ପ୍ରତିବଦ୍ଧ। ଏପରିକି ଆୟକର ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିବେକ ଉପାଧ୍ୟାୟଙ୍କୁ ତାଙ୍କର ସହଯୋଗ ପାଇଁ ବ୍ୟାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛି। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ଅତନୁ ଦାସ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍. କାର୍ତ୍ତିକେୟନ୍‌ଙ୍କର ସକ୍ରିୟ ଯୋଗଦାନ ରହିଛି। ଉଲ୍ଲେଖଯୋଗ୍ୟ, ଟିନ୍ ୨.୦ (ଇ-ଫାଇଲିଂ) ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆୟକର ବିଭାଗର ଅଫିସିଆଲ୍ ପୋର୍ଟାଲ ।

## ମାଲାବାରରେ 'ଏକ୍ସକ୍ଲୁସିଭ୍ ବ୍ରାଣ୍ଡେଡ୍ ଜୁଏଲେରି ଶୋ'




**କଟକ,୩।୯**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ସ୍ଥିତ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ଏକ ୯ ଦିନିଆ 'ଏକ୍ସକ୍ଲୁସିଭ ବ୍ରାଣ୍ଡେଡ୍ ଜୁଏଲେରି ଶୋ'ର ଶୁଭାରମ୍ଭ ଶନିବାରଠାରୁ ହୋଇଯାଇଛି। ଏହି ଶୋ ସେପ୍ଟେମ୍ବର ୩ରୁ ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତ୍ରୀ ଲୁମ୍‌ରାଇନା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଷ୍ଟୋର ହେଡ୍ (ମ୍ୟାନେଜର) ମଦନ ମୋହନ ସାହୁଙ୍କ ସମେତ ଷ୍ଟୋରର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ଏହି ଶୋ ଜରିଆରେ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଷ୍ଟୋରର ପ୍ରମୁଖ ଜେମ୍‌ସ ଅଳଙ୍କାର ସାଙ୍ଗକୁ ସୁନା ଓ ହୀରାର ଅନ୍ୟାନ୍ୟ ଡିଜାଇନ ମଧ୍ୟ ସାମିଲ ରହିଛି। ସେ ଗୁଡ଼ିକ ହେଲା ମାଇନ, ଏରା, ପ୍ରେସିଆ, ଏଥ୍ନିକ୍ସ, ଡିଭାଇନ, ହାଇ ଏବଂ ଷ୍ଟାରଲେଟ ଭଳି ହୀରା ଓ ରତ୍ନପଥରର ଅନ୍ୟାନ୍ୟ ସଂଗ୍ରହ ଉଭୟ ବିକ୍ରି ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ। ଅପରପକ୍ଷରେ ମାଲାବାର ଗ୍ରୁପ୍ ତା'ର ବ୍ୟବସାୟର ସିଂହଭାଗ ଲାଭ ଅଂଶ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟରେ ବିନିଯୋଗ କରିଥାଏ ବୋଲି ମାଲାବାର ର ଓଡ଼ିଶା ବାଣିଜ୍ୟ ମୁଖ୍ୟ (ମାର୍କେଟିଂ ମ୍ୟାନେଜର) ସିଦ୍ଧେଶ୍ୱର ରଥ ମତବ୍ୟକ୍ତ କରିଛନ୍ତି।

# ବ୍ରହ୍ମପୁରରେ କଲ୍ୟାଣ ଜୁଏଲର୍ସ

**ବ୍ରହ୍ମପୁର ଅଫିସ,୩।୯**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'କଲ୍ୟାଣ ଜୁଏଲର୍ସ'ର ଏକ୍ସକ୍ଲୁସିଭ୍ ଶୋ'ରୁମ୍ ବ୍ରହ୍ମପୁରର ସିଟି ହାଇସ୍କୁଲ ରୋଡ୍‌ରେ ଶନିବାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ କଲ୍ୟାଣ ଜୁଏଲର୍ସର ସିଓଓ ସଞ୍ଜୟ ରଘୁରମଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଗତ ବର୍ଷଗୁଡ଼ିକରେ ବ୍ୟକ୍ତିଗତ ଭାବେ ଭଲ ଲାଗିବା ଓ ସେବାଭିତ୍ତିକ ଶପିଂ ଅନୁଭୂତି ପ୍ରଦାନ କରି ଆମେ ଆମର ପୃଷ୍ଠପୋଷକଙ୍କୁ ସୁବିଧା ସୁଯୋଗ ଦେବାରେ ବଡ଼ ପଦକ୍ଷେପ ଗ୍ରହଣ କରିଛୁ ବୋଲି ସଞ୍ଜୟ କହିଛନ୍ତି। ବର୍ତ୍ତମାନ ଆମେ ଦୃଢ଼ ଗ୍ରାହକ ବିଶ୍ୱସନୀୟତା ଓ ବଜାରରେ ବ୍ରାଣ୍ଡ୍ ପରିଚୟ ଉପଭୋଗ କରୁଛୁ। ରାଜ୍ୟରେ ଏହା ୨ୟ ଶୋ'ରୁମ ହୋଇଥିବାବେଳେ ବଜାର ଅଂଶ ଓ ବ୍ରାଣ୍ଡ୍‌ର ଉପସ୍ଥିତିକୁ ସମ୍ପ୍ରସାରଣ କରିପାରିଛୁ। ଏହି ପରିପ୍ରେକ୍ଷୀରେ ପ୍ରତି ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ ବୋଲି ଷ୍ଟୋର ପକ୍ଷରୁ ଘୋଷଣା କରାଯାଇଛି। ଏହା ସହ ପ୍ରତି ଗ୍ରାମର ଗଢ଼ା ମୂଲ୍ୟ ଉପରେ ତତ୍କାଳ ୩ ଶହ ଟଙ୍କାର ରିହାତି ଓ ପୁରୁଣା ସୁନା ବଦଳ ଉପରେ ପ୍ରତି ଗ୍ରାମରେ ଅଧିକ ୫୦ ଟଙ୍କା ପ୍ରଦାନ କରାଯିବ ବୋଲି କଲ୍ୟାଣ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ସେହଭଳି ଷ୍ଟୋର ପକ୍ଷରୁ କଲ୍ୟାଣ ସୁନା ଦରର ମଧ୍ୟ ଶୁଭାରମ୍ଭ କରାଯାଇଛି।



ବ୍ରହ୍ମପୁରଠାରେ କଲ୍ୟାଣ ଜୁଏଲର୍ସର ନୂତନ ଶୋ'ରୁମ୍‌କୁ କମ୍ପାନୀର ସିଓଓ, ଅନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରୁଛନ୍ତି ।

## ଅଗଷ୍ଟରେ ୭,୭୬୯ ୟୁନିଟ୍ ଯାନ ବିକ୍ରି

**ନୂଆଦିଲ୍ଲୀ,୩।୯**

ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ହୋଣ୍ଡା କାର୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ପକ୍ଷରୁ ଅଗଷ୍ଟ ମାସର ଗାଡ଼ି ବିକ୍ରି ସଂଖ୍ୟା ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଗ୍ରାହକମାନଙ୍କର ସକାରାତ୍ମକ ମନୋଭାବ ଓ ଡିଲରଶିପ୍‌ରେ ପାର୍ବଣ ଋତୁର ଉତ୍ସାହ ଯୋଗୁ ଚଳିତ ବର୍ଷ ଅଗଷ୍ଟରେ କମ୍ପାନୀର ମୋଟ ବିକ୍ରି ୭,୭୬୯ ୟୁନିଟ୍‌ରେ ପହଞ୍ଚିଛି। ସେଥିରେ ଦେଶ ଭିତରେ ୫,୪୧୩ ଗାଡ଼ି ବିକ୍ରି ହୋଇଥିବା ବେଳେ ୨୩୫୬ ଗାଡ଼ି କମ୍ପାନୀ ରପ୍ତାନି କରିଥିବା ଜଣାପଡିଛି। ଏପରିକି ୨୦୨୧ ଅଗଷ୍ଟରେ କମ୍ପାନୀ ମୋଟ ୧୧,୧୭୭ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା, ଯେଉଁଥିରୁ ଦେଶ ଭିତରେ ୮୯୧୫ ୟୁନିଟ୍ ଗାଡ଼ି ବିକ୍ରି ହୋଇଥିବା ବେଳେ ୨୨୬୨ ଗାଡ଼ି ରପ୍ତାନି ହୋଇଥିଲା। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ (ମାର୍କେଟିଂ ଆଣ୍ଡ ସେଲସ) ୟୁଚି ମୁରାତା କହିଛନ୍ତି, ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷର ବଜାର ପ୍ରଦର୍ଶନରେ ଦ୍ରୁତ ଗତିଶୀଳତା ପରିଲକ୍ଷିତ ହୋଇଛି। ସେହିପରି ଚଳିତ ପାର୍ବଣ ଋତୁ ଯୋଗୁ ଆଗାମୀ ଦିନରେ ବ୍ୟବସାୟ ଭଲ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**ଫୁରସତ୍**



## ବଲିଉଡ୍‌ରେ ରଶ୍ମିକା

**ମୁମ୍ବାଇ:** ନ୍ୟାଶନାଲ କ୍ରଶ୍ ତଥା ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଧାନା ବି-ଟାଉନରେ ଧମାକା କରିବାକୁ ଯାଉଛନ୍ତି। ବଲିଉଡ୍ ବାଦଶାହା ଅମିତାଭ ବଚ୍ଚନଙ୍କ ସହ ରଶ୍ମିକା ସିନେମା 'ଗୁଡ୍ ବାଏ'ରେ ସ୍କ୍ରିନ୍ ଶେୟାର କରିବେ। ଏହି ବହୁ ପ୍ରତୀକ୍ଷିତ ଫିଲ୍ମ ଅକ୍ଟୋବର ୭ରେ ପରଦାକୁ ଆସିବାକୁ ଥିବାବେଳେ ଫିଲ୍ମର ପ୍ରଥମ ଲୁକ୍ ସାର୍ବଜନୀନ ହୋଇଛି। ଅମିତାଭ ବଚ୍ଚନ ଏହି ପୋଷ୍ଟକୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ସେଥିରେ ବିଗ୍-ବିଙ୍କ ସହ ରଶ୍ମିକା ଗୁଡ଼ି ଉଡ଼ାଉଥିବା ନଜରକୁ ଆସିଛନ୍ତି। ପୋଷ୍ଟର ଶେୟାର କରି ଅମିତାଭ କ୍ୟାପ୍ସନରେ ଲେଖିଛନ୍ତି, 'ପରିବାର ସହିତ ରହିବା ସବୁଠାରୁ ଖାସ୍ ହୋଇଥାଏ, ଯେତେବେଳେ କେହି ପାଖରେ ନଥାନ୍ତି, ସେତେବେଳେ ଏହାର ଫରକ ଜଣାପଡ଼ିଥାଏ'। 'ଗୁଡ୍ ବାଏ' ଏକ ପରିବାରିକ ସିନେମା। ରଶ୍ମିକା ଏଥିରେ ଅମିତାଭଙ୍କ ଝିଅ ଚରିତ୍ରରେ ଅଭିନୟ କରିଛନ୍ତି। ବାପା-ଝିଅଙ୍କ ମଧ୍ୟରେ ଥିବା ସ୍ନେହ, ଶ୍ରଦ୍ଧା ଏବଂ ଭଲପାଇବାକୁ ସିନେମାରେ ପରିବେଷଣ କରାଯାଇଛି। କରୋନା ସମୟରୁ ଏହି ଫିଲ୍ମ ଶୁଟିଂ ଆରମ୍ଭ ହୋଇଥିବାବେଳେ ରଶ୍ମିକା ଏହାକୁ ନେଇ ବହୁତ ଉତ୍ସାହିତ ଥିବା କହିଛନ୍ତି। ଏକ୍‌ତା କପୁର ସିନେମାର ପ୍ରଯୋଜନା କରିଥିବାବେଳେ ବିକାଶ ଭଲ୍ ନିର୍ଦ୍ଦେଶନା ଦେଇଛନ୍ତି। ବିଗ୍-ବି, ରଶ୍ମିତାଙ୍କ ବ୍ୟତୀତ ସାହିଲ୍ ମେହଟା, ଶ୍ରୀଭିନ୍ ନରାଙ୍ଗ୍, ସୁନୀଲ ଗ୍ରୋଭର, ନୀନା ଗୁପ୍ତା, ଏଲି ଏଭରମ୍, ପଭେଲ୍ ଗୁଲାଟି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସୂଚନାଯୋଗ୍ୟ, ବମ୍ପର ହିଟ୍ ଟଲିଉଡ୍ ସିନେମା 'ପୁଷ୍ପା'ରେ ରଶ୍ମିକା ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏଥିସହ ସେ 'ଗୀତ ଗୋବିନ୍ଦ', 'ମିଶନ ମଜ୍‌ନୁ' ଭଳି ବହୁ ଫିଲ୍ମରେ ନିଜ ଅଭିନୟର ଛାପ ଛାଡ଼ିଛନ୍ତି।

## ବନ୍ୟପ୍ରାଣୀ ବଞ୍ଚିଲେ ପୃଥିବୀ ତିଷ୍ଠିବ




**ଜାତୀୟ ବନ୍ୟପ୍ରାଣୀ ଦିବସ**

ଜୈବ ବିବିଧତାରେ ବନ୍ୟପ୍ରାଣୀଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ବନ୍ୟପ୍ରାଣୀ ବଞ୍ଚିଲେ ଜଙ୍ଗଲ ସୁରକ୍ଷିତ ରୁହେ। ଫଳରେ ପୃଥିବୀର ସବୁଜିମା ବଜାୟ ରହିଥାଏ। ଏହାଦ୍ୱାରା ପୃଥିବୀ ତିଷ୍ଠି ରହିବାର ଆଶା ବଢେ। ତେଣୁ ଏହି ପ୍ରାଣୀଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୪ରେ ଜାତୀୟ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଥାଏ। ୨୦୦୫ରେ କଲିନ ପାଜଙ୍କ ଉଦ୍ୟମରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ଜାତୀୟ ତଥା ବିଶ୍ୱସ୍ତରରେ ବିଲୁପ୍ତ ପ୍ରାଣୀଙ୍କ ବିଷୟରେ ସଚେତନତା ସୃଷ୍ଟି କରିବାରେ ଏହି ଦିବସ ସାହାଯ୍ୟ କରିଥାଏ।

ଜାତୀୟ ବନ୍ୟପ୍ରାଣୀ ଦିବସ ଦୁଇଟି ତାରିଖରେ ପାଳନ କରାଯାଇଥାଏ। ଫେବୃୟାରୀ ୨୨ ଗୋଟିଏ ଥିବାବେଳେ ଅନ୍ୟଟି ହେଉଛି ସେପ୍ଟେମ୍ବର ୪। ଏହି ଦିବସ ପୃଥିବୀର ବିଭିନ୍ନ ସ୍ଥାନରେ ବନ୍ୟପ୍ରାଣୀଙ୍କ ଅବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବାର ପ୍ରୟାସକୁ ସାକାର କରିଥାଏ। ଉକ୍ତ ଦିବସ ପାଳନ ଅବସରରେ ଲୋକଙ୍କୁ ସ୍ଥାନୀୟ ପ୍ରାଣୀ ଉଦ୍ୟାନ ପରିଦର୍ଶନ ସହ ପ୍ରାଣୀଙ୍କ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ ସଚେତନତା ସୃଷ୍ଟି ଲାଗି ଉତ୍ସାହିତ କରାଯାଇଥାଏ।

ସେପ୍ଟେମ୍ବର ୪ରେ ପୂର୍ବରୁ ପାଳନ କରାଯାଉଥିବା ଦିବସ ସହିତ ୱାଇଲ୍ଡ ଲାଇଫ ୱାରିଅର୍ ଷ୍ଟିଭ ଇରୱିନଙ୍କ ସ୍ମୃତି ତଥା ଜନ୍ମଦିନକୁ ସମ୍ମାନ ଜଣାଇବା ପାଇଁ ଫେବୃୟାରୀ ୨୨ ତାରିଖକୁ ମଧ୍ୟ ଯୋଡ଼ାଯାଇଛି।

## ମାଛ ଧରିବାକୁ ଯାଇ ୧୬ ଦିନ ଜେଲ

**ବ୍ରାସିଲିଆ**

ସମୁଦ୍ରରେ ମାଛ ଧରିବାକୁ ଯାଇ ହଟହଟା ହୋଇଛନ୍ତି ଜଣେ ଧୀବର। ଏପରି କି ତାଙ୍କୁ ୧୬ ଦିନ ଜେଲଦଣ୍ଡ ଭୋଗିବାକୁ ପଡିଛି। ସୂଚନା ମୁତାବକ, ବ୍ରାଜିଲ୍‌ର ୪୪ ବର୍ଷୀୟ ରୋମୁଆଲ୍ଡୋ ମାସିଡୋ ଜୁଲାଇରେ ବ୍ରାଜିଲର ଆୟାପୋକ୍ୟୁ ସହରରୁ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ। ସେହି ସମୟରେ ତାଙ୍କ ଡଙ୍ଗା ବୁଡ଼ିଯାଇଥିଲା। ସମୁଦ୍ରରେ ଭୟଙ୍କର ଶାର୍କଠାରୁ ଜୀବନ ବଞ୍ଚାଇବା ପାଇଁ ସେ ଡଙ୍ଗାରେ ନେଇ ଯାଇଥିବା ଏକ ଫ୍ରିଜ୍ ଭିତରେ ପଶିଯାଇଥିଲେ। ସେଥିରେ ତାଙ୍କୁ ୧୧ ଦିନ ଧରି ରହିବାକୁ ପଡ଼ିଥିଲା। ୨୮୦ କି.ମି. ଯାତ୍ରା ପରେ ସେ ଦକ୍ଷିଣ ଆମେରିକୀୟ ଦେଶ ସୁରିନାମମ୍‌ର ତଟରେ ପହଞ୍ଚିଥିଲେ। ଏକ ନୌକାରେ ଯାଉଥିବା କେତେଜଣ ଲୋକ ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ପୋଲିସ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ତେବେ ବେଆଇନ ଭାବେ ସୁରିନାମ୍ ସୀମାରେ ପ୍ରବେଶ କରିଥିବାରୁ ତାଙ୍କୁ ୧୬ ଦିନ କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା।



## ଖବର ପରିବେଷଣବେଳେ ଢୋକିଲେ ମାଛି

**ଅଟାୱା**

ଯଦି ହଠାତ୍ ଆମ ଆଗକୁ କିଛି ଜିନିଷ ଆସିଯାଏ, ତେବେ ଆମେ ତାକୁ ସାମ୍‌ନା କରିବା ସାମାନ୍ୟ କଷ୍ଟ ହୋଇଥାଏ। କନାଡାର ଗ୍ଲୋବାଲ ନ୍ୟୁଜ୍ ଚ୍ୟାନେଲର ଆଙ୍କର ଫରାହା ନାସେର୍‌ଙ୍କୁ ନ୍ୟୁଜ୍ ପଢ଼ିବା ସମୟରେ ଏପରି ଏକ ଘଟଣାର ସାମ୍ନା କରିବାକୁ ପଡ଼ିଛି। ଗତ ମଙ୍ଗଳବାର ସେ ପାକିସ୍ତାନର ବନ୍ୟା ସମ୍ପର୍କିତ ଖବର ପରିବେଷଣ କରୁଥିଲେ। ସେହି ସମୟରେ ତାଙ୍କ ପାଟିରେ ଏକ ମାଛି ପଶିଯାଇଥିଲା। ଏଭଳି ସମୟରେ ସେ ସାମାନ୍ୟ ହଡ଼ବଡ଼େଇ ଯାଇଥିଲେ। ତାଙ୍କୁ କିଛି ସମୟ ଅଟକିବାକୁ ପଡିଥିଲା। ସବୁଠାରୁ ବଡ଼ କଥା, ସେ ମାଛିକୁ ପାଟିରୁ ନ ବାହାର କରି ଢୋକି ଦେଇଥିଲେ ଏବଂ ଖବର ପରିବେଷଣ ଜାରି ରଖିଥିଲେ। ଏଭଳି ଅପ୍ରୀତିକର ଅନୁଭୂତିକୁ ସେ ତାଙ୍କ ଟୁଇଟର ହ୍ୟାଣ୍ଡଲ୍‌ରେ ଶେୟାର କରିଛନ୍ତି।






ଦରଦାମ୍ ବୃଦ୍ଧି ପ୍ରତିବାଦରେ 'ମହଙ୍ଗାଇ ପର୍ ହଲ୍ଲା ବୋଲ୍' ରାଲି ପୂର୍ବରୁ ଶନିବାର ନୂଆଦିଲ୍ଲୀର ରାମଲୀଳା ମଇଦାନରେ ହିଲିୟମଭର୍ତ୍ତି ବେଲୁନ୍ ଲଗାଉଛନ୍ତି କଂଗ୍ରେସ କର୍ମୀ।

# 'ଭାଜପାରୁ ଦରମା ନିଅ, ଏଏପି ପାଇଁ କାମ କର'

## ଗୁଜରାଟ ଭାଜପା କର୍ମୀଙ୍କୁ କେଜ୍‌ରିୱାଲଙ୍କ ଆହ୍ୱାନ

**ଅହମ୍ମଦାବାଦ, ୩।୯**

'ଭାଜପା କର୍ମୀମାନେ ଦଳରୁ ଦରମା ନିଅନ୍ତୁ, କିନ୍ତୁ ଭିତରେ ଏଏପି ପାଇଁ କାମ କରନ୍ତୁ' ଆମ୍ ଆଦ୍‌ମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁଜରାଟ ଗସ୍ତ ଅବସରରେ ଶନିବାର ରାଜକୋଟଠାରେ ଏହା କହିଛନ୍ତି। କେଜରିୱାଲ କହିଛନ୍ତି ଆମ ପାଖରେ ଟଙ୍କା ନାହିଁ, ଭାଜପା କର୍ମୀମାନେ ଦଳରୁ ଦରମା ନେଇ ଭିତରେ ଏଏପି ପାଇଁ କାମ କରନ୍ତୁ। କାରଣ ଆମ ପାଖରେ ଟଙ୍କା ନାହିଁ। ଯଦି ଏଏପି ରାଜ୍ୟରେ କ୍ଷମତାକୁ ଆସିବ ତେବେ ସାଧାରଣ ଲୋକଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିର ଲାଭ ଭାଜପା କର୍ମୀମାନେ ମଧ୍ୟ ପାଇବେ। ଭାଜପା ନେତାଙ୍କୁ ଆମ ଦଳରେ ଅନ୍ତର୍ଭୁକ୍ତ କରିବାକୁ ଚାହୁଁନାହୁଁ। ଗାଁ, ବୁଥ ଏବଂ ତାଲୁକରେ ଥିବା ଭାଜପା କର୍ମୀମାନେ ବହୁ ସଂଖ୍ୟାରେ ଆମ ସହ ଯୋଗ ଦେଉଛନ୍ତି। ମୁଁ ତାଙ୍କୁ ପଚାରିବାକୁ ଚାହୁଁଛି ଏତେ ବର୍ଷ ପରେ ବି ତାଙ୍କ ସେବା ବଦଳରେ ଭାଜପା ତାଙ୍କୁ କ'ଣ ଦେଇଛି? କେଜରିୱାଲ କହିଛନ୍ତି, ଭାଜପା ଏହାର ଦଳୀୟ କର୍ମୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ମାଗଣା ତଥା ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ମାଗଣା ବିଦ୍ୟୁତ ଭଳି ସୁବିଧା ପ୍ରଦାନ କରୁନାହିଁ, କିନ୍ତୁ ଆମ ଆଦମୀ ପାର୍ଟି ସେମାନଙ୍କ କଲ୍ୟାଣ ପାଇଁ ଯତ୍ନବାନ ହେବ। ଗ୍ରାମାଞ୍ଚଳର ମହିଳାଙ୍କୁ ଭତ୍ତା ଭାବରେ ମାସକୁ ହଜାରେ ଟଙ୍କା ମଧ୍ୟ ଏଏପି ସରକାର ଦେବେ। ରାଜ୍ୟରେ ୨୭ ବର୍ଷ ଧରି ଭାଜପା ଶାସନ କରିଥିବା ବେଳେ ସାଧାରଣ ଜନତାଙ୍କ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ନିକଟରେ ଆମ୍ ଆଦ୍‌ମୀ ପାର୍ଟିର ଗୁଜରାଟ ୟୁନିଟ ସାଧାରଣ ସମ୍ପାଦକ ମନୋଜ ସୋରାଥିଆଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗ ଉଠାଇ କହିଥିଲେ ଏଏପିକୁ ସମର୍ଥନ କଲେ ଗୁଜରାଟବାସୀଙ୍କ ଉପରେ ଆହୁରି ଅନେକ ଆକ୍ରମଣ ହେବ। ମନୋଜଙ୍କୁ ହୋଇଥିବା ଆକ୍ରମଣରୁ ଜଣାପଡ଼ିଛି ଯେ ଭାଜପା ନିରାଶ ହେବାରେ ଲାଗିଛି। ମନେ ରଖିବାକୁ ହେବ ଆମ୍ ଆଦ୍‌ମୀ ପାର୍ଟି କଂଗ୍ରେସ ନୁହେଁ। ଏଏପିକୁ ଶାସକ ଦଳ କୌଣସି ପ୍ରକାରେ ଭୟଭୀତ କରିପାରିବ ନାହିଁ ବୋଲି କେଜ୍‌ରିୱାଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ।

# ଆଜି ଜମ୍ମୁରେ ଆଜାଦଙ୍କ ପ୍ରଥମ ରାଲି

**ଜମ୍ମୁ,୩।୯(ପି.ଟି.):** ବରିଷ୍ଠ ନେତା ତଥା ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ କଂଗ୍ରେସ ସହ ୫ ଦଶନ୍ଧିର ସମ୍ପର୍କ ଛିନ୍ନ କରିବା ପରେ ନୂଆ ରାଜନୈତିକ ଦଳ ଆରମ୍ଭ କରିବାକୁ ଯାଉଛନ୍ତି। ରବିବାର ସେ ଜମ୍ମୁରେ ପ୍ରଥମ ରାଲିରୁ ନୂଆ ରାଜନୈତିକ ଯାତ୍ରା ଆରମ୍ଭ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ତାଙ୍କର ଜଣେ ସହଯୋଗୀ ସୂଚନା ଦେଇଛନ୍ତି। ଦିଲ୍ଲୀରୁ ଯାଇ ରବିବାର ସକାଳେ ଆଜାଦ ଜମ୍ମୁରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ସେଠାରୁ ଏକ ଶୋଭାଯାତ୍ରାରେ ତାଙ୍କୁ ସଭାସ୍ଥଳ ସୈନିକ କଲୋନି ନିକଟକୁ ନିଆଯିବ ବୋଲି ପୂର୍ବତନ ମନ୍ତ୍ରୀ ଜି.ଏମ୍. ସରୁରି କହିଛନ୍ତି। ଆଜାଦ ଗତ ମାସ ୨୬ରେ କଂଗ୍ରେସ ଛାଡ଼ିବା ପରେ ଜମ୍ମୁ-କଶ୍ମୀରରୁ ସରୁରିଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ନେତା ଦଳ ଛାଡ଼ିଥିଲେ। ଏଥିସହ ସମାଜର ବିଭିନ୍ନ ବର୍ଗର ୩,୦୦୦ରୁ ଅଧିକ ସମର୍ଥକ ଆଜାଦଙ୍କ ଦଳରେ ସାମିଲ ଲାଗି ଆଗ୍ରହ ପ୍ରକାଶ କରିଥିବା ନେଇ ସରୁରି କହିଛନ୍ତି।



ଗୁଲାମ ନବୀ ଆଜାଦ

# ଭାରତର ସବୁଠୁ ବଡ଼ ୟୁ-ଟର୍ନ ନେତା କେଜ୍‌ରିୱାଲ: ସୂର୍ଯ୍ୟା

**ଅହମଦାବାଦ, ୩।୯:** ଭାରତୀୟ ଜନତା ଯୁବ ମୋର୍ଚ୍ଚା (ବିଜେୱାଇଏମ୍)ର ଜାତୀୟ ଅଧ୍ୟକ୍ଷ ତଥା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟା ଶନିବାର ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲଙ୍କୁ ଟାର୍ଗେଟ କରିଛନ୍ତି। କେଜ୍‌ରିୱାଲଙ୍କୁ ଦେଶର ସବୁଠାରୁ ବଡ ୟୁ-ଟର୍ନ ନେତା ଭାବେ ଅଭିହିତ କରିବା ସହ ସୂର୍ଯ୍ୟା କହିଛନ୍ତି ଗୁଜରାଟର ଯୁବକମାନେ ତାଙ୍କର ରେଭଡ଼ି ଏବଂ ବେଭଡି ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବେ। ରାଜନୀତିରେ କେଜରିୱାଲଙ୍କର କୌଣସି ବିଶ୍ୱାସନୀୟତା ଏବଂ ନିଷ୍ଠା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ରାଜକୋଟରେ କେଜରିୱାଲଙ୍କ ଖବରଦାତା ସମ୍ମିଳନୀ ଆୟୋଜନର କିଛି ସମୟ ପରେ ସୂର୍ଯ୍ୟା କହିଛନ୍ତି ଯେ ଦିଲ୍ଲୀର ଭଲ ବିଦ୍ୟାଳୟ, ମୋହଲା କ୍ଲିନିକ ଏବଂ ସ୍ୱଚ୍ଛ ରାଜନୀତିରେ ଏଏପି ନେତାଙ୍କ ଦାବିର ପର୍ଦ୍ଦାଫାଶ ଭାଜପା କରିଛି। ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ସିବିଆଇ ଚଢ଼ାଉ କେଜ୍‌ରିୱାଲଙ୍କ ସ୍ୱଚ୍ଛ ରାଜନୀତି ଦାବିକୁ ଲୋକଙ୍କ ଆଗରେ ପ୍ରକାଶ କରିଛି। ଦିଲ୍ଲୀ ସରକାରଙ୍କ ବିବାଦୀୟ ଅବକାରୀ ନୀତି ସମ୍ପର୍କରେ ସୂର୍ଯ୍ୟା କହିଛନ୍ତି ଗୁଜରାଟର ଯୁବକମାନେ ରାଜ୍ୟର ୩୦ ବର୍ଷର ବିକାଶ ଯାତ୍ରାକୁ ଉତ୍ସାହିତ କରିବେ ବୋଲି ଶପଥ ନେଇଛନ୍ତି। ଗୁଜୁରାଟ ଏବଂ ଦେଶର ଯୁବକମାନେ କେଜ୍‌ରିୱାଲଙ୍କ କଥାକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତି ନାହିଁ। ଗୁଜରାଟରେ ସ୍ୱଚ୍ଛ, ଉତ୍ତରଦାୟୀ ଶାସନ ଦେଖିବାକୁ ମିଳିଛି। ତେବେ କେଜ୍‌ରିୱାଲଙ୍କ ମିଥ୍ୟା ପ୍ରତିଶ୍ରୁତିକୁ ଗୁଜରାଟର ଭୋଟର ପ୍ରତ୍ୟାଖାନ କରିବେ ବୋଲି ସେ କହିଛନ୍ତି।

# ବିରୋଧୀଙ୍କୁ ଏକାଠି କରିବାକୁ ଅଣ୍ଟା ଭିଡ଼ିଲେ ନୀତୀଶ

**ନୂଆଦିଲ୍ଲୀ,୩।୯:** ମଣିପୁରରେ ନୀତୀଶ କୁମାରଙ୍କ ଜେଡିୟୁର ୬ ବିଧାୟକଙ୍କ ମଧ୍ୟରୁ ୫ ଜଣ ଶାସକ ଭାଜପାରେ ଯୋଗଦେବା ପରେ ଦୁଇ ଦଳର ନେତୃତ୍ୱ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବାକୁ ହେଲେ ବିରୋଧୀ ଦଳଗୁଡ଼ିକ ଏକାଠି ହେବାକୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆହ୍ୱାନ ଦେଇଛନ୍ତି। ସେ ଆସନ୍ତା ୫ ତାରିଖରୁ ଦିଲ୍ଲୀ ଗସ୍ତରେ ଯାଇ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ନେତାଙ୍କୁ ଭେଟି ସେମାନଙ୍କୁ ଏକାଠି କରିବାକୁ ଉଦ୍ୟମ କରିବେ। ନୀତୀଶ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ବାମଦଳ ନେତାମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି ବୋଲି ଜେଡିୟୁ ସୂତ୍ରରୁ ଜଣାପଡ଼ିଛି। ଶନିବାରରୁ ଜେଡିୟୁର ଦୁଇଦିନିଆ ଜାତୀୟ କାର୍ଯ୍ୟକାରିଣୀ ଓ ଜାତୀୟ ପରିଷଦ ବୈଠକ ଅନୁଷ୍ଠିତ ହେଉଛି। ୨୦୨୪ ସାଧାରଣ ନିର୍ବାଚନ ଲାଗି ବିରୋଧୀ ନେତାମାନଙ୍କୁ ଗୋଟିଏ ପ୍ଲାଟ୍‌ଫର୍ମକୁ ଆଣିବା ପାଇଁ ସେମାନଙ୍କ ସହ କଥା ହେବା ନିମନ୍ତେ ଦଳ ନୀତୀଶଙ୍କୁ ଦାୟିତ୍ୱ ଦେଇପାରେ ବୋଲି ଜଣାପଡ଼ିଛି। ଭାଜପାରୁ ସମ୍ପର୍କ ଛିନ୍ନ କରି ଆର୍‌ଜେଡି ଏବଂ କଂଗ୍ରେସ ସହ ମିଶି ବିହାରରେ ମହାଗଠବନ୍ଧନ ସରକାର ଗଢ଼ିବା ପରେ ନୀତୀଶଙ୍କର ଏହା ପ୍ରଥମ ଦିଲ୍ଲୀ ଗସ୍ତ। ବିହାରରେ ଦୀର୍ଘଦିନ ହେଲା ମୁଖ୍ୟମନ୍ତ୍ରୀ ଥିବା ନୀତୀଶ ଜାତୀୟ ସ୍ତରରେ ବଡ଼ ଭୂମିକା ନିଭାଇବା ନେଇ ଦଳରେ ଚର୍ଚ୍ଚା ହେଉଛି। ତେବେ ମିଳିତ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ଖବରକୁ ଜେଡିୟୁ ନେତା ଖଣ୍ଡନ କରିଆସିଛନ୍ତି।

ମଣିପୁରରେ ଜେଡିୟୁର ୫ ବିଧାୟକଙ୍କୁ ଭାଜପା ନିଜ ଦଳରେ ସାମିଲ କରିବାକୁ ନେଇ ନୀତୀଶ ଏହି ଦଳ ଉପରେ ବର୍ଷିଛନ୍ତି। ଭାଜପା ସେମାନଙ୍କୁ ଟଙ୍କା ଦେଇ କିଣିନେଇଥିବା ସେ ଅଭିଯୋଗ କରିଛନ୍ତି। ଭାଜପା ସବୁ ରାଜ୍ୟରେ ଏଭଳି ଅସାମ୍ବିଧାନିକ କାର୍ଯ୍ୟ ଚଳାଇଛି। ସେଥିପାଇଁ ୨୦୨୪ରେ ସକାରାତ୍ମକ ଜନାଦେଶ ପାଇଁ ସମସ୍ତ ଦଳ ଏକାଠି ହେବା ଆବଶ୍ୟକ ବୋଲି ନୀତୀଶ କହିଛନ୍ତି।



ନୀତୀଶ କୁମାର

## ୨୨ ବର୍ଷର ସରକାରରେ ଅନ୍ଧାର ଭିତରକୁ ଯାଉଛନ୍ତି ଯୁବପିଢ଼ି : ଭାଜପା

**ଭୁବନେଶ୍ୱର,୩।୯(ବ୍ୟୁରୋ)**

ରାଜ୍ୟରେ ଦୀର୍ଘ ୨୨ ବର୍ଷ ଧରି ଶାସନ ଦାୟିତ୍ୱରେ ଥିବା ବିଜେଡି ନିଜକୁ ୧ ନମ୍ବର କହୁଥିବା ବେଳେ ଯୁବପିଢ଼ିଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଯାଉଛି ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇରାଶିଷ କହିଛନ୍ତି, ସୁଦୀର୍ଘ ବେଳାଭୂମି, ପ୍ରଚୁର ଖଣିଜ ସମ୍ପଦ,ଉର୍ବର ଚାଷଜମି ସତ୍ତ୍ୱେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଏକ ସମ୍ଭାବ୍ୟ ଶିଳ୍ପକେନ୍ଦ୍ର କିମ୍ବା ପୁଞ୍ଜିନିବେଶର ପେଣ୍ଠସ୍ଥଳୀ ହେବାରେ ବିଫଳ ହୋଇଛି। ରୋଜଗାର ଲାଗି ରାଜ୍ୟର ଲୋକେ ଅନ୍ୟ ରାଜ୍ୟକୁ ଯିବା ସହ ଦାଦନ ଖଟିବା ପାଇଁ ବାଧ୍ୟ ହେଉଛନ୍ତି। କେବଳ ସାଧାରଣ ଜନତା ନୁହେଁ, ବନ୍ୟପ୍ରାଣୀ ବି ଏଠାରେ ସୁରକ୍ଷିତ ନୁହନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାରଙ୍କ ବ୍ୟାପକ ଦୁର୍ନୀତି ଓ ଦଳୀୟ ଆଧାରରେ ହିତାଧିକାରୀ ଚୟନ ହେଉଛି। ସରକାର ବିଜୁ ପକ୍କାଘର ଯୋଜନାର ଷ୍ଟିକର ମାରି ପ୍ରଧାନମନ୍ତ୍ରୀ ଦେଉଥିବା ଘରର ଶ୍ରେୟ ନେବାର ଅପଚେଷ୍ଟା କରୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା ପାଇଁ ଆବଣ୍ଟିତ ଅନୁଦାନରୁ ହଜାରେ କୋଟି ଟଙ୍କାର ମହାଦୁର୍ନୀତି ପଛରେ କିଏ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ମେକ୍ ଇନ୍ ଓଡ଼ିଶାକୁ ସରକାର ଏହାକୁ ଇଭେଣ୍ଟ ମ୍ୟାନେଜମେଣ୍ଟ ପରି ପାଳୁଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏହିଭଳି ମୋଟ ୨୨ଟି ପ୍ରଶ୍ନ ସରକାରଙ୍କୁ କରିବା ସହ ଇରାଶିଷ ଏହାର ଉତ୍ତର ଲୋଡ଼ିଛନ୍ତି।

# '୪୮ ଘଣ୍ଟାରେ ମାମଲା ରୁଜୁ ନ ହେଲେ ଆନ୍ଦୋଳନ'

## ଭାଜପା ନେତ୍ରୀଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଘଟଣା

**ଭୁବନେଶ୍ୱର(ବ୍ୟୁରୋ)/ ଆନନ୍ଦପୁର, ୩।୯(ସ୍ୱ.ପ୍ର.):** ମା'କୁ ସର୍ବଦା ସମ୍ମାନର କଥା ବଖାଣୁଥିବା ରାଜ୍ୟ ସରକାର ମହିଳାଙ୍କୁ ସମ୍ମାନ ଦେବାରେ ବିଫଳ ହୋଇଛନ୍ତି। ଏହାର ଅନ୍ୟ ଏକ ଜ୍ୱଳନ୍ତ ଚିତ୍ର କେନ୍ଦୁଝର ଜିଲାରେ ଦେଖିବାକୁ ମିଳିଛି। ବିଜେଡି ବିଧାୟକ, ସରପଞ୍ଚ ଓ ସମିତିସଭ୍ୟମାନେ ମିଶି ଭାଜପା ଜିଲା ପରିଷଦ ସଭ୍ୟାଙ୍କୁ ଗାଳି ଗୁଲଜ କରି ସଭାରୁ ବାହାର କରିଦେଇଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଏନେଇ ତାଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମାନବାଧିକାର କମିଶନର ଅଧ୍ୟକ୍ଷ ଓ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷାଙ୍କୁ ଶନିବାର ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ସ୍ମୃତି ଅଭିଯୋଗ କରିଛନ୍ତି ଯେ, ଏହା ଜଣେ ମହିଳାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିଛି। ପୋଲିସ ଶାସକ ଦଳର ମନ୍ତ୍ରୀ, ନେତାଙ୍କ ଗୁଲାମଗିରି କରୁଛନ୍ତି। ରାଜ୍ୟରେ ୫-ଟି ସରକାର କାର୍ଯ୍ୟ କରୁଛି ବୋଲି ଏକ ପହେଳିକା ରାଜ୍ୟବାସୀଙ୍କୁ ଦେଖା ଚାଲିଛି। ବାସ୍ତବରେ ୫-ଟି ଥାନାରେ କାର୍ଯ୍ୟ କରୁନାହିଁ। ଗତ ୩୦ ତାରିଖରେ କେନ୍ଦୁଝର ଜିଲା ଆନନ୍ଦପୁର ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ସଭ୍ୟ ଓ ସଭ୍ୟାମାନେ ଯୋଗ ଦେଇଥିଲେ। ବୈଠକ ଆରମ୍ଭ ହେବା ମାତ୍ରେ ଭାଜପାର ୩ ନମ୍ବର ଜୋନର ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ର ପୂର୍ବ ସଭାର ବିବରଣୀ ଏବଂ ତା'ର କ୍ରିୟାନ୍ୱୟନ ସମ୍ପର୍କରେ ଜାଣିବା ପାଇଁ ଚାହିଁବାରୁ, ସଭାରେ ଉପସ୍ଥିତ ଥିବା ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ତାଙ୍କ ଆଡକୁ ଚିହିଁକି ଯାଇ ଦୁର୍ବ୍ୟବହାର କରିଥିଲେ। ଘଟଣା ସମ୍ପର୍କରେ ଆନନ୍ଦପୁର ଥାନାରେ ବିଧାୟକଙ୍କ ଏତାଦୃଶ କାର୍ଯ୍ୟକଳାପ ସମ୍ପର୍କରେ ଜିଲା ପରିଷଦ ସଦସ୍ୟା ଅସୀମା ଲିଖିତ ଏତଲା ଦେଲେ ଏବଂ କେନ୍ଦୁଝର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଲିଖିତ ଜଣାଇଥିଲେ ମଧ୍ୟ ଅଦ୍ୟାବଧି ଘଟଣା ଚାପି ଦେବାକୁ ଚେଷ୍ଟା କରାଯାଉଛି। ଏପର୍ଯ୍ୟନ୍ତ ଏତଲାକୁ ରୁଜୁ କରାଗଲା ନାହିଁ ଆଉ ଘଟଣାର ତଦନ୍ତ ନ କରି ଆନନ୍ଦପୁର ପୋଲିସ ଏବଂ କେନ୍ଦୁଝର ଜିଲା ପ୍ରଶାସନ ଚୁପ୍ ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଯଦି ଆନନ୍ଦପୁର ପୋଲିସ ଏତଲାକୁ ରୁଜୁ କରି ତଦନ୍ତକୁ ଆଗକୁ ନ ନିଏ ତେବେ କେନ୍ଦୁଝର ଜିଲାରେ ଭାଜପା ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସ୍ମୃତି କହିଛନ୍ତି।

**GOVERNMENT OF ODISHA** No. B-533
**OFFICE OF THE CHIEF CONSTRUCTION ENGINEER, BALANGIR(R&B) CIRCLE, BALANGIR**
Mail ID : - sepwdbalangir@gmail.com
**e - Procurement Notice**
**BID IDENTIFICATION No: CCE(R&B) BGR/06/2022-23**
**No. 2930 // Dtd. 25.08.2022**

1. The **Chief Construction Engineer, Bolangir (R&B) Circle, Bolangir** on behalf of Governor of Odisha invites percentage rate of of Composite bid in double cover system in **ONLINE MODE** for the construction of works detailed in the table below from **B/A/Special** Class Contractors registered with the State Governments and contractors of equivalent Grade/Class registered with Central Government/ MES/ Railways for execution of Civil works. The proof of registration from the appropriate authority shall be enclosed along with the bid.
2. Nature of Work : **Road work/Building Work**
3. No. of tender : Road work = 01 No. and Building work - 03 Nos.
4. Tender Cost : Rs.10,000/-
5. Class of Contractor : **B/A/Special**
6. Date & Time of sale & Receipt of Bids : From Dt.06.09.2022, 10.00 A.M. to Dt.20.09.2022 up to 05.00 P.M.
7. Date of opening Bid : Dt.21.09.2022 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

Sd./- Chief Construction Engineer, Balangir (R&B) Circle, Balangir
OIPR-34131/11/0009/2223

**OFFICE OF THE EXECUTIVE ENGINEER RWS&S DIVISION, BALASORE**
Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com
**NATIONAL COMPETITIVE BIDDING THROUGH e-Tendering**
**Identification No.24/2022-23 Dt.30.08.2022**
No. O-914:- The Executive Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

| | | | |
|---|---|---|---|
| 1. | Nos. of Work | : | **02 Nos. RPWS Schemes in Balasore district (Clubbed up)** |
| 2. | Estimated cost | : | Rs.319.06 lakhs |
| 3. | Period of completion | : | 330 days |
| 4. | Availability of bid document in Portal | : | Dt.08.09.2022 at 16.00 hours to 22.09.2022 upto 17.00 hours through online |
| 5. | Seeking of Clarification | : | Dt.09.09.2022 at 11.00 hours to Dt.17.09.2022 upto 15.00 hours |
| 6. | Date of opening of Bid | : | Dt.23.09.2022 at 11.00 hours in the O/o EE, RWSS Division, Balasore |
| 7. | Name and address of the Officer inviting Tender | : | Executive Engineer, RWS&S Division, Balasore |

Bid Cost will be receipt through electronic payment by NEFT/RTGS. Further details can be seen from the e-Procurement Portal: http://tendersodisha.gov.in
Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0017/2223

**'e' - Procurement Notice**
**Tender Reference No. TCRM-06/2022-23**
**Bid Identification No. 2022_ORULB_80920**
**No. 3257** **Dt.30.08.2022**
No. C-1123: Bid documents consisting of works with their estimated cost, cost of tender paper, EMD, time of completion, class of contractor and the set of terms & conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
1. Name of the work : Civil work as mentioned in the website
2. No. of works : 01 No.
3. Estimated Cost : Rs.62,65,371/-
4. Period of Completion : As per DTCN
5. Date & time of availability of Bid document in the portal : From Dt.31.08.2022 to Dt.14.09.2022 upto 5.00 P.M.
6. Last date & time for receipt of Bid in the portal : Upto 5.00 P.M. of Dt.14.09.2022
7. Last date for receipt of Financial Document : Upto 1.00 P.M. of Dt.15.09.2022
8. Bid received Online shall be Opened on : Dt.15.09.2022 at 3.00 P.M.
9. Name & address of the Officer Inviting the Bid : Executive Officer, Talcher Municipality

Further details can be seen from the procurement portal i.e. **www.tendersorissa.gov.in**.
Sd./- Executive Officer, Talcher Municipality
OIPR-13077/11/0027/2223

**ODISHA HYDRO POWER CORPORATION LTD.**
(A Government of Odisha Undertaking)
**OHPC OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT: P.O. : BARINIPUT; DIST. : KORAPUT - 764006**
PHONE : (06854) 242001, FAX: - (06854) 242038, e-mail: sgmel.ukhep@gmail.com
**NOTICE INVITING TENDER No. 22/2022-23 Dated: 30.08.2022**
**No. CAD-1667:-** Sealed tenders are invited in TWO PART bid i.e. (i) Techno Commercial Bid & (ii) Price Bid in separate sealed envelopes from the reputed Manufacturers/ Authorized dealers/ Channel partners for "Supply, installation & commissioning of two nos. of Vertical Turbine Pump Sets for UKHEP, Bariniput, Dist: Koraput, Odisha."

| Sl. No. | Description of Materials | Cost of Tender Paper | EMD in shape of Bid Security declaration form |
|---|---|---|---|
| 1 | "Supply, installation & commissioning of two nos. of Vertical Turbine Pump Sets (Water Lubricated), Motor, 3-Φ, 440 Volts, 50 Hz, 7.5 KW/10 HP, 1450 RPM, S1 Rating, 14 Amps, Delta connection, Frame-CVD160E, Class-8, Style-3M2120124, Pump: 6 stage, LPM-1085, RPM-1450, Head- 22 Mtr. | Rs. 7080/- (Rs 6000/- + 18% GST) | Bid Security Form to be submitted |

Sale of tender Paper :- From **06.09.2022** to **11.00 Hrs. of 22.09.2022**.
Last date of submission of tender: Upto **12.00 Hrs. of 22.09.2022.**
Date & Time of opening of tender :- At **12.30 Hrs. of 22.09.2022.**
For details of the tender documents, Terms & Conditions please visit our website **www.ohpcltd.com**.
OIPR-04002/11/0040/2223 Sd./- C&P Head, UKHEP, Bariniput

**GOVERNMENT OF ODISHA** eerwbnjr@gmail.com
**OFFICE OF THE EXECUTIVE ENGINEER,RURAL WORKS DIVISION,BHANJANAGAR**
**NATIONAL COMPETITIVE BIDDING THORUGH e-Procurement**
**Identification No.Online Tender/09/RWDBNJ/2022-2023**
**No.O-915:** **Ltr.No.3373, Date:30.08.2022**

| Identification No. | Name of Work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDBNJ/09/ 2022-2023 | Road Work | 1 No. | 50.42 Lakh | "B" & "A" Class as applicable | 3 (Three) Calendar Months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, R.W.Division, Bhanjanagar | Online Tender/09/ RWDBNJ/2022-2023 | 09.9.2022 at 10.00 A.M. | 19.9.2022 upto 3.00 P.M. |

Further details can be seen from the website www.tendersodisha.gov.in.
OIPR-25174/11/0014/2223 **Sd./- Executive Engineer, R.W.Division, Bhanjanagar**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALASORE**
**Phone: 9437086137, e-mail-eephbls@gmail.com**
**NATIONAL COMPETITIVE BIDDING THROUGH e-Procurement (Online Mode)**
**No.C-1118:** **Bid-Identification No.EEPHBLS-21 of 2022-23 dt.26.08.2022**

**The Executive Engineer, P.H. Division, Balasore on behalf of Governor of Odisha, invites Percentage Rate bids in Double cover system in ONLINE mode only.**

| Sl. No. | Name of the Work | Bid Identification No. | Value of Work (Rs. Lakh) | Period of Completion | Availability of bid document for online bidding | | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|
| | | | | | From | To | | |
| 1 | **Source Improvement & Augmentation of Water Supply to Ward No. 1 to 17 of Jaleswar Municipality** | EEPHBLS- 21 Dt.26.08.2022 | 435.94 | 07 (Seven) Calendar-Months | 11.00 Hrs. of dt.05.09.2022 | 17.00 Hrs. of dt.20.09.2022 | 17.00 Hrs. of 16.09.2022 | 11.00 Hrs. of 21.09.2022 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.
**Name and Address of the officer inviting bid :- The Executive Engineer, P.H. Division, Balasore, At-Samalpur, Post-Balia, Dist-Balasore, Pin-756056, Odisha, Phone:9437086137**
OIPR-13053/11/0008/2223 **Sd./- Executive Engineer, P.H.Division, Balasore**

**OFFICE OF THE MUNICIPAL COUNCIL, PARADEEP**
Tel.: (06722) 222485, E-mail: paradipmunicipality@gmail.com
www.paradeepmunicipality.org
ବିଜ୍ଞାପନ ସଂଖ୍ୟା: ୫୦୦୧ ତାରିଖ: ୩୦।୦୮।୨୦୨୨
**ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ଆବେଦନ ପତ୍ର**
No. C-1125: ଏତଦ୍ୱାରା ପାରାଦ୍ୱୀପ ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ/ଆଞ୍ଚଳିକ ମହାସଂଘମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପାରାଦ୍ୱୀପ ପୌର ପରିଷଦ ଅଧୀନରେ ଅଠରବାଙ୍କୀ ଆହାର କେନ୍ଦ୍ର ପରିସରରେ ଥିବା ଆଶ୍ରୟସ୍ଥଳର ପରିଚାଳନା ନିମନ୍ତେ ଆବେଦନ ପତ୍ର ନିମନ୍ତ୍ରଣ କରାଯାଉଅଛି। ତେଣୁ ଇଚ୍ଛୁକ ଏବଂ ଦକ୍ଷ ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘମାନେ ତା୩୧।୦୮।୨୦୨୨ରିଖରୁ ତା୧୪।୦୯।୨୦୨୨ରିଖ (ଅପରାହ୍ନ ୪.୦୦ ଘଟିକା) ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ/ମୁଦା ଲଫାପାରେ ପାରାଦ୍ୱୀପ ପୌର ପରିଷଦ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା।
**ସ୍ୱୟଂ ସହାୟିକା ଗୋଷ୍ଠୀର ନିମ୍ନଲିଖିତ ଯୋଗ୍ୟତା ଓ ନଥିପତ୍ର (ଡକ୍ୟୁମେଣ୍ଟ) ଥିବା ଆବଶ୍ୟକ**
୧. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘକୁ ତା୦୧।୦୪।୨୦୨୨ରିଖ ସୁଦ୍ଧା ସର୍ବନିମ୍ନ ୨ ବର୍ଷ ହୋଇଥିବ।
୨. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘ ପୌରାଞ୍ଚଳର ହୋଇଥିବା ଆବଶ୍ୟକ।
୩. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ, ଯେଉଁଥିରେ କି ନିୟମିତ ମାସିକ ସଞ୍ଚୟ ହେଉଥିବ ଏବଂ ଆଶ୍ରୟସ୍ଥଳୀ ପରିଚାଳନା ନିମନ୍ତେ ସର୍ବନିମ୍ନ ଏକଲକ୍ଷ ଟଙ୍କାର ପୁଞ୍ଜି ଥିବ।
୪. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘର ନିୟମିତ ସଭା ବିବରଣୀ ଲିପିବଦ୍ଧ ହେଉଥିବ ଏବଂ ଅନ୍ୟାନ୍ୟ ଖାତାପତ୍ର (ଅପଡେଟ୍) ଥିବ।
୫. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘ ସୋସାଇଟି ପଞ୍ଜୀକରଣ ଅଧିନିୟମ, ୧୮୬୦ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ ଅଟେ।
୬. ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘର ପ୍ୟାନ୍‌କାର୍ଡ଼ ଥିବା ଜରୁରୀ ଅଟେ।
(ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘ ଆଶ୍ରୟ ସ୍ଥଳୀ ପରିଚାଳନା ନିମନ୍ତେ ବର୍ଗୀକରଣ (ଗ୍ରେଡିଂ) କରାଯାଇ ସର୍ବାଧିକ ମାର୍କ ରଖିଥିବା ସ୍ୱୟଂ ସହାୟିକା ଗୋଷ୍ଠୀ/ଆଞ୍ଚଳିକସ୍ତରୀୟ ମହାସଂଘକୁ ଚୟନ କମିଟି ଦ୍ୱାରା ଚୟନ କରାଯିବ।
ସ୍ୱା./- ନିର୍ବାହୀ ଅଧିକାରୀ
ପାରାଦ୍ୱୀପ ପୌରପରିଷଦ
OIPR-13120/11/0011/2223

No.CAD-1676
idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (CIVIL), IDCO, IDCO TOWER, BHUBANESWAR**
**Bid Identification No. Civil/EST-20/2022-23**
**Notice No. 22237** **Dt.29.08.2022**
**QUOTATION CALL NOTICE e-Procurement**
1 Name of the Work: Procurement of Gym equipment for the proposed Gymnasium at Indoor Stadium, Jajpur.
2 Availability of QCN online for Bidding:
I. Start Date: 18.00 hours of Dt.07.09.2022.
II. End Date: 15.00 hours of Dt.17.09.2022.
III. Opening Date: 16.00 hours of Dt.17.09.2022.
Tender details can be seen from the e-Procurement portal **www.tendersorissa.gov.in**. Corrigendum or Addendum if any will not be published in Newspapers and can be seen in e-procurement portal as well as in IDCO website.
**Sd./- Chief General Manager (Civil) IDCO, Bhubaneswar**
OIPR-14003/11/0130/2223

**OFFICE OF THE NOTIFIED AREA COUNCIL, DHAMNAGAR**
**PIN: 756117 (Odisha), Tel. No.: 06786-236056**
**E-mail: dhamnagarnac-bdk@gov.in/dhamnagar.nac@gmail.com**
**No. 3218** **Date: 30.08.2022**
**"e" Procurement Notice**
**Bid Identification No. 02/DNRNAC/2022-23**
No. C-1121: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.
1. Name of the Work : Civil Const. works as mentioned in DTCN
2. No. of Works : 4 (Four) Nos.
3. Estimated Cost : Rs.8,93,39/- to Rs.1,35,418/-
4. Period of Completion : 90 days to 60 days
5. Date and time of Bidding : 05.09.2022 (10.00 A.M.)
6. Last date and time for receipt of bids in the portal : 15.09.2022 upto 5.00 P.M.
7. Submission of Original document : 16.09.2022 to 17.09.2022 upto 5.00 P.M.
8. Bids received online shall be opened on : 19.09.2022 at 11.00 A.M. onwards
9. Name and address of the Officer Inviting Bid : Executive Officer, Dhamnagar NAC

Further details can be seen from the procurement portal i.e. **www.tendersodisha.gov.in**.
OIPR-13197/11/0006/2223 Sd./- Executive Officer, Dhamnagar NAC

# ଶାଜି ପ୍ରଭାକରନ ଏଆଇଏଫ୍ଏଫ୍ ସାଧାରଣ ସମ୍ପାଦକ

ନୂଆଦିଲ୍ଲୀ, ୩।୯ (ପି.ଟି.)

ଫୁଟ୍‌ବଲ ଦିଲ୍ଲୀ ସଭାପତି ଶାଜି ପ୍ରଭାକରନ ଶନିବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ସଭାପତି କଲ୍ୟାଣ ଚୌବେଙ୍କ ଅଧ୍ୟକ୍ଷତାରେ ନବଗଠିତ ଏଆଇଏଫ୍ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ପ୍ରଭାକରନଙ୍କୁ ମନୋନୀତ କରିଥିଲା, ଯାହା ପୂର୍ବରୁ ଅନୁମାନ କରାଯାଉଥିଲା। ଏଆଇଏଫ୍ଏଫ୍ ସଭାପତିଙ୍କ ପ୍ରସ୍ତାବକ୍ରମେ ସର୍ବସମ୍ମତିରେ ସୁନନ୍ଦୋ ଧର୍ ମହାସଂଘର ଉପସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ଧର ଆଇ-ଲିଗ୍‌ର ସିଇଓ ଭାବେ ଏଆଇଏଫ୍ଏଫ୍‌ରେ ଯୋଗ ଦେଇଥିଲେ। କୁଶାଲ ଦାସଙ୍କୁ ବହିଷ୍କାର କରାଯିବା ପରେ ସେ କାର୍ଯ୍ୟନିର୍ବାହୀ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏଆଇଏଫ୍ଏଫ୍‌ରେ ପରିବର୍ତ୍ତନ ଆଣିବା ଲାଗି ଚାହୁଁଥିବା ଗୋଷ୍ଠୀରେ ପ୍ରଭାକରନ ସର୍ବାଗ୍ରେ ଥିଲେ। ଶୁକ୍ରବାର ଭାରତୀୟ ଫୁଟ୍‌ବଲ ମହାସଂଘ ନିର୍ବାଚନରେ ସେ ଅଂଶଗ୍ରହଣ କରି ନ ଥିଲେ। ଚୌବେ ସେଦିନ ମହାସଂଘର ଦୀର୍ଘ ୮୫ ବର୍ଷର ଇତିହାସରେ ପ୍ରଥମ ଖେଳାଳି ଭାବେ ସଭାପତି ପଦ ପାଇଁ ନିର୍ବାଚିତ ହୋଇଥିଲେ। ସୂଚନାଯୋଗ୍ୟ, ୨୦୧୭ରେ ପ୍ରଭାକରନ ଦିଲ୍ଲୀ ଫୁଟ୍‌ବଲ ଆସୋସିଏଶନର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ତାହା ଫୁଟ୍‌ବଲ ଦିଲ୍ଲୀ ନାମରେ ପରିଚିତ। ସେ ଆହୁରି ମଧ୍ୟ ଫିଫା ସାଉଥ ସେଣ୍ଟ୍ରାଲ ଏସିଆ ଡେଭଲପମେଣ୍ଟ ଅଫିସର ହୋଇଛନ୍ତି। ଆଲବର୍ଟୋ କୋଲାକୋ ସାଧାରଣ ସମ୍ପାଦକ ରହିଥିବା ବେଳେ ସେ ଫୁଟ୍‌ବଲ ହାଉସ୍‌ର ଭିଜନ ଓ ଜାତୀୟ ଦଳର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଗତ ମେ' ମାସରେ ସୁପ୍ରିମ କୋର୍ଟଙ୍କ ଦ୍ୱାରା ପ୍ରଫୁଲ୍ଲ ପଟେଲ ବିଦା ହେବା ପରେ ପ୍ରଭାକରନ ଏଆଇଏଫ୍ଏଫ୍ ସଭାପତି ଦୌଡ଼ରେ ରହିବେ ବୋଲି ଅନୁମାନ କରାଯାଉଥିଲା। ମାତ୍ର ପରେ ଜଣାପଡ଼ିଥିଲା ଯେ, ଚୌବେଙ୍କ ଗୋଷ୍ଠୀର ଯଦି ବିଜୟ ହୁଏ ତେବେ ତାଙ୍କୁ ସାଧାରଣ ସମ୍ପାଦକ ପଦ ମିଳିବ। ପୂର୍ବତନ ଗୋଲ୍‌କିପର ଚୌବେ ଶୁକ୍ରବାର ନିର୍ବାଚନରେ ପୂର୍ବତନ ଭାରତୀୟ ଅଧିନାୟକ ବାଇଚୁଙ୍ଗ ଭୁଟିଆଙ୍କ ବିପକ୍ଷରେ ବିପୁଳ ବିଜୟ ହାସଲ କରି ଏଆଇଏଫଏଫ୍‌ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ଏଆଇଏଫ୍ଏଫ୍ ମୁଖ୍ୟ କାର୍ଯ୍ୟାଳୟକୁ ବଡ଼ ପଦବୀ ସହ ଫେରିବା ଲାଗି ପ୍ରଭାକରନଙ୍କ ପାଇଁ ପଥ ପରିଷ୍କାର ହୋଇଥିଲା। କାର୍ଯ୍ୟନିର୍ବାହୀ କମିଟି ଆହୁରି ମଧ୍ୟ ଆଇ.ଏମ୍. ବିଜୟନଙ୍କୁ ନୂଆ ଏଆଇଏଫ୍ଏଫ୍ ଟେକ୍‌ନିକାଲ କମିଟିର ଚେୟାରମ୍ୟାନ ଭାବେ ମନୋନୀତ କରିଛି। ୟୁଜେନସନ ଲିଙ୍ଗ୍‌ଦୋ, କ୍ଲାଇମାକ୍ସ ଲରେନ୍ସ, ହରଜିନ୍ଦର ସିଂ, ଅରୁଣ ମାଲହୋତ୍ରା ଓ ପିଙ୍କି ବୋମ୍ପାଲଙ୍କୁ ଟେକ୍‌ନିକାଲ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅନ୍ୟପକ୍ଷରେ ପୂର୍ବତନ ଭାରତ ଅଧିନାୟକ ଶିବର ଅଲୀଙ୍କୁ ସର୍ବସମ୍ମତିକ୍ରମେ ଉପଦେଷ୍ଟା କମିଟିର ଚେୟାରମ୍ୟାନ କରାଯାଇଛି।


ଶାଜି ପ୍ରଭାକରନ


ଆଇ.ଏମ୍. ବିଜୟନ

## କମିଟିରେ ଅଭିଜିତ, ପିଙ୍କି


ଅଭିଜିତ୍ ପଲ୍


ପିଙ୍କି ବୋମ୍ପାଲ ମଗର

ଭୁବନେଶ୍ୱର,୩।୯(ସ୍ପୋର୍ଟ୍ସ ବ୍ୟୁରୋ)

ଶୁକ୍ରବାର ଭରତୀୟ ଫୁଟବଲ ମହସଂଘର ନିର୍ବାଚନ ସମାପ୍ତ ହୋଇଛି। ଏହି ନିର୍ବାଚନ ସହିତ ଓଡ଼ିଶା ଫୁଟବଲ୍ ସଂଘର ଯୁଗ୍ମ ସଚିବ ଅଭିଜିତ୍ ପଲଙ୍କୁ ଏଆଇଏଫଏଫ୍ କାର୍ଯ୍ୟକାରୀ ପରିଷଦକୁ ନିର୍ବାଚିତ ହୋଇଛନ୍ତି। ସେହିପରି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପିଙ୍କି ବୋମ୍ପାଲ ମଗରଙ୍କୁ ମଧ୍ୟ କାର୍ଯ୍ୟକାରୀ ପରିଷଦକୁ ମନୋନୀତ କରାଯାଇଛି। ଏହା ବ୍ୟତୀତ ଏଆଇଏଫଏଫ୍ କାର୍ଯ୍ୟକାରୀ ପରିଷଦ ପକ୍ଷରୁ ପିଙ୍କିଙ୍କୁ ବୈଷୟିକ କମିଟିରେ ସ୍ଥାନ ଦିଆଯାଇଛ। ନୂତନ ଦାୟିତ୍ୱ ହାସଲ ପାଇଁ ଉଭୟ ଅଭିଜିତ ଏବଂ ପିଙ୍କିଙ୍କୁ ଓଡ଼ିଶା ଫୁଟବଲ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଦୃଷ୍ଟିହୀନ ମହିଳାଙ୍କୁ କ୍ରିକେଟ, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

ଭୁବନେଶ୍ୱର, ୩।୯ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ(ସିଏଭିଆଇ)ପକ୍ଷରୁ ସ୍ଥାନୀୟ ଭୀମ ଭୋଇ ବିଦ୍ୟାଳୟରେ ଦୃଷ୍ଟିହୀନ ମହିଳାମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କ୍ରିକେଟ ପ୍ରଶିକ୍ଷଣ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଦୃଷ୍ଟିବାଧିତ ଛାତ୍ରୀମାନଙ୍କୁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କ୍ରିକେଟ ଏବଂ ଆତ୍ମରକ୍ଷା କୌଶଳ ତାଲିମ ଦିଆଯିବ। କାଭି ଓଡ଼ିଶାର ପ୍ରଶିକ୍ଷକ ତଥା ଆନ୍ତର୍ଜାତୀୟ କ୍ରିକେଟର୍ ସୁଖରାମ ମାଝୀ ଓ ନକୁଳ ବଡ଼ନାୟକ ଙ୍କ ତତ୍ତ୍ୱାବଧାନରେ ସେମାନେ ତାଲିମ ନେଉଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟରେ ଚିନ୍ମୟ କୁମାର ସାହୁ, ଅଙ୍କିତା ପାଣି ଏବଂ ଶିଲ୍ପା ସହଯୋଗ କରୁଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ମହିଳା କ୍ରିକେଟରମାନଙ୍କୁ ଖେଳ ଜର୍ସି, ଜୋତା ଏବଂ ଟୋପି ପ୍ରଦାନ କରାଯାଇଥିଲା। ଦୃଷ୍ଟିହୀନ କ୍ରିକେଟ ଖେଳର ପ୍ରଚାର ପ୍ରସାର ନିମନ୍ତେ ତଥା ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହ ଓ ଆଗ୍ରହ କୁ ଦୃଷ୍ଟି ରେ ରଖି ଓଡିଶା ଦୃଷ୍ଟିହୀନ କ୍ରିକେଟ ସଂଘ ପକ୍ଷରୁ ବିଦ୍ୟାଳୟକୁ ଏକ କ୍ରିକେଟ କିଟ୍ ଅତିଥିମାନଙ୍କ ହାତରେ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ରେ ଶିଶୁ ଓ ମହିଳା ବିକାଶ ସମିତିର ଅଧ୍ୟକ୍ଷା ତଥା ରମା ଦେବୀ ମହିଳା ବିଶ ବିଦ୍ୟାଳୟ ର ସିଣ୍ଡିକେଟ ମେମ୍ବର୍, ମେଜର ଡକ୍ଟର କଳ୍ପନା ଦାସ, ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ରାଜ୍ୟ ସାଧନ କର୍ମୀ ସିରିସ ଦାସ, ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପଟ୍ଟନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳାଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବକୁ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ମହମ୍ମଦ ଜାଫର ଇକବାଲ ପରିଚାଳନା କରିଥିଲେ। କାଭି ଓ ସିଡବ୍ଲ୍ୟୁଡିଏସ୍ ପକ୍ଷରୁ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତାପସ ମହାନ୍ତିଙ୍କୁ କାଭି ଓଡିଶା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ର ଶିକ୍ଷକ ଶ୍ରୀଯୁକ୍ତ ତାପସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ଦୃଷ୍ଟିହୀନ ମହିଳା କ୍ରିକେଟ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ।

## ସ୍ଲରି ପାଇପ୍ କ୍ୟାମ୍ପ ଭଙ୍ଗାରୁଜା ଘଟଣା: ୮ ଗିରଫ

କେନ୍ଦୁଝର, ୩।୯ (ସ୍ୱ.ପ୍ର.): କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ ଜମ୍ବିରିପଶି ଗ୍ରାମରେ ଥିବା ଏସାର୍ କନଷ୍ଟ୍ରକ୍‌ସନ ଇଣ୍ଡିଆ ପ୍ରାଇଭେଟ ଲିଃ କ୍ୟାମ୍ପରେ ଗାଡ଼ି, ଅଫିସ ଭଙ୍ଗାରୁଜା ଓ ମେସିନ ପୋଡ଼ିବା ଘଟଣାରେ ପୋଲିସ ଶନିବାର ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସିଦ୍ଧେଶ୍ୱର ଚୌଧୁରୀ, କିଶୋର ମହାନ୍ତ, ଅମୀୟ ଷଡ଼ଙ୍ଗୀ, ରବୀନ୍ଦ୍ର ସାହୁ, ପ୍ରଦୀପ ପଣ୍ଡା, ଝପାକ ପଲେଇ, ଦେବେନ୍ଦ୍ର ରାଉତ ଓ ତପନ ବାରିକ। ଏହି ଘଟଣାରେ ଉକ୍ତ ସଂସ୍ଥା ଅଧୀନରେ କାମ କରୁଥିବା ମେସର୍ସ କେସିଏସ୍‌ର କର୍ମଚାରୀ ସତ୍ୟବାନ ସେଠୀଙ୍କ ଏତଲାକୁ ଆଧାର କରି ପୋଲିସ ଏକ ମାମଲା (ନଂ.୭୧/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ଅପରାହ୍ନରେ ୨୦/୩୦ଜଣ ଲୋକ ଉକ୍ତ କ୍ୟାମ୍ପରେ ପହଞ୍ଚି ଭଙ୍ଗାରୁଜା କରିବା ସହ ମାଟିଖୋଳା ମେଶିନରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ଉପସ୍ଥିତ କର୍ମଚାରୀଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସଦର ଏସ୍‌ଡିପିଓ ପି.ଜେ. ଟପୋ କହିଛନ୍ତି, ୮ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି।

ରାଜ୍ୟ ଖବର

## ଜିଲାପାଳଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ | ୧୫ ସୁଦ୍ଧା ଭୋଟର ପରିଚୟ ପତ୍ର ପଠାଅ

### ଆଧାର ସଂଯୋଗ ହୋଇଛି ୫୫.୪୦%

ଭୁବନେଶ୍ୱର,୩।୯(ବ୍ୟୁରୋ)

ରାଜ୍ୟରେ ନୂତନ ମତଦାତାଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଭୋଟର ଫଟୋ ପରିଚୟପତ୍ରଗୁଡ଼ିକୁ ଆସନ୍ତା ୧୫ ତାରିଖ ସୁଦ୍ଧା ସମ୍ପୃକ୍ତ ଭୋଟରଙ୍କ ନିକଟକୁ ଡାକ ଯୋଗେ ପଠାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମୁଦାୟ ୩ କୋଟି ୨୫ ଲକ୍ଷ ୬୧ ହଜାର ୯୮୦ ଜଣ ମତଦାତାଙ୍କ ମଧ୍ୟରୁ ଏବେ ସୁଦ୍ଧା ୧ କୋଟି ୮୦ ଲକ୍ଷ ୩୭ ହଜାର ୯୨୮ ଜଣ ଭୋଟର ସେମାନଙ୍କର ଫଟୋ ପରିଚୟପତ୍ର ସହ ଆଧାର ନମ୍ବର ସଂଯୋଗ କରିଛନ୍ତି, ଯାହାକି ସମୁଦାୟ ଭୋଟରଙ୍କ ଶତକଡ଼ା ୫୫.୪୦ ଭାଗ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କରିଛନ୍ତି। ଶନିବାର ସମସ୍ତ ଜିଲାପାଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏକ ସମୀକ୍ଷା ବୈଠକ କରିଥିଲେ। ରାଜ୍ୟରେ ଜାରି ରହିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ-୨୦୨୩ ଏବଂ ଭୋଟର ଫଟୋ ପରିଚୟପତ୍ର ପ୍ରସ୍ତୁତି ଓ ଏହାର ବଣ୍ଟନ, ଭୋଟର ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ, ଭୋଟର ତାଲିକାରେ ନୂତନ ଭୋଟର ନାମ ଅନ୍ତର୍ଭୁକ୍ତ କରିବା ଆଦି କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ।

ନବରଙ୍ଗପୁର ଜିଲାରେ ୭୫.୭୩ ପ୍ରତିଶତ, ମାଲକାନଗିରି ୭୨.୯୭, କଳାହାଣ୍ଡି ୬୯.୪୬, ଅନୁଗୋଳ ୬୮.୬୯ ଏବଂ ସୁବର୍ଣ୍ଣପୁର ଜିଲାରେ ୬୬.୪୪ ପ୍ରତିଶତ ଭୋଟର ସେମାନଙ୍କର ଆଧାର ନମ୍ବର ଭୋଟର ଫଟୋ ପରିଚୟପତ୍ର ସହ ସଂଯୋଗ କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି । ଏଥିପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଉକ୍ତ ଶ୍ରେଷ୍ଠ ୫ଟି ଜିଲାର ଜିଲାପାଳ ତଥା ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି ।

ରାଜ୍ୟର ସହରାଞ୍ଚଳରେ ଭୋଟର ଫଟୋ ପରିଚୟପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ଧୀମା ହେଉଥିବାରୁ ସେଠାରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମ୍ପୃକ୍ତ ଜିଲାପାଳ/ଉପଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଫଟୋ ପରିଚୟ ପତ୍ର ସହ ଆଧାର ସଂଯୋଗୀକରଣ କାର୍ଯ୍ୟ ନିମନ୍ତେ ଯୁବ ଭୋଟରମାନଙ୍କୁ ଭୋଟର ହେଲପ୍‌ଲାଇନ୍ ଆପ୍ ମାଧ୍ୟମରେ ନିଜେ ନିଜେ ଅନ୍‌ଲାଇନ୍‌ରେ ଏହି କାର୍ଯ୍ୟ କରିବା ସମ୍ପର୍କରେ ବ୍ୟାପକ ଭାବେ ସଚେତନ କରିବା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି ।

ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କ ସହ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଓ ସଂଘମିତ୍ରା ଶତପଥୀ, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ, ଏଏସ୍‌ଇ ଇଦ୍ରିଶ ଅଲ୍ଲୀ ଖାନ୍, ଏଏସ୍‌ଇ ଯୋଗେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଇସ୍ତଫା ଦେଲେ ଏସ୍‌ୟୁ କୁଳପତି

### ବିଭିନ୍ନ କାରଣରୁ ବିବାଦୀୟ ଥିଲେ

ସମ୍ବଲପୁର,୩।୯(ବ୍ୟୁରୋ)

ବିଭିନ୍ନ କାରଣରୁ ବିବାଦୀୟ ହୋଇପଡିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ ଶେଷରେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ତାଙ୍କ ଇସ୍ତଫା ଗୃହୀତ କରିଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ ପ୍ରାୟ ଏକମାସ ଧରି ଛୁଟିରେ ଥିଲେ। ତେବେ ନୂତନ କୁଳପତି ଚୟନ ହେବା ଯାଏ ଅସ୍ଥାୟୀ ଭାବେ ପିଜି କାଉନସିଲ ଅଧ୍ୟକ୍ଷା ସଂଯୁକ୍ତା ଦାଶ କୁଳପତି ଦାୟିତ୍ୱ ନିର୍ବାହ କରିବେ। କୁଳପତି ଭାବେ ପ୍ରଫେସର ମିତ୍ତଲ ଯୋଗଦେବା ପରଠାରୁ ବିବାଦ ଘେରକୁ ଆସିଥିଲେ। ଆତ୍ମାହୁତି ଦେଇଥିବା ଅସ୍ଥାୟୀ କର୍ମଚାରୀ ଦୀନବନ୍ଧୁ ମିଶ୍ର ନିଜ ସୁଇସାଇଡ୍ ନୋଟରେ କୁଳପତି ମିତ୍ତଲଙ୍କ ସମେତ ଅନ୍ୟ ତିନିଜଣଙ୍କୁ ଦାୟୀ କରିଥିଲେ। କୁଳପତି ମିତ୍ତଲ ଓ ଅନ୍ୟମାନଙ୍କ ନାମରେ ବୁର୍ଲା ଥାନାରେ ମାମଲା ରୁଜୁ ହୋଇଥିଲା। ଏବେ ମାମଲା ତଦନ୍ତାଧୀନ ରହିଛି। ଏହାସହ ଜ୍ୟୋତିବିହାର ପରିସରରେ ବେଆଇନ ଗଛ କଟାଯାଇଥିଲା। ଉକ୍ତ ଗଛକୁ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରିଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଅନେକ ସମୟରେ ଏସ୍‌ୟୁର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଆଚରଣ କରୁଥିବା ଅଭିଯୋଗ ହୋଇଥିଲା। ଏସ୍‌ୟୁ ପାଇଁ କମ୍ପ୍ୟୁଟର ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ହୋଇଥିବା ଦୁର୍ନୀତିରେ ତାଙ୍କ ନାମ ଚର୍ଚ୍ଚାକୁ ଆସିଥିଲା। ପ୍ରାୟ ଅଧକୋଟିର ଆର୍ଥିକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏସ୍‌ୟୁରେ ସ୍ୱଚ୍ଛତା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ସଂସ୍ଥା ପକ୍ଷରୁ ୩୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ଉକ୍ତ ଟଙ୍କାକୁ ନିଜ ସ୍ତ୍ରୀ ଓ ପୁଅଙ୍କ ସହିତ ଏସ୍‌ୟୁର ଅନ୍ୟ ଅଧିକାରୀଙ୍କ ଜମାଖାତା ଜରିଆରେ ଉଠାଇ ନେଇଥିଲେ। କୁଳାଧିପତିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ ମଧ୍ୟ ତଦନ୍ତ ପାଇଁ ଦାବି କରିଥିଲେ। ତଦନ୍ତ ପରେ ଟଙ୍କା ହେରଫେର ହୋଇଥିବା ଜଣାପଡ଼ିଥିଲା। ସରକାର ଉକ୍ତ ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ଦେବା ପରେ କୁଳପତି ଟଙ୍କା ଫେରସ୍ତ କରିଥିଲେ। ଏହାପରେ ଜୁନ ୨୪ ତାରିଖଠାରୁ କୁଳପତି ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ୭ଦିନିଆ ଛୁଟିରେ ଯାଇଥିଲେ। ପରେ ଛୁଟିକୁ ଜୁଲାଇ ୨୪ ପର୍ଯ୍ୟନ୍ତ ବଢ଼ାଇଥିଲେ।


ସଞ୍ଜୀବ ମିତ୍ତଲ

## ୭ଜଣଙ୍କୁ 'ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ'



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ 'ଓଡ଼ିଶା ଜର୍ନାଲିଜିମ୍ ଆୱାଡ' ପାଇଥିବା ସାମ୍ବାଦିକା ସାମ୍ବାଦିକ ଓ ଅନ୍ୟମାନେ।

ଭୁବନେଶ୍ୱର, ୩।୯ (ବ୍ୟୁରୋ)

ଆଞ୍ଚଳିକ ଖବରର ଗୁରୁତ୍ୱ ବଢ଼ିଛି। ଏଥିସହ ସାମ୍ବାଦିକମାନଙ୍କର ସମାଜରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଣ୍ଟରନେଟ ପାଇଁ ଖବର ଆଉ ଏକଚାଟିଆ ହୋଇ ରହିନାହିଁ ବୋଲି ଶିକ୍ଷା, କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ପଲ୍ଲୀବାଣୀ ମିଶନ ଦ୍ୱାରା ଶନିବାର ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁଶନ କ୍ଲବର ସ୍ପିକର ହଲ୍‌ରେ ଅନୁଷ୍ଠିତ ଓଡ଼ିଶା ସାମ୍ବାଦିକତା ପୁରସ୍କାର ସମାରୋହର ଚତୁର୍ଥ ସଂସ୍କରଣରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ଶିଲା ଭଟ୍ଟ ଯୋଗଦେଇ, ଖବର ଏବଂ ଖବର ମଧ୍ୟରେ ଲୁକ୍କାୟିତ ସୂକ୍ଷ୍ମ ଖବରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥମୟ ଓଡ଼ିଶା ବୌଦ୍ଧିକତା ଏବଂ ପ୍ରତିଭାରେ ସମୃଦ୍ଧ ଭୂଖଣ୍ଡ ବୋଲି ସେ କହିଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ପ୍ରମୁଖ ଯୋଗଦାନ ପାଇଁ ଟାଇମ୍ସ ଅଫ୍ ଇଣ୍ଡିଆର ଭୁବନେଶ୍ୱର ବ୍ୟୁରୋ ମୁଖ୍ୟ ଅଶୋକ କୁମାର ପ୍ରଧାନ, ଚଳଚ୍ଚିତ୍ର ସାମ୍ବାଦିକ ତଥା ଲେଖକ ସୂର୍ଯ୍ୟ ଦେଓ, ଫାଇନାନ୍ସିଆଲ ଏକ୍ସପ୍ରେସର ସହଯୋଗୀ ସମ୍ପାଦକ ସନ୍ଦୀପ ଦାସ, ନ୍ୟୁଜ୍‌୭ର ଉପସ୍ଥାପିକା ମୌସୁମୀ ମହାନ୍ତି, ଓଟିଭିର ମାଲକାନଗିରି ଜିଲା ପ୍ରତିନିଧି ଜିତେନ୍ଦ୍ର ବେଉରା, ସମାଜ ଓ କଳିଙ୍ଗ ଟିଭିର କୋଲକାତା ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ଏବଂ କୋରାପୁଟ ପଚାଙ୍ଗୀର ସମ୍ବାଦ ଓ କନକ ନ୍ୟୁଜ ପ୍ରତିନିଧି ପ୍ରଶାନ୍ତ କୁମାର ଦାଶଙ୍କୁ 'ଓଡ଼ିଶା ଜର୍ଣ୍ଣାଲିଜମ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା। ମିଶନର ଅଧ୍ୟକ୍ଷ ତଥା ପଲ୍ଲୀବାଣୀ ପତ୍ରିକାର ସମ୍ପାଦକ ରାମଚନ୍ଦ୍ର ନାଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କବି ତଥା ପ୍ରଶାସକ ଅମରେନ୍ଦ୍ର ଖଟୁଆ ଯୋଗଦେଇଥିଲେ। ପତ୍ରିକାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅତିଥିଙ୍କ ଦ୍ୱାରା ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚନ କରାଯାଇଥିଲା। ଇପ୍ସା ପ୍ରତିବିମ୍ବିତା ଷଡଙ୍ଗୀ ଉପସ୍ଥାପନା କରିଥିବାବେଳେ ଅନୁଷ୍ଠାନର ସମ୍ପାଦକ ନବଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଦେବ ନନ୍ଦ, ସଂଗ୍ରାମ ଧର, ଦେବରାଜ ମହାନ୍ତି, ଜିତେନ୍ଦ୍ର ତ୍ରିପାଠୀ, ସୀତାଂଶୁ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

## ୪ ରୋଗୀଙ୍କୁ ୪କି.ମି. ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ

ଦେବଗଡ଼,୩।୯(ଡି.ଏନ.ଏ)

ରାସ୍ତା ନାହିଁ ବୋଲି ଅପହଞ୍ଚ ଗ୍ରାମରୁ ୪ ରୋଗୀଙ୍କୁ କାନ୍ଧରେ ଏବଂ ଷ୍ଟ୍ରେଚରରେ ୪ କି.ମି. ବୋହି ଆଣି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଲେ ଆମ୍ବୁଲାନ୍ସ କର୍ମଚାରୀ। ଏଭଳି ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଜିଲା ବାରକୋଟ ବ୍ଲକର ଦୁର୍ଗମ ତଥା ଆଦିମ ଜନଜାତି ପାଉଡି ଭୂୟାଁ ଅଧ୍ୟୁଷିତ ବମ୍ପରଡା ଗ୍ରାମ ପଞ୍ଚାୟତର କଲାଡୁ ଗ୍ରାମରେ। ଖବର ମୁତାବକ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ୧୦୮ ଆମ୍ବୁଲାନ୍ସ କଲ୍ ସେଣ୍ଟରରୁ ନିର୍ଦ୍ଦେଶ ପାଇ ଜ୍ୱରରେ ପୀଡିତ କଲାଡୁ ଗ୍ରାମର ଟିଲା ପ୍ରଧାନଙ୍କ ସ୍ତ୍ରୀ ଶ୍ରୀମତୀ ପ୍ରଧାନ(୨୬) ତାଙ୍କ ଝିଅ ଅଞ୍ଜନା(୯), ପୁଅ ଦୀପୁନ (୩) ଓ ୫ ମାସର ଶିଶୁ ପୁତ୍ର ଆଶିଷଙ୍କୁ ଡାକ୍ତରଖାନା ଆଣିବା ପାଇଁ ଅବିଳମ୍ବେ ବାହାରି ପଡିଥିଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ କେଦାର ସାହୁ (ଫାର୍ମାସିଷ୍ଟ), ଗୌତମ ପ୍ରଧାନ (ଚାଳକ) ଓ ବାଦଲ ସାହୁ (ସହାୟକ)। ମାତ୍ର ୧୦୮ ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନ ଥିବାରୁ କଲାଡୁ ଗ୍ରାମ ଠାରୁ ପ୍ରାୟ ୪ କି.ମି. ଦୂରରେ ଏକ ପାହାଡ ନିକଟରେ ଆମ୍ବୁଲାନ୍ସ ଅଟକି ରହିଥିଲା। ମୋବାଇଲ ନେଟୱାର୍କ ଅପହଞ୍ଚ ରହିଥିବାରୁ ସୂଚନାକାରୀ ଗୃହକର୍ତ୍ତା ଟିଲା ପ୍ରଧାନଙ୍କ ସହ ଯୋଗାଯୋଗ ହୋଇପାରି ନ ଥିଲା। ତେବେ ଉକ୍ତ ଦୁର୍ଗମ ରାସ୍ତାରେ ପାଦରେ ଚାଲି କଲାଡୁ ଗ୍ରାମକୁ ଯାଉଥିବା ଜଣେ ବ୍ୟକ୍ତିଙ୍କ ସହିତ ସେମାନେ ପ୍ରାୟ ୪ କି.ମି. ପାହାଡ ଏବଂ ଘାଟି ରାସ୍ତାରେ ଚାଲିଚାଲି କଲାଡୁ ଗ୍ରାମରେ ପହଞ୍ଚିଥିଲେ। ସେଠାରୁ ଉପରୋକ୍ତ ୪ ଜଣ ରୋଗୀଙ୍କୁ ଆମ୍ବୁଲାନ୍ସ କର୍ମଚାରୀମାନେ ବହୁ କଷ୍ଟରେ ନିଜର କାନ୍ଧ ଏବଂ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ନିକଟକୁ ଅଣିଥିଲେ ଓ ଆମ୍ବୁଲାନ୍ସ ଦ୍ୱାରା ସେମାନଙ୍କୁ ବାରକୋଟ ବ୍ଲକ ସଦର ମହକୁମାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରୋଗୀମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ କର୍ମଚାରୀମାନଙ୍କୁ ପାଖାପାଖି ୬ ଘଣ୍ଟା ସମୟ ଲାଗିଯାଇଥିଲା।


ଆମ୍ବୁଲାନ୍ସ କର୍ମଚାରୀ ରୋଗୀଙ୍କୁ ବୋହି ନେଉଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ତ୍ରିମିଳା ସ୍ୱାଇଁ
କୁଲାଡ଼, ଅନୁଗୋଳ
ଆବିର୍ଭାବ: ୨୦।୦୩।୧୯୬୧
ତିରୋଧାନ: ୨୫।୦୮।୨୦୨୨
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
**ଆପଣଙ୍କର ଶୋକସନ୍ତପ୍ତ:–**
ସ୍ୱାମୀ, ପୁତ୍ର, ବଧୂ, ଝିଅ, ଜ୍ୱାଇଁ ଓ ପରିବାରବର୍ଗ ।
ଧ-୧୪୧୭

# ପ୍ରେରଣା




**ସଫଳ କରିଛି ସାର୍‌ଙ୍କ ମାର୍ଗଦର୍ଶନ:** ''ଗୁରୁ କହିଲେ କେବଳ ସ୍କୁଲ, କଲେଜରେ ପାଠ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକ ନୁହନ୍ତି, ବରଂ ଜୀବନରେ ଧ୍ରୁବତାରା ପରି ମାର୍ଗଦର୍ଶନ କରୁଥିବା ପ୍ରତ୍ୟେକ ମହାନ୍ ବ୍ୟକ୍ତିତ୍ୱଙ୍କୁ ହିଁ ଗୁରୁର ଆଖ୍ୟା ଦିଆଯାଇପାରେ। ମୋ ଜୀବନରେ ଯିଏ ମୋତେ ଅନ୍ଧାରରୁ ହାତ ଧରି ଆଲୋକବର୍ତ୍ତୀ କରିଛନ୍ତି, ସେ ହେଉଛନ୍ତି ମୋର ପ୍ରାଥମିକ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ହରେକୃଷ୍ଣ ତ୍ରିପାଠୀ ସାର୍। ସେ କେବଳ ଜଣେ ଶିକ୍ଷକ ନ ଥିଲେ, ମୋ ପାଇଁ ମାର୍ଗଦର୍ଶକ ଓ ସର୍ବୋପରି ଈଶ୍ୱର ଅଟନ୍ତି। ମୁଁ ତୃତୀୟ ଶ୍ରେଣୀରେ ପାଠ ପଢ଼ିଲା ବେଳେ ସେ ଆମ ସ୍କୁଲକୁ ବଦଳି ହୋଇ ଆସିଥିଲେ। ପ୍ରଥମଥର ସେ ଯେତେବେଳେ ଆମ ଶ୍ରେଣୀକୁ ଆସିଲେ, ସେ ପିଲାମାନଙ୍କୁ ଗୋଟିଏ ଦରଖାସ୍ତ ଲେଖିବା ପାଇଁ କହିଥିଲେ। କିଛି ପିଲା ଲେଖିସାରି ଦେଖାଇଲେ, କିଛି ପିଲା ଏପଟସେପଟ ଅନାଇ କାହାଠାରୁ ଉତାରିବୁ ସେ ଚିନ୍ତାରେ ଥିଲେ। ହେଲେ ମୁଁ ସାର୍‌ଙ୍କ ସାମ୍ନାରେ ଖାତାଟି ବଢ଼ାଇଦେଇ କହିଲି- ମୋତେ ଆସୁନି, ଆପଣ ବତେଇ ଦିଅନ୍ତୁ। ସାର୍ ବୋଧହୁଏ ମୋତେ ପରୀକ୍ଷା କରିବା ପାଇଁ କହିଲେ, ତୁ ଅନ୍ୟ ପିଲାଙ୍କ ପରି କାହାଠୁ ଉତାରି ଆଣିଲୁନି? ମୁଁ ମଧ୍ୟ ଦମ୍ଭର ସହ ଉତ୍ତରଦେଲି, ଆପଣ ମୋର ଶିକ୍ଷକ; ସେ ପିଲାମାନେ ନୁହନ୍ତି। ସାର୍ ହସିଲେ। ସେଇଦିନଠାରୁ ସାର୍ ନିଜ ଝିଅ ଭଳି ମୋତେ ସବୁ ବିଷୟରେ ଉତ୍ସାହିତ କଲେ। ଆଉ ମୁଁ ମଧ୍ୟ କୌଣସି ଶ୍ରେଣୀରେ ଆଉ ଦ୍ୱିତୀୟ ସ୍ଥାନ ଅଧିକାର କରିନି। ତୃତୀୟ, ପଞ୍ଚମ, ସପ୍ତମ ଶ୍ରେଣୀରେ ବୃତ୍ତି ପାଇବା ସହ ବିଜ୍ଞାନ ପ୍ରଦର୍ଶନୀରେ ସଫଳତା, ଏତଦ୍‌ବ୍ୟତୀତ ସବୁ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଛି। ଆଜି ସମାଜରେ ମୁଣ୍ଡ ଟେକି ସମ୍ମାନର ସହ ବଞ୍ଚିବାର ଶ୍ରେୟ କେବଳ ମୋ ସାର୍‌ଙ୍କର ମାର୍ଗଦର୍ଶନ ଓ ଶିକ୍ଷାର ପରିଣାମ ବୋଲି ମୁଁ ସ୍ୱୀକାର କରେ। ଆଜି ଗୁରୁଦିବସର ଏଇ ପୁଣ୍ୟ ଅବସରରେ ମୋର ସେଇ ପିତୃପ୍ରତିମ ଗୁରୁଙ୍କୁ ପ୍ରଣାମ ଜଣାଇବା ସହ ତାଙ୍କର ଦୀର୍ଘାୟୁ ଓ ସୁଖୀ ଜୀବନ କାମନା କରୁଛି।


ଲିପ୍ସା ପଟେଲ

– **ଲିପ୍ସା ପଟେଲ, ଭବାନୀପାଟଣା**

**ଶିକ୍ଷକଙ୍କ ଗାଳି ବଦଳାଇ ଦେଲା ଜୀବନ:** ୧୯୬୨ ମସିହା କଥା। ସେତେବେଳେ ମୁଁ କେନ୍ଦ୍ରାପଡ଼ା ଜିଲା ଦୋହଳି ମଡେଲ ହାଇସ୍କୁଲରେ ଷଷ୍ଠଶ୍ରେଣୀରେ ପଢୁଥାଏ। ବର୍ତ୍ତମାନ ଏହା ବନମାଳୀ ବ୍ରହ୍ମଚାରୀ ହାଇସ୍କୁଲ ନାମରେ ପରିଚିତ। ଆମର ଜଣେ ଶିକ୍ଷକ ଥିଲେ ଜଗନ୍ନାଥ ମିଶ୍ର। ତାଙ୍କୁ ସମସ୍ତେ ଡରନ୍ତି। କାରଣ ଅକ୍ଷର ଖରାପ କଲେ କିମ୍ବା ଅଙ୍କ ଭୁଲ କଲେ ସେ ଆଙ୍ଗୁଠିକୁ ବହୁତ ପିଟନ୍ତି। ଥରେ ତାଙ୍କ ହାବୁଡ଼େ ମୋ ପାଳି ପଡ଼ିଲା। ମୋ ହସ୍ତାକ୍ଷର ଖାତା ଦେଖି ମୋର ହାତ ଆଙ୍ଗୁଠିକୁ ଡଷ୍ଟରରେ ଛେଚିଲେ। ଆଉ କହିଲେ, ଏତେ ଖରାପ ଅକ୍ଷର ଲେଖିଲେ ଜୀବନରେ କ'ଣ କରିବୁ। ଭବିଷ୍ୟତରେ ଯଦି ଡାକ୍ତରଟିଏ ହେବୁ, ତାହାଲେ କ'ଣ ଏମିତି ଅକ୍ଷରରେ ରୋଗୀଙ୍କୁ ଔଷଧ ଲେଖିଦେବୁ? ଯେଉଁ ପର୍ଯ୍ୟନ୍ତ ତୋ ଅକ୍ଷର ଭଲ ନ ହୋଇଛି, ସେ ପର୍ଯ୍ୟନ୍ତ ଆଙ୍ଗୁଠିଛେଚା ଖାଉଥିବୁ। ମନେମନେ ତାଙ୍କ ଉପରେ ବହୁତ ରାଗିଥାଏ। ସେହିଦିନଠାରୁ କେତେଥର ଆଙ୍ଗୁଠିରେ ମାଡ଼ ଖାଇଛି ଏବଂ ଚେଷ୍ଟା କରିଛି ଭଲ ଲେଖିବା ପାଇଁ। ଧୀରେ ଧୀରେ ଅକ୍ଷର ଭଲ ହେବା ସହ ଯାହା ହେଉ ଜଣେ ଡାକ୍ତର ମଧ୍ୟ ହୋଇ ପାରିଛି। ସତରେ ସେଦିନ ସାର୍‌ଙ୍କ ସେହି ଗାଳି ଯେ ମୋ ପାଇଁ ଆଶୀର୍ବାଦ ହୋଇ ଏତେ ବଡ଼ ପରିବର୍ତ୍ତନ ଆଣିଦେବ ଏବେ ସେ କଥା ବେଶ୍ ଭଲ ଭାବେ ବୁଝିପାରୁଛି। ସେହି ମହାନ୍ ଶିକ୍ଷକ ମୋ ପାଇଁ ସର୍ବଦା ନମସ୍ୟ।


ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

– **ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ,** ଶିଶୁରୋଗ ବିଶେଷଜ୍ଞ, ଭୁବନେଶ୍ୱର

**ଗୁରୁଙ୍କ ଶିକ୍ଷା ସର୍ବଦା କାମରେ ଆସେ:** ମୁଁ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟରେ ପଢୁଥାଏ। ନବମ ଶ୍ରେଣୀରେ ବିଜ୍ଞାନ ଓ ଗଣିତ ପାଇଁ ଆମର ବିଜ୍ଞାନ ଶିକ୍ଷକ ଶତ୍ରୁଘ୍ନ ଭୂତିଆ ସାର୍‌ଙ୍କ ପାଖକୁ ଟିଉସନ୍ ହେବାକୁ ଯାଉଥିଲି। ସାର୍ ଜଣେ ଛାତ୍ରବତ୍ସଳ ଶିକ୍ଷକ। ସେ ମଧ୍ୟ ଆମର ଏନ୍‌ସିସି ସାର୍ ଥିଲେ। ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାବରେ ସମାଜରେ ତାଙ୍କର ବହୁତ ସୁନାମ ଥାଏ। ସେ ଅନେକ ପୁସ୍ତକ ରଚନା କରିଛନ୍ତି। ଏକଦା ସାର୍ ଆମ ସମସ୍ତ ଟିଉସନ୍ ଛାତ୍ରୀଛାତ୍ରଙ୍କୁ କପିଳାସ ଡିଅର ପାର୍କକୁ ଭୋଜି କରିବାକୁ ନେଇଥିଲେ। ସାଙ୍ଗରେ ଆମ ସ୍କୁଲ୍‌ର ଶିକ୍ଷକ କାଶୀ ସାର୍ ମଧ୍ୟ ଯାଇଥିଲେ ଏବଂ ସେ ରୋଷେଇ ଦାୟିତ୍ୱ ବୁଝୁଥିଲେ। ସେଦିନ ବଣଭୋଜି ଆସରଟା ବହୁତ ମଜାରେ କଟିଥିଲା। ସନ୍ଧ୍ୟା ହେବାକୁ କିଛି ସମୟ ଥିଲା। ଖାଇ ପିଇ ସାରି ଆମେ ଜିନିଷପତ୍ର ଧରି ଗାଡ଼ି ପାଖକୁ ଚାଲିଚାଲି ଆସିଲୁ। ବାଟରେ ଆସିଲା ବେଳେ ଗୋଟିଏ ଗଛ ପାଖରେ ସାର୍ ଆମ ସମସ୍ତଙ୍କୁ ଅଟକାଇ ଗଛଟିକୁ ଦେଖିବାକୁ କହିଲେ। ଆମେ ସମସ୍ତେ ଗଛକୁ ଚାହିଁଲୁ। ଗଛଟି ବିରାଟକାୟ ହେଲେ ମଧ୍ୟ ପୂରା ଗଛଟିକୁ ଗୋଟିଏ ନଈ ପରାଏ ଲତାଟିଏ ଢାଙ୍କି ରଖିଥାଏ। ସମସ୍ତେ ଉତ୍ସୁକତାର ସହିତ ଲତ ଟିକୁ ଦେଖୁଥାଉ। ତା' ପରେ ସାର୍ ବୁଝାଇଲେ, ଏହି ଲତାଟି ବଞ୍ଚିବା ପାଇଁ ନିଜେ ସଂଘର୍ଷ ନକରି ଅନ୍ୟ ଉପରେ ବଞ୍ଚିବା ଓ ବଢ଼ିବାକୁ ଭରସା କରିଥାଏ। ଏହା ଏକ ପରଜୀବୀ ଅଟେ। ଏହା ଛୋଟିଆ ଖଣ୍ଡେ ହୋଇଥିଲେ ମଧ୍ୟ ଯେତେବେଳେ ଅନ୍ୟ ଏକ ବୃକ୍ଷ ସମ୍ପର୍କରେ ଆସେ, ଖୁବ୍‌ଶୀଘ୍ର ଏହା ସମଗ୍ର ବୃକ୍ଷଟିକୁ ବ୍ୟାପୀଯାଏ। ଶେଷରେ ଯେଉଁ ଗଛର ଆଶ୍ରା ପାଇ ବଞ୍ଚେ ଓ ବଢ଼େ ପରେ ସେଇ ଗଛଟିକୁ ମାରି ଦେଇଥାଏ। ତେବେ ଏହି ଲତାଟିର ନାଁ ହେଲା ନିର୍ମୂଳି। ବୁଝିଲ ପିଲେ! ତେବେ ଏଥିରୁ ଆମେ କ'ଣ ଶିଖିଲେ? ଏହି ନିର୍ମୂଳି ଲତା ପରି ମଣିଷ ମଧ୍ୟ ଆମ ସମାଜରେ ଅଛନ୍ତି। ଯେଉଁମାନେ ଅନ୍ୟ ମନରେ ବିଶ୍ୱାସ ଜନ୍ମାଇ ସର୍ବସ୍ୱ ଲୁଟି ନେଇ ଶେଷରେ ମରଣମୁଖକୁ ଠେଲି ଦିଅନ୍ତି। ତେଣୁ ସେହିପରି ବନ୍ଧୁ କି ମଣିଷକୁ ଚିହ୍ନି ନିଜକୁ ସେମାନଙ୍କଠାରୁ ଦୂରେଇ ରଖିପାରିଲେ ନିଜେ ସୁରକ୍ଷିତ ବଞ୍ଚିପାରିବ। ଏହି ତତ୍ତ୍ୱଟିକୁ ବିଜ୍ଞାନ ଶିକ୍ଷା ମଧ୍ୟରେ ସାର୍ ସେଦିନ ଆମକୁ ଶିଖେଇଥିଲେ। ଆଜି ବି ଯେଉଁ ଗଛରେ ନିର୍ମୂଳି ଲତାଟି ମାଡ଼ିଥାଏ, ସମୟ ପାଇଲେ ତାକୁ ସେହି ଗଛରୁ କାଢ଼ିଦିଏ ଓ ସାର୍‌ଙ୍କ କଥା ମନେପଡ଼ିଯାଏ। ଦୁଃଖର କଥା, ସାର୍ ଆଉ ନାହାନ୍ତି। ଏହି ଗୁରୁଦିବସରେ ତାଙ୍କ ଦ୍ୱାଦଶାହ କାର୍ଯ୍ୟପାଳନ ହେବ। ତାଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ଏମିତିରେ ବିଦ୍ୟାଳୟ ବେଳରେ ଅନେକ ଗୁରୁଙ୍କ ସହିତ ସ୍ମୃତି ରହିଛି। ଗୁରୁଦିବସ ଅବସରରେ ମୋର ସମସ୍ତ ଗୁରୁଙ୍କ ଚରଣ ତଳେ କୋଟି ପ୍ରଣାମ ଜଣାଉଛି।


ଅବନୀ କୁମାର ମିଶ୍ର

– **ଅବନୀ କୁମାର ମିଶ୍ର,** ଢେଙ୍କାନାଳ



## ଏ ସପ୍ତାହର ପ୍ରଶ୍ନ

୧– ରାଜୀବ ଗାନ୍ଧୀ ରୁରାଲ ଅଲିମ୍ପିକ୍ ଗେମ୍ସ .... ରାଜ୍ୟରେ ଆରମ୍ଭ ହୋଇଯାଇଛି ?
୨– .......ରାଜ୍ୟରେ ୧୦୦ ବର୍ଷ ପରେ ଦ୍ୱିତୀୟ ରେଲୱେ ଷ୍ଟେଶନ୍ ନିର୍ମାଣ କରାଗଲା ?
୩– ........ ଗ୍ୟାସ୍ ଥିବାରୁ ଏଲ୍‌ପିଜି ଗ୍ୟାସ୍ ଲିକ୍ ହେବା ମାତ୍ରେ ବାସ୍ନାରୁ ଆମେ ସହଜରେ ଜାଣିପାରୁ ?
୪– ଶେଷ ମୋଗଲ ଶାସକଙ୍କ ନାମ ............ ?
୫– 'ଅଟଳଜୀ ନେ କହା' ପୁସ୍ତକର ଲେଖକ ........... ?

## ଗତ ଥରର ଉତ୍ତର

୧ ନିଆଁ
୨ କାଫ୍
୩ ରିଓ ଡି ଜେନିରୋ
୪ କ୍ଲସ୍ ମାର୍ଟିନ୍ ସ୍ୱାବ
୫ ଏ ସଙ୍ଗ୍ ଅଫ୍ ଆଇସ୍ ଆଣ୍ଡ ଫାୟାର୍

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ୍


ସିଦ୍ଧାର୍ଥ ପଣ୍ଡା, ଢେଙ୍କାନାଳ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବାଧିକ ବ୍ୟସ୍ତବହୁଳ ପୋର୍ଟ



୧– ସାଙ୍ଘାଇ ପୋର୍ଟ....................... ୩୭.୧ ମିଲିଅନ୍
୨– ସିଙ୍ଗାପୁର ପୋର୍ଟ....................... ୩୦.୯ ମିଲିଅନ୍
୩– ସେନ୍‌ଜେନ୍ ପୋର୍ଟ....................... ୨୪ ମିଲିଅନ୍
୪– ନିଙ୍ଗ୍‌ବୋ ପୋର୍ଟ ....................... ୨୧ ମିଲିଅନ୍
୫– ପୋର୍ଟ ଅଫ୍ ବୁସାନ୍....................... ୧୯.୯ ମିଲିଅନ୍
୬– ପୋର୍ଟ ଅଫ୍ ହଂକଂ ....................... ୧୯.୭ ମିଲିଅନ୍
୭– ପୋର୍ଟ ଅଫ୍ ଗୁଆଙ୍ଗଝୌ....................... ୧୮.୯ ମିଲିଅନ୍
୮– ପୋର୍ଟ ଅଫ୍ କିଙ୍ଗ୍‌ଡାଓ ....................... ୧୮ ମିଲିଅନ୍
୯– ପୋର୍ଟ ଅଫ୍ ଦୁବାଇ ....................... ୧୫.୭ ମିଲିଅନ୍
୧୦– ପୋର୍ଟ ଅଫ୍ ତିଆଞ୍ଜିନ୍ ....................... ୧୪.୫ ମିଲିଅନ୍

ୟୁଥ୍ ଫ୍ୟାଶନ

# ଓଲଟା ଜିନ୍ସ ଫ୍ୟାଶନ

**ମାର୍କେଟ୍‌କୁ ଆସୁଥିବା ନୂଆ ନୂଆ ଡିଜାଇନ୍‌ର ଜିନ୍ସକୁ ନେଇ ଏକ୍ସପେରିମେଣ୍ଟ କରିବାରେ ସବୁଠୁ ଆଗରେ ଯୁବପିଢ଼ି। ତେବେ ବର୍ତ୍ତମାନ ଓଲଟା ଜିନ୍ସ ପାଲଟିଛି ଅନେକଙ୍କ ପାଇଁ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ...**





- ଏହି ଜିନ୍ସର ନାଁ ଦିଆଯାଇଛି ମିଡ୍ ରାଇଜ୍ ରିଭର୍ସ ଜିନ୍ସ।
- ହଠାତ୍ ଏହି ଜିନ୍ସ ଦେଖିଲେ ଆପଣଙ୍କୁ ଲାଗିବ ବୋଧହୁଏ ଏହାକୁ ଭୁଲ୍‌ରେ କେହି ଓଲଟା ପିନ୍ଧିଦେଇଛି। କିନ୍ତୁ ହେଲେ ଏହି ଜିନ୍ସକୁ ଓଲଟା ଡିଜାଇନ୍‌ରେ ପ୍ରସ୍ତୁତ କରାଯାଇଛି। ଯାହାକି ଏବେର ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି।
- ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ଏହାର ଷ୍ଟିଚିଂକୁ ଭିନ୍ନ ଧରଣର କରାଯାଇଛି। ଅର୍ଥାତ୍ ଭିତରେ ରହୁଥିବା ଷ୍ଟିଚିଂକୁ ବାହାରପଟେ କରାଯିବା ସହ ଭିତରପଟ ପକେଟ୍‌କୁ ମଧ୍ୟ ବାହାରେ ରଖାଯାଇଛି।
- ଏହାର ମୂଲ୍ୟ ୧୫୦୦ ଟଙ୍କାରୁ ଆରମ୍ଭ ହୋଇଛି।
- ଏହି ଜିନ୍ସର ଅନ୍ୟ ଏକ ଭେରାଇଟି ଏକ୍ସଟ୍ରିମ୍ କଟ୍‌ଆଉଟ୍ ଦେଖିବାକୁ ମଧ୍ୟ ଭିନ୍ନ ଧରଣର। ଅଣ୍ଟାଠାରୁ ପକେଟ ପର୍ଯ୍ୟନ୍ତ ଛାଡ଼ି ଗୋଇଠି ପର୍ଯ୍ୟନ୍ତ କଟା ହୋଇଥାଏ।

ୟୁଥ୍ ଆଲର୍ଟ

# କମ୍ପ୍ୟୁଟରରେ କାମ କରୁଥିଲେ...

**ବର୍ତ୍ତମାନ ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ବିଶେଷ କରି ଯୁବପିଢ଼ି ଅଧିକାଂଶ ସମୟ କମ୍ପ୍ୟୁଟର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପଢିବା ଲାଗି ହେଉ ଅବା ଅଫିସ୍ କାମ ପାଇଁ କମ୍ପ୍ୟୁଟର ଆଗରେ ଦୀର୍ଘ ସମୟ ବସିବା ଦ୍ୱାରା ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦେଉଛି। ଯାହାକୁ ଦୂର କରିବା ଲାଗି କେତୋଟି ଉପଚାର ଆପଣାଇଲେ ଉପକୃତ ହୋଇପାରିବେ...**





- ସର୍ବପ୍ରଥମେ ନିଜର ବସିବା ଶୈଳୀକୁ ଠିକ୍ କରନ୍ତୁ। ଏକ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ। କାରଣ କମ୍ପ୍ୟୁଟରରେ କାମ କରିବା ବେଳେ ଭୁଲ୍ ବସିବା ଶୈଳୀ ମଧ୍ୟ କେତେକାଂଶରେ ସ୍ପଣ୍ଡିଲାଇଟିସ୍ ପାଇଁ ଦାୟୀ।
- କାମ କରିବା ବେଳେ ଯଦି ବେକ, ଅଣ୍ଟା, ମେରୁଦଣ୍ଡ ଆଦିରେ ଯନ୍ତ୍ରଣା ଆରମ୍ଭ ହୁଏ, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ଜାଗାରୁ ଉଠି ଚଲାବୁଲା କରନ୍ତୁ।
- ଯଦି ଅଧିକ ଯନ୍ତ୍ରଣା ହେଉଥାଏ, ତେବେ ଉକ୍ତ ସ୍ଥାନରେ ଆଇସ୍ ପ୍ୟାକ୍ ଲଗାନ୍ତୁ। ନଚେତ୍ ଆପଣ ହିଟିଂ ପ୍ୟାଡ୍‌ରେ ବି ସେକି ପାରିବେ।
- ଯେହେତୁ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି କାମ କରିବା ଦ୍ୱାରା ବେକ ଅଧିକ ପ୍ରଭାବିତ ହୋଇଥାଏ, ତେଣୁ ଏଥିରୁ ଉପଶମ ପାଇବା ଲାଗି ବିଭିନ୍ନ ପ୍ରକାର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ କରନ୍ତୁ।
- ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ କରିବା ଲାଗି ପ୍ରତିଦିନ ଶାଳଭାସନ, ବକ୍ରାସନ, ଅର୍ଦ୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ଭଳି ଯୋଗ କରନ୍ତୁ। ମନେରଖନ୍ତୁ, ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଯୋଗ କିମ୍ବା ବ୍ୟାୟାମ କରିବା ନିରାପଦ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୪ ସେପ୍ଟେମ୍ବର, ୨୦୨୨ Sambalpur, Sunday, September 4/2022

# ଆଜି ଭାରତ-ପାକିସ୍ତାନ ମୁକାବିଲା

**ଏସିଆ କପ୍ ସୁପର ୪**

ଦୁବାଇ,୩ା୯(ପି.ଟି)

ଏସିଆ କପ୍ ଟି୨୦ କ୍ରିକେଟରେ ରବିବାର ପାକିସ୍ତାନ ବିପକ୍ଷରେ ସୁପର-୪ ମ୍ୟାଚ୍ ଖେଳିବ ଭାରତ। ଲିଗ୍ ପର୍ଯ୍ୟାୟରେ ଭାରତ ଅପରାଜେୟ ରହି ସୁପର୍-୪ରେ ପ୍ରବେଶ କରିଥିବା ବେଳେ ହଂକଂ ବିପକ୍ଷରେ ବୃହତ ବିଜୟ ସହିତ ପାକିସ୍ତାନ ଦଳ ପ୍ରବେଶ କରିଥିଲା। ତେବେ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚକୁ ୫ ଉଇକେଟ ଓ ୨ଟି ବଲ୍ ବାକିଥାଇ ଜିତି ନେଇଥିଲା ଭାରତ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ସଫଳତା ବଳରେ ଭାରତ ସଂଘର୍ଷପୂର୍ଣ୍ଣ ଏନକାଉଣ୍ଟର ଜିତିଥିଲା। ତେବେ ସୁପର-୪ର ମ୍ୟାଚ ପୂର୍ବରୁ ଭାରତୀୟ ଟପ୍ ଅର୍ଡର ଉପରେ ସଭିଙ୍କ ନଜର ରହିବ। ଭାରତୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍ ବିସ୍ଫୋରକ ବ୍ୟାଟିଂ କରିବାରେ ଅସମର୍ଥ ରହିବା ସହିତ ପାୱାର ପ୍ଲେ ଓଭରରେ ଦ୍ରୁତ ରନ୍ ସଂଗ୍ରହ କରି ପାରୁନାହାନ୍ତି। ଲୋକେଶ ରାହୁଲ ପ୍ରତ୍ୟାବର୍ତ୍ତନ କରୁଥିବା କାରଣରୁ ଏହା ତାଙ୍କ ପାଇଁ ସ୍କୋରିଂ ଏତେଟା ସହଜ ରହୁନାହିଁ ମାତ୍ର ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ବ୍ୟାଟ ମଧ୍ୟ ନୀରବ ରହୁଛି। ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ ପଡିବା ଭାରତ ପାଇଁ ଆଉ ଏକ ବଡ ସମସ୍ୟା ସୃଷ୍ଟି କରିଛି। ଏହା ଭାରତୀୟ ଦଳର କମ୍ବିନେସନ ବିଗାଡିପାରେ। ଜାଡେଜାଙ୍କ ବଦଳ ଖେଳାଳି ଭାବରେ ଭାରତୀୟ ଦଳରେ ସ୍ଥାନ ପାଇଥିବା ଅକ୍ଷର ପଟେଲ ଏହି ମ୍ୟାଚ ଖେଳି ପାରନ୍ତି। ତେବେ ଅକ୍ଷର ନିମ୍ନକ୍ରମରେ ଜଣେ ଭଲ ବ୍ୟାଟ୍ସମ୍ୟାନ ହୋଇଥିଲେ ହେଁ ତାଙ୍କୁ ୪-୫ ନମ୍ବରରେ ଖେଳାଇବା ବୁମେରାଙ୍ଗ ସାବ୍ୟସ୍ତ ହୋଇପାରେ। ସେହିପରି ରିଷଭ ପନ୍ତ ଓ ଦୀନେଶ କାର୍ତ୍ତିକଙ୍କ ମଧ୍ୟରୁ କିଏ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବେ ତାହାକୁ ନେଇ ମଧ୍ୟ ଆଶଙ୍କା ଲାଗି ରହିଛି। ପାକିସ୍ତାନ ବିପକ୍ଷ ଲିଗ୍ ମ୍ୟାଚରେ ପନ୍ତ ଖେଳିନଥିବା ବେଳେ ଏହ ମ୍ୟାଚର ଚୂଡାନ୍ତ ଏକାଦଶ ନିର୍ଦ୍ଧାରଣ କରିବା ରାହୁଲ ଦ୍ରାବିଡ୍-ରୋହିତ ଶର୍ମାଙ୍କ ପାଇଁ ଚିନ୍ତାର କାରଣ ହେବ। ସେହିପରି ଭାରତ ପାଇଁ ଆଉ ଏକ ଚିନ୍ତାର କାରଣ ହେଉଛି ପେସ୍ ବୋଲିଂ। ଭୁବନେଶ୍ୱର ଓ ଅର୍ଶଦୀପ ସିଂଙ୍କ ବୋଲିଂ ଆକ୍ରମଣ ବେଶ ଶକ୍ତିଶାଳୀ ହୋଇଥିବା ବେଳେ ତୃତୀୟ ପେସର୍ ଆଭେଶ ଖାନ୍ ନିହାତି ସାଧାରଣ ବୋଲିଂ କରିଛନ୍ତି। ଓପନିଂ ଯୋଡି ପରିବର୍ତ୍ତନର ବିକଳ୍ପ ରହିଥିବା ବେଳେ ଆଭେଶ୍ ଖାନଙ୍କ ସ୍ଥାନରେ ଭାରତ ଦୀପକ ହୁଦା କିମ୍ବା ଆର. ଅଶ୍ୱିନଙ୍କୁ ସାମିଲ କରିପାରେ। ଦୁବାଇର ଧୀମା ଟ୍ରାକରେ ଉଭୟଙ୍କ ମଧ୍ୟରୁ ଜଣେ ଖେଳିଲେ ଭାରତକୁ ଏହାର ଫାଇଦା ମିଳିପାରିବ। ପାକିସ୍ତାନର ଟପ୍ ଅର୍ଡରରେ ୨ ଜଣ ବାମହାତୀ ଖେଳାଳି ରହିଥିବାରୁ ଅଫ୍ ସ୍ପିନର ଅଶ୍ୱିନ୍ ଓ ହୁଦାଙ୍କ ମଧ୍ୟରୁ ଜଣଙ୍କୁ ସାମିଲ କରାଗଲେ ଭାରତକୁ ଏହାର ଫାଇଦା ମିଳିପାରିବ। ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ ବୋଲିଂର ନେତୃତ୍ୱ ନେବେ। କ୍ରମାଗତ ଦୁଇଟି ମ୍ୟାଚରେ ବାବର ଆଜମ୍ ବିଫଳ ହୋଇଥିବା ବେଳେ ଏହି ମ୍ୟାଚରେ ଫର୍ମକୁ ଫେରିବାକୁ ପ୍ରୟାସ କରିବେ।


ଅଭ୍ୟାସ ଅବସରରେ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ।

**ଭାରତୀୟ ଦଳ:** ରୋହିତ ଶର୍ମା(ଅଧିନାୟକ), ଲୋକେଶ ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ, ଦୀପକ ହୁଦା, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ୍,ଆର. ଅଶ୍ୱିନ୍, ଯୁଜବେନ୍ଦ୍ର ଚହଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ଆଭେଶ ଖାନ୍।

**ପାକିସ୍ତାନ ଦଳ:** ବାବର ଆଜମ(ଅଧିନାୟକ), ଶଦାବ ଖାନ୍, ଆସିଫ ଅଲୀ, ଫଖର ଜମାନ, ହାଇଦର ଅଲୀ, ହରିଶ ରୌଫ୍, ଇଫତିଖାର ଅହମଦ୍, ଖୁଶଦିଲ ଶାହ, ମହମ୍ମଦ ନୱାଜ, ମହମ୍ମଦ ରିଜୱାନ, ଶାହନୱାଜ ଦହାନି, ଉସମାନ୍ କାଦିର୍, ମହମ୍ମଦ ହସନେନ୍, ହସନ ଅଲୀ।

**ମ୍ୟାଚ୍ ସ୍ଥାନ : ଦୁବାଇ**
**ସମୟ: ରାତି ୭.୩୦**

# ଜଗରନଟ୍ସ-ଯୋଦ୍ଧାସ୍ ଫାଇନାଲ


ଗୁଜରାଟ ଜାଏଣ୍ଟସ୍ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

ଭୁବନେଶ୍ୱର,୩ା୯(ସ୍ପୋର୍ଟ୍ସ ବ୍ୟୁରୋ)

ଅଲଟିମେଟ ଖୋ ଖୋ ପ୍ରଥମ ସିଜିନର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ। ପୁଣେର ମହାଲୁଙ୍ଗେ ସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଟାଇଟଲ ଲଢେଇ ଖେଳାଯିବ। ଓଡ଼ିଶା ଜଗରନଟ୍ସ ପୂର୍ବରୁ ଫାଇନାଲରେ ପହଞ୍ଚି ସାରିଥିଲା। ଶନିବାର ଖେଳାଯାଇଥିବା କ୍ୱାଲିଫାୟର-୨ରେ ତେଲୁଗୁ ଯୋଦ୍ଧାସ ୬୭-୪୪ରେ ଲିଗ୍ ପର୍ଯ୍ୟାୟର ଟେବଲ ଟପର ଗୁଜରାଟ ଜାଏଣ୍ଟସ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

ବିଜୟୀ ଦଳର ଅରୁଣ ଗୁଙ୍କି ସର୍ବାଧିକ ୧୬ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୪ ପଏଣ୍ଟ ସହିତ ପ୍ରଜ୍ୱଳ କେ ଏଚ୍ ୧୪ ପଏଣ୍ଟ ସ୍କୋର କରିଥିବା ବେଳେ ୫ ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଚଳିତ ସିଜିନରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରୁଥିବା ତେଲୁଗୁ ଯୋଦ୍ଧାସ ଅଲରାଉଣ୍ଡ ପ୍ରଦର୍ଶଦ ସହିତ ବିଜୟୀ ହୋଇଛି। ପ୍ରଥମ ରାଉଣ୍ଡ ସୁଦ୍ଧା ଗୁଜରାଟ ୨୧-୩୯ରେ ପଛୁଆ ରହିଥିଲା। ତେବେ ଡିଫେଣ୍ଡର ଅଭିନନ୍ଦନ ପାଟିଲ ଚମତ୍କାର ପ୍ରଦର୍ଶନ କରିଥିଲେ। ପାଟିଲ ୪.୨୬ ମିନିଟର ଡିଫେଣ୍ଡ କରିବା ସହିତ ୮ ବୋନସ ପଏଣ୍ଟ ହାସଲ କରିଥିଲେ। ପାଟିଲଙ୍କ ପ୍ରଦର୍ଶନ ସତ୍ତ୍ୱେ ଗୁଜରାଟ ପରାଜୟରୁ ବର୍ତ୍ତି ପାରିନଥିଲା। ତୃତୀୟ ଟର୍ନ ସୁଦ୍ଧା ଦଳ ୬୧-୨୯ରେ ପଛୁଆ ଥିଲା। ଶେଷ ଟର୍ନରେ ଯୋଦ୍ଧାସ ଧୀମା ଖେଳିବା ସହିତ ମ୍ୟାଚକୁ ଅନାୟାସରେ ଜିତି ନେଇଥିଲା।

# ଅଷ୍ଟ୍ରେଲିଆ ବିପକ୍ଷରେ ଜିମ୍ବାୱେର ଚମକପ୍ରଦ ବିଜୟ

**ଦିନିକିଆ କ୍ରିକେଟ**

ଟାଉନ୍ସଭିଲେ, ୩ା୯(ଏପି)

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଜିମ୍ବାୱେ ୩ ଉଇକେଟରେ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଭ୍ରମଣକାରୀ ଦଳର ଲେଗ୍ ସ୍ପିନର ର୍ୟାନ ବର୍ଲ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ବୋଲିଂ କରିଥିଲେ। ସେ ମାତ୍ର ୧୦ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରି ତାଙ୍କ ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଦୁଇ ଦିନିକିଆରେ ଅଷ୍ଟ୍ରେଲିଆ ଟସ୍ ଜିତି ଜିମ୍ବାୱେକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ଏବଂ ଯଥାକ୍ରମେ ୫ ଓ ୮ ଉଇକେଟରେ ବିଜୟ ଲାଭ କରିଥିଲା। ଶନିବାର ମ୍ୟାଚରେ ଜିମ୍ବାୱେ ଅଧିନାୟକ ରେଗିସ୍ ଚକାଭା ଟସ୍ ଜିତି ଅଷ୍ଟ୍ରେଲିଆକୁ ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ କରିଥିଲେ। ଭ୍ରମଣକାରୀ ଦଳ ପ୍ରଥମ ୧୦ ଓଭର ଖେଳରେ ଅଷ୍ଟ୍ରେଲିଆର ୩ ଉଇକେଟ ଖସାଇ ଦେବା ସହ ୧୪୧ରନରେ ଅଲଆଉଟ କରିଦେଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଓପନର ଡେଭିଡ ୱାର୍ନର ୯୪ ରନ (୯୬ ବଲ୍, ୧୪ ଚୌକା ଓ ୨ଛକା) ଏବଂ ଗ୍ଲେନ ମାକ୍ସୱେଲ ୧୯ ରନ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଜବାବରେ ଜିମ୍ବାୱେ ୬୬ ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଟପ୍ ସ୍କୋରର ଚକାଭା ୩୭ ରନ କରି ଅପରାଜିତ ରହିଥିବା ବେଳେ ଟାଡିୱାନାସି ମାରୁମାନି ୩୫ ରନ କରିଥିଲେ। ଜିମ୍ବାୱେ ୩୯ ଓଭରରେ ୭ଉଇକେଟ ବିନିମୟରେ ୧୪୨ ରନ କରି ମ୍ୟାଚ ଜିତିନେଇଥିଲା। ଦଳର ପ୍ରଥମ ଡାଉନ୍ଅଣ୍ଡର ପଦାର୍ପଣ ୩୦ ବର୍ଷ ପରେ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଜିମ୍ବାୱେର ଏହା ପ୍ରଥମ ବିଜୟ। ଅଷ୍ଟ୍ରେଲିଆ ତରଫରୁ ଶ୍ରେଷ୍ଠ ବୋଲିଂ କରି ଜୋଶ ହାଜ୍ଲେଉଡ୍ ୩ଟି ଉଇକେଟ ଅକ୍ତିଆର କରିଥିଲେ। ବର୍ଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ର୍ୟାନ ବର୍ଲ

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ:** ୩୧ ଓଭରରେ ୧୪୧/ଅଲଆଉଟ (ଡେଭିଡ୍ ୱାର୍ନର-୯୪, ଗ୍ଲେନ ମାକ୍ସୱେଲ-୧୯ ; ର୍ୟାନ୍ ବର୍ଲ-୫/୧୦, ବ୍ରାଡ୍ ଇଭାନ୍ସ-୨/୩୫)।
**ଜିମ୍ବାୱେ:** ୪୭ ଓଭରରେ ୧୪୨/୭ (ଟାଡିୱାନାସି ମାରୁମାନି-୩୫, ଚକାଭା ୩୭*।

# ନେପାଳରେ ପହଞ୍ଚିଲା ମହିଳା ଦଳ

**ସାଫ୍ କପ୍ ଫୁଟ୍ବଲ୍**

ନୂଆଦିଲ୍ଲୀ,୩ା୯

ଦକ୍ଷିଣ ଏସୀୟ ଫୁଟବଲ ମହାସଂଘ (ସାଫ୍) ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ନେପାଳରେ ପହଞ୍ଚିଛି। ଡିଫେଣ୍ଡିଂ ଚାମ୍ପିୟନ୍ ଭାରତ ଆଶାଲତା ଦେବୀଙ୍କ ନେତୃତ୍ୱରେ କାଠମାଣ୍ଡୁରେ ପହଞ୍ଚିଛି। ଆସନ୍ତା ୬ ତାରିଖରୁ ନେପାଳର କାଠମାଣ୍ଡୁରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ। ଭାରତ ଗ୍ରୁପ ଏରେ ସ୍ଥାନ ପାଇଥିବା ବେଳେ ପାକିସ୍ତାନ, ମାଳଦ୍ୱୀପ ଓ ବାଂଲାଦେଶ ସମାନ ଗ୍ରୁପରେ ରହିଛନ୍ତି। ସୁରେନ ଛେତ୍ରୀ ଭାରତୀୟ ଦଳର କୋଚ ରହିଥିବା ବେଳେ ୭ ତାରିଖରେ ପାକିସ୍ତାନ ବିପକ୍ଷରେ ଦଳ ଉଦ୍‌ଘାଟନୀ ମୁକାବିଲା ଖେଳିବ। ୧୦ ସେପ୍ଟେମ୍ବରରେ ମାଳଦ୍ୱୀପ ଓ ସେପ୍ଟେମ୍ବର ୧୩ରେ ବାଂଲାଦେଶ ବିପକ୍ଷରେ ମ୍ୟାଚ ଖେଳିବ ଭାରତ। କାଠମାଣ୍ଡୁ ସ୍ଥିତ ଦଶରଥ ଷ୍ଟାଡିୟମରେ ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ଖେଳାଯିବ। ପୁନେରେ କ୍ୟାମ୍ପ ପରେ ଭାରତୀୟ ମହିଳା ନେପାଳ ଗସ୍ତ କରିଥିବା ବେଳେ ଉଜବେକିସ୍ତାନରେ ଖେଳୁଥିବା ଡେଙ୍ଗମେଇ ଗ୍ରେସ୍ ଭାରତୀୟ ଦଳ ସହିତ ଯୋଗ ଦେବେ।

**ଗୋଲ କିପର:** ଅଦିତି ଚୌହ୍ୱାନ, ମାଇବାମ ଲିନଥୋଇନଗାମ୍ବି ଦେବୀ, ସୋମିୟା ନାରାୟଣସାମୀ।
**ଡିଫେଣ୍ଡର:** ସ୍ୱିଟି ଦେବୀ, ରିତୁ ରାଣୀ, ଆଶାଲତା ଦେବୀ, ରଞ୍ଜନା ଚାନୁ, ମନୀଷା ପନ୍ନା, ମିଚେଲ୍ କାଷ୍ଟାନା, ଜୁଲି କିଶାନ, ସନ୍ତୋଷ।
**ମିଡଫିଲ୍ଡର:** ଅଞ୍ଜୁ ତମାଙ୍ଗ, ପ୍ରିୟଙ୍କା ଦେବୀ, ମାର୍ଟିନା ଥୋକଚୋମ୍, ସନ୍ଧ୍ୟା ରଙ୍ଗନାଥନ, କାର୍ତ୍ତିନା, ରତ୍ନବାଳା ଦେବୀ
**ଫରୱାର୍ଡ:** ଦୁଲାର ମାରାଣ୍ଡି, ଅପୂର୍ଣ୍ଣା ନାର୍ଜାରେ, ସୌମ୍ୟା ଗୁଗୁଲୋଥ୍, ରେଣ୍ଣୁ, କିରଣ ପିସଦା, ଡେଙ୍ଗମେଇ ଗ୍ରେସ୍।
**ମୁଖ୍ୟ କୋଚ୍ :** ସୁରେନ୍ ଛେତ୍ରୀ

# ଲାରା ସନରାଇଜର୍ସ ମୁଖ୍ୟ କୋଚ୍



**ନୂଆଦିଲ୍ଲୀ, ୩ା୯ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସିଜନ ୨୦୨୩ ପାଇଁ ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଟମ୍ ମୁଡିଙ୍କ ସ୍ଥାନରେ କିମ୍ବଦନ୍ତୀ ବ୍ରାଏନ ଲାରା ସନରାଇଜର୍ସ ହାଇଦ୍ରାବାଦ ଟିମ୍‌ର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ୫୩ ବର୍ଷୀୟ ଲାରା ପ୍ରଥମଥର ପାଇଁ ଏକ ଟି୨୦ ଟିମ୍‌ର ମୁଖ୍ୟ କୋଚ୍ ହୋଇଛନ୍ତି। ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ଗତ ଡିସେମ୍ବରରେ ସନରାଇଜର୍ସ ଟିମ୍‌ର ରଣକୌଶଳ ଉପଦେଷ୍ଟା ଓ ବ୍ୟାଟିଂ କୋଚ୍ ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ମୁଡିଙ୍କ ତତ୍ତ୍ୱାବଧାନରେ ସନରାଇଜର୍ସ ୨୦୧୩ରୁ ୨୦୧୯ ମଧ୍ୟରେ ୫ଥର ପ୍ଲେଅଫ୍‌ରେ ପ୍ରବେଶ କରିବା ସହ ୨୦୧୬ରେ ଚାମ୍ପିୟନ ହୋଇଥିଲା। ତାଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ଟ୍ରେଭର ବେଲିସ ୨୦୨୦ରେ ମୁଖ୍ୟ କୋଚ୍ ହୋଇଥିଲେ। ତେବେ ଗତବର୍ଷ ମୁଡି କ୍ରିକେଟ ଡାଇରେକ୍ଟର ଭାବେ ପୁନର୍ବାର ସନରାଇଜର୍ସକୁ ଫେରିଥିଲେ। ହେଲେ ଦଳ ମାତ୍ର ୩ଟି ବିଜୟ ସହ ପଏଣ୍ଟ ଟେବୁଲରେ ସର୍ବନିମ୍ନ ସ୍ଥାନରେ ରହିଥିଲା। ଫଳରେ ମୁଡିଙ୍କୁ ପୁନର୍ବାର ସନରାଇଜର୍ସର ମୁଖ୍ୟ କୋଚ୍ ପଦବୀରେ ଅବସ୍ଥାପିତ କରାଯାଇଥିଲା। ତାଙ୍କ ଅଧୀନରେ ଦଳ ୨୦୨୨ ସିଜନରେ ୧୦ଟି ଦଳକୁ ନେଇ ହୋଇଥିବା ଟୁର୍ନାମେଣ୍ଟରେ ୬ ବିଜୟ ଓ ୮ ପରାଜୟ ସହ ୮ମ ସ୍ଥାନରେ ରହିଥିଲା।

# ତୃତୀୟ ରାଉଣ୍ଡରୁ ସେରେନା, ମୁରେ ଆଉଟ

**ୟୁଏସ୍ ଓପନ**

ନ୍ୟୁୟର୍କ,୩ା୯(ପି.ଟି)

ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନରେ ଦେଖିବାକୁ ମିଳିଛି ପୁଣି ଏକ ବଡ ବିପର୍ଯ୍ୟୟ। ନିଜର ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳୁଥିବା ସେରେନା ୱିଲିୟମ୍ସ ତୃତୀୟ ରାଉଣ୍ଡରୁ ହାରି ବିଦାୟ ନେଇଥିବା ବେଳେ ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆଣ୍ଡି ମୁରେ ମଧ୍ୟ ପରାଜୟ ସହିତ ବିଦାୟ ନେଇଛନ୍ତି। ନିଜ କ୍ୟାରିୟରର ଅନ୍ତିମ ଗ୍ରାଣ୍ଡସ୍ଲାମ ଖେଳୁଥିବା ନେଇ ସେରେନା ପରୋକ୍ଷ ଭାବରେ ସୂଚନା ଦେଇ ସାରିଥିବା ବେଳେ ଏହି ପରାଜୟ ସହିତ ୨୩ ଗ୍ରାଣ୍ଡସ୍ଲାମ ବିଜୟିନୀ ସେରେନାଙ୍କ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ଆର୍ଥର ଆଶେ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ ପରେ ସେରେନା କାନ୍ଦି ପକାଇଥିଲେ। ଯଦିଓ ସେରେନା ନିଜ ଅବସର ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ତଥାପି ଭଉଣୀ ଭେନସ ୱିଲିୟମ୍ସଙ୍କ ସୂଚନା ଏସବୁ ଆକଳନକୁ ସ୍ପଷ୍ଟ କରୁଛି। ତୃତୀୟ ରାଉଣ୍ଡ ମ୍ୟାଚରେ ଅଷ୍ଟ୍ରେଲିଆର ଆଲା ଟମଲାନୋଭିଚଙ୍କ ନିକଟରୁ ସେରେନା ୭-୫, ୬-୭(୪) ଓ ୬-୧ରେ ପରାଜିତ ହୋଇଥିଲେ। ଏହି ପରାଜୟ ପରେ ସେ କାନ୍ଦି ପକାଇଥିବା ବେଳେ ୨୯ ବର୍ଷୀୟା ଟମଲାନୋଭିଚ ମଧ୍ୟ ଦୁଃଖ ପ୍ରକାଶ କରିଥିଲେ। ସେରେନାଙ୍କୁ ଏପରି ଅବସ୍ଥାରେ ଦେଖିବା ନିହାତି କଷ୍ଟଦାୟକ ବୋଲି ଟମଲାନୋଭିଚ କହିଛନ୍ତି। ଟମଲାନୋଭିଚ୍‌ଙ୍କ ଗ୍ରାଣ୍ଡସ୍ଲାମ ବିଜୟ-ପରାଜୟ ରେକର୍ଡ ୨୮-୩୧ ରହିଥିବା ବେଳେ କେବେ ବି ତୃତୀୟ ରାଉଣ୍ଡ ପାର କରି ନ ଥିଲେ। ଶୁକ୍ରବାରର ବିଜୟ ସହିତ ଟମଲାନୋଭିଚ ପ୍ରଥମ ଥର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାଟ୍ଟେଓ ବେରେଟ୍ଟିନୀଙ୍କ ସହିତ ନିଜର ତୃତୀୟ ରାଉଣ୍ଡ ମ୍ୟାଚ୍ ଖେଳୁଥିବା ୩୫ ବର୍ଷୀୟ ଆଣ୍ଡି ମୁରେ ମଧ୍ୟ ସମଦଶା ଭୋଗିଛନ୍ତି। ୨୦୨୧ ୱିମ୍ବଲଡନ୍ ଫାଇନାଲିଷ୍ଟ ବେରେଟ୍ଟିନୀଙ୍କ ସହିତ ସାଢେ ୩ ଘଣ୍ଟାର ଲଢେଇ ପରେ ୬-୪, ୬-୪, ୬-୭(୧), ୬-୩ରେ ହାର ମାନିଥିଲେ ମୁରେ। ପରାଜିତ ହୋଇଥିଲେ ହେଁ ସେ ନିଜ ପ୍ରଦର୍ଶନକୁ ନେଇ ଖୁସି ପ୍ରକାଶ କରିଛନ୍ତି। ୩୫ ବର୍ଷ ବୟସରେ ଜଣେ ସିଡେଡ ଖେଳାଳିଙ୍କ ମୁକାବିଲା କରୁଥିବାରୁ ସେ ଖୁସି ପ୍ରକାଶ କରିଛନ୍ତି। ୨୦୧୬ ପରଠାରୁ ୬ ବର୍ଷରେ ପ୍ରଥମ ଥର ପାଇଁ ଗ୍ରାଣ୍ଡସ୍ଲାମ ପ୍ରବେଶରେ ମୁଁ ଅତ୍ୟନ୍ତ ଖୁସି ବୋଲି ମୁରେ କହିଛନ୍ତି।

ଅନ୍ୟତମ ଆମେରିକୀୟ ଖେଳାଳି କୋକୋଆ ଗୌଫ୍ ବିଜୟ ସହିତ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମାଡିସନ୍ କିସ୍‌ଙ୍କୁ ୬-୨, ୬-୩ ରେ ପରାସ୍ତ କରିଥିବା ବେଳେ ପରବର୍ତ୍ତୀ ମ୍ୟାଚରେ ଝାଙ୍ଗ ଶୁ ଆଇଙ୍କୁ ଭେଟିବେ। ଡିଫେଣ୍ଡିଂ ପୁରୁଷ ଚାମ୍ପିୟନ ଡାନିଲ ମେଡଭେଡେଭ୍ ଚାଇନାର ଓ୍ୱୁ ୟିବିଙ୍ଗଙ୍କୁ ୬-୪, ୬-୨ ଓ ୬-୨ରେ ପରାସ୍ତ କରି ୪ର୍ଥ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟ ଏକ ମ୍ୟାଚରେ ୱିମ୍ବଲଡନ୍ ଚାମ୍ପିୟନ ଓନ୍ସ ଜାବୁଏର୍ ୩୧ ନମ୍ବର ଖେଳାଳି ସେଲବି ରୋଜର୍ସଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ସିଡେଡ ଓ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଖେଳାଳିଙ୍କ ମଧ୍ୟରେ ଆନେଟ କୋଣ୍ଟାଭିଟ୍, ମାରିଆ ସାକ୍କାରୀ, ପଉଲା ବଡୋସା, ଏମ୍ମା ରାଡୁକାନୁ ଓ ଲେୟଲା ଫର୍ନାଣ୍ଡେଜ୍ ବିଦାୟ ନେଇଥିବା ବେଳେ ଇଗା ସ୍ୱିଟେକ୍ କଓ ଜାବୁଏର୍ ୪ର୍ଥ ରାଉଣ୍ଡ ପ୍ରବେଶ କରିଛନ୍ତି।


ସେରେନା ୱିଲିୟମ୍ସ

# ଗୁରବାଜଙ୍କ ଦ୍ରୁତ ଅର୍ଦ୍ଧଶତକ

**ଏସିଆ କପ୍**

ଦୁବାଇ,୩ା୯

ଏସଆ କପ୍ ଟି୨୦ କ୍ରିକେଟ ମୁକାବିଲାର ସୁପର-୪ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଆଫଗାନିସ୍ତାନ-ଶ୍ରୀଲଙ୍କା ମୁହାଁମୁହିଁ ହୋଇଛନ୍ତି। ଟସ୍ ଜିତି ଶ୍ରୀଲଙ୍କା ବୋଲିଂ କରିଥିବା ବେଳେ ଆଫଗାନିସ୍ତାନ ନିର୍ଦ୍ଧାରିତ ଓଭରରେ କରିଛି ୧୭୫ ରନ୍। ଓପନର ତଥା ଉଇକେଟକିପର ରହମାନୱାଲା ଗୁରବାଜ ୮୪ରନର ବିସ୍ଫୋରକ ଇନିଂସ ଖେଳିଥିଲେ। ଗୁରବାଜଙ୍କ ବ୍ୟତିତ ଇବ୍ରାହିମ ଜାର୍ଦାନ ମଧ୍ୟ ୪୦ ରନ୍ କରିଥିଲେ। ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଆଫଗାନିସ୍ତାନ ଧୂଆଁଧାର ବ୍ୟାଟିଂ କରିଥିଲା। ହଜରତଉଲ୍ଲା ଜଜାଇ(୧୫) ଓ ଗୁରବାଜ ପ୍ରଥମ ଉଇକେଟରେ ୪୬ ରନ୍ ଯୋଡିଥିଲେ। ଜଜାଇଙ୍କୁ ବୋଲ୍ଡ କରି ଦିଲଶାନ ମଧୁଶଙ୍କା ଏହି ଯୋଡି ଭାଙ୍ଗିଥିଲେ। ଇବ୍ରାହିମ୍ ଜାଦ୍ରାନ(୪୦)ଙ୍କୁ ସାଥୀ କରି ତୃତୀୟ ଉଇକେଟରେ ଗୁରବାଜ ୯୩ ରନ ଯୋଡିଥିଲେ। ଗୁରବାଜ ୪୫ ବଲ ଖେଳି ଧୂଆଁଧାର ୮୪ ରନ୍ କରିଥିଲେ। ଏହି ଇନିଂସରେ ୪ ଚୌକା ଓ ୬ ଛକା ସାମିଲ ରହିଥିଲା। ଅନ୍ୟପକ୍ଷରେ ଇବ୍ରାହିମ ୩୮ ବଲ ଖେଳି ୪୦ ରନ୍ କରିଥିଲେ। ଏହା ମଧ୍ୟରେ ଦୁଇ ଚୌକା ଓ ୧ ଛକା ସାମିଲ ରହିଥିଲା। ଏହି ଦୁଇ ଖେଳାଳି ପ୍ୟାଭିଲିୟନ୍ ଫେରିବା ପରେ ନଜିବୁଲ୍ଲା ଜାଦ୍ରାନ୍(୧୭), ମହମ୍ମଦ ନବି(୧) ଓ ରଶିଦ୍ ଖାନ୍(୯)ଙ୍କ ବିଫଳତା କାରଣରୁ ଦଳ ୬ ଉଇକେଟ ବିନିମୟରେ ୧୭୫ ରନ୍ ସଂଗ୍ରହ କରିଥିଲା। ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଧୁଶଙ୍କା ସର୍ବାଧିକ ଦୁଇଟି ଉଇକେଟ ନେଇଛନ୍ତି। ଆସିଥା ଫର୍ନାଣ୍ଡୋ ଓ ମହୀଷ ତୀକ୍ଷଣା ଅନ୍ୟ ଦୁଇଟି ଉଇକେଟ ସେମାନଙ୍କ ମଧ୍ୟରେ ବାଣ୍ଟି ନେଇଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଗଣେଶ ଭସାଣି ବେଳେ ପାଣିରେ ବୁଡ଼ି ଯୁବକ ମୃତ

ବୋଡ଼େନ,(ଡି.ଏନ୍.ଏ.): ବୋଡ଼େନ ଥାନା ଟେମରୀ ଗ୍ରାମରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡି ଗଜିନ୍ଦ୍ର ମାଝି ଓରଫ୍ ତାରାଚନ(୨୮)ଙ୍କ ମୃତ୍ୟୁ ଘଟିଛି। ଗ୍ରାମରେ ଶୁକ୍ରବାର ଭଷାଣି ବେଳେ ଗଜିନ୍ଦ୍ର ସାମିଲ ଥିଲେ। ଭଷାଣି ସାରି ସମସ୍ତେ ଫେରିଥିବାବେଳେ ଗଜିନ୍ଦ୍ର ଫେରି ନ ଥିଲେ। ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ସକାଳୁ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଗଜିନ୍ଦ୍ର ଗତ ବର୍ଷ ବିବାହ କରିଥିଲେ। ଘରେ ତାଙ୍କର ଗର୍ଭବତୀ ସ୍ତ୍ରୀ ଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ଆପତ୍ତିଜନକ ମନ୍ତବ୍ୟ ବିରୋଧରେ ଏତଲା

**ଲୋଇସିଂହା,୩।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନାରେ ପଦ୍ମଶ୍ରୀ ବାବା ବଳିଆଙ୍କ ବିରୋଧରେ କୋଶଲ ସେନା ପକ୍ଷରୁ ଶନିବାର ଏତାଲା ଦିଆଯାଇଛି । ଶ୍ରୀତମ ମିଶ୍ରଙ୍କ ନେତୃତ୍ୱରେ ୪ ଜଣିଆ ଏକ ପ୍ରତିନିଧି ଥାନାକୁ ଯାଇ ବାବାଙ୍କ ବିରୋଧରେ ଲିଖିତ ଅଭିଯୋଗ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପଶ୍ଚିମ ଓଡିଶାବାସୀଙ୍କ ଭାବାବେଗ ସହ ଜଡିତ । ବନ୍ୟା, ବାତ୍ୟା, ମରୁଡି ଏପରିକି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆବାହମାନ କାଳରୁ ନୂଆଁଖାଇ ପଶ୍ଚିମ ଓଡିଶାରେ ଭାଦ୍ରବ ପଞ୍ଚମୀରେ ପାଳିତ ହୋଇ ଆସୁଛି । ଏଡି ପର୍ବକୁ ନେଇ ବାବା ବଳିଆ ଉପହାସ ତଥା ଆପତ୍ତିଜନକ ମନ୍ତବ୍ୟ ରଖିଛନ୍ତି। ଏହା ପଞ୍ଚମ ଓଡିଶାବାସୀଙ୍କୁ ମର୍ମାହତ କରିଛି। ଏହାକୁ ନେଇ କୋସଲ ସେନା ପକ୍ଷରୁ ଦୃଢ ନିନ୍ଦା କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ କୋସଲ ସେନା ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଛି ।

## ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

**ଲୋଇସିଂହା,୩।୯(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡେ ରାଜୀବ କ୍ଲବ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ଝିଅ ଓ ପୁଅଙ୍କ ମଧ୍ୟରେ ପୁଚିଖେଳ, ମ୍ୟୁଜିକ ଚେୟାର, ବସ୍ତାଦୌଡ, ଦୌଡକୁଦ ଏବଂ ନାଚଗୀତ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ଲକ୍ଷ୍ମଣ ତ୍ରିପାଠୀ ମୁଖ୍ୟ ଅତିଥି, ଭୁବନ ଦନ୍ତା, ଗୁନା ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ନୂଆଁଖାଇ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା । ନବୀନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଣେଶ ପୂଜା, ନୂଆଁଖାଇରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଲୋଇସିଂହା,୩।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଉପରପଡା ପଥେଇ ଦୁର୍ଗା ଗଣେଶ ପୂଜା କମିଟି ପକ୍ଷରୁ ନାଚଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ଭସାଣୀ ସହ କାର୍ଯ୍ୟକ୍ରମ ସମ୍ପନ୍ନ ହେବ। ଶନିବାର ନୂଆଁଖାଇ ଭେଟ୍‌ଘାଟ ଅବସରରେ ହୁତମା ବାବୁ ବାହାକ ଓ ପପଙ୍ଗା ତାରାବାହାଙ୍କ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ସେହିପରି ଗଣେଶ ପୂଜା ରାତିରେ ବ୍ୟାସଦେବ ପୁରୋହିତ ଏବଂ ସାଥୀ କଳାକାର ସମ୍ବଲପୁରୀ ଭଜନ ପରିବେଶିତ ହୋଇଥିଲା । ନୂଆଁଖାଇ ଭେଟ୍‌ଘାଟ ଅବସରରେ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଆୟୁଷ ଚିନ୍ଦ୍ରା, ବର୍ଷାରାଣୀ ଦାଶ ଓ ସିଦ୍ଧି ରଣା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ । ଏଠାରେ ନାରାୟଣ ସାହୁ, ସୁଶାନ୍ତ ବାରିକ, ସନୁ ଚିନ୍ଦ୍ରା ବିଚାରକଭାବେ ଯୋଗଦେଇଥିଲେ । ପୂଜା କମିଟି ସଭାପତି ରାମଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସୁମନ୍ତ ଚିନ୍ଦ୍ରା, କାଞ୍ଚନ ବାରିକ ଓ ପୂଜା କମିଟି ସଦସ୍ୟ ପରିଚାଳନା କରିଥିଲେ ।

## ଟ୍ରକ୍‌କୁ ପିଟିଲା ଅଜଣା ଗାଡି, ଡ୍ରାଇଭର ମୃତ

**ବଲାଙ୍ଗୀର ଅଫିସ, ୩।୯:** ବଲାଙ୍ଗୀର-ବରଗଡ ୨୬ ନମ୍ବର ଜାତୀୟ ରାଜପଥର ଦୁର୍ଗାପାଲି-ଶଙ୍କରଭୋଜି ନିକଟରେ ଟ୍ରକ୍ ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ବ୍ରାଜରାଜନଗରର ଅଖିଲେଶ ଯାଦବ। ରାୟଗଡା ଜିଲା ଟିକିରିରୁ କୋଇଲା ଅନ୍‌ଲୋଡ କରି ବ୍ରଜରାଜନଗର ଫେରୁଥିବା ଟ୍ରକ୍ (ଓଡି୨୩ ଏମ୍ ୯୯୪୧) ଶଙ୍କରଭୋଜି ନିକଟରେ ଯାଉଥିବାବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ଡ୍ରାଇଭର ଚାପି ହୋଇ ଟ୍ରକ୍ କ୍ୟାବିନ୍ ଭିତରେ ରହିଯାଇଥିଲେ। ଖବର ପାଇ ଲୋଇସିଂହା ଓ ବଲାଙ୍ଗୀର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଚାପି ହୋଇଥିବା ଡ୍ରାଇଭରଙ୍କୁ ଟ୍ରକ୍ କ୍ୟାବିନ୍‌ରୁ ବାହାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପରିବାର ଲୋକଙ୍କ ଉପସ୍ଥିତିରେ ଡ୍ରାଇଭରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ପୁଇଁତଲା ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଏକତା ବଜାୟ ରଖ, ଆଗକୁ ବଢ଼

**ଦେଓଗାଁ, ୩।୯(ଡି.ଏନ.ଏ)**



ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ।

**ଡକୁଆପଡାରେ ନୂଆଁଖାଇ ଭେଟ୍‌ଘାଟ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଡକୁଆପଡାରେ ଶନିବାର ଡକୁଆ ଯୁବକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଏକତା ବଜାୟ ରଖି ସମାଜସେବାରେ ବ୍ରତୀ ହେବାପାଇଁ ଆହ୍ୱାନ ଦେଇଥିଲେ। ଦେଓଗାଁକୁ ବିଜ୍ଞାପିତ ଅଞ୍ଚଳର ମାନ୍ୟତା, ଜେଏମଏଫସି କୋର୍ଟ ସ୍ଥାପନ, ସବଟ୍ରେଜେରୀ ସ୍ଥାପନ ଦିଗରେ ଚେଷ୍ଟା କରାଯିବ । ଏଥିସହ ସ୍ଥାନୀୟ ସିଏଚ୍‌ସିରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଏହି ଅବସରରେ ବିଧାୟକ ମିଶ୍ର କହିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ରାମଦତ୍ତ ଭୋଇ, ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ବ୍ଲକ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଜିଲା କଂଗ୍ରେସ ସମ୍ପାଦକ ବିଶ୍ୱଜିତ ପାତ୍ର, ଜରାସିଂହା ସମିତି ସଭ୍ୟ ଅମିତ କୁମାର ତ୍ରିପାଠୀ, ସାମାଜିକ କର୍ମୀ ଶଙ୍କର ପ୍ରସାଦ ଅଗ୍ରୱାଲ, ନୀଳକଣ୍ଠ ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଶରତ କୁମାର ପୁଟେଲ, ରାମଚନ୍ଦ୍ର ଶତପଥୀଙ୍କ ସମେତ ଡକୁଆପଡାର ବୟୋଜ୍ୟେଷ୍ଠ ୨୧ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଯଶୋବନ୍ତ ସାଗର ଓ ସାଥୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନରେନ୍ଦ୍ର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଭାପତି ଏମ. ଈଶ୍ୱର, ସମ୍ପାଦକ ନେହେରୁ ଦୀପ, କୋଷାଧ୍ୟକ୍ଷ ନିଳେଶ ଦୀପ, ସିନୁ ଦୀପ, ନେତ୍ରାନନ୍ଦ ଦୀପ, ଗଙ୍ଗା ସାଗର ଦୀପ ତଥା ଡକୁଆ ଯୁବକ ସଂଘ ସଦସ୍ୟ ସହଯୋଗ କରିଥିଲେ।

# ନୂଆଁଖାଇ ଭେଟ୍‌ଘାଟ୍‌ରେ ଏକାଠି ହେଲେ ଗ୍ରାମବାସୀ

**କୋକସରା,୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝୀଗୁଡା ଗ୍ରାମରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରମ୍ପାରିକ ଘୁମୁରା, ବନାବାଡି କଳାକାରମାନେ ଗ୍ରାମ ପରିକ୍ରମା କରିବା ସହ ଅତିଥିଙ୍କୁ ସ୍ୱାଗତ କରି ପାଛୋଟି ଆଣିଥିଲେ। ଧର୍ମଗଡ଼ ବିଧାୟକ ମୌଷଧି ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଇଚାରା ଓ ପରମ୍ପରାକୁ ଜାବୁଡି ଧରି ଏକତା ର ବାର୍ତ୍ତା ଦେଉଥିବା ନୂଆଖାଇ ପର୍ବ ଉପରେ ନିଜର ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଯୁଗଳ କିଶୋର ହଂସ, ବିଜେଡି ବ୍ଲକ ସମ୍ପାଦକ ପଞ୍ଚକ ପୋଢ଼, ଦୁର୍ଗା ପ୍ରସାଦ ନାଏକ, ଧବଳେଶ୍ୱର ନାଗ, ଧନସିଂ ବାଗ, ତ୍ରିଲୋଚନ ବାଗ ମଞ୍ଚରେ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ନୂଆଖାଇର ଶୁଭେଚ୍ଛା ସହ ଜୁହାର ଭେଟ ଜଣାଇଥିଲେ। ନୂଆଖାଇ ଭେଟଘାଟ ଅବସରରେ ଘୁମୁରା ଓ ବନାବାଡି ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଚୈତନ୍ୟ ପାଣିଗ୍ରାହୀ, ମୁକ୍ତେଶର ପୁଞ୍ଜି, ଗୋକୁଳ ପୁଞ୍ଜି, ମଣିରାମ ପୋଢ଼ ପରିଚାଳନା କରିଥିଲେ।


ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

# ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

**ଗୋଲାମୁଣ୍ଡା,୩।୯(ଡି.ଏନ.ଏ.)**


ପଟ୍ଟା ପାଇବାରୁ ବଞ୍ଚିତ ଲୋକେ ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଦାବି**

ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଦାବିରେ ଧର୍ମଗଡ ଓ ଗୋଲାମୁଣ୍ଡା ବ୍ଲକର ଅନୁସୂଚିତ ଜାତି ଓ ପଛୁଆବର୍ଗର ଲୋକେ ଶନିବାର କେଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଦୀର୍ଘ ଦିନ ହେଲା ଧର୍ମଗଡ ବ୍ଲକ ଓ ଗୋଲାମୁଣ୍ଡା ବ୍ଲକର ପ୍ରାୟ ୨୪୭ ଜଣ ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଏହି ଲୋକମାନେ ଅନେକ ସମୟରେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଦାବି ପୂରଣ ହୋଇ ପାରିନାହିଁ। ଏହାର ପ୍ରତିବାଦରେ ଦୁଇ ଗୋଟି ବ୍ଲକର ଶତାଧିକ ଲୋକେ କେଗାଁ ବନାଞ୍ଚଳ ଅଧିକାରଙ୍କ କାର୍ଯ୍ୟାଳୟ ଦୀର୍ଘ ସମୟ ଧରି ଘେରାଉ କରିଥିଲେ। ଏହି ଅବସରରେ କେଗାଁ ବନାଞ୍ଚଳ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ଅନୁପସ୍ଥିତ ଥିବାରୁ ବନପାଳ ମଧୁକର ପଟେଲ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ୨୪୭ ଜଣ ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କେଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ରାଜରାସ୍ତା ଅବରୋଧ କରାଯିବ ବୋଲି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଘେରାଉ କାର୍ଯ୍ୟକ୍ରମରେ ନକଟିକାନି ପୂର୍ବତନ ସରପଞ୍ଚ ଜତିନ୍ଦ୍ର ସେନାପତି,ଡିଙ୍ଗର ସାଗର,ସୁନ୍ଦର ସାଗର,ରାହାସ ତାଣ୍ଡି,ଏଲିସା ବାଗ,ମନୋହର ତାଣ୍ଡି,କମଲ ପାନଙ୍କ ସମେତ ଜଙ୍ଗଲ ଜମି ପଟ୍ଟା ପାଇବାରୁ ବଞ୍ଚିତ ଥିବା ଲୋକେ ସାମିଲ ଥିଲେ।

# ଅହିଂସା ରଥକୁ ଭବ୍ୟ ସ୍ୱାଗତ

**ଗୋଲାମୁଣ୍ଡା,୩।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ଧାନ ମଣ୍ଡି ନିକଟରେ ଶନିବାର ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ପକ୍ଷରୁ ଅହିଂସା ରଥକୁ ସ୍ୱାଗତ କରାଯାଇଛି। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ପୁଟେଲ,ଉପ ଜିଲାପାଳ ପାୱାର ସଚିନ ପ୍ରକାଶ, ବିଡ଼ିଓ ଶ୍ରୀଧର ପଣ୍ଡା,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିଇଓ ନବ କିଶୋର ସାହୁ, ବିଭାଗୀୟ ଅଧିକାରୀ ପ୍ରଦୀପ କୁମାର ମହାପାତ୍ର,ସହକାରୀ ନିର୍ବାହୀ ଯନ୍ତ୍ରୀ ପର୍ଶୁରାମ ନାୟକ,ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତ, ବିପିଏମ ସୁଧାଂଶୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ୨ ଅହିଂସା ରଥକୁ ସ୍ୱାଗତ କରିଥିଲେ। ଏସ୍‌ଏଚ୍‌ଜି ମହିଳା, ପଞ୍ଚାୟତ ସମିତି ସଭ୍ୟ ଓ ସ୍ୱେଚ୍ଛାସେବୀ ରଥକୁ ସ୍ୱାଗତ କରିଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ପରେ ଦୁଇ ରଥ ବ୍ଲକ ଅଫିସକୁ ଯାଇଥିଲା। ବ୍ଲକ ଅଫିସରୁ ଗୋଟିଏ ରଥ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଗୋଲାମୁଣ୍ଡା, ମାନଝରି, ଉଦେଶୃଙ୍ଗ, ଲେଟେର, ମହାଲିଙ୍ଗ, ବୋର୍ଡି,କୁହୁରା ପଞ୍ଚାୟତ ଦେଇ ଭବାନୀପାଟଣା ବ୍ଲକ ବୋର୍ଡ ପଞ୍ଚାୟତକୁ ଯାଇଥିଲା। ଅନ୍ୟ ଏକ ରଥକୁ ବିଡ଼ିଓ ପଣ୍ଡାଙ୍କ ନେତୃତ୍ୱରେ ଖଳିଆକାନି, ବୃନ୍ଦାବହାଲ, ଖମାରହଲଦୀ ହୋଇ ଧର୍ମଗଡ଼ ବ୍ଲକକୁ ଯାଇଥିଲା। ଗୋଲାମୁଣ୍ଡାଠାରେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ କରିଥିଲେ। ଉକ୍ତ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର, ଏସ୍‌ଏସଚ୍‌ଜି ମହିଳା, ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଅହିଂସା ରଥର ଭିଡିଓ ବାର୍ତ୍ତା ଉପସ୍ଥାପିତ ହୋଇଥିଲା। ଉକ୍ତ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ଗୋଟିଏ ରଥ ଧର୍ମଗଡ଼ ଓ ଅନ୍ୟରଥ ଭବାନୀପାଟଣା ଅଭିମୁଖେ ଯାଇଥିଲା। ସ୍ୱାଧୀନତାର ସନ୍ଦେଶ ତଥା ମହାତ୍ମାଗାନ୍ଧୀଙ୍କ ସତ୍ୟ ଶାନ୍ତି ଓ ଅହିଂସା ମହାମନ୍ତ୍ରରେ ଉଦ୍‌ବୁଦ୍ଧ ଉଦ୍ଦେଶ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରାୟୋଜିତ ଅହିଂସା ରଥ ସମଗ୍ର ରାଜ୍ୟ ପରିକ୍ରମା କରୁଛି।

# ରୋଗୀ ଦେଖା କରିବା ପାଇଁ ଯାଉଥିବାବେଳେ ଲିଫ୍ଟରେ ଫସିଲେ ଏମ୍‌ପି

**ନୂଆପଡ଼ା ଅଫିସ,୩।୯**

ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରୋଗୀମାନଙ୍କ ଭଲମନ୍ଦ ବୁଝିବା ପାଇଁ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଲିଫ୍ଟ ଯୋଗେ ଯାଉଥିବା ବେଳେ ଲିଫ୍ଟରେ ଫସି ଯାଇଥିଲେ। ଦୀର୍ଘ ୯/୧୦ ମିନିଟ କାଳ ଫସି ରହିଥିଲେ। ଲିଫ୍ଟରୁ ବାହାରିଲା ପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସାଙ୍ଗରେ ଲିଫ୍ଟ ବାବଦରେ ଆଲୋଚନା କରିଥିଲେ। ଚିକିତ୍ସାଳୟରେ ଦୁଇ ପଟ ହୋଇ ମୋଟ ୮ଟି ଲିଫ୍ଟ ରହିଛି। ସେଥି ମଧ୍ୟରୁ ୪ଟି କାର୍ଯ୍ୟ କରୁଛି। ୪ଟି ଲିଫ୍ଟ ଖରାପ ହୋଇ ପଡ଼ିରହିଛି। ଯେଉଁ ଲିଫ୍ଟଗୁଡିକ କାର୍ଯ୍ୟକ୍ଷମ ରହିଛି। ସେହି ଲିଫ୍ଟଗୁଡିକ ମଧ୍ୟ ମଝିରେ ମଝିରେ ଲଟକିବାରେ ଲାଗେ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରକାଶ କରିଛନ୍ତି। ଏହାର ଶିଘ୍ର ସମାଧାନ କରାଯାଉ ବୋଲି ଏମ୍‌ପି ଦାବି କରିଥିଲେ। ସାତ ମହଲା ବିଶିଷ୍ଟ କୋଠାରେ ରୋଗୀ ସହଜରେ ଯାତାୟାତ କରିପାରିବେ ବୋଲି ଲିଫ୍ଟର ବ୍ୟବସ୍ଥା କରାଯାଇଛି। ହେଲେ ଲିଫ୍ଟ ଠିକ ଭାବରେ କାର୍ଯ୍ୟ କରୁ ନ ଥିବାରୁ ରୋଗୀ ଓ ସାଧାରଣ ମଣିଷ ଯାତାୟାତ କରିବାରେ ଅସୁବିଧା ହେଉଛି। ଦୀର୍ଘ ୪ ଦିନ ହେବ ଲିଫ୍ଟର ଏପରି ସମସ୍ୟା ଦେଖାଯାଇଛି ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି। ଏହାକୁ ଶୀଘ୍ର ମରାମତି କରିବା ପାଇଁ କଳାହାଣ୍ଡି ଏମ୍‌ପି ପଣ୍ଡାଙ୍କ ସମେତ ଗୋବର୍ଦ୍ଧନ ସୁନା, ଅଭିନନ୍ଦନ ପଣ୍ଡା, ମନିଜର ଆର୍ଯ୍ୟ, ଦୃଷ୍ଟି ମାଝି ପ୍ରମୁଖ ଦାବି କରିଛନ୍ତି।


ଲିଫ୍ଟରୁ ଫସି ବାହାରିଛନ୍ତି ଏମ୍‌ପି ବସନ୍ତ ପଣ୍ଡା।

# ହାଇକୋର୍ଟ ବିଚାରପତିଙ୍କୁ ଓକିଲ ସଂଘର ସମ୍ବର୍ଦ୍ଧନା

**ବଲାଙ୍ଗୀର ଅଫିସ, ୩।୯**



ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓଡିଶା ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ବାର୍‌ହଲ୍‌ଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ଶତପଥୀ ବଲାଙ୍ଗୀର ସିଭିଲ କୋର୍ଟରୁ ନିଜ ଓକିଲାତି ଜୀବନ ଆରମ୍ଭ କରିଥିଲେ। ତାଙ୍କ ବଲାଙ୍ଗୀର ଆଗମନ ଅବସରରେ ଜିଲା ଓକିଲ ସଂଘରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଶତପଥୀ ବଲାଙ୍ଗୀରରେ ନିଜର ଓକିଲାତି ଜୀବନର କିଛି ସ୍ମୃତ ମନେ ପକାଇଥିଲେ। ସଂଘ ସଭାପତି ଅମରେଶ ତ୍ରିପାଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବଲାଙ୍ଗୀର ଜିଲା ଦୌରା ଜଜ୍ ଲଲାଟେନ୍ଦୁ ଜେନା ମଞ୍ଚସୀନ ଥିଲେ। ବଲାଙ୍ଗୀର ସିଭିଲ କୋର୍ଟର ସମସ୍ତ ବିଚାରପତି ଯୋଗ ଦେଇଥିଲେ। ବରିଷ୍ଠ ଆଇନଜୀବୀ ପ୍ରହଲ୍ଲାଦ ଅଗ୍ରୱାଲ, ବୈଷ୍ଣବ ମିଶ୍ର, ପ୍ରମୋଦ ତ୍ରିପାଠୀ, ଅମରେନ୍ଦ୍ର ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଭବାନୀ ଶଙ୍କର ଶତପଥୀ ମାନପତ୍ର ପାଠ କରିଥିଲେ। ଓକିଲ ସଂଘ ସମ୍ପାଦକ ଅଧିକାରୀ ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲା ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣା, ଦୁଇ ଯୁବକ ମୃତ

**ବୋଡ଼େନ,୩।୯ (ଡି.ଏନ୍.ଏ.)**

ଶୁକ୍ରବାର ନୂଆଖାଇବାସୀ ପାଇଁ ସବୁଠି ଲୋକେ ଉତ୍ସବ ମୁଖର ଥିବାବେଳେ ସଡକ ଦୁର୍ଘଟଣାରେ ନୂଆପଡ଼ା ଜିଲା ବୋଡେନ ଥାନା ଅଁଳାଭଟା ଗ୍ରାମର ଦୁଇ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ, ଅଁଳାଭଟା ଗ୍ରାମର ଗୋପାଳ ଭୋଇଙ୍କ ପୁଅ କୁଙ୍କୁ ଭୋଇ (୨୨) ଓ ତୁଳସୀପଡାର ବୁଢୁ ଘିଭେଲାଙ୍କ ପୁଅ କ୍ଷୀରସିନ୍ଧୁ (୨୩) ବାଇକ୍‌ରେ କ୍ଷୀରସିନ୍ଧୁଙ୍କ ଶ୍ୱଶୁର ଘର ଖଇରଭାଡି ଯାଇଥିଲେ। ସେଠାରୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡରେ ଥିବା ଏକ ଗଛରେ ପିଟି ହୋଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବାଇକ୍ ଗଛରେ ଏତେ ଯୋରରେ ପିଟି ହୋଇଥିଲା ଯେ, ଘଟଣାସ୍ଥଳରେ କ୍ଷୀରସିନ୍ଧୁଙ୍କ ମୃତ୍ୟୁ ହୋଇଯାଇଥିଲା। କୁଙ୍କୁଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବୋଡେନ ପୋଲିସ ମୃତଦେହ ଜବତ୍ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କୁଙ୍କ ପରିବାରରେ ତାଙ୍କ ସ୍ତ୍ରୀ ସହ ୬ମାସର ଏକ ଶିଶୁ କନ୍ୟାଥିବା ବେଳେ କ୍ଷୀରସିନ୍ଧୁଙ୍କ ପରିବାରରେ ତାଙ୍କ ସ୍ତ୍ରୀ ସହ ୭ମାସର ଏକ ଶିଶୁ ପୁତ୍ର ଥିବା ଜଣାପଡିଛି।

# ଏମ୍‌ପିଙ୍କୁ ଭେଟିଲେ ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ


ଗ୍ରାମ୍ୟ ଉନ୍ନୟନ କମିଟି ସଦସ୍ୟ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କୁ ସାକ୍ଷାତ କରୁଛନ୍ତି ।

**ଦେଓଗାଁ, ୩।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଞ୍ଚଳର କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ନେଇ ଶନିବାର ଗ୍ରାମ୍ୟ ଉନ୍ନୟନ କମିଟି ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କୁ ପୃଥକଭାବେ ସାକ୍ଷାତ୍ କରିଛି। କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ନେତୃତ୍ୱରେ ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ବିଶ୍ୱଜିତ ପାତ୍ର, କୋଷାଧ୍ୟକ୍ଷ ସଞ୍ଜୟ କୁମାର ହୋତା, ସୁବଳ ରଣା, ଜ୍ୟୋତି ବିକାଶ ବାରିକ, କୁନା ସାହୁ, କାର୍ତ୍ତିକ ମଲ୍ଲିକ, ବେଦବର ସାହୁ ଏମ୍‌ପି ସିଂଦେଓଙ୍କୁ ତାଙ୍କ ପାଟଣାଗଡସ୍ଥିତ ବାସଭବନରେ ଭେଟିଥିଲେ। ଦେଓଗାଁ ରୋଡରେ ଇସ୍ପାତ ଓ ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ରହଣି ଦିଗରେ ବ୍ୟବସ୍ଥା କରିବା ପାଇଁ ସେମାନେ ଦାବି କରିଥିଲେ। ଅନୁରୂପଭାବେ ପ୍ରତିନିଧି ଦଳ ରାଜ୍ୟ ସଭା ସଦସ୍ୟ ବିଶିଙ୍କୁ ଭେଟି ଦେଓଗାଁରେ ଜେଏମଏଫସି କୋର୍ଟ, ସବଟ୍ରେଜେରୀ କାର୍ଯ୍ୟାଳୟ ଖୋଲିବା ପାଇଁ ମଧ୍ୟ ଦାବି କରିଥିଲେ।

# ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ୨୦ଫୁଟ ଘାଇ

**ଭବାନୀପାଟଣା/ଧର୍ମଗଡ଼,୩।୯ (ସ୍ୱ.ପ୍ର./ଡି.ଏନ.ଏ.)**


ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ହୋଇଥିବା ଘାଇ।

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲର ବଗାଡ ନିକଟରେ ଶନିବାର ସନ୍ଧ୍ୟାରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ନିକଟରେ ଥିବା ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ ପାଣି ମାଡ଼ି ଯାଇଛି।

ଧର୍ମଗଡ ବ୍ଲକ ଅଧୀନ ବଗାଡ ଗ୍ରାମର ଚାଷୀ ବସନ୍ତ ବେହେରାଙ୍କ ୧୫ ଏକର, ଆଶିଷ ବେହେରାଙ୍କ ୧୫ ଏକର, ଆଶୁତୋଷ ବେହେରାଙ୍କ ୧୦ ଏକର, ନନ୍ଦୀ ରଣାଙ୍କ ୫ ଏକର, ବୈକୁଣ୍ଠ ରଣାଙ୍କ ୫ଏକର, ଋଷି ରଣାଙ୍କ ୪ ଏକର, ଯୋଗେନ୍ଦ୍ର ସାହୁଙ୍କ ୨ ଏକର ସମେତ ଅନ୍ୟ କେତେକ ଚାଷୀଙ୍କ ଜମିରେ ପାଣି ମାଡ଼ି ଯାଇଛି। ପ୍ରାୟ ଦଶ ପନ୍ଦର ଦିନ ହେବ ଚାଷୀମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଏହି ଜମିରେ ଧାନତଳି ରୋଇଥିଲେ। ଏବେ ପାଣିରେ ସବୁ ଧୋଇ ହୋଇଯିବାରୁ ଚାଷୀମୁଣ୍ଡରେ ଚଡ଼କ ପଡିଛି। ପ୍ରକାଶଯୋଗ୍ୟ ଯେ, ଏହା ପୂର୍ବରୁ ମଧ୍ୟ ଏହିଠାରେ ଥରେ ଘାଇ ହୋଇ ଫସଲ ନଷ୍ଟ ହୋଇଥିଲା। ସେ ସମୟରେ ଏଠାରେ ଗୋଟିଏ ପାର୍ଶ୍ୱରେ ଛୋଟ ଗାର୍ଡୱାଲ ନିର୍ମାଣ କରି ବିଭାଗ ଦାୟିତ୍ୱ ସାରି ଦେଇଥିଲା। କେନାଲରେ ଲାଇନିଂ କାମ ସହ ଅପରପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଥିଲେ ହେଁ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଘାଇ ମରାମତି ସହ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର,ରବିବାର, ୪ ସେପ୍ଟେମ୍ବର, ୨୦୨୨

## ହଳଦିପାଲିରେ ନୂଆଁଖାଇ ଭେଟ୍‌ଘାଟ୍

ବରପାଲି,(ଡି.ଏନ.ଏ.): ବରପାଲି ବ୍ଲକ ବାରଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ହଳଦିପାଲି ଗ୍ରାମର ଜୟ ଭାରତ କ୍ଲବ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରପାଲି ବ୍ଲକ ଅଧକ୍ଷା ରୀନା ଥଇତ, ଯୁବନେତା ଶଶଧର ସାହୁ, ଜିଲା ପରିଷଦ ସଭ୍ୟ ଅନନ୍ତ ସେଠ, ସମିତିସଭ୍ୟ ସୁଶୀଲ ନାଗ ଓ ସରପଞ୍ଚ ପ୍ରତିନିଧି ଶିବ ଛତର ପ୍ରମୁଖ ମଞ୍ଚାସୀନ କରିଥିଲେ। ସଞ୍ଜୁ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜୟଲାଲ କୁମାର ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



### ସଂକ୍ଷେପରେ

## ନାବାଳକଙ୍କୁ ହତ୍ୟା, ଅଭିଯୁକ୍ତ ଗିରଫ

ଅମ୍ବାଭୋନା,୩୧।୯(ଡି.ଏନ.ଏ): ବରଗଡ଼ ଜିଲା ଅମ୍ବାଭୋନା ଥାନା ନୂଆଁ ଭୁତୁଲି (ଚକ୍ରାମାଲ) ଗ୍ରାମରେ ଗଣେଶ ପୂଜା ଦିନ ମଣ୍ଡପକୁ ଜୋତା ମାଡ଼ିଯିବାକୁ କେନ୍ଦ୍ର କରି



ସଂଘଟିତ ମରଣାନ୍ତକ ଆକ୍ରମଣରେ ଆହତ ଚଏତୁ ମାଝୀ(୧୫)ଙ୍କ ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଛି। ଶନିବାର ବୁର୍ଲାରେ ବ୍ୟବଚ୍ଛେଦ ପରେ ମୃତଦେହ ଘରକୁ ଫେରିଛି। ଅନ୍ୟପଟେ ପୋଲିସ ଏହି ଘଟଣାର ଅଭିଯୁକ୍ତ ନୂଆ ରେଙ୍ଗାଲି ଗ୍ରାମର ସଂକୀର୍ତ୍ତନ ଓରଫ୍ ଡୋଲାମଣି ପାଣ୍ଡେଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଥାନାରେ ଦଫା ୩୦୨ କ୍ରମେ ଏକ ମାମଲା (ନଂ.୧୬୧/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୩୧ତାରିଖ ଗଣେଶ ପୂଜା ଦିନ ନୂଆଁ ଭୁତୁଲି ଗ୍ରାମ ମଣ୍ଡପରେ ପୂଜାର୍ଚ୍ଚନା ଚାଲିଥିଲା। ରାତି ୮ଟା ସମୟରେ ସେହି ମଣ୍ଡପକୁ ସଂକୀର୍ତ୍ତନ ଜୋତା ପିନ୍ଧି ଆସିଥିଲେ। ଏହାକୁ ନେଇ ଚଏତୁ ଓ ସଂକୀର୍ତ୍ତନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସଂକୀର୍ତ୍ତନ ଚଏତୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ପ୍ରଥମେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ଶୁକ୍ରବାର ତାଙ୍କୁ ଭିମସାର୍ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବୁଧାପାଲିରେ ଗଣେଶ ପୂଜା, ନୂଆଁଖାଇ ଭେଟ୍‌ଘାଟ୍

ପଦ୍ମପୁର,୩୧।୯(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ବୁଧାପାଲି ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ପ୍ରଗତି କ୍ଲବ, ନେହେରୁ କ୍ଲବ, ନେତାଜୀ କ୍ଲବ, ଅହିଂସା କ୍ଲବଠାରେ ଗଣେଶ ପୂଜା ଓ ନୂଆଁଖାଇ ଭେଟ୍‌ଘାଟ୍ ପାଳନ କରାଯାଇଛି। ଏହି ଅବସରରେ ମାଲିପଡା ମହିଳା କୀର୍ତ୍ତନ, କଳଙ୍ଗା ପଡ଼ା ମହିଳା କୀର୍ତ୍ତନ, ସମ୍ପ୍ରଦା, କଳଙ୍ଗି ପାର୍ଟି, ଘଣ୍ଟ ପାର୍ଟି, ଭଜନ ପାର୍ଟି ମଧ୍ୟରେ ନୂଆଁଖାଇ ଭେଟ୍‌ଘାଟର ଆଦାନ ପ୍ରଦାନ କରାଯାଇଥିଲା। ପ୍ରଗତି କ୍ଲବର ଉପଦେଷ୍ଟା ବିବେକାନନ୍ଦ ତୁରିଆ, ସଭାପତି ସୁଶାନ୍ତ ମହାପାତ୍ର, ସମ୍ପାଦକ ବୁଲୁ କିଶୋର ଭୋଇ, ବିଜୟା ତୁରିଆଙ୍କ ଉଦ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ନେଇ ମନ ଜ୍ଞାନ ବିକାଶ ଓ ଖେଳ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୀପ ସାହୁ ମୁଖ୍ୟ ଅତିଥି, ହୁତାଶନ ସାହୁ, ପୂର୍ବତନ ଶିକ୍ଷକ ମୋତିରାମ ପଟେଲ, ସରପଞ୍ଚ ଚୈତନ୍ୟ ଲୁହର ଓ ଅହିଂସା କ୍ଲବ ସଭାପତି ଲୋକନାଥ ପଟେଲ, ନେହେରୁ କ୍ଲବ ସଭାପତି ଟୁନୁ ତୁମୁନିଆ, ନେତାଜୀ କ୍ଲବ ସଭାପତି ଟିକେଶ୍ୱର ବାଗ, ମା ବୀଣା ପାଣି ନାଟ୍ୟ ସଂସଦ ମ୍ୟାନେଜର ବିନୋଦ କୁସୁନ୍ଧି ଭାବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୁଧାଂଶୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## କାସଲପୁର ମାର୍କେଟ ୟାର୍ଡରୁ ସିସିଟିଭି ଚୋରି

ବୌଦ୍ଧ,୩୧।୯(ସ୍ୱ.ପ୍ର.): ଚୋର ଧରିବା ପାଇଁ ଲଗାଯାଇଥିବା ସିସି ଟିଭିକୁ ଚୋର ଚୋରି କରି ନେଇଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ବୌଦ୍ଧ ଥାନା ଅନ୍ତର୍ଗତ ତେଲିବନ୍ଧ ପଞ୍ଚାୟତର କାସଲପୁରଠାରେ ଥିବା କାସଲପୁର ମାର୍କେଟ ୟାର୍ଡରେ ଜିଲା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଏଠାରେ ଥିବା କୃଷି ଯନ୍ତ୍ରପାତିର ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ୪ ଗୋଟି ସିସି କ୍ୟାମେରା ଲଗାଯାଇଥିଲା। ସିସି କ୍ୟାମେରା ସହିତ ଉକ୍ତ ମାର୍କେଟ ୟାର୍ଡରେ ଦୁଇ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ଏହା ସତ୍ତ୍ୱେ ଗତ ୩୧ ତାରିଖରେ ଲଗାଯାଇଥିବା ୪ ଗୋଟି କ୍ୟାମେରାକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ଏନେଇ ଶୁକ୍ରବାର ଦିନ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟିର ସଂପାଦକ ସଞ୍ଜୟ କୁମାର ପଟ୍ଟନାୟକ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।ଅଭିଯୋଗ ପରେ ଥାନାରେ ନମ୍ବର ୨୩୬/୨୨ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

# ନୂଆଁଖାଇରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଅମ୍ବାଭୋନା,୩୧।୯(ଡି.ଏନ.ଏ)



ଲୁଦୁପାଲିରେ ଅନୁଷ୍ଠିତ ନୂଆଖାଇ ଭେଟ୍‌ଘାଟ୍‌ରେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଲୁଦୁପାଲି ଗ୍ରାମରେ ଦୀର୍ଘ ୬୦ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଷଷ୍ଠୀ ଓଷା ବ୍ରତ ଏବଂ ନୂଆଖାଇ ଭେଟ୍‌ଘାଟ୍ ସମ୍ପନ୍ନ ହୋଇଛି। ଗ୍ରାମ ତଥା ଆଖପାଖ ଅଞ୍ଚଳର ମହିଳାମାନେ ବ୍ରତ, ଉପବାସ ରହି ଇଷ୍ଟଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ପରେ ୬୦ ପ୍ରକାର ଫଳ ଓ ଫୁଲ ଅର୍ପଣ କରି ଝିଅପୁଅଙ୍କ ଦୀର୍ଘାୟୁ କାମନା କରିଥିଲେ। ବହୁସଂଖ୍ୟକ ମହିଳା ଉପସ୍ଥିତ ରହି ଷଷ୍ଠୀ ଅନ୍ଧିହାରୀ ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପଣ୍ଡିତ ଗୌର ପଣ୍ଡା, ସୀତାରାମ ରଥ, ଜଏମିନୀ ରଥ ଷଷ୍ଠୀ ଅନ୍ଧିହାରୀ ଦେବୀଙ୍କୁ ଆବାହନ କରି ପୂଜା ସହିତ ମନ୍ତ୍ରପାଠ କରିଥିଲେ।

ଏହି ଅବସରରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୂଆଖାଇ ଭେଟ୍ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ସଙ୍ଗୀତ ପରିବେଷଣ, ନୃତ୍ୟ ପ୍ରତିଯୋଗିତା, ସମ୍ବଲପୁରୀ ଡ୍ରାମା ବତର୍‌କିରି ପରିବେଷିତ ହୋଇଥିଲା। ଲୁଦୁପାଲି ଉତ୍କଳମଣି ଗୋପବନ୍ଧୁ ଯୁବକ ସଂଘର ସଦସ୍ୟମାନେ ଏହି ନାଟିକା ପରିବେଷଣ କରିଥିଲେ। ବୀର ବଜରଙ୍ଗବଲୀ କଳା ପରିଷଦ ତରଫରୁ ବତରକିରି ଡ୍ରାମ ଆୟୋଜିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଡା. ଟେମରାମ ଦେହେରୀ, ଆଡ଼ଭୋକେଟ୍ ଶରତ କୁମାର ପ୍ରଧାନ, ପଣ୍ଡିତ ହିମାଂଶୁ ରଥ, ଗଜେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗୀତ, ନୃତ୍ୟ ପ୍ରତିଯୋଗିତାରେ ଅମୂଲ୍ୟ ସେଠ, କେଦାର ନାଏକ, ରୋହିତ ଭୁଏ, ଧନେଶ୍ୱର ଦୁଆନ ବିଚାରକ ଥିଲେ। ମୁନ୍ନା ଦାଶ ସଙ୍ଗୀତ ପରିବେଷଣ କରିଥିଲେ। ବିଦ୍ୟାଧର ପଶାୟତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିଭୂଷଣ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଜମୁର୍ଡ଼ାରେ ନୂଆଁଖାଇ ଭେଟ୍



ଜମୁର୍ଡ଼ାରେ ଅନୁଷ୍ଠିତ ନୂଆଖାଇ ଭେଟ୍।

ବରଗଡ଼ ଅଫିସ୍,୩୧।୯

ବରଗଡ଼ ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ଗ୍ରାମରେ ସ୍ଥାନୀୟ କୁଟୁମ୍ ଅନୁଷ୍ଠାନ ଆନୁକୂଲ୍ୟରେ ନୂଆଖାଇ ଭେଟ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି, ଅଶୋକ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୁରୁଷୋତ୍ତମ ଛୁରିଆ ସ୍ୱାଗତ ଭାଷଣ ସହିତ ପରିଚୟ ପ୍ରଦାନ କରିଥିଲେ। କମିଟିର ସଭାପତି ଅମିତ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡିଲେଶ୍ୱର ଭୁଏ, ନାରାୟଣ ବାଗ କାର୍ଯ୍ୟକ୍ରମ ପରିଚାଳନା ଓ କମିଟି ସମ୍ପାଦକ ଧରଣୀଧର ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଦସ୍ୟ ପ୍ରେମା ଭୁଏ, ରଞ୍ଜନ ବାରିକ, ଅକ୍ରୁର ପ୍ରଧାନ, ଦୁଃଖିଶ୍ୟାମ ଦାଶ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ନଟରାଜ କଳା ପରିଷଦ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଠକେଇ ଘଟଣାରେ ୩ ଗିରଫ

ପାଇକମାଲ, ୩୧।୯(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ଥାନା ଅଧୀନ ଜାମସେଠ, ଖରାମାଲ ଓ ଭରୁଆମୁଣ୍ଡା ଗ୍ରାମର ମହିଳାମାନଙ୍କ ଆକାଉଣ୍ଟରୁ ଅଭିନବ ଉପାୟରେ ୫୪ଲକ୍ଷ ଟଙ୍କା ଠକେଇ ଘଟଣାରେ ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଞ୍ଚନ ଭୋଇ, ତାଙ୍କ ସ୍ୱାମୀ ପ୍ରଭାକର ଭୋଇ ଏବଂ ସାନ ପୁଅ ମନୋଜ ଭୋଇ। ସେମାନଙ୍କଠାରୁ ଏକ ଫିଙ୍ଗର ପ୍ରିଣ୍ଟ ମେଶିନ, ଦୁଇଟି ମୋବାଇଲ, ଦୁଇଟି ଟ୍ରାକ୍ଟର, ଏକ ବାଇକ୍, ୫୮ଟି ବ୍ୟାଙ୍କ ପାସ୍‌ବୁକ୍, ସୁନା ଏବଂ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି ବୋଲି ପାଇକମାଳ ଥାନାଧିକାରୀ ବିଶ୍ୱଜିତ ମନବୋଧ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁସାରେ, ପାଇକମାଳ ବ୍ଲକ ବୋଇତପାଲି ଅଞ୍ଚଳର କାଞ୍ଚନ ଭୋଇ, ସ୍ୱାମୀ ପ୍ରଭାକର ଭୋଇ ଓ ସାନ ପୁଅ ମନୋଜ ଭୋଇ ଗତ ୧୫ବର୍ଷ ହେଲା ଜାମସେଠ ଗାଁରେ ଭଡା ଘର ନେଇ ରହିଆସୁଥିଲେ। ଗତ କୋଭିଡ୍ ସମୟରେ ମନୋଜ ଗାଁରେ ଗୋଟିଏ ବ୍ୟାଙ୍କର ଗ୍ରାହକ ସେବାକେନ୍ଦ୍ର ଖୋଲିଥିଲେ। କାଞ୍ଚନ ଜାମସେଠ, ଖରାମାଲ ଓ ଭରୁଆମୁଣ୍ଡା ଆଦି ଗ୍ରାମର ମହିଳାମାନଙ୍କଠାରୁ କାଗଜପତ୍ର ନେଇ ବିଭିନ୍ନ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ସେମାନଙ୍କ ନାମରେ ଋଣ କରାଇଥିଲେ। ପରେ ଜାଲ୍ ଦସ୍ତଖତ ଓ ଅଙ୍ଗୁଳି ସ୍କାନ୍ କରି ମହିଳାମାନଙ୍କ ଆକାଉଣ୍ଟରୁ ପ୍ରାୟ ୫୪ ଲକ୍ଷ ଟଙ୍କା ଉଠାଇ ଘର ତିଆରି କରିବା ସହ ସୁନା ଓ ଟ୍ରାକ୍ଟର କିଣିଥିଲେ। ଋଣ ଟଙ୍କା ପରିଶୋଧ ନ କରିବାରୁ ମାଇକ୍ରୋ ଫାଇନାନ୍ସ କମ୍ପାନୀ ମହିଳାମାନଙ୍କୁ ଟଙ୍କା ମାଗିବା ପରେ ଘଟଣା ପଦାକୁ ଆସିଥିଲା। ଏହି ଖବର ପାଇ ଅଭିଯୁକ୍ତମାନେ ଜାମସେଠ ଗ୍ରାମରୁ ଫେରାର ହୋଇଯିବା ପରେ ଗତ ଅଗଷ୍ଟ ୨୫ରେ ଉକ୍ତ ମହିଳାମାନେ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୮୯/୨୨) ରୁଜୁ କରି ତଦନ୍ତ କରିଥିଲା ଏବଂ ପୁରୀ ଜିଲା ପିପିଲିରୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ୩୫ ପରିବାର ଏକାଠି ନୂଆଁ ଖାଇଲେ

ବିନିକା,୩୧।୯(ଡି.ଏନ.ଏ.)



ଡ଼ଭଲାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ସୁବର୍ଣ୍ଣପୁର ଜିଲା ବିନିକା ସହର ୧ନଂ ୱାର୍ଡ ଡଭଲା ଜନ କଲ୍ୟାଣ ସଂଘ ପକ୍ଷରୁ ୩୫ ଦଳିତ ପରିବାରର ୨୦୦ଜଣ ଏକାଠି ନୂଆଁଖାଇ ପାଳନ କରିଛନ୍ତି। ଏହି ଅବସରରେ ସଂଘ ସଭାପତି କେଦାର ନାଥ ତାଣ୍ଡିଙ୍କ ସଭାପତିତ୍ୱ ଓ ଭବାନୀ ଶଙ୍କର ଜଗଦଲାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମହୋଇଥିଲା। ମୁଖ୍ୟଅତିଥିଭାବେ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇ, ସମ୍ମାନିତ ଅତିଥି କାଉନସିଲର କଳ୍ପନା ଦୀପ, ଯୁବ ସଂଗଠକ ସନ୍ତୋଷ ସାହୁ ଓ ଦୀନବନ୍ଧୁ ମେହେର ଯୋଗ ଦେଇଥିଲେ। ସଭାରେ ଅବସରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ନାଏକ ଓ ତାଙ୍କ ଧର୍ମପତ୍ନୀ ବୈଦେହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ +୩ ପରୀକ୍ଷାରେ ୮୦ପ୍ରତିଶତରୁ ଅଧିକ ମାର୍କ ରଖିଥିବା କୁମାରୀ ଜୟନ୍ତୀ ସୁନା, ପ୍ରୀତି ନାଗ, ପ୍ରତିଭା ସୁନା, ୭୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ହେମାସାଗର ସୁନା, ଅଭିଷେକ ହରିପାଲ, ସୁଜିତ ଜଗଦଲା ଏବଂ ବିନିକା ଉଚ୍ଚ ବିଦ୍ୟାଳୟରେ ନୂତନ କରି ଯୋଗଦାନ କରିଥିବା ଶିକ୍ଷୟିତ୍ରୀ ସିମନ୍ତନି ନାଏକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରକାଶ ନାଏକ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ହରିବନ୍ଧୁ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଦୁଲକିଲା ବୁଢ଼ାସମର ନୂଆଁଖାଇ ତିହାର

ପଦ୍ମପୁର, ୩୧।୯(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ରିକ୍ରେଶନ ସେଣ୍ଟରଠାରେ ପଦ୍ମପୁରର ଏବିସିଡି ଅନୁଷ୍ଠାନର ସଭାପତି ଅନିଲ ବେହେରାଙ୍କ ଅଧକ୍ଷତାରେ ନୂଆଁଖାଇ ଭେଟ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଝାଙ୍କର ଗଣେଶ ଓ ମା' ଅଧିଷ୍ଠାତ୍ରୀ ଦେବୀ ସମଲେଇଙ୍କୁ ନବାନ୍ନ ଲଗାଇଥିଲେ। ସମ୍ପାଦକ ରଘୁନାଥ ପୁରୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧାପକ ଯୁବରାଜ ସା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ନୂଆଁଖାଇ ତିହାରର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ନୂଆପଡା ଡେପୁଟି କଲେକ୍ଟର ମହେନ୍ଦ୍ର ବଢେଇ, ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁ ପ୍ରମୁଖ ନୂଆଁଖାଇ ଜୁହାର ଭେଟ୍‌ଘାଟ୍‌ର ବାର୍ତ୍ତା ରଖିଥିଲେ। ଏହି ଅବସରରେ ରଙ୍ଗୋଲି ଓ ଝୋଟି କାର୍ଯ୍ୟକ୍ରମର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଭୁବନେଶ୍ୱର ମେହେରଙ୍କୁ ଶ୍ରେଷ୍ଠ କୃଷକ ପୁରସ୍କାର ଓ ମୃଣ୍ମୟ ଶିଳ୍ପୀ ଅର୍ଜୁନ ଗିଙ୍ଗରାଙ୍କୁ ଶ୍ରେଷ୍ଠ ଶିଳ୍ପୀ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ନଗରପାଳ ପ୍ରିତମ ମେହେର ସହଯୋଗ କରିଥିଲେ। ଉଦଘୋଷକ ଅଞ୍ଜନ ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଅଧାପକ କେଶ ରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭ୍ୟ ସମ୍ପଦ ସାହୁ, ସୁରେଶ ମିଶ୍ର, ସହଦେବ ମେହେର, ସୁମନ୍ତ ସାହୁ, ଶାନ୍ତ ସଂଗ୍ରାମ ଭୋଇ, ସୁନୀଲ ଭୋଇ, ସରୋଜ ଦାନୀ, ଅମୀୟ ପୁରୋହିତ, ବିପିନ ବାଗ, ରବୀନ୍ଦ୍ର ମୋହନ ଦାସ ସହଯୋଗ କରିଥିଲେ। ଇନ୍ଦ୍ରମଣି ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ୭୦ ପରିବାର ଏକାଠି ନୂଆଁ ଖାଇଲେ

ବରଗଡ଼ ଅଫିସ,୩୧।୯

ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପ ନିକଟ ବରାହମୁଣ୍ଡା ସ୍କୁଲପଡ଼ାରେ ପ୍ରାୟ ୭୦ ପରିବାର ଏକତ୍ର ହୋଇ ନୂଆଁଖାଇ ପାଳନ କରିଥିଲେ। ପଡ଼ାର ଆବାଳବୃଦ୍ଧବନିତା ଭାଇଚାରାର ସମ୍ପର୍କରେ ଯୋଡ଼ି ହୋଇ ଏକତ୍ର ନୂଆଁଖାଇ ପର୍ବ ପାଳନ କରିଛନ୍ତି । ଗ୍ରାମର ଝାଙ୍କର ଶିବ ମନ୍ଦିର, ମାଁ ନନ୍ଦେଇ, ମାଁ କରମସାନୀ ମନ୍ଦିରରେ ନୂଆଁ ଧାନ ଭୋଗ ଲଗାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ରମେଶ ନାଗ, ଅନିରୁଦ୍ଧ କନ୍ହେଇ, ନିରୋଜ ଶିଖା, ଦୀନବନ୍ଧୁ ସୁନା, ମନୋହର ନାଗ, ହେମସାଗର ସୁନା, ରାଜେନ୍ଦ୍ର ଦୀପ, ଶଙ୍କର ନାଗ, ଲୁଦାମ ସୁନା, ଡାକ୍ତର ମହାନନ୍ଦ, ଗୁଣସାଗର ମହାନନ୍ଦଙ୍କ ଉଦ୍ୟମରେ ସମସ୍ତେ ଏକାଠି ନୂଆଁ ଖାଇଥିଲେ।



ସ୍କୁଲପଡାରେ ସମସ୍ତେ ଏକାଠି ନୂଆଁ ଖାଉଛନ୍ତି।

## ବିଦ୍ୟାଳୟରେ ଅନୁପସ୍ଥିତ ରହିବାରୁ ୬ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ବୌଦ୍ଧ,୩୧।୯(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ ଶିକ୍ଷା ବ୍ୟବସ୍ଥା ଏକରକମ ଭୁଶୁଡି ପଡିଛି। ଜିଲାରେ ଜାଲ ସାର୍ଟିଫିକେଟ ଦେଇ ବହୁ ଶିକ୍ଷକ ଚାକିରି କରୁଥିବା ଅଭିଯୋଗ ହୋଇଆସୁଛି। ଶିକ୍ଷା ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ କେତେଜଣ ଶିକ୍ଷକଙ୍କ ନାମରେ ଥାନାରେ ମାମଲା ରୁଜୁ ହେବା ସହ କେତେଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅନେକ ସ୍କୁଲରେ ଶିକ୍ଷକମାନେ ଅନୁପସ୍ଥିତ ରହିଥିବାରୁ ସେମାନଙ୍କ ଦରମା ମଧ ବନ୍ଦ କରାଯାଇଥିବା ଜଣାପଡିଛି। ଶନିବାର ୬ ଜଣ ଶିକ୍ଷକଙ୍କୁ କରାଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଜଣାପଡିଛି। ମିଳିଥିବା ତଥ୍ୟ ଅନୁଯାୟୀ ଶନିବାର ସକାଳୁଆ ବିଦ୍ୟାଳୟ ଥିଲା। କିନ୍ତୁ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ମର୍ଯ୍ୟାକୁଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସକାଳ ୭ ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲି ନଥିଲା। ବୌଦ୍ଧ ବିଇଓ ଧ୍ରୁବ ଚରଣ ଘିବେଲା ଅଚାନକ ଉକ୍ତ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ୬ ଜଣ ଅନୁପସ୍ଥିତ ରହିଥିଲେ। ଅନୁପସ୍ଥିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ସେମାନଙ୍କର ଗୋଟିଏ ଦିନର ଦରମା ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଇଓ ଘିବେଲା ଉକ୍ତ ବିଦ୍ୟାଳୟ ସହିତ ସେଠାରେ ଥିବା ପିତାବଳି ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ସମୟରେ ସହଗୋଷ୍ଠୀ ଶିକ୍ଷାଧିକାରୀ ଅଖିଳ ପ୍ରଧାନ ଉପସ୍ଥିତ ଥିଲେ।

## ଫୁଟବଲ ଟୁର୍ନାମେଣ୍ଟ: ଫାଇନାଲରେ କମସରା



ଅନୁଷ୍ଠିତ ଫୁଟ୍‌ବଲ ମ୍ୟାଚ୍‌ର ଏକ ଦୃଶ୍ୟ।

ବିନିକା,୩୧।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବିଶାଳପାଲି ପଡିଆରେ ଦ୍ୱିବସୀୟ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ସମାରୋହରେ ସ୍ଥାନୀୟ ସରପଞ୍ଚ କଳାକାହ୍ନୁ ସୁନା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ରାମଗୋପାଳ ବାଘ, ଗୋପୀନାଥ ଛତ୍ର ଯୋଗଦେଇଥିଲେ। ପ୍ରଥମ ଦିନରେ ଟିପିଲିମା, ମରାହାପାଲି, ଲଡୁରପେଟ, ରୟାଲ ଷ୍ଟାର, କମସରା, ନୂଆବାଟିମୁଣ୍ଡା, ଲଚ୍ଛିଦା ଓ ସୋନପୁର ଆଦି ୮ଟି ଦଳ ମ୍ୟାଚ୍ ଖେଳିଥିଲେ। ସମଲେଶ୍ୱରୀ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ମରାହାପାଲି ଓ ଟିପିଲିମା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦଳଭାବେ ନୂଆ ବାଟିମୁଣ୍ଡାକୁ ହରାଇ କମସରା ଫାଇନାଲକୁ ଉନ୍ନୀତ ହୋଇଛି। ସଞ୍ଜିବ ସାହୁ ମ୍ୟାଚ୍ ପରିଚାଳନା ଓ ଦୈତାରୀ ଭୁଏ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ୨୦ଫୁଟ ଘାଇ

ଭବାନୀପାଟଣା/ଧର୍ମଗଡ଼,୩୧।୯ (ସ୍ୱ.ପ୍ର./ଡି.ଏନ.ଏ.)



ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ହୋଇଥିବା ଘାଇ।

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲର ବଗାଡ ନିକଟରେ ଶନିବାର ସନ୍ଧ୍ୟାରେ ୨୦ ଫୁଟର ଘାଇ ସୃଷ୍ଟି ହୋଇଛି। ଫଳରେ ନିକଟରେ ଥିବା ପ୍ରାୟ ୫୦ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିରେ ପାଣି ମାଡ଼ି ଯାଇଛି।

ଧର୍ମଗଡ ବ୍ଲକ ଅଧୀନ ବଗାଡ ଗ୍ରାମର ଚାଷୀ ବସନ୍ତ ବେହେରାଙ୍କ ୧୫ ଏକର, ଆଶିଷ ବେହେରାଙ୍କ ୧୫ ଏକର, ଆଶୁତୋଷ ବେହେରାଙ୍କ ୧୦ ଏକର, ନନ୍ଦୀ ରଣାଙ୍କ ୫ ଏକର, ବୈକୁଣ୍ଠ ରଣାଙ୍କ ୫ଏକର, ଋଷି ରଣାଙ୍କ ୪ ଏକର, ଯୋଗେନ୍ଦ୍ର ସାହୁଙ୍କ ୨ ଏକର ସମେତ ଅନ୍ୟ କେତେକ ଚାଷୀଙ୍କ ଜମିରେ ପାଣି ମାଡ଼ି ଯାଇଛି। ପ୍ରାୟ ଦଶ ପନ୍ଦର ଦିନ ହେବ ଚାଷୀମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଏହି ଜମିରେ ଧାନତଳି ରୋଇଥିଲେ। ଏବେ ପାଣିରେ ସବୁ ଧୋଇ ହୋଇଯିବାରୁ ଚାଷୀମୁଣ୍ଡରେ ଚଡ଼କ ପଡିଛି। ପ୍ରକାଶଯୋଗ୍ୟ ଯେ, ଏହା ପୂର୍ବରୁ ମଧ ଏହିଠାରେ ଥରେ ଘାଇ ହୋଇ ଫସଲ ନଷ୍ଟ ହୋଇଥିଲା। ସେ ସମୟରେ ଏଠାରେ ଗୋଟିଏ ପାର୍ଶ୍ୱରେ ଛୋଟ ଗାର୍ଡୱାଲ ନିର୍ମାଣ କରି ବିଭାଗ ଦାୟିତ୍ୱ ସାରି ଦେଇଥିଲା। କେନାଲରେ ଲାଇନିଂ କାମ ସହ ଅପରପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଥିଲେ ହେଁ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଘାଇ ମରାମତି ସହ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

## ମୃତଦେହ ଜବତ, ଦୁର୍ଘଟଣା ସନ୍ଦେହ

ପଦ୍ମପୁର,(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ କୁମୁନିବାହାଲି ବିଜୁ ଏକ୍ସପ୍ରେସ ୱେରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ ଝାରବନ୍ଧର ପୁରୁଷୋତ୍ତମ ବାଗ। ସେ ତାଙ୍କ ମାମୁ ଘର କପସିଲାରେ ରହୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ କୌଣସି ଗାଡ଼ି ତାଙ୍କୁ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୨୨୩/୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ୫ଗୋରୁ ମୃତ

ଅମରପାଲି, ୩।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ କେନଝିରିଆପାଲି ପଞ୍ଚାୟତର ହିରାପାଲି ଓ କମିରା ପଞ୍ଚାୟତ ଲକ୍ଷ୍ମୀ ଗ୍ରାମରେ ଶନିବାର ବଜ୍ରପାତରେ ୫ ଗୋରୁଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ବର୍ଷା ସହିତ ବଜ୍ରପାତ ହୋଇଥିଲା। କେନଝିରିଆପାଲିର ଗୋରୁପଲ ଚରିବାକୁ ହିରାପଲି ଗ୍ରାମ ପଡିଆକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ କେନଝିରିଆପାଲିର ବଳଭଦ୍ର ପାତ୍ର ଓ ରାଜେଶ ନାଏକଙ୍କ ଗୋଟିଏ ଲେଖାଏ ଗାଈଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଲକ୍ଷ୍ମି ଗ୍ରାମରେ ଗୋରୁପଲ ଚରିବାକୁ ଯାଇଥିବା ବେଳେ ଗ୍ରାମର ଜୟନାରାୟଣ ଲୁହାଙ୍କ ୩ଟି ଗାଈ ବଜ୍ରପାତରେ ମୃତ୍ୟୁ ହୋଇ ଯାଇଛି। ଚାଷୀମାନଙ୍କୁ ଗାଈ ମୃତ୍ୟୁର କ୍ଷତିପୂରଣ ପ୍ରଦାନ କରିବାକୁ ଦାବିହେଉଛି।

### ରକ୍ତଦାନ ଶିବିର: ୪୧ୟୁନିଟ୍ ସଂଗ୍ରହ



ଅମରପାଲି,୩।୯(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ତେଲିପାଲିଠାରେ ଗଣେଶ ପୂଜା କମିଟି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ରାଜ ଗୋପାଳ ପାଣିଗ୍ରାହୀ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସନ୍ତୋଷ ଘିବିଲା, ଜିଲା ରକ୍ତଦାତା ସେବାସଂଘ ସଭାପତି ମନୋଜ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ୪୧ଜଣ ରକ୍ତଦାନ କରିଥିଲେ। ରଘୁନାଥ ନାଟ୍ୟ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ତଥା ତେଲିପାଲି ଗଣେଶ ପୂଜା କମିଟି ତରଫରୁ ପ୍ରଥମଥର ରକ୍ତଦାନ କରାଯାଇଥିଲା। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଥିଲା।

### ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

ସୋହେଲା,୩।୯(ଡି.ଏନ.ଏ.): ସୋହେଲା ଦୁର୍ଗାପୂଜା କମିଟିର ବାର୍ଷିକ ସାଧାରଣ ପରିଷଦ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷ ଦୁର୍ଗାପୂଜା ପାଇଁ ଆଲୋଚନା କରାଯାଇଥିଲା। ଏହାସହ ନୂଆ କମିଟି ଗଠନ କରି ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା ସଭାପତି, ବିଧାୟକ ସୁଶାନ୍ତ ସିଂ କାର୍ଯ୍ୟକାରୀ ସଭାପତି, ପୂର୍ବତନ ବିଧାୟକ ମହମ୍ମଦ ରଫିକ୍ ଉପସଭାପତି, ଦିଲ୍ଲୀପ ଖମାରୀ ସାଧାରଣ ସମ୍ପାଦକ, ସଞ୍ଜୀବ ଝାଙ୍କର ଓ ମୁକେଶ ଅଗ୍ରୱାଲ ସହ ସମ୍ପାଦକ ଏବଂ ଲଳିତ ଅଗ୍ରୱାଲ କୋଷାଧକ୍ଷ ମନୋନୀତ ହୋଇଛନ୍ତି। ଏହାସହ ଏକ ୨୩ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି ।

### କୋସଲି ଭାଷା ସଂସ୍କୃତିର ସୁରକ୍ଷା ପାଇଁ ସ୍ମାରକପତ୍ର

ସୋନପୁର,୩।୯(ନି.ପ୍ର.): ପଶ୍ଚିମ ଓଡିଶାବାସୀଙ୍କ ଭାଷା ସଂସ୍କୃତି ହେଉଛି ମୂଳତଃ କୋସଲି ଭାଷା ସଂସ୍କୃତି। ଗୋଟିଏ ମାତୃଭାଷା ଗୋଟିଏ ମାତୃ ସଂସ୍କୃତିକୁ ଜନ୍ମ ଦିଏ। ଠିକ୍ ସେହିପରି କୋସଲି ଭାଷା ଏକ ଉନ୍ନତ କୋସଲି ମାତୃ ସଂସ୍କୃତିକୁ ଜନ୍ମ ଦେଇଛି। କୋସଲି ମାତୃ ସଂସ୍କୃତି ପଶ୍ଚିମ ଓଡିଶାର ଗ୍ରାମୀଣ ଯାନିଯାତ୍ରାରେ ବରୁଆ ତତ୍ତ୍ୱ ମଧରେ ଭରି ରହିଛି। ଉକ୍ତ ବରୁଆ ତତ୍ତ୍ୱ ହେଉଛି ମହର୍ଷି ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗର ନିୟମ ଅର୍ଥାତ୍ ଧାରଣା, ଧାନ, ସମାଧି(ସବିକଳ୍ପ ସମାଧି)ର ପ୍ରତ୍ୟକ୍ଷ ପ୍ରୟୋଗାତ୍ମକ ସାର୍ବଜନୀନ ପ୍ରଦର୍ଶନ ଯାହା ବିଶ୍ୱ ପ୍ରସିଦ୍ଧିର ଅପେକ୍ଷା ରଖେ । କୋସଲି ଭାଷା ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଭାଷା ମଧରୁ ଅନ୍ୟତମ ଭାବେ ପ୍ରତିଷ୍ଠା ଓ ମାନ୍ୟତା ଲାଭ କରି ସାରିଛି। ମାତ୍ର କୋସଲି ଭାଷାରୁ ଜନ୍ମିତ କୋସଲି ସଂସ୍କୃତି ଏ ପର୍ଯ୍ୟନ୍ତ ମାନ୍ୟତା ପାଇନାହିଁ। ପଶ୍ଚିମ ଓଡିଶା ବାସୀଙ୍କ ଭାଷା ସଂସ୍କୃତିର ସୁରକ୍ଷା ଓ ସମୃଦ୍ଧି ହେଉଛି ପଶ୍ଚିମ ଓଡିଶା ବିକାଶ ପରିଷଦ କର୍ତ୍ତୃପକ୍ଷଙ୍କ ପ୍ରଥମ ଦାୟିତ୍ୱ ଓ କର୍ତ୍ତବ୍ୟ। ଏ ସମ୍ପର୍କରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସୀତ କୁମାର ତ୍ରିପାଠୀଙ୍କୁ କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଧକ୍ଷ ସେ ଦିଗରେ ବିହିତ ପଦକ୍ଷେପ ନେବା ସକାଶେ ନିବେଦନ କରାଯାଇଥିବା ଏକାଡେମୀ ସାଧାରଣ ସମ୍ପାଦକ ଗୋରେଖନାଥ ସାହୁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ସୁଧୁରୁନି ପରିମଳ ବ୍ୟବସ୍ଥା, ବଢୁଛି ଅସନ୍ତୋଷ

ସୋନପୁର,୩।୯(ନି.ପ୍ର.)

ସୁବର୍ଣ୍ଣପୁର ସହରକୁ କ୍ଲିନ୍ ସୁବର୍ଣ୍ଣପୁର ଭାବରେ ଗଢି ତୋଳିବାକୁ ଜିଲାପାଳ ଅବୋଲି ସୁନିଲ ନରୱଣେ ଉଦ୍ୟମ ଆରମ୍ଭ କରିଛନ୍ତି। ସହରର ପ୍ରତ୍ୟେକ ଘର ମାଲିକ, ବ୍ୟବସାୟିକ ପ୍ରତିଷ୍ଠାନ ନିଜଘର ଓ ଦୋକାନ ସମ୍ମୁଖରେ ଆବର୍ଜନା ନ କରିବାକୁ ପୌର ପ୍ରଶାସନ ଚେତାବନୀ ଦେଇଛି। ଏ ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା ପରେ ସହରର ବିଭିନ୍ନ ୱାର୍ଡରେ ପୌର କର୍ମଚାରୀ, ସ୍ୱଚ୍ଛ ସାଥୀ ବୁଲି ବୁଲି ଦୋକାନ ସମ୍ମୁଖରେ ଅଳିଆ ପକାଇଥିବା ଦୋକାନୀଙ୍କ ନିକଟରୁ ଜରିମାନା ଆଦାୟ କରୁଛନ୍ତି। ତେବେ ସହରର ବିଭିନ୍ନ ରାସ୍ତାପାର୍ଶ୍ୱରେ ଅଳିଆ ପଡି ରହୁଥିବା ଦେଖିବାକୁ ମିଳୁଛି। ସହରକୁ ପରିଷ୍କାର ରଖିବା ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସମସ୍ତ ୧୫ଟି ୱାର୍ଡର ପରିମଳ ବ୍ୟବସ୍ଥାକୁ ବେସରକାରୀ ସଂସ୍ଥା ହାତରେ ଟେକି ଦେଇଛନ୍ତି। ଏ ବାବଦରେ ମାସକୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ସଫେଇ ଠିକ୍‌ଭାବେ ହେଉନି। ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀ ଏହାର ତଦାରଖ କରୁନାହାନ୍ତି। ପରିମଳ ବ୍ୟବସ୍ଥାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସହରରେ ୧୦୮ଟି ଛୋଟ ବଡ ମନ୍ଦିର ଅଛି। ଦୁଇପାର୍ଶ୍ୱରେ ମହାନଦୀ ଓ ତେଲନଦୀ ପ୍ରବାହିତ ହେଉଛି। କିନ୍ତୁ ପରିବେଶ ଠିକ୍ ରହିବା ବଦଳରେ ପ୍ରଦୂଷିତ ହେଉଛି। ବର୍ଷା ନ ହେଲେ ରାସ୍ତାରେ ଧୂଳି ଉଡୁଛି। ସହରର ବର୍ଜ୍ୟବସ୍ତୁ, ପଲିଥିନ ଓ ଡ୍ରେନ୍ ପାଣି ସିଧାସଳଖ ମହାନଦୀକୁ ଛଡା ଯାଉଛି। ଜାତୀୟ ରାଜପଥର ବ୍ଲକ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଡ୍ରେନ୍ ସବୁ ପୋତି ହୋଇଗଲାଣି। ବସ୍‌ଷ୍ଟାଣ୍ଡର ଚତୁଃପାର୍ଶ୍ୱ, ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ, ବଡବଜାର, ନୂଆପଡା, ଥନାପତିପଡା, ଢେରାପଡା, ଭଗବତୀପ୍ଲଟ, ମଝିପଡା, ରାମଜୀନଗର, ପଟାଭାଡି, ଶାନ୍ତିନଗରପଡା ଓ ଘୋଡାଘାଟପଡାରେ ଥିବା ଡ୍ରେନ୍ ସଫା କରାଯାଉନି କି ମାଟି କଢାଯାଉନି। ଦୁର୍ଗନ୍ଧରେ ନାକ ଫାଟି ଯାଉଛି। ବର୍ଷାହେଲେ ରାସ୍ତାରେ ଡ୍ରେନ୍ ପାଣିର ସୁଅ ଛୁଟୁଛି। ଜବରଦଖଲକାରୀଙ୍କୁ ପୌର ପ୍ରଶାସନ ଉଚ୍ଛେଦ କରିବାରେ ଅବହେଳା କରୁଛି। ଏଥିଯୋଗୁଁ ଡ୍ରେନ୍‌ଗୁଡିକରେ ମଶା ବଂଶ ବୃଦ୍ଧି ପାଉଛି। ମଶାମରା ଔଷଧ କିମ୍ବା ବ୍ଲିଚିଂ ଆଦୌ ପକାଯାଉନି। ମଶାଙ୍କ ପ୍ରାଦୁର୍ଭାବ ଯୋଗୁ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଛି। ବିଭିନ୍ନ ପଡା ଓ ମାର୍କେଟ୍‌ରୁ ବାହାରୁଥିବା ଅଳିଆ ଆବର୍ଜନା ବିଭିନ୍ନ ସ୍ଥାନରେ ଖୋଲାରେ ପଡି ରହୁଛି। ମ୍ୟୁନିସିପାଲିଟି ପକ୍ଷରୁ ଟ୍ରାକ୍ଟର ଯୋଗେ ଏହି ଅଳିଆଗୁଡିକୁ କୋହ୍ଳପଡାସ୍ଥିତ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମସିସି)ପ୍ଲାଣ୍ଟକୁ ନ ନେଇ ଅନ୍ୟ ସ୍ଥାନରେ ପକାଯାଉଛି। ଫଳରେ ପ୍ରାତଃଭ୍ରମଣ କରୁଥିବା ଓ ବିଭିନ୍ନ ମନ୍ଦିରକୁ ଯାଉଥିବା ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟାଂଶୁ ଗୁରୁଙ୍କୁ ପଚାରିବାରୁ ରାସ୍ତା ଅଣଓସାରିଆ ପାଇଁ ସବୁ ପଡାକୁ ଟ୍ରାକ୍ଟର ଯାଇପାରୁନି। ହୁଇଲ ବୋରୋ(ସଫେଇ କାର୍ଯ୍ୟରେ ବ୍ୟବହୃତ ଠେଲା) ଦ୍ୱାରା ସଫେଇ କରାଯାଉଛି। ଡ୍ରେନ୍ ସଫା ସହ ପୋତି ହୋଇଥିବା ମାଟିକୁ ପର୍ଯ୍ୟାୟକ୍ରମେ ହଟା ଯାଉଛି ବୋଲି କହିଛନ୍ତି।



ସୋନପୁର ବସ୍‌ଷ୍ଟାଣ୍ଡ ଯାତ୍ରୀ ବିଶ୍ରାମାଗାର ସମ୍ମୁଖରେ ଅଳିଆ ପଡିରହିଛି।

**ସୁବର୍ଣ୍ଣପୁର ସହର**

- ରାସ୍ତାକଡ଼ରୁ ଉଠୁନି ଅଳିଆ
- ଟୁପ୍ ବସିଛି ସଫେଇ ଦାୟିତ୍ୱରେ ଥିବା ବେସରକାରୀ ସଂସ୍ଥା
- ବ୍ଲକ ଛକରୁ ଆମ୍ବେଡକର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଡ୍ରେନ୍ ପୋତି ହୋଇଗଲାଣି
- ମଶା ପ୍ରାଦୁର୍ଭାବରେ ଅତିଷ୍ଠ ସହରବାସୀ

## ବୀଣାପାଣି କପ୍: ଦିୱାନା ସ୍ପୋର୍ଟିଂ ଚାମ୍ପିୟନ

ସରଣ୍ଡା/ଜାମଟିକ୍ରା,୩।୯(ଡି.ଏନ.ଏ.)

ଅତାବିରା ବ୍ଲକ ନିଲେଇପାଲି ସ୍ଥିତ ବୀଣାପାଣି ଯୁବକ ସଂଘ ଆନୁକୂଲ୍ୟରେ ୨୬ତମ ନିଲେଇପାଲି ବୀଣାପାଣି କପ୍ ଏକ ଦିବାସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ୟୁନାଇଟେଡ୍, ଝାରସୁଗୁଡା, ସୁନ୍ଦରଗଡ, ରେଙ୍ଗାଲି ଏଫ୍‌ସି, ସମ୍ବଲପୁର ୧୧, ସୋନପୁର, ସାରସମାଲ ଏବଂ ଦିୱାନ ସ୍ପୋର୍ଟିଂ ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଝାରସୁଗୁଡା ଓ ଦିୱାନା ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ହେଇଥିଲା ଏବଂ ଦିୱାନା ସ୍ପୋର୍ଟିଂ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ଲହଣ୍ଡା ସରପଞ୍ଚ ଅର୍ଜୁନ ନାୟକ, ଡାକ୍ତର ଚିତ୍ତରଞ୍ଜନ ଜେନା, କ୍ଷୀରେଶ୍ୱର ବେହେରା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜୟୀ ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା ଦଳକୁ ୬ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଦିୱାନ ସ୍ପୋର୍ଟିଂର ଶ୍ରୀକାନ୍ତ, କ୍ଷେତ୍ର ରକ୍ଷକ ଝାରସୁଗୁଡା ଦଳର ବିକି, ଶାନ୍ତି ଶୃଙ୍ଖଳା ପାଇଁ ସୋନପୁର ଦଳ ଏବଂ ନିଲେଇପାଲି ଗ୍ରାମର ଟିକେଶ୍ୱର ସେଟ ଓ ପଦ୍ମଲୋଚନ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।

# ‘ବହି ମାନବକୁ ମହାମାନବରେ ପରିଣତ କରିପାରେ’




ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଅଫିସ, ୩।୯

ବହି ଏକ ଅମୂଲ୍ୟ ସମ୍ପଦ। ମାଟି, ମାଆ, ସଂସ୍କୃତି, ପରମ୍ପରା, ଦେଶ ବିଦେଶ ସହ ସମ୍ପର୍କ ସ୍ଥାପନରେ ବହିର ଭୂମିକା ଅବର୍ଣ୍ଣନୀୟ। ବହି ମାନବକୁ ମହାମାନବରେ ପରିଣତ କରିବାର କ୍ଷମତା ରଖେ। ତେଣୁ ଛାତ୍ରୀଛାତ୍ରମାନେ ପାଠାଗାର ଯାଇ ପୁସ୍ତକ ପଠନ ପ୍ରତି ଯତ୍ନବାନ ହେବା ଉଚିତ। ଯାହାକି ଜୀବନର ପରବର୍ତ୍ତୀ ସମୟରେ ତାଙ୍କ ପାଇଁ ସହାୟକ ହେବ ବୋଲି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ପିଲାଙ୍କ ପାଖରେ ପାଠାଗାର କାର୍ଯ୍ୟକ୍ରମର ୯୭ତମ ସଂସ୍କରଣରେରେ ଯୋଗଦାନ କରି ବକ୍ତାମାନେ ମତପ୍ରକାଶ କରିଛନ୍ତି। ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପକ୍ଷରୁ ଆୟୋଜିତ ତଥା ସଭାପତି ମନୋରଞ୍ଜନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଲିଟୁ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁସ୍ତକ ଏକ ଅମୂଲ୍ୟ ସମ୍ପଦ। ପୁସ୍ତକ ପଠନ ଦ୍ୱାରା ଜଣେ ଭଲ ଲେଖକ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ପ୍ରଫେସର ଡକ୍ଟର ସୁଜିତ କୁମାର ପୃଷେଠ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁସ୍ତକ ବ୍ୟକ୍ତିକୁ ମାଟି, ମାଆ, ସଂସ୍କୃତି, ପରମ୍ପରା ସହ ପରିଚିତ କରାଇଥାଏ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାସଶର୍ମା, ଖବରଦାତା ମହେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପୁସ୍ତକ ମାନବକୁ ମହାମାନବରେ ପରିଣତ କରିପାରେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ତଥା ଲେଖିକା ଡକ୍ଟର ସଂଗୀତା ରଥ ଅତିଥି ପରିଚୟ ପ୍ରଦାନ ଓ ପାଠାଗାରର ଆବାହକ ଡକ୍ଟର ରବିନାରାୟଣ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ରେଣୁକା ଦାଶ, ରେଶମା ପ୍ରଧାନ ଓ ରାନୁ ବିଭାର ପ୍ରମୁଖ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବଗେଇବିରାରେ ନୂଆଁଖାଇ ଭେଟ୍‌ଘାଟ୍

ବରଗଡ଼ ଅଫିସ, ୩।୯

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବଗେଇବିରା ଗ୍ରାମରେ ଶୁକ୍ରବାର ଡ. ଆମ୍ବେଦକର ଯୁବା ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପୁରନ୍ଦର ଭୋସାଗରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ସରପଞ୍ଚ ପ୍ରଫୁଲ୍ଲ ନାୟକ, ଶିକ୍ଷକ ଗୋପବନ୍ଧୁ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଆଠମଲ୍ଲିକ ସବ୍‌କଲେକ୍ଟର ତରଣୀ ସୁନା ମୁଖ୍ୟ ଅତିଥି, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡା. ବିଦ୍ୟାଧର ନାଗ, ବଙ୍ଗୋମୁଣ୍ଡା ତହସିଲଦାର ଗୁଣମଣି ସୁନାନୀ, ସଞ୍ଜୀବ ସୁନା, ଯୁବ ସମାଜସେବୀ ଅବିନାଶ ବାଗ, ଜୁଗୁନୁ ଜଗଦଲ୍ଲା ଓ ବିମଳ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ନୃତ୍ୟ, ଗୀତ, ବକ୍ତୃତା ଓ ନାଟକ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସୁବାଷ ଦୀପ, ବିଜୁ ତାଣ୍ଡି, ଖଗେଶ୍ୱର ଭୋସାଗର, ବିରେନ୍ଦ୍ର ବିଭାର, ଶ୍ରୀକାନ୍ତ ବିଭାର, ଦରଦ ମେଘ, ସଦାନନ୍ଦ ତାଣ୍ଡି, ବେଦବ୍ୟାସ ଦୀପ, ଆନନ୍ଦ କୁଅଁର, ଗଜୀନ୍ଦ୍ର କୁଅଁର, ବାଦଲ କୁଅଁର, ଦୀପକ ଭୋସାଗର, ଲୋକେଶ୍ୱର ଦୀପ, ନବୀନ କୁଅଁର, ନରେନ୍ଦ୍ର ତାଣ୍ଡି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁରେନ୍ଦ୍ର ତାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ନରୋତ୍ତମ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଜହ୍ନାପଙ୍କରେ ନୂଆଁଖାଇ ଭେଟ୍‌ଘାଟ୍

ବାଉଁଶୁଣୀ,୩।୯(ଡି.ଏନ.ଏ.): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଗ୍ରାମ୍ୟ କମିଟି ପକ୍ଷରୁ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ସହଦେବ ବାରିକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସୁଧାଂଶୁ ଶେଖର ମିଶ୍ର, ଲାଇବ୍ରେରିଆନ ସୁଧାଂଶୁ ଶେଖର ପ୍ରଧାନ, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ କୁମାର ଜେନା,ବିମଳ ପ୍ରଧାନ, ୱାର୍ଡ ସଭ୍ୟ ବିଶାମିତ୍ର ବାରିକ ଯୋଗଦେଇ ନୂଆ ଖାଇ ଭେଟଘାଟ ଉପଲକ୍ଷେ ଏଭଳି ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ରାମ ନାରାୟଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଗଜେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରାତ୍ରିପର୍ଯ୍ୟନ୍ତ ପରିବେଷଣ କରାଯାଇଥିଲା। ଗ୍ରାମ୍ୟ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବିନିକା,୩।୯(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୂରପୁର ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀ ସେବା ଭବନଠାରେ ଆୟୋଜିତ ଶିବିର ସ୍ଥାନୀୟ ଉତ୍କଳମଣି ଯୁବକ ସଂଘ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତ ଭଣ୍ଡାରରେ ଦେଖାଦେଇଥିବା ରକ୍ତର ଅଭାବକୁ ଦୂର କରିବା ପାଇଁ ନୂଆଁଖାଇ ଅବସରରେ ଗ୍ରାମର ଯୁବଗୋଷ୍ଠୀ ଏହି ଶିବିର ଆୟୋଜନ କରିଥିଲେ। ବୁର୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରାକେଶ ତିର୍କୀଙ୍କ ନେତୃତ୍ୱରେ କର୍ମଚାରୀ ଓ ଟେକନିସିଆନ ରକ୍ତ ସଂଗ୍ରହ କରିଥିଲେ। ସିନ୍ଦୁରପୁର ସରପଞ୍ଚ କଳାକାହ୍ନୁ ସୁନା, ପୂର୍ବତନ ପ୍ରଧାନଶିକ୍ଷକ ଭକ୍ତ ଚରଣ ପଣ୍ଡା ଅତିଥିଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ମହତ କାର୍ଯ୍ୟରେ କୃଷ୍ଣଚନ୍ଦ୍ର ପଣ୍ଡା, ଧୀରେନ୍ଦ୍ର ପଣ୍ଡା, ରତନ ସାହୁ, ସନ୍ତୋଷ ସେଠୀ, ଆଶୀଷ ରଞ୍ଜନ ପଣ୍ଡା, ରଣେଶ୍ୱରୀ ପଧାନ, ବିନୟ ରଞ୍ଜନ ହୋତା, ପ୍ରେମାନନ୍ଦ ନିଆଲ, ଦେବଦତ୍ତ ପଣ୍ଡା, ଆଲୋକ ଚନ୍ଦ୍ର ରଣା, ଭଗ୍ୟବତୀ ହୋତା, ସୌଦାମିନୀ ପଣ୍ଡା, ସୂର୍ଯ୍ୟକାନ୍ତି ଦୋରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ନୂଆଁଖାଇ ଆମ ସଂସ୍କୃତି, ପରମ୍ପରାର ପରିଚୟ

ଅମରପାଲି, ୩।୯(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରି ଓ ଉଲୁଣ୍ଡା ବ୍ଲକ କ୍ଷେମାଲୋଏ ପଞ୍ଚାୟତର ପିପଲକଟାରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ଭାଲୁଡୁଙ୍ଗୁରି ଗଣେଶ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଭେଟ୍‌ଘାଟରେ ମହେନ୍ଦ୍ର ସାହୁ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ତପକିରଣ ସାହୁ ମୁଖ୍ୟ ଅତିଥି, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଥିଲେ। ଆଇନଜୀବୀ ବିଦ୍ୟାଧର ସାହୁ ଓ ଗଣେଶ ପୂଜା କମିଟି ସମ୍ପାଦକ ଫିରୋଜ ସାହୁ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ନୂଆଁଖାଇ ପର୍ବର ପାଳନ ବିଧି ଓ ଏହାର ବିଶେଷତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ। ନୂଆଁଖାଇ ଆମ ସଂସ୍କୃତି ଓ ପରମ୍ପରାର ପରିଚୟ ବୋଲି ସେମାନେ କହିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ସଙ୍ଗୀତ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହେନ୍ଦ୍ର ସାହୁ ସଭା ସଂଯୋଜନା କରିଥିଲେ। ସଭାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୁବ୍ରତ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ପିପଲକଟାରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ୍‌ରେ ସିନେ ଅଭିନେତା ପ୍ରଦ୍ୟୁମ୍ନ ସାହୁ ମୁଖ୍ୟ ଅତିଥି, ଉଲୁଣ୍ଡା ଡିଗ୍ରୀ କଲେଜ ଅଧକ୍ଷ ଡ.ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସଂସ୍କୃତି ଗବେଷକ ଡ.ଅନିରୁଦ୍ଧ କୁରକୁରିଆ, ସଞ୍ଜିବ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଯଶୋବନ୍ତ କୁମାର ପଣ୍ଡା, ସମିତିସଭ୍ୟା ଚନ୍ଦ୍ରିକା ବାଘ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମରିକ ସେବା ପାଇଁ ମୃତ୍ୟୁଞ୍ଜୟ କର୍ଣ୍ଣ ଓ ଟିଟୁ ଷଡଙ୍ଗୀ, ସମାଜସେବା ପାଇଁ ପ୍ରମୋଦ ପ୍ରଧାନ, ହୃଶିକେଶ ଦେହୁରୀ, ଶମ୍ଭୁରାଜ କର୍ଣ୍ଣ ଓ ସନ୍ତୋଷ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଗ୍ରାମ ପୁରୋହିତ ଓ ରତୁରାଜ ପ୍ରଧାନ। ସଭାପରେ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା।



ଭାଲୁଡୁଙ୍ଗୁରିରେ ଅନୁଷ୍ଠିତ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥିମାନେ।

**ଭାଲୁଡୁଙ୍ଗୁରି,ପିପଲକଟାରେ ନୂଆଁଖାଇ ଭେଟ୍‌ଘାଟ**